# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୯/୨୦୨୩ (୨୦ ପୃଷ୍ଠା) | Bhubaneswar, Wednesday, August 9/2023 | Page 20 | ₹ 7.00

୪୯ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 255 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଅଗଷ୍ଟ , ୨୦୨୩

**ଦିଲ୍ଲୀରେ ୧୦ ମିନିଟ୍‌ରେ ୩ ଡକାୟତି ଓ ହତ୍ୟା**

ଦକ୍ଷିଣ ପଶ୍ଚିମ ଦିଲ୍ଲୀ ଅଞ୍ଚଳରେ ସୋମବାର ସିରିଜ ଡକାୟତି ଘଟିଛି। ଦୁର୍ବୃତ୍ତ ମାନେ ୧୦ ମିନିଟରେ ୩ ସ୍ଥାନରେ ଡକାୟତି କରିବା ସହ ଜଣେ ବରିଷ୍ଠ ନାଗରିକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୋହନ ଲାଲ ଛାବ୍ରା। ଦୁର୍ବୃତ୍ତମାନେ ମୋହନଙ୍କ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେବା ସହ ତାଙ୍କୁ ହତ୍ୟା କରିଥିଲେ। ଏଥିସହ ଅନ୍ୟ ଦୁଇ ଜଣଙ୍କୁ ଆକ୍ରମଣ କରିବାରୁ ସେମାନେ ମଧ ଗୁରୁତର ହୋଇଛନ୍ତି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି।



## ସଂକ୍ଷେପରେ

### ୟୁକ୍ରେନ୍‌ରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼: ୭ ନିହତ

**କିଭ୍‌,୮।୮:** ୟୁକ୍ରେନ୍‌ର ପୂର୍ବଭାଗରେ ଥିବା ପୋକ୍ରୋଭସ୍କ ସହରରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼ ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୮୧ ଜଣ ଆହତ ହୋଇଛନ୍ତି। ଗୋଟିଏ କ୍ଷେପଣାସ୍ତ୍ର ଏକ ଆପାର୍ଟମେଣ୍ଟରେ ମାଡ଼ ହୋଇଥିବାବେଳେ ଅନ୍ୟଟି ଏକ ବିଲ୍ଡିଂରେ ପଡ଼ିଥିଲା। କ୍ରେମ୍‌ଲିନ୍‌ ସୈନ୍ୟମାନେ ଉଦ୍ଧାରକାରୀମାନଙ୍କୁ ଟାର୍ଗେଟ କରୁଥିବା ୟୁକ୍ରେନ୍‌ ଅଭିଯୋଗ କରିଛି। ମୃତକଙ୍କ ମଧ୍ୟରେ ୫ ସାଧାରଣ ନାଗରିକ, ଜଣେ ଉଦ୍ଧାରକାରୀ ଏବଂ ଜଣେ ସୈନ୍ୟ ଅଛନ୍ତି। ସେହିପରି ଆହତଙ୍କ ମଧ୍ୟରେ ୨ ପିଲାଙ୍କ ସମେତ ୩୯ ସାଧାରଣ ନାଗରିକ ଥିବାବେଳେ ୩୧ ପୋଲିସ ଅଧିକାରୀ, ୭ ଜରୁରୀ ସେବା ପ୍ରଦାନକାରୀ କର୍ମଚାରୀ ଓ ୪ ସୈନ୍ୟ ରହିଛନ୍ତି। ୪୦ ମିନିଟ୍‌ ବ୍ୟବଧାନରେ ଦୁଇଟି ଇସ୍କାଣ୍ଡର ମିସାଇଲ ଛଡ଼ାଯାଇଥିଲା।

### ନେତାଜୀଙ୍କ ପୁତୁରା ଅର୍ଦ୍ଧେନ୍ଦୁ ବୋଷଙ୍କ ପରଲୋକ

**ମୁମ୍ବାଇ,୮।୮:** ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପୁତୁରା ଅର୍ଦ୍ଧେନ୍ଦୁ ବୋଷଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୁମ୍ବାଇସ୍ଥିତ ବାସଭବନରେ ସେ ଆଖିବୁଜିଥିବା ତାଙ୍କ ସ୍ତ୍ରୀ କେର୍ମିନ ବୋଷ ସୂଚନା ଦେଇଛନ୍ତି। ଅର୍ଦ୍ଧେନ୍ଦୁ ହେଉଛନ୍ତି ସୁଭାଷ ବୋଷଙ୍କ ସାନଭାଇ ଶୈଳେଶ ଚନ୍ଦ୍ର ବୋଷଙ୍କ ପୁଅ। ସେ ପେସାରେ ଜଣେ ମଡେଲ ଥିଲେ ଓ କେତେକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।



### ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଇଡି ସମନ


ହେମନ୍ତ ସୋରେନ୍‌

**ନୂଆଦିଲ୍ଲୀ,୮।୮(ପି.ଟି.):** ମନିଲଣ୍ଡରିଂ ମାମଲାରେ ଜେରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ସମନ ଜାରି କରିଛି। ଆସନ୍ତା ସପ୍ତାହରେ ରାଞ୍ଚିସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇ ମନିଲଣ୍ଡରିଂ ନିରାକରଣ ଆଇନ ଅନୁଯାୟୀ ବୟାନ ରେକର୍ଡ କରାଇବାକୁ ତାଙ୍କୁ କୁହାଯାଇଛି। ତେବେ କେଉଁ ଘଟଣାକୁ ନେଇ ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଛି, ତାହା ଜଣାପଡ଼ି ନାହିଁ। ପୂର୍ବରୁ ଝାଡ଼ଖଣ୍ଡର ବେଆଇନ ଖଣି ଖନନ ମାମଲାରେ ସୋରେନ୍‌ଙ୍କୁ ଇଡି ଜେରା କରିଥିଲା।

### ଉତ୍ତରାଖଣ୍ଡରେ ଭୂସ୍ଖଳନ: ୩ ମୃତ

**ରୁଦ୍ରପ୍ରୟାଗ,୮।୮:** ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଅଞ୍ଚଳରେ ଭୂସ୍ଖଳନ ଘଟିଛି। ଫଳରେ ଗୋଟିଏ ତିନି ମହଲା ହୋଟେଲ ମାଟିରେ ମିଶିବା ସହ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ୧୭ ଜଣ ଲୋକ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା କାରଣରୁ ସହରର ରାମପୁର ମାର୍କେଟ ଅଞ୍ଚଳରେ ଭୂସ୍ଖଳନ ଘଟିଥିଲା। ଘଟଣାବେଳେ ସ୍ଥାନୀୟ ଲୋକେ ସେଠାରେ ଉପସ୍ଥିତ ଥିଲେ। ତେବେ ହୋଟେଲ ଭୁଶୁଡ଼ିବା ପରେ ଲୋକେ ଦୌଡିବାରେ ଲାଗିଥିଲେ। ଅପରପକ୍ଷେ ଭୂସ୍ଖଳନ ପୂର୍ବରୁ ଏହି ହୋଟେଲ ସହ ସ୍ଥାନୀୟ ଅଞ୍ଚଳରେ ଥିବା ଘର ଓ ରାସ୍ତାକୁ ଖାଲି କରାଯାଇଥିବାରୁ ଏକ ବଡ଼ ଧରଣର ଅଘଟଣକୁ ରୋକା ଯାଇପାରିଥିଲା।

### ତିରୁପତି ମନ୍ଦିରକୁ ଭକ୍ତଙ୍କ ୫ କୋଟି ଦାନ

**ତିରୁପତି,୮।୮:** ତାମିଲନାଡୁର ଏକ ଭକ୍ତ ଗୋଷ୍ଠୀ ତିରୁମାଲା ତିରୁପତି ମନ୍ଦିରକୁ ୫ କୋଟି ୧୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଏହି ଟଙ୍କା ସେମାନେ ଦାନ କରିଥିବା କହିଛନ୍ତି। ତିରୁମାଲା ତିରୁପତି ମନ୍ଦିର ପରିଚାଳନା କମିଟି ଚେନ୍ନାଇ ଓ ପୁଡୁଚେରୀ ସଭାପତି ଏ.ଜେ. ଶେଖର ରେଡ୍ଡୀ ଏହି ଟଙ୍କା ମନ୍ଦିରର ଉନ୍ନତି କାର୍ଯ୍ୟରେ କିପରି ଲାଗିବ ସେନେଇ ଯୋଜନା କରିଛନ୍ତି।



ପର୍ତ୍ତୁଗାଲରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ଯୋଗୁ ଜଙ୍ଗଲଗୁଡ଼ିକରେ ନିଆଁ ଲାଗିଛି। ଏହି ବନାଗ୍ନି ୧୬,୬୦୦ ଏକର ଚାଷଜମିକୁ ମାଡ଼ିଯିବାରୁ ସୋମବାର ରାତିରେ ୧୫୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସୋମବାର ସାଣ୍ଟାରାମରେ ତାପମାତ୍ରା୪୬.୪ ଡିଗ୍ରୀ ସେଲ୍‌ସିଅସ୍‌ ରେକର୍ଡ କରାଯାଇଛି। ଓଡେମିରା ପୌରପାଳିକାର ୪ଟି ସ୍ଥାନରେ ନିଆଁ ଲାଗିଛି।

# ୟୁବକଙ୍କୁ ଗୋଇଠା ମାରି ଛେପ ଚଟାଇଲେ ଭାଜପା ନେତା

**ରାଞ୍ଚି, ୮।୮**



ଝାଡ଼ଖଣ୍ଡର ରାଞ୍ଚି ଜିଲାରେ ନଦୀରେ ଗାଧୋଉଥିବା ମହିଳାମାନଙ୍କ ଭିଡିଓ ପ୍ରସ୍ତୁତ କରୁଥିବା ଜଣେ ୟୁବକଙ୍କୁ ଭାଜପା ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର କୁନ୍‌ୱାର ଉଠ୍‌ବସ୍‌ କରାଇବା ସହ ଗୋଇଠା ମାରି ଛେପ ଚଟାଇଥିଲେ। ଗତ ୬ ତାରିଖରେ ଏହି ଘଟଣା ଘଟିଥିବାବେଳେ ମାଡ଼ ମାରିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ପୀଡ଼ିତ ୟୁବକ ତୌସିଫଙ୍କ ଘର ଡୁମ୍‌କା ଜିଲା ସାଧୁଡିହ ଗ୍ରାମରେ। ଭାଜପା ନେତା ଗୋଇଠା ମାରିଥିବା ସ୍ୱୀକାର କରିଛନ୍ତି। ସେ ଦଣ୍ଡ ଦେଇ ନ ଥିଲେ ଉତ୍ୟକ୍ତ ଲୋକେ ମାଡ଼ ମାରିଥାନ୍ତେ ଓ ୟୁବକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାନ୍ତା ବୋଲି ଭାଜପା ନେତା କହିଛନ୍ତି।

# ଆନ୍ତଃ ସେବା ସଙ୍ଗଠନ ବିଲ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୮।୮(ପି.ଟି.)**



ଆନ୍ତଃ ସେବା ସଂଗଠନ ବିଲ୍‌ ମଙ୍ଗଳବାର ପାର୍ଲାମେଣ୍ଟର ମଞ୍ଜୁରୀ ଲାଭ କରିଛି। ଆନ୍ତଃ ସେବା ସଂଗଠନଗୁଡ଼ିକର କମାଣ୍ଡର-ଇନ୍‌-ଚିଫ୍‌ ଏବଂ ଅଫିସର-ଇନ୍‌-କମାଣ୍ଡଙ୍କୁ ଉକ୍ତ ପ୍ରତିଷ୍ଠାନ ଅଧୀନରେ ଅନ୍ୟ ସୁରକ୍ଷା ବଳରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ ଓ ପ୍ରଶାସନିକ କ୍ଷମତା ଦେବା ଏହି ବିଲ୍‌ର ଉଦ୍ଦେଶ୍ୟ। ମଙ୍ଗଳବାର ରାଜ୍ୟ ସଭାରେ ଧ୍ୱନିମତରେ ଉକ୍ତ ବିଲ୍‌ ଗୃହୀତ ହୋଇଛି। ଗତ ୪ ତାରିଖରେ ଲୋକ ସଭା ଏହାକୁ ଅନୁମୋଦନ କରିଥିଲା। ବିଲ୍‌ ଉପରେ ଆଲୋଚନାରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଯେକୌଣସି ଯୁଦ୍ଧ ଲଢ଼ିବାକୁ ଭାରତ ପୂର୍ଣ୍ଣ ପ୍ରସ୍ତୁତ। ଆବଶ୍ୟକ ପଡ଼ିଲେ ଦେଶର ପ୍ରତିରକ୍ଷା ବ୍ୟୟ ଜିଡିପିର ୫ରୁ ୬ ପ୍ରତିଶତକୁ ବୃଦ୍ଧି କରାଯିବ। ସଶସ୍ତ୍ର ବଳରେ ଖାଲି ପଦବୀ ପୂରଣ କରିବା ଏକ ନିୟମିତ ଧାରା। ଦେଶର ସାମୁଦ୍ରିକ ସ୍ୱାର୍ଥ ପୂର୍ଣ୍ଣ ସୁରକ୍ଷିତ। ଏଥିରେ ଗୃହ ବିବ୍ରତ ହେବାର କୌଣସି କାରଣ ନାହିଁ। ଦେଶର ନିରାପତ୍ତା ସମେତ ଦେଶର ଗର୍ବ ଗୌରବର ସୁରକ୍ଷାରେ କୌଣସି କମି ହେବାକୁ ଦିଆଯିବ ନାହିଁ। ଏଥିପାଇଁ ସମସ୍ତ ଉଦ୍ୟମ କରାଯାଇଥିବା ରାଜନାଥ କହିଥିଲେ। ବିଲ୍‌ ଆଲୋଚନା ବେଳେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଭାଜପାର କାମାକ୍ଷା ପ୍ରସାଦ ତାସା, ବିଜେଡିର ସୁଜାତା କୁମାର, ଟିଡିପିର କନକମେଡଲା ରବୀନ୍ଦ୍ର କୁମାର, ଏଆଇଏଡିଏମ୍‌କେର ଏମ୍‌ ଥମ୍ବିଦୁରାଇ, ୱାଇଏସ୍‌ଆର୍‌ସିପିର ଭି. ବିଜୟସାଇ ରେଡ୍ଡୀ, ଟିଏମ୍‌ସି(ଏମ୍‌)ର ଜି.କେ. ଭାସନ ପ୍ରମୁଖ ଭାଗ ନେଇଥିଲେ।

## ଓ'ବ୍ରାଏନ୍‌ଙ୍କୁ ନେଇ ରାଜ୍ୟ ସଭାରେ ହାଇଡ୍ରାମା

**ନିଲମ୍ବନ ପ୍ରସ୍ତାବ ଉପରେ ଭୋଟ ହେଲାନି**

ତୃଣମୂଳ କଂଗ୍ରେସ ସଦସ୍ୟ ଡେରେକ୍‌ ଓ' ବ୍ରାଏନ୍‌ଙ୍କୁ ରାଜ୍ୟ ସଭାରୁ ନିଲମ୍ବନକୁ ନେଇ ମଙ୍ଗଳବାର ଗୃହରେ ପ୍ରବଳ ହଙ୍ଗାମା ହୋଇଥିଲା। ଓ'ବ୍ରାଏନ୍‌ଙ୍କୁ ଗୃହରୁ ପ୍ରତ୍ୟାହାର କରିନେବାକୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀଶ ଧନ୍‌କର ପ୍ରଥମେ ଘୋଷଣା କରିଥିଲେ। ତାଙ୍କ ବିରୋଧରେ ଆସିଥିବା ନିଲମ୍ବନ ପ୍ରସ୍ତାବ ଉପରେ ଭୋଟ ନିଆଯାଇ ନ ଥିବାରୁ ଟିଏମ୍‌ସି ସଦସ୍ୟ ଗୃହର ଆଲୋଚନାରେ ଉପସ୍ଥିତ ରହିପାରିବେ ବୋଲି ପରେ ଧନ୍‌କର କହିଥିଲେ। ଫଳରେ ତାଙ୍କୁ ଗୃହ ଆଲୋଚନାରେ ଭାଗନେବା ଲାଗି ଅନୁମତି ମିଳିଥିଲା। ଓ'ବ୍ରାଏନ୍‌ଙ୍କ ପ୍ରତି ଗୃହର ଅଧ୍ୟକ୍ଷ ଉଦାର ମନୋଭାବ ରଖିବାକୁ କଂଗ୍ରେସ ସଦସ୍ୟ ପ୍ରମୋଦ ତିୱାରୀ ନିବେଦନ କରିଥିଲେ। ଯଦି ଚଳିତ ଅଧିବେଶନ ପାଇଁ ଓ'ବ୍ରାଏନ୍‌ଙ୍କୁ ନିଲମ୍ବନ କରାଯାଏ, ସେ ପୁଣିଥରେ ଫେରିପାରିବେ କି ବୋଲି ଅଧ୍ୟକ୍ଷ ପ୍ରଶ୍ନ କରିଥିଲେ। କୌଣସି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ କଷ୍ଟ ଦେଇଥାଏ ବୋଲି ଧନ୍‌କର କହିଥିଲେ।


ରାଜ୍ୟ ସଭାରେ ଟିଏମ୍‌ସି ସଦସ୍ୟ ଓ'ବ୍ରାଏନ୍‌।

## ବଙ୍ଗଳା ଫେରିପାଇଲେ ରାହୁଲ



**ନୂଆଦିଲ୍ଲୀ,୮।୮(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇବା ପରେ ତାଙ୍କର ଲୋକ ସଭା ସଦସ୍ୟତା କାଏମ ରହିଛି। ତାଙ୍କୁ ତାଙ୍କର ସରକାରୀ ବଙ୍ଗଳା ଫେରାଇଦେବାକୁ ଲୋକ ସଭାର ହାଉସ୍‌ କମିଟି ନିଷ୍ପତ୍ତି ନେଇଛି। 'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ ଗୁଜରାଟର ଏକ ଅଦାଲତ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡାଦେଶ ଦେବା ପରେ ମାର୍ଚ୍ଚ ୨୪ରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିଲା। ଏହା ପରେ ତାଙ୍କୁ ସରକାରୀ ବଙ୍ଗଳା ଖାଲି କରିବାକୁ କୁହାଯାଇଥିଲା। ୧୨, ତୋଗଲକ ଲେନ୍‌ ବଙ୍ଗଳା ଖାଲିକରିବା ପରେ ରାହୁଲ ଏବେ ତାଙ୍କ ମାଆ ତଥା କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନରେ ରହୁଛନ୍ତି। ବଙ୍ଗଳା ଫେରିପାଇବା ପରେ ପୂରା ହିନ୍ଦୁସ୍ଥାନ ମୋ ଦେଶ ବୋଲି ରାହୁଲ କହିଛନ୍ତି। ଖୁବ୍‌ଶୀଘ୍ର ସେ ତାଙ୍କ ପୂର୍ବବଙ୍ଗଳାକୁ ଯିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

## କଳାରଙ୍ଗ ପାଇଁ ସ୍ୱାମୀଙ୍କୁ ଅପମାନିତ କରିବା ନିଷ୍ଠୁରତା: ହାଇକୋର୍ଟ

**ବେଙ୍ଗାଲୁରୁ, ୮।୮**

ସ୍ୱାମୀ କଳା ହୋଇଥିବାରୁ ସ୍ତ୍ରୀ ତାଙ୍କୁ ଅପମାନିତ କରିବା ନିଷ୍ଠୁରତା ବୋଲି କର୍ନାଟକ ହାଇକୋର୍ଟ କହିଛନ୍ତି। ଏହା ଛାଡ଼ପତ୍ର ଆବେଦନ ପାଇଁ ବଳିଷ୍ଠ କାରଣ ବୋଲି ହାଇକୋର୍ଟ କହିବା ସହ ସେମାନଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ଅନୁମତି ଦେଇଛନ୍ତି। ୪୧ ବର୍ଷୀୟା ସ୍ତ୍ରୀ ଜଣକ ତାଙ୍କ ୪୪ ବର୍ଷୀୟ ସ୍ୱାମୀଙ୍କୁ କଳା ରଙ୍ଗ ପାଇଁ ଅପମାନିତ କରୁଥିଲେ। ଏଥିସହିତ କୌଣସି କାରଣ ନ ଥାଇ ସେ ସ୍ୱାମୀଙ୍କୁ ଛାଡ଼ି ଅନ୍ୟତ୍ର ରହୁଥିଲେ। ନିଜ ଭୁଲ୍‌କୁ ଘୋଡ଼ାଇବାକୁ ଯାଇ ସେ ସ୍ୱାମୀଙ୍କ ବିରୋଧରେ ଅନୈତିକ ସମ୍ପର୍କର ମିଛ ଅଭିଯୋଗ ଆଣିଥିଲେ। ଏଗୁଡ଼ିକ ନିଷ୍ଠୁରତା ବୋଲି କୋର୍ଟ କହିବା ସହ ହିନ୍ଦୁ ବିବାହ ଆଇନର ଧାରା ୧୩(ଆଇ)(ଏ) ଅନୁଯାୟୀ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଥିଲେ।

## ଗୋୟଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

**ନୂଆଦିଲ୍ଲୀ,୮।୮**

ରାଜ୍ୟ ସଭାରେ ଗୃହର ନେତା ପୀୟୁଷ ଗୋୟଲଙ୍କ ବିରୋଧରେ ବିରୋଧୀ ମେଣ୍ଟ ଇଣ୍ଡିଆର ଅନେକ ନେତା ମଙ୍ଗଳବାର ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। କେତେଜଣ ବିରୋଧୀ ନେତାଙ୍କ ବିରୋଧରେ ଗୋୟଲ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ, ଟିଏମ୍‌ସି, ଏଏପି, ଆର୍‌ଜେଡି, ଡିଏମ୍‌କେ, ଜେଡିୟୁ, ଏନ୍‌ସିପି ଓ ବାମଦଳର ନେତାମାନେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ମିଡିଆ ପୋର୍ଟାଲ 'ନ୍ୟୁଜ୍‌କ୍ଲିକ୍‌' ପ୍ରସଙ୍ଗରେ ଆଲୋଚନା ବେଳେ ଗୋୟଲ କହିଥିଲେ, ଚାଇନାର ପ୍ରଚାର ପାଇଁ ବିରୋଧୀ ନେତାମାନେ ବେଜିଂ ସହ ସମ୍ପୃକ୍ତ କମ୍ପାନୀଗୁଡ଼ିକରୁ ପାଣ୍ଠି ଗ୍ରହଣ କରିଛନ୍ତି। ନ୍ୟୁଜ୍‌କ୍ଲିକ୍‌ ପୋର୍ଟାଲ ସହ ବିରୋଧୀ ଦଳଗୁଡ଼ିକର ସମ୍ପର୍କ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ।

## ଲାଲ୍‌କିଲାରେ ଆମେରିକା କଂଗ୍ରେସ ସଦସ୍ୟ ଉପସ୍ଥିତ ରହିବେ

**ସ୍ୱାଧୀନତା ଦିବସ**

**ୱାଶିଂଟନ, ୮।୮(ପି.ଟି.)**


ରୋ ଖାନ୍ନା


ମିଚେଲ ୱାଲ୍‌ଟଜ୍‌

ଦେଶର ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲ୍‌କିଲାରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବାବେଳେ ଆମେରିକାର ଆଇନ ପ୍ରଣେତାମାନଙ୍କର ଏକ ପ୍ରତିନିଧି ଦଳ ଉପସ୍ଥିତ ରହିବେ। ଏହି ଦ୍ୱିଦଳୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ ଭାରତୀୟ-ଆମେରିକୀୟ କଂଗ୍ରେସ ସଦସ୍ୟ ରୋ ଖାନ୍ନା ଏବଂ ମିଚେଲ ୱାଲ୍‌ଟଜ୍‌। ଏମାନେ ଭାରତ ଓ ଭାରତୀୟ-ଆମେରିକୀୟ ଦ୍ୱିଦଳୀୟ କଂଗ୍ରେସ ସଭାର ସହଅଧ୍ୟକ୍ଷ ରହିଛନ୍ତି। ପ୍ରତିନିଧି ଦଳର ନେତୃତ୍ୱ ନେଇ ଭାରତ ଯିବା ଓ ସ୍ୱାଧୀନତା ଦିବସରେ ସାମିଲ ହେବା ସମ୍ମାନର ବିଷୟ ବୋଲି ରୋ ଖାନ୍ନା କହିଛନ୍ତି। ତାଙ୍କ ଜେଜେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ।

## ୟୁସିସି ବିରୋଧରେ କେରଳ ବିଧାନସଭାରେ ପ୍ରସ୍ତାବ ଗୃହୀତ

**ଥିରୁଭାନନ୍ତପୁରମ୍‌,୮।୮**

ଏକକ ଦେୱାନୀ ସଂହିତା (ୟୁସିସି) ସମ୍ବିଧାନର ଧର୍ମନିରପେକ୍ଷ ଚରିତ୍ରରେ ଶୂନ୍ୟତା ସୃଷ୍ଟି କରିବ। କେନ୍ଦ୍ର ସରକାର ଏକପାଖିଆ ଭାବେ ଏଭଳି ଆଇନ କାର୍ଯ୍ୟକାରୀ କରିବାରୁ ଦୂରେଇ ରହିବାକୁ କେରଳ ବିଧାନସଭାରେ ମଙ୍ଗଳବାର ଏକ ପ୍ରସ୍ତାବ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ୟୁସିସି ବିରୋଧରେ ପ୍ରସ୍ତାବ ଗୃହୀତ କରାଇବାରେ କେରଳ ବିଧାନସଭା ଦେଶରେ ପ୍ରଥମ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏହି ପ୍ରସ୍ତାବ ଆଣିଥିଲେ। କେନ୍ଦ୍ର ସରକାର କୌଣସି ଆଦର୍ଶଗତ ବିତର୍କ ନ କରି ୟୁସିସି ଲଦିଦେବାକୁ ଚାହୁଁଛନ୍ତି। ଏହା ବିଭିନ୍ନ ବର୍ଗଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା ପ୍ରସ୍ତାବରେ କୁହାଯାଇଛି। ଏକକ ଦେୱାନିସଂହିତା ଏକ ବିଭାଜନକାରୀ ପଦକ୍ଷେପ, ଯାହା ଜନସାଧାରଣଙ୍କ ଏକତା ପ୍ରତି ବିପଦ ସୃଷ୍ଟି କରିବା ସହ ରାଷ୍ଟ୍ରର ଏକଜୁଟତା ପ୍ରତି ହାନିକାରକ ହେବ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି।

## ୭ ବିଧାନସଭା ଆସନରେ ସେପ୍ଟେମ୍ବର ୫ରେ ଉପନିର୍ବାଚନ

**ନୂଆଦିଲ୍ଲୀ,୮।୮(ପି.ଟି.)**

ବିଭିନ୍ନ ରାଜ୍ୟର ୭ଟି ବିଧାନସଭା ଆସନ ଲାଗି ସେପ୍ଟେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୮ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ମଙ୍ଗଳବାର ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ତ୍ରିପୁରାର ଦୁଇଟି ଆସନ ସମେତ କେରଳ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବରିଷ୍ଠ କଂଗ୍ରେସ ନେତା ଓମାନ ଚାଣ୍ଡିଙ୍କ ପରଲୋକ ଯୋଗୁ କେରଳର ପୁଥୁପାଲ୍ଲି ଆସନରେ ଉପନିର୍ବାଚନ ଆବଶ୍ୟକ ପଡ଼ିଥିବାବେଳେ ଝାଡ଼ଖଣ୍ଡରେ ବିଧାୟକ ଜଗର୍ନାଥ ମାହତୋଙ୍କ ପରଲୋକ ଲାଗି ଡୁମ୍ରି ଆସନରେ ଉପନିର୍ବାଚନ ହେବ। ସେହିପରି ତ୍ରିପୁରାର ବକ୍ସାନଗର ଆସନର ବିଧାୟକ ସାମସୁଲ ହକ୍‌ଙ୍କ ଦେହାନ୍ତ ହୋଇଥିବାବେଳେ ଧାନପୁର ବିଧାୟକ ପ୍ରତିମା ଭୌମିକ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଖାଲିପଡ଼ିଥିବା ଏହି ଦୁଇ ଆସନରେ ଉପନିର୍ବାଚନ ଜରୁରୀ ହୋଇଥିଲା। ସେହିପରି ଉତ୍ତରାଖଣ୍ଡର ବାଗେଶ୍ୱର ଆସନର ବିଧାୟକ ଚନ୍ଦନ ରାମ ଦାସଙ୍କ ପରଲୋକ ଯୋଗୁ ସେଠାରେ ଭୋଟ ହେବାକୁ ଯାଉଛି। ପଶ୍ଚିମବଙ୍ଗର ଧୁପଗୁରି ଆସନର ବିଧାୟକ ବିଷ୍ଣୁପଦ ରାୟଙ୍କ ପରଲୋକ ଯୋଗୁ ଉକ୍ତ ଆସନ ଖାଲି ଥିବାବେଳେ ଉତ୍ତରପ୍ରଦେଶର ଘୋଷି ଆସନର ଏସ୍‌ପି ବିଧାୟକ ଦାରା ସିଂ ଚୌହାନ ଇସ୍ତଫା ଦେଇ ଭାଜପାରେ ଯୋଗଦେବାରୁ ସେଠାରେ ଉପନିର୍ବାଚନ ଜରୁରୀ ହୋଇପଡ଼ିଛି।

# ଜୟସାଲମେରରେ ଥିଲେ ତୃଣଭୋଜୀ ଡାଇନୋସର

**ଲକ୍ଷ୍ନୌ,୮।୮**



ରାଜସ୍ଥାନର ଜୟସାଲମେରରୁ ଆଇଆଇଟି-ରୁର୍କୀ ଏବଂ ଭାରତର ଭୂତାତ୍ତ୍ୱିକ ସର୍ଭେ (ଜିଏସ୍‌ଆଇ)ର ବୈଜ୍ଞାନିକମାନେ ବିଶ୍ୱର ସବୁଠୁ ପୁରାତନ ନୂଆ ପ୍ରଜାତିର ଡାଇନୋସର ଜୀବାଶ୍ମ ଠାବ କରିଛନ୍ତି। ଉକ୍ତ ଡାଇକ୍ରାଓସାଉରିଡ୍‌ ଡାଇନୋସରର ବେକ ଲମ୍ବା ଓ ଏହା ତୃଣଭୋଜୀ ଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି। ଭାରତ ଡାଇନୋସର ବିବର୍ତ୍ତନର ଏକ ବଡ଼ କେନ୍ଦ୍ର ଥିଲା ବୋଲି ଉକ୍ତ ଆବିଷ୍କାରରୁ ସ୍ପଷ୍ଟ ହୋଇଛି। 'ନେଚର'ର ଅନ୍ତର୍ଜାତୀୟ ପତ୍ରିକା 'ସାଇଣ୍ଟିଫିକ୍‌ ରିପୋର୍ଟ'ରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ଉକ୍ତ ଜୀବାଶ୍ମ ୧୬୭ ନିୟୁତ ବର୍ଷର ପୁରୁଣା ଓ ଏକ ନୂଆ ପ୍ରଜାତି, ଯାହା ଏପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କୁ ଜଣା ନ ଥିଲା। ଥର୍‌ ମରୁଭୂମିରୁ ଏହି ଜୀବାଶ୍ମ ମିଳିଥିବାରୁ ସେଥିରେ ଦେଶର ନାଁକୁ ଯୋଡ଼ାଯାଇ ଏହାର ନାମକରଣ 'ଥରୋସୌରସ୍‌ ଇଣ୍ଡିସସ୍‌' କରାଯାଇଛି।

ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଡାଇକ୍ରାଓସାଉରିଡ୍‌ଡାଇନୋସରର ଜୀବାଶ୍ମ ପୂର୍ବରୁ ଉତ୍ତର ଓ ଦକ୍ଷିଣ ଆମେରିକା, ଆଫ୍ରିକା ଏବଂ ଚାଇନାରେ ମିଳିଥିଲା। ଏଭଳି ଫସିଲ ଭାରତରେ ଥିବା ଜଣା ନ ଥିଲା। ରାଜସ୍ଥାନର ଜୟସାଲମେର ଅଞ୍ଚଳରେ ଜିଏସ୍‌ଆଇ ପକ୍ଷରୁ ୨୦୧୮ରେ ବ୍ୟବସ୍ଥିତ ଭାବେ ଜୀବାଶ୍ମ ଆବିଷ୍କାର ଓ ଖନନ

**ସର୍ବପୁରାତନ ଜୀବାଶ୍ମ ଠାବ**

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବୋଲି ପ୍ରଫେସର ସୁନିଲ ବାଜପାୟୀ କହିଛନ୍ତି। ସେ ଆଇଆଇଟି-ରୁର୍‌କୀରେ ଭୂବିଜ୍ଞାନ ବିଭାଗର ଭର୍ଟେବ୍ରେଟ୍‌ ପାଲାଓଣ୍ଟୋଲୋଜିର ମୁଖ୍ୟ ପ୍ରଫେସର ଅଛନ୍ତି। ସେ ତାଙ୍କ ସହକର୍ମୀ ଦେବଜିତ ଦତ୍ତଙ୍କ ସହ ୫ ବର୍ଷ ହେଲା ଜୀବାଶ୍ମ ଉପରେ ସବିଶେଷ ଅଧ୍ୟୟନ ଚଳାଇଥିଲେ। ଏହା ପୂର୍ବରୁ ଉକ୍ତ ପ୍ରଜାତିର ଅନ୍ୟ ଯେଉଁ ଡାଇନୋସର ଜୀବାଶ୍ମ ଠାବ ହୋଇଥିଲା, ତାହା ତୁଳନାରେ ଭାରତରୁ ମିଳିଥିବା ଜୀବାଶ୍ମ ସବୁଠୁ ପୁରୁଣା ବୋଲି କୁହାଯାଉଛି। ଚାଇନାରୁ ମିଳିଥିବା ଜୀବାଶ୍ମ ପୂର୍ବରୁ ସବୁଠୁ ପୁରାତନ କୁହାଯାଉଥିଲା, ଯାହା ୧୬୬ରୁ ୧୬୪ ନିୟୁତ ବର୍ଷ ତଳର ବୋଲି ଆକଳନ କରାଯାଇଥିଲା।




**ହର୍ମାନ ଜୁନିୟର ହକି ଦଳର କୋଚ୍**
ହର୍ମାନ କ୍ରୁଇଜଙ୍କୁ ଜାତୀୟ ଜୁନିୟର ପୁରୁଷ ଓ ମହିଳା ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ୧୬

୧୪ **'ଡନ୍-୩'ରେ ରଣବୀରଙ୍କ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା**
'ଡନ୍-୩'ରେ ଅଭିନେତା ଶାହାରୁଖ ଖାନ୍‌ଙ୍କ ବଦଳରେ ରଣବୀର ସିଂଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି।






ଓଡ଼ିଶା ହାଇକୋର୍ଟ ପରିସରରେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜଷ୍ଟିସ୍ ଶୁଭାଶିଷ ତାଳପତ୍ରଙ୍କୁ ମୁଖ୍ୟ ବିଚାରପତି ଭାବେ ଶପଥ ପାଠ କରାଉଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି) (ରିପୋର୍ଟ: ପୃଷ୍ଠା-୨)**

# ସ୍କୁଲରେ ଆଧାର ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)**

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଚଳିତ ଶିକ୍ଷାବର୍ଷ ପାଇଁ ନାମଲେଖା ଜାରି ରହିଛି। କେତେକ ସ୍କୁଲରେ ନାମଲେଖା ସମୟରେ ଅଭିଭାବକଙ୍କୁ ପ୍ରଧାନଶିକ୍ଷକ ଆଧାରକାର୍ଡ ମାଗୁଥିବା ନଜରକୁ ଆସିଛି। ଏବେ ନାମଲେଖା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଆଧାରକାର୍ଡ ବିନା ନାମଲେଖା ହୋଇପାରିବ ବୋଲି ବିଭାଗୀୟ ସଚିବ ଅଶ୍ୱଥି ଏସ୍ ମଙ୍ଗଳବାର ସବୁ ଜିଲାର ଶିକ୍ଷାଧିକାରୀଙ୍କୁ ଚିଠି କରିଛନ୍ତି। ନାମଲେଖା ପରେ ଛାତ୍ରୀଛାତ୍ର ଆଧାରକାର୍ଡ ପ୍ରସ୍ତୁତ କରି ଜମା କରିପାରିବେ। ଏ ସମ୍ପର୍କିତ ନିର୍ଦ୍ଦେଶ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଦେବା ସହ ଯେପରି କେହି ଏହାର ଉଲ୍ଲଂଘନ ନ କରନ୍ତି ସେନେଇ ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ରହିଛି।

ସଚିବ ଚିଠିରେ ଲେଖିଛନ୍ତି, ନାମଲେଖା ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ର ଜିଲାର ଅଧିକାରୀଙ୍କ ସହ ଯୋଗାଯୋଗ କରି ଆଧାର କାର୍ଡ କରିପାରିବେ। ବିଦ୍ୟାଳୟରେ ସୁରୁଖୁରୁରେ ନାମଲେଖା ପାଇଁ ଏବାବଦରେ ପ୍ରଧାନଶିକ୍ଷକମାନଙ୍କୁ ଅବଗତ କରିବାକୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଏନେଇ ଓଡ଼ିଶା ଅଭିଭାବକ ସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ କହିବାନୁସାରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏହା ସର୍ବକାଳୀନ ଲାଗୁ ହେବା ଉଚିତ। କିଛିଦିନ କାର୍ଯ୍ୟକାରୀ ହେବା ପରେ ନିୟମ ପରିବର୍ତ୍ତନ କରାଗଲେ ଏହା ମୂଲ୍ୟହୀନ ହୋଇଯିବ। ତେବେ ନାମଲେଖା ସମୟରେ ଆଧାରକାର୍ଡ ନ ଦେଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଧାରକାର୍ଡ ତଥ୍ୟ ଯେପରି ପିଲାମାନେ ଦେବେ ସେ ଦିଗରେ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ନଚେତ୍ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଯୋଜନାରେ ଛାତ୍ରୀଛାତ୍ରଙ୍କ ଠିକ୍ ତଥ୍ୟ ପାଇବାରେ ସମସ୍ୟା ସୃଷ୍ଟି ହୋଇପାରେ। ଭଟ୍ଟ କହିଛନ୍ତି ବର୍ତ୍ତମାନ ପ୍ରାୟ ସବୁ ପିଲାଙ୍କ ପାଖରେ ଆଧାରକାର୍ଡ ଉପଲବ୍ଧ ଅଛି। ପୂର୍ବରୁ ଏହି ନିୟମ ଲାଗୁ କରାଯାଇଥିଲେ ନାମଲେଖାରେ ☞ପୃଷ୍ଠା-୨

# ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର ଦାବି ତେଜିଲା

**ନୂଆଦିଲ୍ଲୀ,୮।୮(ପି.ଟି.)**

ଭାଜପା ଶାସିତ ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ଓ ଯୌନ ହିଂସା ଚାଲିଛି। ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୧୭୦ରୁ ଅଧିକ ଲୋକ ନିହତ ହେଲେଣି। ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ ଚୁପ୍ ବସିଛନ୍ତି। ଯେତେ କହିଲେ ବି ନିଜ ଅପାରଗତା ପାଇଁ ଇସ୍ତଫା ଦେଉନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମଣିପୁର ଯାଉନାହାନ୍ତି କି ଏହି ଅତି ସମ୍ବେଦନଶୀଳ ପ୍ରସଙ୍ଗ ତଥା ଜାତୀୟ ଲଜ୍ଜା ଉପରେ ମୁହଁ ଖୋଲୁନାହାନ୍ତି। ସରକାର ଦେଶବାସୀଙ୍କ ଅବିଶ୍ୱାସର ସଙ୍କଟ ଦେଇ ଗତି କରୁଥିବାବେଳେ ୨୬ ବିରୋଧୀ ଦଳକୁ ନେଇ ଗଠିତ ☞ପୃଷ୍ଠା-୨

## ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଆଲୋଚନା

- ପ୍ରଧାନମନ୍ତ୍ରୀଙ୍କ ମଉନବ୍ରତ ଭାଙ୍ଗିବା ପାଇଁ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ ହୋଇଛୁ: କଂଗ୍ରେସ
- ମୋଦି ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରୁଛନ୍ତି: ଟିଏମ୍‌ସି
- ଅନାସ୍ଥା ଆଣିଥିବାରୁ ପଶ୍ଚାତାପ କରିବେ ବିରୋଧୀ: ଭାଜପା

"ବୈଷମ୍ୟ ବିରୋଧୀ ଆନ୍ଦୋଳନର ଅଗ୍ରଦୂତ ତଥା ଆମେରିକାର ପୂର୍ବତନ ମନ୍ତ୍ରୀ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର କହିଥିଲେ, କୌଣସି ସ୍ଥାନରେ ଅନ୍ୟାୟ ଥିଲେ ତାହା ସର୍ବତ୍ର ନ୍ୟାୟ ପ୍ରତି ବିପଦ ସାଜିଥାଏ। ଯଦି ମଣିପୁର ଜଳୁଛି ତେବେ ସାରା ଭାରତ ଜଳୁଛି। ଯଦି ମଣିପୁର ବିଭାଜିତ ତେବେ ସାରା ଦେଶ ବିଭାଜିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୌନବ୍ରତ ଭଙ୍ଗକରି ଗୃହକୁ ଆସନ୍ତୁ। ମଣିପୁର ହିଂସା ଉପରେ ମୁହଁ ଖୋଲନ୍ତୁ। ପ୍ରଧାନମନ୍ତ୍ରୀଙ୍କ ନୀରବତା ଭଙ୍ଗ ପାଇଁ ଆମେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ ହୋଇଛୁ।

- ଗୌରବ ଗୋଗୋଇ, ଲୋକ ସଭାରେ କଂଗ୍ରେସ ଉପନେତା

## କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଲେ ପିନାକୀ

**ନୂଆଦିଲ୍ଲୀ,୮।୮(ପି.ଟି./କୁଲଦୀପ ସିଂ)**

କଂଗ୍ରେସ ପକ୍ଷରୁ ମୋଦି ସରକାର ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ମଙ୍ଗଳବାର ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ବିରୋଧ କରିଛି। କଂଗ୍ରେସ ବିରୋଧରେ ବିଜେଡିର ମୂଳଦୁଆ ପଡ଼ିଥିଲା। ଏହି ଦଳ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ଆମେ ସମର୍ଥନ କରିପାରିବୁ ନାହିଁ ବୋଲି ବିଜେଡି ସ୍ପଷ୍ଟ କରିଛି। ଲୋକ ସଭାରେ ବିତର୍କ ବେଳେ ବିଜେଡି ସଦସ୍ୟ ପିନାକୀ ମିଶ୍ର କହିଥିଲେ, ଓଡ଼ିଶାରେ ☞ପୃଷ୍ଠା-୨

# ତୁଟିଲା ବନକଲାଗି ବିବାଦ

- ଦେଢ଼ ମାସ ପରେ ଆଜି ନୀତି ହେବ
- ସନ୍ଧ୍ୟା ୬ରୁ ରାତି ୧୧ଟା ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ

**ପୁରୀ,୮।୮(ଅଜିତ ମହାନ୍ତି)**

ଦୀର୍ଘ ଦେଢ଼ ମାସ ଧରି ମହାପ୍ରଭୁଙ୍କ ବନକଲାଗି ହେବାକୁ ନେଇ ଲାଗିରହିଥିବା ବିବାଦ ଶେଷରେ ମଙ୍ଗଳବାର ସମାଧାନ ହୋଇଛି। ତେବେ ଶ୍ରୀବିଗ୍ରହମାନଙ୍କ ବୁଧବାର ବନକଲାଗି ନୀତି ହେବାକୁ ଯାଉଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଅପରପକ୍ଷେ ମହାପ୍ରଭୁଙ୍କ ବନକଲାଗି ନୀତି କରୁଥିବା ଦତ୍ତ ମହାପାତ୍ର ସେବକମାନେ ମଧ୍ୟ ପ୍ରଶାସନ ପକ୍ଷରୁ ହୋଇଥିବା ନିଷ୍ପତ୍ତିରେ ସହମତି ପ୍ରକାଶ କରି ବୁଧବାର ବନକଲାଗି କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ବନକଲାଗି ନ ହେବା କାରଣରୁ ମହାପ୍ରଭୁଙ୍କ ଶ୍ରୀମୁଖ ଆସ୍ତେ ଆସ୍ତେ ମଳିନ ପଡୁଥିବା ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଥିବା ବେଳେ ମହାପ୍ରଭୁଙ୍କ ଶ୍ରୀମୁଖକୁ ବିପଦଥିବା ସେବାୟତମାନେ ଚିନ୍ତା ପ୍ରକଟ କରିଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** କ'ଣ ମିଳିବ




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେପଟାନାକୀ, ଦହି ସଡ଼କୀ,**
**ଅଇଁଠା ପତରେ ଖାଏ**
**ଗୋଡ଼ରେ ଅଇଁଠା ଛିଟିକା ପଡ଼ିଲେ**
**ନଈକି ଗାଧୋଇ ଯାଏ।**

ଯିଏ ଅଇଁଠା ପତରରେ ଖାଏ, ସେହି ବ୍ୟକ୍ତି ଗୋଡ଼ରେ ଅଇଁଠା ଲାଗିଲେ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ ମନେହୋଇଥାଏ। ଅନାଚାରିଣୀ ନାରୀର ନିଷ୍ଠାର ଛଳନା। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେଇଁ ଶୋଇଥିବ ଯିଏ,**
**ତାକୁ ଉଠାଇବ କିଏ ?**

ଜାଣିଶୁଣି ଛଟା ଗାଳି ପଡ଼ିବା। କଥାଟି କ'ଣ ହେଉଛି ଦେଖାଯାଉ, ଚୁପ୍‌ଚାପ୍ ନିଧଡ଼କ ରହିଗଲେ ଗଲା ବୋଲି ବିଚାର କରିବା। ଯେଉଁ ଲୋକ ଶୋଇଛି ବୋଲି ବାହାନା କରିଥାଏ, ତାକୁ ଯେତେ ଡାକିଲେ କି ହଲାହଲି କଲେ ବି ସେ ଉଠି ନ ଥାଏ। ନିଜକୁ ଅନ୍ଧ ବୋଲି ଛଳନା କରୁଥିବା ବ୍ୟକ୍ତିଙ୍କୁ ବାଟକୁ ଆଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

## ନାବାଳକଙ୍କୁ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା

**ବ୍ରହ୍ମପୁର,୮।୮(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏକ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲାରେ ଅଭିଯୁକ୍ତ ସୌମ୍ୟରଞ୍ଜନ ପାଢ଼ୀ ଓରଫ କାଳିଆ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପାଇଁ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୯ ଅକ୍ଟୋବର ୧୪ରେ ପୋଲସରା ଥାନା ଅଞ୍ଚଳର ଏକ ସ୍କୁଲ ପଡ଼ିଆରେ ଜଣେ ନାବାଳକ ଖେଳୁଥିବାବେଳେ କାଳିଆ ବାଇକ୍‌ରେ ଏକ କାଜୁ ତୋଟାକୁ ନେଇଯାଇଥିଲେ। ସେ ନାବାଳକଙ୍କ ସହ ବଳପୂର୍ବକ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ପରେ ଆଉ ଏକ ସ୍ଥାନକୁ ନେଇ ପୁଣି ଅପ୍ରାକୃତିକ ଯୌନସମ୍ପର୍କ ରଖିବା ପାଇଁ ଉଦ୍ୟମ କରିବାରୁ ନାବାଳକ ଚିତ୍କାର କରିଥିଲେ। ଫଳରେ କାଳିଆ ବାଇକ୍‌ରେ ସେଠାରୁ ଖସି ପଳାଇଥିଲେ। ନାବାଳକଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲସରା ଥାନାରେ ନଂ.୨୨୬/୧୯ରେ ମାମଲା ରୁଜୁ ହୋଇଥିଲା। ପରଦିନ କାଳିଆଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ପୋଲସରା ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୦୨୧ ଫେବୃୟାରୀ ୪ରେ କାଳିଆଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ନ ହେବାରୁ କାଳିଆଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଥିଲା। ପୋଲିସ ଏନ୍‌ବିଡବ୍ଲ୍ୟୁ ବଳରେ ୨୦୨୨ ଅଗଷ୍ଟ ୧୧ରେ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାସେ ପରେ ପୁଣି ସେ ଜାମିନରେ ବାହାରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୭ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# ଶପଥ ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର

**କଟକ,୮।୮ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ୩୩ତମ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପରିସରସ୍ଥ ପୁରୁଣା ବିଲ୍ଡିଂ ପୂର୍ବପାର୍ଶ୍ୱ ଲନ୍‌ରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ମୁଖ୍ୟ ବିଚାରପତି ତାଳପତ୍ରଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୃହ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂହ, ଡିଜିପି ସୁନୀଲ କୁମାର ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ ପରିଜା, ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ବିଦ୍ୟାଧର ପ୍ରଧାନଙ୍କ ସମେତ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

ହାଇକୋର୍ଟର ବରିଷ୍ଠ ବିଚାରପତି ତାଳପତ୍ରଙ୍କୁ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ କଲେଜିୟମ୍ ସୁପାରିସ କରିଥିଲେ। ତାଳପତ୍ର ୧୯୬୧ ଅକ୍ଟୋବର ୪ରେ ତ୍ରିପୁରାର ଉଦୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ କୋଲକାତାରୁ ଆଇନରେ ଡିଗ୍ରୀ ହାସଲ କରିବା ପରେ ୧୯୯୦ରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମଣିପୁର ଏବଂ ମିଜୋରାମ ଆଦି ରାଜ୍ୟରେ ସେ ଜଣେ ଦକ୍ଷ ଆଇନଜୀବୀ ଭାବେ ପରିଚିତ ଥିଲେ। ୨୦୦୪ରେ ତାଙ୍କୁ ସିନିୟର ଆଡ୍‌ଭୋକେଟ୍‌ର ମାନ୍ୟତା ମିଳିଥିଲା। ସେ ୨୦୧୧ ନଭେମ୍ବର ୧୫ରେ ଗୁଆହାଟୀ ହାଇକୋର୍ଟରେ ବିଚାରପତି ଭାବେ ଶପଥ ନେଇଥିଲେ। ଏହାପରେ ୨୦୧୩ ସେପ୍ଟେମ୍ବର ୧୩ରେ ତ୍ରିପୁରା ହାଇକୋର୍ଟରେ ବିଚାରପତି ଭାବେ ଯୋଗ ଦେଇଥିଲେ। ୨୦୧୮ ନଭେମ୍ବର ୨ରୁ ୧୩ ତାରିଖ ଓ ୨୦୧୯ ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିପୁରା ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ୨୦୧୮ରେ ୟୁନେସ୍କୋ ଦ୍ୱାରା ଆୟୋଜିତ ୱାର୍ଲ୍ଡ କଂଗ୍ରେସ ଅନ୍ ଜଷ୍ଟିସ ଫର ଚିଲ୍‌ଡ୍ରେନ୍ ଏବଂ ୱାଶିଂଟନ ଡିସି ଓ କାଲିଫର୍ନିଆଠାରେ ଆୟୋଜିତ ଅନ୍ତର୍ଜାତୀୟ ସେମିନାରରେ ଦେଶ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ତ୍ରିପୁରା ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ, ଜୁଭେନାଇଲ ଜଷ୍ଟିସ କମିଟିର ଅଧ୍ୟକ୍ଷ ଭାବେ ମଧ୍ୟ ସେ ବେଶ୍ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏହାବ୍ୟତୀତ କ୍ରିଷ୍ଣା ନଦୀ ଜଳବିବାଦ ଟ୍ରିବ୍ୟୁନାଲର ସଦସ୍ୟ ଭାବେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ୨୦୨୨ ଜୁନ୍ ୧୦ରେ ସେ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିବା ପରେ ଅଦ୍ୟାବଧି କାର୍ଯ୍ୟ କରିଆସୁଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସୋମବାର ଅବସର ଗ୍ରହଣ କରିଛନ୍ତି।

# ଅପହୃତ ଶିକ୍ଷକ ଉଦ୍ଧାର, ୩ ଗିରଫ

**ସୁନ୍ଦରଗଡ଼,୮।୮(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ବ୍ରାହ୍ମଣମରା ୟୁପି ସ୍କୁଲ୍ ପ୍ରଧାନଶିକ୍ଷକ ସର୍ବେଶ୍ୱର ଦାସଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିବା ଘଟଣା ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ସର୍ବେଶ୍ୱରଙ୍କୁ ଉଦ୍ଧାର କରିବା ସହ କେଶ ନଂ ୧୨୫/୨୦୨୩ରେ ୩୬୪(ଏ), ୩୪ଆଇପିସି ଏବଂ ୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଯଶପୁର ଜିଲା ତୁମଲା ଥାନା କୋନପରାର ଶଙ୍କର ସାହୁ(୪୪), ଟିକିଲିପଡା ଗ୍ରାମର ସଞ୍ଜୟ କୁମାର ପ୍ରଧାନ(୩୦) ଓ ଅଶୋକ ଅପାଟ(୪୩)। ପୋଲିସ ସେମାନଙ୍କ ନିକଟରୁ ଅପହରଣ ଘଟଣାରେ ବ୍ୟବହୃତ ଗୋଟିଏ ସ୍କର୍ପିଓ, ୨ ରାଉଣ୍ଡ ଗୁଳି, ଦେଶୀ ପିସ୍ତଲ, ନଗଦ ୫୦ ହଜାର ଟଙ୍କା, ଶିକ୍ଷକଙ୍କ ଆଧାର କାର୍ଡ ଓ ସ୍କୁଟି ଜବତ କରିଛି। ସୋମବାର ସର୍ବେଶ୍ୱର ସ୍କୁଲରୁ ବାଲିଶଙ୍କରାସ୍ଥିତ ତାଙ୍କ ଭଡା ଘରକୁ ଫେରୁଥିବାବେଳେ କେତେଜଣ ଯୁବକ ତାଙ୍କୁ ଏକ ସ୍କର୍ପିଓ ଗାଡିରେ ଜଙ୍ଗଲକୁ ନେଇ ନିର୍ଘୁକ ବାଡେଇବା ସହ ଫୋନ ପେ' ପାସୱାର୍ଡ ମାଗିଥିଲେ। ସେଥିରେ ଟଙ୍କା ନ ଥିବା କହିବାରୁ ପୁଣି ତାଙ୍କୁ ମାଡ ମାରିଥିଲେ। ଏହାପରେ ଶିକ୍ଷକଙ୍କ ମୋବାଇଲ ଫୋନରେ ତାଙ୍କ ସ୍ତ୍ରୀଙ୍କୁ ୫ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏତେ ଟଙ୍କା ଦେବାକୁ ସ୍ତ୍ରୀ ଅକ୍ଷମ କହିବାରୁ ୧ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପ୍ରଥମେ ୫୦ ହଜାର ଏବଂ ପରେ ଆଉ ୫୦ ହଜାର ଦାବିକରି ଧମକ ଦେଇଥିଲେ। ଏହାପରେ ୬ ଅପହରଣକାରୀ ଶିକ୍ଷକଙ୍କୁ ଛତିଶଗଡ ଜଙ୍ଗଲ ଆଡକୁ ନେଇଯାଇଥିଲେ। ଏ ସମ୍ପର୍କରେ ସ୍ତ୍ରୀ କିଞ୍ଜିରିକେଲା ଥାନାକୁ ଜଣାଇଥିଲେ। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ହିମାଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଜଗଦୀଶ ବାରାଙ୍କ ନେତୃତ୍ୱରେ ୨ଟି ଟିମ୍ ଗଠିତ ହୋଇଥିଲା।

## ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ...

ପ୍ରଥମ ପୃଷ୍ଠାରୁ...

ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ ଆଲାଏନ୍ସ (ଇଣ୍ଡିଆ) ପ୍ରଧାନମନ୍ତ୍ରୀଙ୍କ ମଉନବ୍ରତ ଭଙ୍ଗ ଉଦ୍ଦେଶ୍ୟରେ ଅନାସ୍ଥା ପ୍ରସ୍ତାବ ଆଣିଥିବା କହି ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ଟାର୍ଗେଟ କରିଛନ୍ତି। ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କର ପ୍ରଥମ ଦିନରେ ମଣିପୁର ବିଫଳତା ପାଇଁ କଂଗ୍ରେସ ଶାସକ ଭାଜପାକୁ ଦାୟୀ କରିଛି। ଅନ୍ୟପକ୍ଷେ ମଣିପୁରରେ କଂଗ୍ରେସ ଅମଳରୁ ଅଶାନ୍ତି ଲାଗିରହିଥିବା କହି ବିରୋଧୀ ଦଳକୁ ଭାଜପା ଜବାବ ଦେଇଛି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳା ବିରୋଧୀ ନିର୍ଯାତନା ବଢ଼ିଚାଲିଥିବାବେଳେ ବିପକ୍ଷର ଉଦାସୀନତା ହିଁ ଦେଖିବାକୁ ମିଳିଛି ବୋଲି ଶାସକ ଦଳ କହିଛି। ବୁଧବାର ଏହି ପ୍ରସଙ୍ଗରେ ଗୃହରେ ପୁଣି ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ଉତ୍ତର ରଖିବା ପରେ ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ହେବ।

କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ଗୃହରେ ବିତର୍କ ଆରମ୍ଭ କରି କହିଥିଲେ, ମଣିପୁର ଉପରେ ପ୍ରଧାନମନ୍ତ୍ରୀଙ୍କୁ କୁହାଇବା ପାଇଁ 'ଇଣ୍ଡିଆ' ବ୍ଲକ୍ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ୍ୟ ହୋଇଛି। ସବୁବେଳେ 'ଏକ ଭାରତ' କଥା କହୁଥିବା କେନ୍ଦ୍ର ୨ଟି ମଣିପୁର ସୃଷ୍ଟି କରିଛି; ଗୋଟିଏ ପାର୍ବତ୍ୟାଞ୍ଚଳରେ ଓ ଅନ୍ୟଟି ଉପତ୍ୟକାରେ। ହିଂସାକୁ ୮୦ ଦିନ ବିତିଲାଣି। ମଣିପୁର ପ୍ରସଙ୍ଗରେ ମୋଦି ମୁହଁ ନ ଖୋଲିବା ପଛରେ ୩ଟି କାରଣ ରହିଛି। ସେଗୁଡ଼ିକ ହେଲା, ରାଜ୍ୟ ସରକାରଙ୍କ ବିଫଳତା, ଗୃହ ବିଭାଗ ଓ ସୁରକ୍ଷା ବ୍ୟବସ୍ଥାରେ ବିଫଳତା ଏବଂ ପ୍ରଧାନମନ୍ତ୍ରୀ ନିଜ ଭୁଲ୍ ସ୍ୱୀକାର ନ କରିବା। ମଣିପୁରକୁ ନ୍ୟାୟ ଦରକାର। ଯଦି ମଣିପୁର ଜଳୁଛି, ତେବେ ସାରା ଭାରତ ଜଳୁଛି ବୋଲି ଗୋଗୋଇ କହିଥିଲେ। ଏହି ଅବସରରେ ସେ ୨୦୦୨ ଗୁଜରାଟ ସାମ୍ପ୍ରଦାୟିକ ଦଙ୍ଗାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ରାଜଧର୍ମ ପାଳନ କରିବାକୁ କହିଥିବା ବିଷୟ ସ୍ମରଣ କରାଇଥିଲେ। ଏଥିସହ ବୀରେନ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଦାବି କରିଥିଲେ। ଉତ୍ତର-ପୂର୍ବ ରାଜ୍ୟକୁ ଏକ ସର୍ବଦଳୀୟ ପ୍ରତିନିଧି ଦଳ ପଠାଯାଉ, ପ୍ରଧାନମନ୍ତ୍ରୀ ଏହାର ନେତୃତ୍ୱ ନିଅନ୍ତୁ ଏବଂ ସେଠାକାର ବିଭିନ୍ନ ସଙ୍ଗଠନକୁ ଭେଟି ଶାନ୍ତି ଫେରାଇବା ପାଇଁ ଉଦ୍ୟମ କରାଯାଉ ବୋଲି ଗୋଗୋଇ ଦାବି କରିଥିଲେ।

ସେହିପରି ତୃଣମୂଳ କଂଗ୍ରେସ ଏମ୍‌ପି ସୌଗତ ରାୟ କହିଥିଲେ, ପ୍ରଧାନମନ୍ତ୍ରୀ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରୁଛନ୍ତି। ପଶ୍ଚିମବଙ୍ଗ ଏହାର ଶିକାର ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସେଠାକୁ ଯାଇ କହୁଥିଲେ, 'ଆସନ୍ତା ଥର ୨୦୦ ପାର'। କିନ୍ତୁ ଭାଜପା ୮୦ ଆସନ ବି ପାଇଲାନାହିଁ। କାରଣ ସେମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ପାଇଁ ସବୁ ପାଣ୍ଠି ବନ୍ଦ କରିଦେଇଛନ୍ତି। ପଶ୍ଚିମବଙ୍ଗକୁ ଏମ୍‌ଜିଏନ୍‌ଆର୍‌ଇଜିଏର ୭୩୦୦ କୋଟି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୮୪୦୦ କୋଟି ଟଙ୍କା ଦିଆଯାଇ ନାହିଁ। ଏହା ଏକ ହୃଦୟହୀନ ସରକାର। ସେମାନେ ପଶ୍ଚିମବଙ୍ଗକୁ ମନଇଚ୍ଛା ପ୍ରତିନିଧି ପଠାଉଛନ୍ତି। କିନ୍ତୁ ମଣିପୁରର ଭଉଣୀ ଭାଇମାନେ ମରୁଥିବାବେଳେ କିଛି କରୁନାହାନ୍ତି। ବୀରେନ୍ ସିଂ ସରକାରଙ୍କୁ ତୁରନ୍ତ ବରଖାସ୍ତ କରି ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଉ। ଜାତୀୟତାବାଦୀ କଂଗ୍ରେସ ପାର୍ଟି ଏମ୍‌ପି ସୁପ୍ରିୟା ସୁଲେ ମଧ୍ୟ ମଣିପୁର ସ୍ଥିତିକୁ ଅତ୍ୟନ୍ତ ଲଜ୍ଜାଜନକ କହି ବୀରେନ୍ ସିଂଙ୍କ ଇସ୍ତଫା ଦାବି କରିଥିଲେ। ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ସଦସ୍ୟ ଟି.ଆର୍. ବାଲୁ କହିଥିଲେ, ସ୍ୱର୍ଗତ ବାଜପେୟୀ ରାଜଧର୍ମ ପାଳନ କରୁଥିଲେ। କିନ୍ତୁ ମଣିପୁରରେ ମହିଳାମାନଙ୍କୁ ଉଲଗ୍ନ ପରେଡ୍ କରାଯାଉଥିବାବେଳେ ଆମେ ସେମାନଙ୍କ ସହ ଛିଡ଼ା ହୋଇପାରୁ ନାହୁଁ। ମଣିପୁରରେ ଯାହା ଚାଲିଛି, ତାକୁ ସାରା ବିଶ୍ୱ ନିନ୍ଦା କରିଛି। ୟୁରୋପୀୟ ସଂଘର ପାର୍ଲାମେଣ୍ଟ ଏହା ଉପରେ ଆଲୋଚନା କରିଥିବାବେଳେ ବ୍ରିଟିଶ୍ ପାର୍ଲାମେଣ୍ଟ ମୋଦି ଓ ତାଙ୍କ ଦଳକୁ ଦୃଢ଼ ନିନ୍ଦା କରିଛି।

ଅନ୍ୟପକ୍ଷେ କଂଗ୍ରେସ ସମେତ ବିରୋଧୀ ବ୍ଲକ୍ ପକ୍ଷରୁ ଅଣାଯାଇଥିବା ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ଅନାସ୍ଥା ପ୍ରସ୍ତାବ ଆଣିଥିବାରୁ ବିରୋଧୀ ପଶ୍ଚାତ୍ତାପ କରିବେ। କାରଣ ଏହାକୁ ଭୁଲ୍ ସମୟରେ ଓ ଭୁଲ୍ ଉପାୟରେ ଅଣାଯାଇଛି। କଂଗ୍ରେସ ଆଜି ମଣିପୁର କଥା ଉଠାଉଛି। ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରୁ ଏହି ଅବସ୍ଥା ଲାଗିରହିଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଉତ୍ତର-ପୂର୍ବ ଉପରେ ଦୃଷ୍ଟି ଦେବା ପାଇଁ ଆମେ ଲଗାତର ଦାବି କରୁଥିଲୁ ବୋଲି ରିଜିଜୁ କହିଛନ୍ତି। ସେହିପରି ମୁଖ୍ୟ ବକ୍ତା ଭାବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନାମକୁ ଶେଷ ମୁହୂର୍ତ୍ତରେ କାହିଁକି ପ୍ରତ୍ୟାହାର କରାଗଲା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରଶ୍ନ କରିଥିଲେ। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ କହିଥିଲେ, ବିରୋଧୀ ଦଳଗୁଡ଼ିକ ନିଜ ସହ ଲଢ଼େଇ କରୁଛନ୍ତି। ପରସ୍ପର ଉପରେ ସେମାନଙ୍କର ଆସ୍ଥା ନାହିଁ। ଏହା ଅନାସ୍ଥା ପ୍ରକଟ କରିବା ପାଇଁ ମତଦାନ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ଭାଜପା ସଂସଦୀୟ ଦଳ ବୈଠକରେ ସ୍ପଷ୍ଟ କରିଥିବା ବିଷୟ ନିଶିକାନ୍ତ କହିଥିଲେ। ଏପରି କି ବିରୋଧୀ ନେତାମାନଙ୍କୁ 'ଇଣ୍ଡିଆ'ର ଫୁଲ୍ ଫର୍ମ ପଚାରିଲେ ସେମାନେ କହିପାରିବେ ନାହିଁ ବୋଲି ସେ ତାଚ୍ଛଲ୍ୟ କରିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିଜ ପୁଅ ରାହୁଲ ଗାନ୍ଧୀଙ୍କୁ ଥଇଥାନ କରିବା ପାଇଁ ଏସବୁ କରାଉଥିବା ଉଭୟଙ୍କ ଉପସ୍ଥିତିରେ ନିଶିକାନ୍ତ ସମାଲୋଚନା କରିଥିଲେ।

## ତୁଟିଲା ବନକଲାଗି...

ପରେ ବହୁ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଶେଷରେ ଶ୍ରୀମନ୍ଦିର ପ୍ରଶାସନର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୯ତାରିଖ (ବୁଧବାର) ବନକଲାଗି ହେବ ବୋଲି ସୂଚନା ଦିଆଯାଇଛି। ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମହାପ୍ରଭୁଙ୍କ ବନକଲାଗି ବୁଧବାର କରିବା ପାଇଁ ଦତ୍ତ ମହାପାତ୍ର ନିଯୋଗକୁ ସୂଚନା ଦିଆଯାଇଛି। ନିଯୋଗଠାରୁ ବନକଲାଗି ପାଇଁ ଆବଶ୍ୟକ ସାମଗ୍ରୀକୁ ଦତ୍ତମହାପାତ୍ରମାନେ ନେଇଛନ୍ତି। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ବନକଲାଗି ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ୫ଘଣ୍ଟା ନୀତି ଅନୁଷ୍ଠିତ ହେବ। ତେବେ ବନକଲାଗି ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

ସୂଚନାଯୋଗ୍ୟ, ଘୋଷଯାତ୍ରା ପରଠାରୁ ମହାପ୍ରଭୁଙ୍କ ବନକଲାଗି ନେଇ ଅନିଶ୍ଚିତତା ଦେଖିବାକୁ ମିଳିଥିଲା। କେଉଁବାରରେ ବନକଲାଗି ହେବ ତାକୁ ନେଇ ଦତ୍ତ ମହାପାତ୍ର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଦେଖାଦେଇଥିଲା। ଦତ୍ତମହାପାତ୍ର ସେବକମାନେ ରେକର୍ଡ ଅଫ୍ ରାଇଟସ୍ ଅନୁଯାୟୀ ବନକଲାଗି ଗୁରୁବାର କରିବାକୁ କହୁଥିବାବେଳେ ୨୦୧୮ରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ବୁଧବାର ବନକଲାଗି କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କହିଥିଲା। ଫଳରେ ଉଭୟ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରଶାସନ ପକ୍ଷରୁ ଦତ୍ତ ମହାପାତ୍ର ନିଯୋଗକୁ ନୋଟିସ୍ ଦିଆଯିବା ସହ ବିକଳ୍ପ ବ୍ୟବସ୍ଥା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରି କି ବନକଲାଗି ପାଇଁ ଗୁରୁବାର ଯାଇଥିବା ଦତ୍ତମହାପାତ୍ର ସେବକମାନଙ୍କୁ ପ୍ରଶାସନ ପକ୍ଷରୁ ନୀତି କରିବା ପାଇଁ ନିର୍ଦ୍ଦେଶ ନ ଥିବାରୁ ଫେରିବାକୁ ପଡ଼ିଥିଲା। ବିବାଦ ଅଧିକ ବଢ଼ିବାରୁ ନୀତି ସବ୍‌କମିଟି ବୈଠକ ବସି ଏ ନେଇ ଆଲୋଚନା କରାଯାଇଥିଲା। ମାତ୍ର ଉକ୍ତ ବୈଠକରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ପରେ ପ୍ରଶାସନ ଯାହା ନିର୍ଦ୍ଦେଶ ଦେବ ସେହିଦିନ ବନକଲାଗି କରିବେ ବୋଲି ଦତ୍ତମହାପାତ୍ର ସୂଚନା ଦେଇଥିଲେ। ତେବେ ଗତ ବୁଧବାର ଶ୍ରୀମନ୍ଦିରରେ ନକ୍ଷତ୍ର ବନ୍ଦାପନା ଥିବାରୁ ବନକଲାଗି ପାଇଁ ପ୍ରଶାସନ ଅନୁମତି ଦେଇ ନଥିଲା। ସେହିପରି ଗୁରୁବାର ମାଜଣା ଏବଂ ଏକାନ୍ତ ନୀତି ରହୁଥିବାରୁ ବନକଲାଗି ନୀତିରେ ବିଳମ୍ବ ପରିଲକ୍ଷିତ ହେବା ଲକ୍ଷ୍ୟ କରି ଗୁରୁବାର ମଧ୍ୟ ହୋଇ ନ ଥିଲା। ତେଣୁ ୯ ତାରିଖ ବୁଧବାର ବନକଲାଗି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୌଖିକ ଭାବେ ଜଣାଯାଇଥିଲା। ତେବେ ଗତ ୪ତାରିଖରେ ହୋଇଥିବା ପରିଚାଳନା ବୈଠକରେ ମଧ୍ୟ ବୁଧବାର ବନକଲାଗି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମାସକୁ ଦୁଇଥର ବନକଲାଗି ହେବ। ଯଦି ବୁଧବାର କୌଣସି ନୀତି ବା ସମସ୍ୟା ଥାଏ, ତେବେ ଗୁରୁବାର ବନକଲାଗି କରାଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା କହିଥିଲେ। ନିଷ୍ପତ୍ତି ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ବନକଲାଗି ହେବ ବୋଲି ଲିଖିତ ଭାବେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଦତ୍ତ ମହାପାତ୍ର ସେବକ ସଞ୍ଜୟ ଦତ୍ତ ମହାପାତ୍ର କହିଛନ୍ତି, ଶେଷଥର ପାଇଁ ଆଡ଼ପମଣ୍ଡପରେ ହେରାପଞ୍ଚମୀ ପୂର୍ବଦିନ ବନକଲାଗି କରାଯାଇଥିଲା। ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି ବୋଲି କୁହାଯାଇଥାଏ। ବନକଲାଗି ଫଳରେ ମହାପ୍ରଭୁଙ୍କ ଶ୍ରୀମୁଖ ସୁନ୍ଦର ଦିଶିଥାଏ। ତେବେ ପ୍ରଶାସନ ପକ୍ଷରୁ ବନକଲାଗି ପାଇଁ ସମସ୍ତ ଜିନିଷ ଯୋଗାଇ ଦିଆଯାଇଛି।

## କେନ୍ଦ୍ର ସରକାରଙ୍କୁ କୃତଜ୍ଞତା...

କଂଗ୍ରେସର ଦୁର୍ନୀତିଗ୍ରସ୍ତ ଶାସନ ବିରୋଧରେ ବିଜେଡିର ଜନ୍ମ ହୋଇଥିଲା। ତେଣୁ କଂଗ୍ରେସ ପକ୍ଷରୁ ଅଣାଯାଉଥିବା କୌଣସି ପ୍ରସ୍ତାବକୁ ବିଜେଡି ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ପୁରୀ ଏମ୍‌ପି ସ୍ପଷ୍ଟ କରିଥିଲେ। କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ପିନାକୀ କହିଥିଲେ, ଆମ ସମ୍ବିଧାନ ଯେପରି ଆର୍ଥିକ ବ୍ୟବସ୍ଥା ଦେଇଛି, କେନ୍ଦ୍ର ସରକାରଙ୍କ ସହ ଲଗାତର ଲଢ଼େଇ କରିବା ସମ୍ଭବ ନୁହେଁ। ଅନାବଶ୍ୟକ ଭାବେ କେନ୍ଦ୍ର ସହ ମୁହାଁମୁହିଁ ହେବାରେ ବିଜେଡି ବିଶ୍ୱାସ କରେନାହିଁ। ଓଡ଼ିଶାର ଅନେକ ଦାବିକୁ କେନ୍ଦ୍ର ପୂରଣ କରିଆସିଛି। ଓଡ଼ିଶାର ବିତ୍ତୀୟ ପରିଚାଳନାରେ ବିଶେଷ ଗୁରୁତ୍ୱ ବହନ କରୁଥିବା କୋଇଲା ଉତ୍ପାଦନ ଅଭିବୃଦ୍ଧି, ଖଣିଜ ରାଜସ୍ୱ ସମୀକ୍ଷା, ଆଇରନ୍ ଓର୍ ଓ ମାଙ୍ଗାନିଜ୍ ଓର୍‌ରୁ ରପ୍ତାନି ଟିକସ ହ୍ରାସ କରିବା ଏବଂ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଦିଗରେ ଉଦ୍ୟମ ପାଇଁ କେନ୍ଦ୍ର ସରକାରଙ୍କୁ ପିନାକୀ କୃତଜ୍ଞତା ଜଣାଇଛନ୍ତି। ମଣିପୁର ସଙ୍କଟ ଗତ ୧୦ ବର୍ଷ ଶାସନର ପରିଣାମ ନୁହେଁ, ପ୍ରାୟ ୫୦-୬୦ ବର୍ଷ ଧରି ସେଠାରେ ଅଶାନ୍ତି ଲାଗିରହିଛି। ୧୯୮୦ ଦଶକରେ ମଧ୍ୟ ମଣିପୁର ଜଳୁଥିଲା। ଏହି ସମସ୍ୟାର ସମାଧାନ ପାଇଁ ଅନାସ୍ଥା ପ୍ରସ୍ତାବ ଅଣାଯିବା ପରିବର୍ତ୍ତେ ସବୁ ଦଳ ପକ୍ଷରୁ ଏକ ସକାରାତ୍ମକ ପ୍ରସ୍ତାବ ଅଣାଯାଇଥିଲେ ଭଲ ହୋଇଥାଆନ୍ତା ବୋଲି ସେ ମତ ରଖିଛନ୍ତି। ଏଥିସହ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମହିଳା ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇବା ଉପରେ ପିନାକୀ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ବିଜେଡିର ଏହି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

## ସ୍କୁଲରେ ଆଧାର...

ଯେଉଁମାନେ ସମସ୍ୟା ଭୋଗିଛନ୍ତି ସେପରି ହୋଇ ନ ଥା'ନ୍ତା। ସେହିପରି ଭୁବନେଶ୍ୱରର ଜଣେ ଅଭିଭାବକ ଅହଲ୍ୟା ନନ୍ଦଙ୍କ କହିବାନୁସାରେ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଅଧା ହେଲାଣି। କୌଣସି ଜରୁରୀ କାରଣରୁ ଯଦି କେହି ପିଲା ବିଦ୍ୟାଳୟ ପରିବର୍ତ୍ତନ କରି ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇବାକୁ ଚାହୁଁଛନ୍ତି କିମ୍ବା ନୂଆ କରି ନାମ ଲେଖାଉଛନ୍ତି ସେଠାରେ ଆଧାର କାର୍ଡ ବାଧ୍ୟତାମୂଳକ ହେବା ଉଚିତ୍ ନୁହେଁ। ଆଧାରକାର୍ଡକୁ ଅପେକ୍ଷା କଲେ ଅର୍ଦ୍ଧବାର୍ଷିକ ପରୀକ୍ଷା ମଧ୍ୟ ସମାପ୍ତ ହୋଇଯିବ। ତେଣୁ ଆଧାର କାର୍ଡକୁ ବାଧ୍ୟତାମୂଳକ ନ କରି ପ୍ରଥମେ ନାମ ଲେଖାଇବା ବର୍ତ୍ତମାନ ସହଜ ହୋଇପାରିବ। ଅଭିଭାବକମାନେ ମଧ୍ୟ ନାମଲେଖା ପରେ ଏହାକୁ ଗୁରୁତର ଭାବେ ନେବା ସହ ତୁରନ୍ତ ଆଧାରକାର୍ଡ ଦାଖଲ କରିଦେବା ଉଚିତ। ଗଣଶିକ୍ଷା ସଚିବଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ ବୋଲି ଅହଲ୍ୟା କହିଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରୟତ୍ନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଘର ସାଜସଜ୍ଜାରେ ମଜିରହିପାରନ୍ତି।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତା ବଢ଼ିଯାଇପାରେ।

**ମିଥୁନ**
ପଡ଼ୋଶୀ/ଆତ୍ମୀୟସ୍ୱଜନ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। ନିକଟ ସମ୍ପର୍କୀୟଙ୍କୁ ସନ୍ଦେହ କରି କୌଣସି କାମ କରିପାରିବେ ନାହିଁ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ**
ସ୍ୱାସ୍ଥ୍ୟ ପରିସ୍ଥିତିରେ କୌଣସି ଉନ୍ନତି ଦେଖାଯାଇ ନ ପାରେ। କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଧାର୍ମିକ ସ୍ଥଳ ପରିଦର୍ଶନ କରିପାରନ୍ତି।

**ସିଂହ**
ଆଜିର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**କନ୍ୟା**
ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା**
ବିଭିନ୍ନ ଅସୁବିଧା ଲାଗିରହିଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବିଛା**
ସ୍ୱାସ୍ଥ୍ୟ ବିଶେଷ ଭଲ ନ ରହିବା କାରଣରୁ ମନଟା କାହିଁକି କେମିତି କେମିତି ଲାଗିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପ୍ରତିଯୋଗିତାରେ ସଫଳତା ପାଇବା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର**
ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଆଜିର ସନ୍ଧ୍ୟା ସମୟରେ ନିକଟ ସମ୍ପର୍କୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି।

**କୁମ୍ଭ**
ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ**
ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ନବମୀ ବୁଧବାର, ଅଗଷ୍ଟ ୯ ତାରିଖ, ଅଗଷ୍ଟକ୍ରାନ୍ତି ଦିବସ, ଭାରତଛାଡ଼ ଦିବସ, ନାଗାସାକି ଦିବସ, ବିଶ୍ୱଜନଜାତି ଦିବସ, ରାଶିନକ୍ଷତ୍ର-କୃତ୍ତିକା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୮ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା ଏବଂ ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ମିଳିବ ପୁନଃ ନିଯୁକ୍ତି

ଭୁବନେଶ୍ୱର,୮।୮(ଅନୁରାଧା ମହାରଣା): ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳିବ ପୁନଃ ନିଯୁକ୍ତି ସୁଯୋଗ। ୬୫ ବର୍ଷରୁ କମ୍ ବୟସ ଏବଂ ଶାରୀରିକ ଭାବେ ସୁସ୍ଥ ଥିବା କୌଣସି ଅବସରପ୍ରାପ୍ତ କର୍ମଚାରୀ ପୁନଃନିଯୁକ୍ତି ପାଇଁ ଇଚ୍ଛୁକ ଥିଲେ ଏଥିପାଇଁ ଆବେଦନ କରିପାରିବେ। ରାଜ୍ୟର ୫ଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଖାଲି ପଡ଼ିଥିବା ଜୁନିୟର ଆସିଷ୍ଟାଣ୍ଟ ପଦବୀରେ ଏହି ନିଯୁକ୍ତି ଦିଆଯିବ। ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱର, ଜୟପୁରରେ ୨ଟି ଲେଖାଏ ଏବଂ ବାଲେଶ୍ୱରରେ ଗୋଟିଏ ପଦବୀ ରହିଥିବା ସୂଚନା ମିଳିଛି। ବିଭାଗୀୟ ୱେବସାଇଟରେ ଲଗ୍ ଇନ୍ କରି ଆବେଦନ କରି ଅଧିକ ତଥ୍ୟ ପାଇପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧରୁ ମୃତ୍ୟୁ

**ହୋଟେଲରୁ ଶୁଭଲକ୍ଷ୍ମୀଙ୍କ ମୃତଦେହ ମିଳିବା ଘଟଣା**

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ମଙ୍ଗଳବାର ୪ଦିନ ବିତିଛି। ହେଲେ ଏହି ମାମଲାକୁ ନେଇ ରହସ୍ୟ ଲାଗିରହିଛି। ଏଭଳି ସ୍ଥିତିରେ ମଙ୍ଗଳବାର ଶୁଭଲକ୍ଷ୍ମୀଙ୍କ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଶ୍ୱାସରୁଦ୍ଧରୁ ତାଙ୍କର ମୃତ୍ୟୁ ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ଏହି ରିପୋର୍ଟରୁ ଏକପ୍ରକାର ସ୍ପଷ୍ଟ ହେଉଥିବାବେଳେ ଅନ୍ୟ ଏକ ଦିଗ ପ୍ରତି ପ୍ରଶ୍ନ ଉଠିଛି। ନିଶାସକ୍ତ କିମ୍ବା ବିଷକ୍ରିୟାରେ ଶୁଭଲକ୍ଷ୍ମୀଙ୍କର ମୃତ୍ୟୁ ଘଟିଥିବା ମଧ୍ୟ ସନ୍ଦେହ କରାଯାଉଛି। ତେଣୁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ମୃତଦେହର ଭିସେରା ପଠାଯାଇଛି। ଅଧିକ ପ୍ରମାଣ ପାଇଁ ଏହି ରିପୋର୍ଟକୁ ଅପେକ୍ଷା କରାଯାଇଛି।

ଏପଟେ ପୋଲିସ ହୋଟେଲ ମ୍ୟାନେଜର, ପୁରୁଷବନ୍ଧୁ ସଞ୍ଜୟ ଓ ଶୁଭଲକ୍ଷ୍ମୀଙ୍କ ମା' ବାପାଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି। ଅପରପକ୍ଷରେ ଗତ ଅଗଷ୍ଟ ୨ରେ ଶୁଭଲକ୍ଷ୍ମୀ ଭୁବନେଶ୍ୱରକୁ ଆସିଥିଲେ ବୋଲି ତାଙ୍କ ବାପା କହିଥିଲେ। ହେଲେ ପୁରୁଷବନ୍ଧୁ ସଞ୍ଜୟ ଭିନ୍ନ କଥା କହୁଛନ୍ତି। ଜୁଲାଇ ୩୦ରୁ ଶୁଭଲକ୍ଷ୍ମୀ ଭୁବନେଶ୍ୱର ଆସିଥିଲେ ବୋଲି ସଞ୍ଜୟ କହୁଛନ୍ତି। ତେଣୁ ଶୁଭଲକ୍ଷ୍ମୀଙ୍କ ରହଣୀକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଉ ଜଣେ ବ୍ୟକ୍ତିଙ୍କ ସହ ଶୁଭଲକ୍ଷ୍ମୀ ଥିଲେ ବୋଲି ପୁରୁଷବନ୍ଧୁ କହିଛନ୍ତି। ଶୁଭଲକ୍ଷ୍ମୀ ଯଦି ଆତ୍ମହତ୍ୟା କରିଛନ୍ତି, ତେବେ କାହିଁକି ସେ ଏଭଳି ନିଷ୍ପତ୍ତି ନେଲେ ବୋଲି ପ୍ରଶ୍ନ ଉଠିଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏପରିକି ସିଡିଆର୍ ମଧ୍ୟ ଯାଞ୍ଚ କରୁଛି ପୋଲିସ। ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ଭୁବନେଶ୍ୱର କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ରେ ପଢୁଥିଲେ। ସେ ଶୁକ୍ରବାର ଭୋର୍ ୩ଟା ୨୦ରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍‌ରେ ରହିଥିଲେ। କିନ୍ତୁ ଶନିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଭଲକ୍ଷ୍ମୀ ରୁମ୍ ବାହାରକୁ ନ ଆସିବାରୁ ସନ୍ଦେହ ପ୍ରକାଶ ପାଇଥିଲା। ହୋଟେଲ ପକ୍ଷରୁ ଉକ୍ତ ରୁମ୍‌ର କବାଟ ଭଙ୍ଗାଯିବା ପରେ ଶୁଭଲକ୍ଷ୍ମୀ ଓଢଣି ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା ବୋଲି ପୋଲିସକୁ କୁହାଯାଇଥିଲା।

# ୭ ଜିଲ୍ଲାରେ ବର୍ଷାଭାବ, ସ୍ଥିତି ସାଂଘାତିକ

- ୨୦ ଯାଏ ବର୍ଷା ନାହିଁ
- ବଢ଼ିଲା ଚାଷୀଙ୍କ ଚିନ୍ତା

ଭୁବନେଶ୍ୱର,୮।୮(ଅନିଲ ଦାସ)

ଗତ ଜୁଲାଇ ୩୦ ତାରିଖ ଲଘୁଚାପ ବର୍ଷାରେ କିଛି ଜିଲାରେ ବର୍ଷା ହୋଇଥିଲେ ମଧ୍ୟ ରାଜ୍ୟର ଅନେକ ଜିଲାର ଚାଷୀ ଏବେ ବର୍ଷାକୁ ଚାତକ ପରି ଚାହିଁ ରହିଛନ୍ତି। ଅଗଷ୍ଟ ଅଧାମାସ ବିତିବାକୁ ବସିଲାଣି, ବିଲରେ ଧାନତଳି ରୁଆ ହୋଇପାରିଲା ନାହିଁ। ବର୍ଷ ସାରା ଖୋରାକ ଯୋଗାଡ଼ ହେବ କି ନାହିଁ ସେହି ଆଶଙ୍କା ଏବେ ଚାଷୀ ମନକୁ ଆନ୍ଦୋଳିତ କରୁଛି। ମହାନଦୀ ଓ ଶାଖାନଦୀରେ ପାଣି ଉଚ୍ଛୁଳୁ ଥିବାବେଳେ ଏହାର ଆଖପାଖ ବିଲ ଶୁଖିଲା ପଡ଼ିଛି।

ଆସନ୍ତା ୨୦ ତାରିଖ ଯାଏ ରାଜ୍ୟକୁ କୌଣସି ବଡ଼ ବର୍ଷାର ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଚାଷ କେମିତି ହେବ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ପାଣିପାଗ ବିଭାଗ ହିସାବ କହୁଛି, ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ଜୁନ୍ ପହିଲାରୁ ଅଗଷ୍ଟ ୮ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୬୫୬.୮ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୬୪୪.୯ ମିଲିମିଟର ବର୍ଷା ହୋଇଛି। ବାସ୍ତବ କ୍ଷେତ୍ରରେ ରାଜ୍ୟର ଅନେକ ବ୍ଲକ ଏବେ ଭୟଙ୍କର ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି।

ରାଜ୍ୟର ୭ ଜିଲାର ଚାଷୀ ଏବେ ପାଣି ପାଇଁ ଉହଲବିକଳ ହେଉଛନ୍ତି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୭ ଜିଲାରେ ଏବେ ବି ନିଅଣ୍ଟିଆ ବର୍ଷା ହୋଇଛି। ନବରଙ୍ଗପୁର ଜିଲାରେ ଜୁନ୍ ପହିଲାରୁ ଅଗଷ୍ଟ ୮ ମଧ୍ୟରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୩୧, ଗଞ୍ଜାମରେ ୩୨, କଳାହାଣ୍ଡିରେ ୨୭, ପୁରୀରେ ୨୪, ଯାଜପୁରରେ ୨୧ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ନବରଙ୍ଗପୁର ଜିଲାର ୧୦ ବ୍ଲକ, ଗଞ୍ଜାମର ୨୨ ବ୍ଲକ ଏବଂ କେନ୍ଦ୍ରାପଡ଼ାର ୯ ବ୍ଲକ ଗଭୀର ଭାବେ ପ୍ରଭାବିତ ହୋଇଛି। କେନାଲ ପାଣିରେ କିଛି ବ୍ଲକର ଅଳ୍ପ କେତେକ ଜମିରେ ଚାଷ କାର୍ଯ୍ୟ ହେଉଥିବା ବେଳେ ଅଧିକାଂଶ ବ୍ଲକରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲାର ଗରଦପୁର, ମହାକାଳପଡ଼ା, ମାର୍ଶାଘାଇ ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ନବରଙ୍ଗପୁର ବ୍ଲକର ପାପଡ଼ାହାଣ୍ଡି, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ତେନ୍ତୁଳିଖୁଣ୍ଟି ଏବଂ ଗଞ୍ଜାମ ଜିଲାର ୭ରୁ ୮ଟି ବ୍ଲକରେ ବର୍ଷାଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଟେ ବର୍ଷା ଦାଉ ସାଜିଥିବା ବେଳେ ଜଳସେଚନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ବ୍ଲକରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟିହୋଇଛି। ରାଜ୍ୟରେ ମୋଟ ୩୦ ପ୍ରତିଶତ ଚାଷ ଜମିକୁ ଜଳସେଚନ କରାଯାଇଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଚାଷୀ ବାବୁଲି ଲେଙ୍କା କହିଛନ୍ତି, ଭଗବାନ ଆମ ଉପରେ ଦାଉ ସାଧିଛନ୍ତି। ଅନ୍ୟ ଜିଲାରେ ବର୍ଷା ହେଉଥିବା ବେଳେ ଆମ ଜିଲାରେ ବର୍ଷା ନାହିଁ। ଚାଷ ପାଇଁ କେନାଲ ପାଣି ମଧ୍ୟ ନାହିଁ। ନଦୀରେ ପାଣି ଚାଲିଯାଉଛି। ଜମିରେ ମୁନ୍ଦାଏ ପାଣି ନାହିଁ। ନଦୀରେ ଯଦି କଲଭର୍ଟ କିମ୍ବା ସାଇଫନ ଭଳି କିଛି ବ୍ୟବସ୍ଥା କରାଯାଇଥାଆନ୍ତା ତେବେ ଜମିରେ ପାଣି ମାଡ଼ି ଚାଷ ହୋଇଥାଆନ୍ତା। ଚଳିତ ବର୍ଷ ଧାନ ହେବ କି ନାହିଁ ତାହା କହିହେବ ନାହିଁ। ସମୟ ଗଡ଼ିଗଲାଣି। ତଳି ନାଲି ପଡ଼ି ଆସିଲାଣି। ଭଗବାନଙ୍କୁ ଭରସା କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ।

ଅନ୍ୟପକ୍ଷରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟର କେତେକ ଜିଲାରେ ଅନେକ କ୍ଷୟକ୍ଷତି ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ ପ୍ରାଥମିକ ଆକଳନ ଅନୁଯାୟୀ, ରାଜ୍ୟର ୨୪ ଜିଲାର ୨୫୩ ବ୍ଲକର ୧୧୯୭୩ ଗାଁ ଓ ୨୬ଟି ପୌରାଞ୍ଚଳର ୧୦୧ଟି ୱାର୍ଡର ୬ ଲକ୍ଷ ୨୪ ହଜାର ୫୬୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବର୍ଷା ଓ ବନ୍ୟା ଯୋଗୁ ୨୮୯୩ କଚାଘର ଭାଙ୍ଗି ଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି।

# ୬ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ହୀରାକୁଦର ୧୪ ଗେଟ୍ ବନ୍ଦ ହେଲା**

ସମ୍ବଲପୁର,୮।୮(ଶୁଭାଶିଷ ପାଢୀ)

ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍ ମଙ୍ଗଳବାର ବନ୍ଦ କରି ଦିଆଯାଇଛି। ଫଳରେ ବାମ ପାର୍ଶ୍ୱର ୨ ଓ ଡାହାଣ ପାଖର ୪ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ହ୍ରାସ ପାଇଥିବାରୁ ବନ୍ଧ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରରେ ଜଳସ୍ତର ୬୧୭.୧୭ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୫ ହଜାର ୨୩୪ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ସ୍ପିଲ୍‌ୱେ, ଚାଷ, ଶିଳ୍ପ, କଳକାରଖାନାକୁ ମୋଟ ୧ ଲକ୍ଷ ୩୨ ହଜାର ୨୯୮ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡରେ ମଧ୍ୟ ଜଳ ପ୍ରବାହିତ ପରିମାଣ କମିଯାଇଛି। ପର୍ଥଲାରେ ୩୮ ହଜାର ୪୫୨, ଖଇରମାଲରେ ୪ ଲକ୍ଷ ୩୦ ହଜାର, ବରମୁଲାରେ ୪ ଲକ୍ଷ ୪୦ ହଜାର, ମୁଣ୍ଡୁଳିରେ ୪ ଲକ୍ଷ ୬୯ ହଜାର ୨୨୧ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଉପର ଓ ତଳମୁଣ୍ଡରେ ବର୍ଷା ପରିମାଣ କମିଛି। ତେଣୁ ଏବେ ବନ୍ୟା ପରିସ୍ଥିତି ଉପୁଜିବାର ଭୟ ନାହିଁ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଜାଲ୍ ସାର୍ଟିଫିକେଟରେ ଚାକିରି: ଶିକ୍ଷୟିତ୍ରୀ ନିଲମ୍ବିତ

ବାସୁଦେବପୁର, ୮।୮(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ମଳିକାଦେଇପୁର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ରେବତୀ ଜେନା ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଯାଞ୍ଚ ବେଳେ ଧରାପଡ଼ିଛନ୍ତି। ଏଥିପାଇଁ ମଙ୍ଗଳବାର ବାସୁଦେବପୁର ବିଇଓ ଜଗବନ୍ଧୁ ସାହୁ ଚିଠି ନଂ. ୪୧୩୬/୮।୮।୨୩ରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେ ୨୦୦୫ରେ ଶିକ୍ଷାସହାୟକ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୧୧ରେ ନିୟମିତ ହୋଇଥିଲେ। ବନ୍ତ ବ୍ଲକରୁ ବାସୁଦେବପୁର ବ୍ଲକକୁ ବଦଳି ହୋଇ ଆସିବା ପରେ କରଞ୍ଜଆଡ଼ିଆ ମଳିକାଦେଇପୁର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କର ବିଇଡି ସାର୍ଟିଫିକେଟ୍ ନକଲି ଥିବା ଜଣାପଡ଼ିବା ପରେ ନିଲମ୍ବନ କରାଯାଇଥିବା ବିଇଓ ସାହୁ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ



ଗୁରୁକଲ୍ୟାଣ ମହାପାତ୍ର

ସରଳା ଦେବୀ ଜନ୍ମ ହୋଇଥିଲେ ୧୯୦୪, ଅଗଷ୍ଟ ୯ ତାରିଖରେ। ତାଙ୍କର ଜନ୍ମଦିବସରେ ୧୯୪୨ରୁ କେବଳ ଓଡ଼ିଶା ନୁହେଁ, ସାରା ଭାରତ ବର୍ଷରେ ଅଗଷ୍ଟ କ୍ରାନ୍ତି ଦିବସ ଆରମ୍ଭ ହୋଇଥିଲା। ଦୁଃଖର କଥା ଯେ ସରଳା ଦେବୀଙ୍କର ଜନ୍ମଦିବସକୁ ନେଇ କେତେକ ଓଡ଼ିଆ ଅଯଥା ବିବାଦ ମଧ୍ୟକୁ ଚାଲିଆସୁଛନ୍ତି ଓ ସରଳା ଦେବୀ ୧୯୦୪, ଅଗଷ୍ଟ ୧୯ରେ ଜନ୍ମ ହୋଇଥିଲେ ବୋଲି ଯୁକ୍ତି କରୁଛନ୍ତି।

ଗତ ୧୯୮୬ରେ ଓଡ଼ିଶା ସାହିତ୍ୟ ଏକାଡେମୀର ମୁଖପତ୍ର 'କୋଣାର୍କ'ରେ ତତ୍କାଳୀନ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ-ସଭାପତି, ପଦ୍ମଶ୍ରୀ ଉପାଧିପ୍ରାପ୍ତ ଓ ବିଶିଷ୍ଟ କବି ରାଧାମୋହନ ଗଡ଼ନାୟକ (ଏବେ ସ୍ୱର୍ଗରେ) ତାଙ୍କର ସମ୍ପାଦକୀୟରେ (ସେତେବେଳେ ସେ ମଧ୍ୟ 'କୋଣାର୍କ'ର ସମ୍ପାଦକ ଥିଲେ) ଉଲ୍ଲେଖ କରିଥିଲେ, 'ସ୍ୱନାମଧନ୍ୟା ସରଳା ଦେବୀ ଗତ ଅକ୍ଟୋବର ୪ ତାରିଖରେ ତାଙ୍କର କଟକ ତେଲେଙ୍ଗା ବଜାରସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସରଳା ଦେବୀ ୧୯୦୪, ଅଗଷ୍ଟ ୯ ରେ କଟକ ଜିଲା ବାଲିକୁଦାର କାନୁନ୍‌ଗୋ ପରିବାରରେ ଭୂମିଷ୍ଠ ହୋଇଥିଲେ। ତାଙ୍କର ୮୨ ବର୍ଷ ଜୀବନକାଳ ମଧ୍ୟରେ ସେ ଦେଶର ମୁକ୍ତିସଂଗ୍ରାମରେ ରାଜନୀତି କ୍ଷେତ୍ରରେ ଜାତୀୟ ସାହିତ୍ୟ ସାଧନାରେ ନିଜର କୃତିତ୍ୱର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଯାଇଛନ୍ତି। ଆହୁରି ମଧ୍ୟ ଓଡ଼ିଶାର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା, ଉପ-ସଭାନେତ୍ରୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସେ ସିନେଟର ଥିଲେ। ସବୁ କ୍ଷେତ୍ରରେ ସେ ଥିଲେ ଦୃଷ୍ଟି ସମ୍ମୁଖରେ'।



ପ୍ରକୃତରେ ବିଭିନ୍ନ କ୍ଷେତ୍ରରେ ସେ ପ୍ରଥମ ଓଡ଼ିଆ ମହିଳା ପଦବୀରେ ଥିଲେ ମଧ୍ୟ କେବେ ଗର୍ବ ବା ଅହଂକାର ତାଙ୍କୁ ସ୍ପର୍ଶ କରି ନ ଥିଲା। ଗଞ୍ଜାମ ଜିଲାର ହୁମା ଠାରେ ୧୯୩୦ ମେ' ୩୧ରେ ଶତାଧିକ ମହିଳାଙ୍କ ଗହଣରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଓଡ଼ିଶାର ପ୍ରଥମ ମହିଳା ସତ୍ୟାଗ୍ରହୀ ଭାବେ କାରାବରଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ପ୍ରଫେସର ଅତୁଲଚନ୍ଦ୍ର ପ୍ରଧାନ ତାଙ୍କ ରଚିତ ଇଂଲିଶ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସର ପୂର୍ବତନ ପ୍ରଫେସର ଡ. ସୋମା ଚାନ୍ଦ ତାଙ୍କର ଏକ ଇଂଲିଶ ପ୍ରବନ୍ଧରେ ଦର୍ଶାଇଛନ୍ତି ଯେ, ସେ ଓଡ଼ିଶାର ପ୍ରଥମ ମହିଳା ବିଧାୟିକା, କଟକ ସମବାୟ ବ୍ୟାଙ୍କର ପ୍ରଥମ ମହିଳା ନିର୍ଦ୍ଦେଶିକା, କରାଚୀରେ ଅନୁଷ୍ଠିତ ପ୍ରାକ୍ ସ୍ୱାଧୀନତା କାଳରେ କଂଗ୍ରେସ ଅଧିବେଶନରେ ପ୍ରଥମ ଓଡ଼ିଆ ମହିଳା ପ୍ରତିନିଧି ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ନେତୃତ୍ୱରେ ଗଠିତ ଶିକ୍ଷା କମିଶନରେ ପ୍ରଥମ ମହିଳା ସଦସ୍ୟା।

ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତପୂର୍ବ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ତଥା ପ୍ରଫେସର ଡ. ସଙ୍ଘମିତ୍ରା ମିଶ୍ର ତାଙ୍କ ସମାଲୋଚନା ଗ୍ରନ୍ଥ 'ଓଡ଼ିଆ ଗଦ୍ୟ : ବିନ୍ଦୁରୁ ବିସ୍ତାର' ପୁସ୍ତକରେ ମହାନ୍ ବିପ୍ଳବିନୀ ତଥା ସାରସ୍ୱତ ସାଧିକା ସରଳା ଦେବୀ ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି – "୧୯୨୧ ମାର୍ଚ୍ଚ ୨୩ ରେ ଗୋପବନ୍ଧୁ ଦାସଙ୍କ ନିମନ୍ତ୍ରଣ ରକ୍ଷାକରି ଗାନ୍ଧିଜୀ ଓଡ଼ିଶା ଆସିଥିଲେ... ଗାନ୍ଧିଜୀଙ୍କ ସଭାରେ ଯୋଗଦେବାକୁ ଲୋକଙ୍କୁ ଅନୁରୋଧ କରି ସେ କଟକର ଗଳିକନ୍ଦି ବୁଲୁଥିଲେ। ସରଳାଙ୍କ ଅନୁରୋଧ ରକ୍ଷାକରି ପ୍ରାୟ ୪୦ଜଣ ମହିଳା ଗାନ୍ଧିଜୀଙ୍କ ସଭାରେ ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ଭାବପୂର୍ଣ୍ଣ ଆହ୍ୱାନକୁ ଗ୍ରହଣ କରି ଅନେକ କୁଳୀନ ମହିଳାଙ୍କ ଭଳି ସରଳା ନିଜେ ପିନ୍ଧିଥିବା ସମସ୍ତ ଅଳଙ୍କାର ଗାନ୍ଧିଜୀଙ୍କ ସ୍ୱରାଜ୍ୟ ପାଣ୍ଠିକୁ ଅର୍ପଣ କରିଦେଇଥିଲେ। ତା'ପରେ ଜୀବନସାରା ସେ ଆଉ କେବେ ଅଳଙ୍କାର ପିନ୍ଧି ନ ଥିଲେ।"

୨୦୨୨ରେ ସରଳା ଦେବୀଙ୍କର ପବିତ୍ର ୧୧୯ତମ ଜନ୍ମଦିବସ ଉପଲକ୍ଷେ ଅଗଷ୍ଟ ୯ ରେ ଏକ ରାଜ୍ୟସ୍ତରୀୟ ଉତ୍ସବ ଭୁବନେଶ୍ୱରରେ ବିଶିଷ୍ଟ ସାମ୍ବାଦିକ ଓ ସୁଲେଖକ ପ୍ରଦୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ବହୁ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ଟ୍ରଷ୍ଟ ମଧ୍ୟ ଗଠନ କରାଯାଇଛି। ଏ ଲେଖକ ଓ ଆଡ୍‌ଭୋକେଟ୍ ଶକ୍ତିକାନ୍ତ ଦାସ ଏହି ଟ୍ରଷ୍ଟ ଜରିଆରେ ଚଳିତବର୍ଷ ଜୟନ୍ତୀ ଉତ୍ସବ ପାଳନ ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି।

ଭୁବନେଶ୍ୱର
ମୋ:୯୪୩୭୦୧୨୧୨୩




ନୀରବତା ଭିତରେ ହିଁ ରହିଛି ସର୍ବଶ୍ରେଷ୍ଠ ଶକ୍ତି । ... ତୁମେ ଯଦି ନୀରବ ରହି ଶୁଣ - ତେବେ ତୁମେ ଠିକ୍ ଶୁଣି ପାରିବ ଓ ଠିକ୍ ଭାବେ ବୁଝି ପାରିବ । .. ଲୋକେ ଯଦି ନୀରବ ରହିବା ପାଇଁ ଶିଖନ୍ତେ- ତେବେ ପୃଥିବୀର କେତେ ଗୋଳମାଳିଆ ପରିସ୍ଥିତି ସୁଧୁରି ଯାଆନ୍ତା ! -ଶ୍ରୀମା

# କ'ଣ ମିଳିବ

ଭାରତର ଚନ୍ଦ୍ରୟାନ-୩ ଏବେ ଚନ୍ଦ୍ର କକ୍ଷପଥରେ ଘୂରିବା ସହ ତାହାର ନିକଟତର ହେଉଛି। ଏହା ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ ବା ଯାନରେ କୌଣସି କ୍ଷତି ନ ଘଟି ଅବତରଣ କରିବ ବୋଲି ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ତରଫରୁ କୁହାଯାଇଛି। ଅବତରଣ ସଫଳ ହେଲେ ଦକ୍ଷିଣ ମେରୁରେ ପହଞ୍ଚିବାରେ ଭାରତ ପୃଥିବୀର ପ୍ରଥମ ଦେଶ ହେବ। ଏଠାରେ ଉଲ୍ଲେଖଯୋଗ୍ୟ, ଚନ୍ଦ୍ରୟାନ-୧ ଚନ୍ଦ୍ର ଚାରିପାଖରେ ଘୂରି ତଥ୍ୟ ଦେବା ସହ କ୍ରାସ୍ ଲାଣ୍ଡିଂ କରିଥିଲା ଏବଂ ଏଥିରେ ଆଂଶିକ ସଫଳତା ମିଳିଥିଲା। ଏହାପରେ ଚନ୍ଦ୍ରୟାନ-୨କୁ ବହୁ ଆଡ଼ମ୍ବରରେ ପଠାଯାଇଥିଲେ ମଧ୍ୟ ତାହା ସଫ୍ଟ ଲାଣ୍ଡିଂ କରିବାରେ ବିଫଳ ହୋଇଥିଲା।

ଚନ୍ଦ୍ରୟାନ-୩ର ଲକ୍ଷ୍ୟ ହାସଲ ସମୟ ପାଖେଇ ଆସୁଥିବାବେଳେ ରୁଷିଆ ଅଗଷ୍ଟ ୧୧ରେ ତାହାର ଲୁନା-୨୫ ଲ୍ୟାଣ୍ଡରକୁ ଦକ୍ଷିଣ ମେରୁକୁ ପଠାଇବ ବୋଲି ଘୋଷଣା କରିଛି। ପୂର୍ବରୁ ୧୯୭୬ରେ ଶେଷଥର ଲୁନା-୨୪ ଚନ୍ଦ୍ରରୁ ମାଟି ସଂଗ୍ରହ କରି ଆଣିବା ପରେ ସୋଭିଏତ୍ ତା' ଚନ୍ଦ୍ର ମିଶନ ବନ୍ଦ ରଖିଥିଲା। ତାହାର ପାଖାପାଖି ୫୦ ବର୍ଷ ପରେ ପୁନର୍ବାର ଚନ୍ଦ୍ର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଚନ୍ଦ୍ରୟାନ-୩ ଅବତରଣ କରିବା ପୂର୍ବରୁ କିମ୍ବା ପରେ ଲୁନା-୨୫ ଲ୍ୟାଣ୍ଡ କରିବ ଓ ଉଭୟ ଯାନର ପୃଥକ୍ ଲ୍ୟାଣ୍ଡିଂ ସ୍ଥଳ ରହିଥିବାରୁ କୌଣସି ବାଧା ଉପୁଜିବ ନାହିଁ ବୋଲି ରୁଷୀୟ ମହାକାଶ ସଂସ୍ଥା ରସ୍‌କସ୍‌ମସ୍ କହିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଯାନ ଅବତରଣ କରିବାରେ କେଉଁ ଦେଶ ପୃଥିବୀରେ ପ୍ରଥମ ହେଉଛି, ତାହା ଅଗଷ୍ଟ ୨୩ରେ ସ୍ପଷ୍ଟ ହୋଇଯିବ।

ସୋଭିଏତ୍ ଯୁଗର ଅବସାନ ପରେ ଆଧୁନିକ ରୁଷିଆ ଏବେ ମହାକାଶ ଦୌଡ଼ରେ ଆମେରିକା ଓ ଚାଇନା ପଛରେ ରହିଯାଇଥିବାରୁ ତା' କାର୍ଯ୍ୟକ୍ରମକୁ ଜୋରଦାର କରି ଭାରତ ସହିତ ପ୍ରତିଯୋଗିତା କଲାଭଳି ମନେହେଉଛି। କେତେ ବଡ଼ ଦେଶ କେଉଁ ସ୍ତରକୁ ଖସି ଆସିଲା ଦେଖି ମନରେ ଦୁଃଖ ସୃଷ୍ଟି ହେଉଛି। ଚଳିତବର୍ଷ ଜାପାନ, ଦକ୍ଷିଣ କୋରିଆ, ସଂଯୁକ୍ତ ଆରବ ସଂଘ ଏବଂ ଆମେରିକା ସେମାନଙ୍କ ଚନ୍ଦ୍ର ଅଭିଯାନ ଯୋଜନା ରଖିଛନ୍ତି। ଏବେ ସୁଦ୍ଧା ୧୧ଟି ଦେଶ ଚନ୍ଦ୍ରକୁ ଯାନ ପଠାଇବାରେ ସକ୍ଷମ ହୋଇପାରିଛନ୍ତି। ଆମେରିକା ୧୯୬୯ରେ ଚନ୍ଦ୍ରରେ ପ୍ରଥମେ ମଣିଷ ପହଞ୍ଚାଇ ଥିଲା ଓ ରୁଷିଆ ଏଥିପାଇଁ ବହୁ ପ୍ରୟାସ କରି ବିଫଳ ହୋଇଥିଲା। ତେବେ ୭୦ ଦଶକରୁ ଉଭୟ ଆମେରିକା ଓ ରୁଷିଆ ଅତ୍ୟଧିକ ଖର୍ଚ୍ଚ ଯୋଗୁ ସେମାନଙ୍କ ଚନ୍ଦ୍ର ଅଭିଯାନକୁ ବନ୍ଦ କରିଦେଇଥିଲେ। ସେବେଠାରୁ ୫୦ ବର୍ଷ ହେଲା ଚନ୍ଦ୍ରକୁ ମଣିଷ ପଠାଇବାର ଆଗ୍ରହ ଦେଖାଯାଇ ନାହିଁ। ଏବେ ପୁନର୍ବାର ଚନ୍ଦ୍ରକୁ ମଣିଷ ପଠାଯାଇ ବସତି ସ୍ଥାପନ କରିବା ସକାଶେ ଦକ୍ଷିଣ ମେରୁରେ ସ୍ଥିତି ପରଖିବା ଲାଗି ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ଚନ୍ଦ୍ରରେ ଯଦି ମଣିଷ ଘର କରି ରହେ, ତେବେ ଏହା ପୃଥିବୀରେ କି ପରିବର୍ତ୍ତନ ଆଣିବ ତାହା ବୁଝାପଡୁନାହିଁ। ପୃଥିବୀର ମେରୁ ଅଞ୍ଚଳରେ ପ୍ରତିକୂଳ ପରିସ୍ଥିତିରେ ମଣିଷ ରହିବା କଷ୍ଟକର ହେଉଥିବାବେଳେ ଜୀବ ପାଇଁ କୌଣସି ଅନୁକୂଳ ପରବେଶ ନ ଥିବା ଚନ୍ଦ୍ରରେ ମଣିଷ ବସତି ସ୍ଥାପନ କରିବା ଅସମ୍ଭବ ମନେହୁଏ। ଅନ୍ୟପକ୍ଷରେ ଚନ୍ଦ୍ରରେ ଥିବା ପ୍ରଚୁର ଶକ୍ତି ସମ୍ପନ୍ନ ଧାତବ ହିଲିୟମ-୩ ଉପରେ ଚାଇନା ଓ ଆମେରିକା ଆଖି ପକାଇଛନ୍ତି। କୁହାଯାଇପାରେ, ସେଠାରେ ମାଇନିଂ ପଦ୍ଧତିରେ ଏହି ଧାତବ ଆଣିବା ଅତ୍ୟନ୍ତ ବ୍ୟୟବହୁଳ ଓ କଠିନ ବ୍ୟାପାର। ତେବେ ଏହିସବୁ କାର୍ଯ୍ୟକ୍ରମ ପଛର ବାସ୍ତବ ଲାଭ କ୍ଷତିକୁ ହିସାବ କଲେ ଏଥିରୁ ମାନବ ଜାତିକୁ ଅତୀତରେ ମିଳିଛି କ'ଣ କିମ୍ବା ଆଗକୁ ମିଳିବ କ'ଣ ତାହା ସ୍ପଷ୍ଟ ହେଉନି। ଏବେ ଚନ୍ଦ୍ର ବିଜୟ ଲକ୍ଷ୍ୟରେ ସାମିଲ ହେଉଥିବା ଦେଶଗୁଡ଼ିକୁ ଅନେକ ବିଲିୟନ ଡଲାର ବ୍ୟୟ କରିବାକୁ ପଡୁଛି। ବିକଶିତ ଅର୍ଥ ବ୍ୟବସ୍ଥା ଥିବା ଦେଶଗୁଡ଼ିକ ଏହା କରିବାକୁ ସମର୍ଥ। କିନ୍ତୁ ସମ୍ପ୍ରତି ବିଶ୍ୱ ଖାଦ୍ୟାଭାବ, ଜଳବାୟୁ ସଙ୍କଟ ଦେଇ ଗତି କରୁଥିବା ବେଳେ ଏହା ଉପରେ ପ୍ରଶ୍ନ ଉଠିବା ବାସ୍ତବିକ। ବିଶେଷକରି ଭାରତ ଭଳି ଦେଶ ପାଇଁ ଏଭଳି ଗବେଷଣାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ଗରିବ ଲୋକଙ୍କୁ କୌଣସି ଲାଭ ପହଞ୍ଚିବ ନାହିଁ। ଏହା ସ୍ୱୀକାର କରିବାକୁ ହେବ ଯେ,ମୌଳିକ ବୈଜ୍ଞାନିକ ଅନୁସନ୍ଧାନ କରୁଥିବା ଦେଶଗୁଡ଼ିକ ଅନେକ ଦିଗରେ ସଫଳତା ଲାଭ କରିଆସିଛନ୍ତି। ଏକବିଂଶ ଶତାବ୍ଦୀରେ ସେହି ଚିନ୍ତାଧାରାର ପରିବର୍ତ୍ତନ ଘଟିଛି। ମଣିଷର ବ୍ୟବହାର ପାଇଁ ପ୍ରସ୍ତୁତ ହେଉଥିବା ଔଷଧ, ଯାନବାହନ ଏବଂ ଶିକ୍ଷା ଭଳି ଅନେକ ବିଷୟରେ ଗବେଷଣା କରାଯାଇ ପାଟେଣ୍ଟ ନିଆଯାଇପାରନ୍ତା। ମହାକାଶ ପରିବର୍ତ୍ତେ ଭାରତ ଭଳି ଦେଶ ତାହାର ଲମ୍ବା ଉପକୂଳରେ ଥିବା ସମୁଦ୍ରକୁ ଉଚିତ ପଦ୍ଧତିରେ ଯଦି ବୈଜ୍ଞାନିକ ଅନୁସନ୍ଧାନ କରିପାରନ୍ତା, ତେବେ ସେଥିରୁ ନାଗରିକଙ୍କ ପାଇଁ ତତ୍କ୍ଷଣାତ ଅନେକ ଲାଭ ହାସଲ କରିହୁଅନ୍ତା। ଚନ୍ଦ୍ରରେ ପହଞ୍ଚିବା ପୂର୍ବରୁ ବଙ୍ଗୋପସାଗରର ନ୍ୟାୟିକ କ୍ଷେତ୍ର ଏବଂ ଭାରତ ମହାସାଗରର ଅନୁସନ୍ଧାନ ଓ ଗବେଷଣା କରି ଲାଭ ଉଠାଇବା ଅଧିକ ଯୁକ୍ତିଯୁକ୍ତ ହୋଇପାରନ୍ତା।

**ମହାକାଶ ପରିବର୍ତ୍ତେ ଭାରତ ଭଳି ଦେଶ ତାହାର ଲମ୍ବା ଉପକୂଳରେ ଥିବା ସମୁଦ୍ରକୁ ଉଚିତ ପଦ୍ଧତିରେ ଯଦି ବୈଜ୍ଞାନିକ ଅନୁସନ୍ଧାନ କରିପାରନ୍ତା, ତେବେ ସେଥିରୁ ନାଗରିକଙ୍କ ପାଇଁ ତତ୍କ୍ଷଣାତ ଅନେକ ଲାଭ ହାସଲ କରିହୁଅନ୍ତା।**

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | 1 | | | | 2 | |
| | | | | | | 1 | | 4 |
| | 2 | 5 | | | 6 | 3 | | |
| | | | 6 | 1 | | | | 7 |
| | | | | | 2 | 5 | | |
| 3 | | | | | | | | |
| | 4 | 8 | | 6 | | | | |
| | | | 5 | 9 | 7 | 6 | | |
| | 9 | | 4 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 9 | 3 | 5 | 8 | 4 | 2 |
| 4 | 3 | 9 | 8 | 7 | 2 | 6 | 5 | 1 |
| 5 | 8 | 2 | 4 | 6 | 1 | 9 | 7 | 3 |
| 9 | 1 | 3 | 2 | 4 | 7 | 5 | 8 | 6 |
| 7 | 2 | 5 | 3 | 8 | 6 | 1 | 9 | 4 |
| 8 | 6 | 4 | 1 | 5 | 9 | 3 | 2 | 7 |
| 6 | 9 | 8 | 7 | 1 | 4 | 2 | 3 | 5 |
| 2 | 5 | 7 | 6 | 9 | 3 | 4 | 1 | 8 |
| 3 | 4 | 1 | 5 | 2 | 8 | 7 | 6 | 9 |

ଗତକାଲିର ଉତ୍ତର



# ଶିକ୍ଷା ବ୍ୟବସ୍ଥାରେ 'ବାଇଚଢ଼େଇ ସାର୍ଟିଫିକେଟ'

ଡ. ଅନ୍ତର୍ଜିତା ନାୟକ

ବାଇଚଢ଼େଇ ମୋ ପିଲାଦିନର ଅତି ପ୍ରିୟ ପକ୍ଷୀ ଥିଲା। ଆଉ ଏହି ବାଇଚଢ଼େଇ ଗୀତଥିଲା ମୋ ଆଈର ଅତି ପ୍ରିୟଗୀତ। ମୁଁ ଯେତେବେଳେ ବି ମାମୁଘରକୁ ଯାଏ, ମୋ ଆଈ ମୋତେ ଏଇ ଗୀତଗାଇ ଖୁଆଇ ଦିଏ ଓ ଶୁଆଇ ଦିଏ। ମୋର ଆଜି ବି ସେଇ ସବୁକଥା ଝାପ୍ସା ମନେଅଛି। ବାଇଚଢ଼େଇ ଓ ସେଇ ବାଇଚଢ଼େଇ ଗୀତ ଜୀବନର ଅଲିଭାସ୍ମୃତି ବହିର ଏକ ପ୍ରିୟପୃଷ୍ଠା। ଆପଣମାନେ ବାଇଚଢ଼େଇକୁ ଦେଖିଛନ୍ତି କି? ଏବେ ତ ସେ ଆଉ ଦେଖା ବି ଯାଉନାହିଁ। ଉଚ୍ଚ ଅଟ୍ଟାଳିକା, ଧୂଆଁଳିଆ ପରିବେଶ, ଘେଁ-ଘାଁ, ପେଁ-ପାଁ ଶବ୍ଦରେ ନିଜ ଡେଣାଝାଡ଼ି ନ ପାରି, ଶ୍ୱାସରୁଦ୍ଧ ହୋଇ, ବସିବାକୁ କି ବସାବାନ୍ଧିବାକୁ ଜାଗାଟିଏ ନ ପାଇ ବୋଧହୁଏ ସିଏ ଆମକୁ ଓ ଆମ ସହରକୁ ଛାଡ଼ିପଳାଇଛି। ବାଇଚଢ଼େଇ ବାୟାବସା ଆପଣ ଦେଖିଛନ୍ତି ? ଏହି ବାୟାବସାକୁ ନେଇ ଏକ ସାମାଜିକ ପ୍ରଥା ଅଛି, ଯାହାକୁ ବିଶ୍ୱାସ କରିବା ବା ଅବିଶ୍ୱାସ କରିବା ଆପଣଙ୍କ ଉପରେ। ହେଲେ ସେଇ ଛୋଟ ବାଇଚଢ଼େଇ ଓ ତା'ର ବାୟାବସା ଆମ ଶିକ୍ଷାଦାନ ଓ ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ଯାହା ଉପରେ ଏହି ଆଲେଖ୍ୟଟି ଆଧାରିତ।

ପିଲାଦିନେ ଖରାଛୁଟିରେ ମୁଁ ମୋ ମାମୁଘରକୁ ଯାଇଥାଏ। ଖରାଦିନ ରାତିରେ ଦିନେ ବହୁତ ଜୋରରେ ଝଡ଼ ଆସିଲା। ତା'ପରଦିନ, ବାଡ଼ିରେ ଥିବା ଆମ୍ବଗଛମୂଳକୁ ମୁଁ ଧାଇଁଲି, ମିଠାମିଠା ଆମ୍ବ ଗୋଟେଇବାକୁ। ଆମ୍ବ ଗୋଟାଉ ଗୋଟାଉ, ଗୋଟେ ବାଇଚଢ଼େଇବସା ତଳେ ପଡ଼ିଥିବାର ଦେଖିଲି। ଗୋଟେଇ ଥିବା ଆମ୍ବତକ ତଳେ ରଖିଦେଇ, ସେଇ ବାୟାବସାକୁ ଧରି ଆଈପାଖକୁ ଦୌଡ଼ିଲି। 'ଦେଖ ଦେଖ ଆଈ ମୁଁ କ'ଣ ପାଇଛି।' ଆଈ ମୋ ହାତରେ ଥିବା ବାଇଚଢ଼େଇ ବସାକୁ ଦେଖି ଖୁସିହେବା ବଦଳରେ, ତାକୁ ମୋ ହାତରୁ ଛଡ଼େଇ ନେଇଗଲା ଓ କହିଲା, ''ଛୋଟପିଲାମାନେ ଏଇବସାକୁ ଧରିଲେ ପାଳିଜ୍ୱର ହେବ। ତୁ ଆଉ କେବେ ବି ଯାକୁ ଛୁଇଁବୁନି।'' ମୁଁ ଧରିଛି ତୁ ଦେଖ। ସେତେବେଳେ କିଛି ନ ବୁଝି ମୁଁ ବଡ଼ ହଁଟିଏ ମାରି ଆଈକଥା ମାନିଗଲି, ଆଉ ପଚାରିଲି, ''ଏଇଟା କ'ଣ କାଲିରାତି ଝଡ଼ରେ ଗଛରୁ ଖସିପଡ଼ିଛି ?'' ମୋ ଆଈ କହିଲା, ନା ! ଏଇ ବସାଟି ବାଇଚଢ଼େଇ ନିଜେ ଫିଙ୍ଗିଦେଇଛି। ବାଇଚଢ଼େଇ ବସା ବନାଉଥିବା ବେଳେ ଯଦି କିଛି ଭୁଲ୍ ହୋଇଯାଏ, ତେବେ ସିଏ ସେଇ ବସାକୁ ଫିଙ୍ଗି, ନୂଆବସା ତିଆରି କରେ। ଖୁବ୍ ପରିଶ୍ରମ କରି ନିଜ ଛୋଟ ଥଣ୍ଟରେ ଘାସ, ପତ୍ର ଚିରି ବସା ତିଆରି କରେ। ପରିଶ୍ରମ କରିବାକୁ ତାକୁ ଭୟ ଲାଗେନାହିଁ। ହେଲେ ଭୁଲ୍ ତିଆରି କରିଥିବା ଘରେ ରହିବାକୁ ତାକୁ ଭଲଲାଗେ ନାହିଁ। ଯେତେଥର ଭୁଲ୍ କରିବ, ସେତେଥର ସଜାଡ଼ିବ। ଆଉ ଏମିତି ଏକ ବସା ତିଆରି କରିବ, ଯାହା ଭିତରେ ସେ ତା' ପିଲାଛୁଆଙ୍କୁ ନେଇ ଝଡ଼ବତାସରେ ବି ସୁରକ୍ଷିତ ରହିପାରିବ। ଛୋଟପକ୍ଷୀଟିଏ ହେଲେ କ'ଣ ହେବ, ତା'ର କାର୍ଯ୍ୟ ପ୍ରତି ଧୈର୍ଯ୍ୟ, ସ୍ଥିରତା, ପ୍ରତିବଦ୍ଧତା ଯୋଗୁ ସେ ନିଜ ପାଇଁ ଏକ ନିର୍ଭୁଲ୍ ବସା ତିଆରି କରିବାର କ୍ଷମତା ଓ ଦକ୍ଷତା ରଖେ। ଏହା କହି, ମୋ ଆଈ ସେଇ ବାଇଚଢ଼େଇ ବସାକୁ ବ୍ୟବହାର ହେଉ ନ ଥିବା ଏକ କୂଅକୁ ଫିଙ୍ଗିଦେଲା।



ଛୋଟପିଲାମାନେ ବାଇଚଢ଼େଇବସା ଧରିଲେ ତାଙ୍କୁ ପାଳିଜ୍ୱର ହୁଏ, ମୋ ଆଈର ଏହି କଥା ସମ୍ପୂର୍ଣ୍ଣ ମିଥ୍ୟା ହୋଇପାରେ, ହେଲେ ବାଇଚଢ଼େଇ ଓ ତା'ର ବସା ନିର୍ମାଣ କରିବାର ସାହସ, ଶକ୍ତି, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ସମ୍ପୂର୍ଣ୍ଣ ସତ୍ୟ। ହେଲେ ବାଇଚଢ଼େଇକୁ ଏତେ କଥା କିଏ ଶିଖେଇଲା? ସେ ତ ଆଉ ପାଠପଢ଼ିନି କି ଇଞ୍ଜିନିୟରିଂ କଲେଜ ଯାଇନାହିଁ, କି ପ୍ରତିଯୋଗିତାମୂଳକ ପରୀକ୍ଷା ତ ଦେଇନାହିଁ। ତେବେ ଜୀବନର ଏହି ପରୀକ୍ଷାରେ ସେ ପାସ୍ ହେଲା କିପରି ? କେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଛୋଟ ବାଇଚଢ଼େଇ ଏତେ ଯୋଗ୍ୟତା ହାସଲ କରିପାରିଲା ? ଆମ ପିଲାମାନେ ତ କାହିଁ ଏତେ ପାଠପଢ଼ି, ଏତେ ପରୀକ୍ଷା ଦେଇ, ଜୀବନସାଙ୍ଗରେ ସଂଘର୍ଷ କରୁଛନ୍ତି ଓ ତା'ପରେ ଅଧିକାଂଶ ସମୟରେ ଫେଲ୍ ହୋଇଯାଉଛନ୍ତି! ଜୀବନରେ ଛୋଟବଡ଼ ଅସୁବିଧା ଆସିଲେ, ତାକୁ ସାହସ ଓ ଧୈର୍ଯ୍ୟ ସହ ସମ୍ମୁଖୀନ ନ କରି ଜୀବନରୁ ହାର୍ ମାନିଯାଉଛନ୍ତି! ବାଇଚଢ଼େଇ ଭଳି, ପଡିକି ଉଠିବା ବଦଳରେ ସଂସାରରୁ ଚାଲିଯିବାଟା ସହଜ ମଣୁଛନ୍ତି। ରାତା-ରାତି ସଫଳ ଓ ଧନୀହେବା ପଛରେ ଆମ ପିଲାମାନେ ନିଜର କର୍ମ କରିବା ଭୁଲି ଯାଉଛନ୍ତି, କାର୍ଯ୍ୟରେ ଧୈର୍ଯ୍ୟ ଓ ପ୍ରତିବଦ୍ଧତା ହରାଉଛନ୍ତି। ଭଲ ପାଠପଢୁଥିବା, ପରୀକ୍ଷାରେ ଭଲ ନମ୍ବର ପାଉଥିବା, ଚାକିରିରେ ଭଲ ଦରମା ରୋଜଗାର କରୁଥିବା, ସମାଜରେ ମାନ ସମ୍ମାନ ସାଉଁଟୁଥିବା ମଣିଷ ବି ନିଜକୁ ଅସଫଳ ମନେକରି ଆତ୍ମହତ୍ୟା କରିଦେଉଛି। ହେଲେ ଏମିତି କାହିଁକି ? କାରଣ ମଣିଷ ବାଇଚଢ଼େଇ ଭଳି ନୁହେଁ। ନିଜ ଭୁଲ୍ ସୁଧାରି କାମକରିବା ବା କାର୍ଯ୍ୟ ପ୍ରତି ଧୈର୍ଯ୍ୟ ଓ ପ୍ରତିବଦ୍ଧତା ଲାଗି ଆଜିକାଲି ପିଲାମାନଙ୍କ ପାଖରେ ସମୟ ନାହିଁ। ସେଥିଲାଗି ଆମ ଦେଶରେ ପାଠୁଆ ବେକାରିଙ୍କ ସଂଖ୍ୟା ଅଧିକ। ଭଲ ପାଠ ପଢୁଛନ୍ତି, ପରୀକ୍ଷାରେ ଭଲ ନମ୍ବର ରଖୁଛନ୍ତି, ହେଲେ ଜୀବନ ସଂଘର୍ଷରେ ଉତ୍ତୀର୍ଣ୍ଣ ହୋଇପାରୁ ନାହାନ୍ତି। ନିଜ ଭୁଲ୍‌କୁ ସ୍ୱୀକାର କରି ତାକୁ ସୁଧାରିବା ଆମ ପିଲାମାନଙ୍କର ସମ୍ମାନ ବିରୁଦ୍ଧରେ। ହାତକୁ ନେଇଥିବା କାମକୁ ସୁଚାରୁରୂପେ ସମ୍ପାଦନ କରିବାର ଧୈର୍ଯ୍ୟ ଓ କୌଶଳ ଆମ ପିଲାମାନଙ୍କ ପାଖରେ କମିକମି ଚାଲିଛି। ଆଜିକାଲି ଭଲ କାମକରିବା ଆମ ପିଲାଙ୍କର ଲକ୍ଷ୍ୟ ନୁହଁ। ଲକ୍ଷ୍ୟହେଲା କେମିତି ଯାଇତାଇ କରି କାମ ସାରିଦେବା, ସୁଯୋଗ ପାଇଲେ ଟିକିଏ ଠକିଦେବା ଓ ଶୀଘ୍ର ଶୀଘ୍ର ସଫଳତାର ଶିଡ଼ି କେମିତି ଚଢ଼ିଯିବା। ସେଥିଲାଗି ବୋଧେ କେଉଁଠି ନବନିର୍ମିତ ବନ୍ଧ ଭୁଶୁଡ଼ିଲାଣି ତ କେଉଁଠି ଅପରେସନରେ ଗଜ୍‌କନା ପେଟ ଭିତରେ ରହିଗଲାଣି। କେଉଁଠି ମଣିଷ, ମଣିଷ ହୋଇ ରହିବାକୁ ଲାଞ୍ଚ ନେଲାଣି ତ କେତେବେଳେ କିଏ ମଣିଷଠାରୁ ମଣିଷପଣିଆ ଓ ମାନବିକତା ଆଶାରେ ଲାଞ୍ଚ ଦେଲାଣି। କର୍ମକ୍ଷେତ୍ରରେ ହେଉ ବା ଜୀବନ ସଂଘର୍ଷରେ ହେଉ, ଧୈର୍ଯ୍ୟ ଲାଗି ଆଉ ସମୟ ନାହିଁ। ହେଲେ ଆମେ ଭୁଲିଯାଉଛନ୍ତି ଯେ କାର୍ଯ୍ୟସିଦ୍ଧି ଲାଗି ଲୋଡ଼ା ପରିଶ୍ରମ, ଦୃଢ଼ତା, ଧୈର୍ଯ୍ୟ, ବିଶ୍ୱାସ ଓ ପ୍ରତିବଦ୍ଧତା।

ଛୋଟ ବାଇଚଢ଼େଇଟିର ଧୈର୍ଯ୍ୟ, କର୍ମ ପ୍ରତିବଦ୍ଧତା, ସ୍ଥିରତା, ଭୁଲ୍ ସୁଧାରିବାର କ୍ଷମତା, ବିଶାଳ ମାନବଜାତିଠାରୁ ଖୁବ ଊର୍ଦ୍ଧ୍ୱରେ। ହେଲେ ମଣିଷକୁ ଏଇ 'ବାଇଚଢ଼େଇ ପ୍ରମାଣପତ୍ର' ମିଳିବ କିପରି ? କେଉଁ ପରୀକ୍ଷା ଆମକୁ ବାଇଚଢ଼େଇ ଭଳି ଯୋଗ୍ୟ ବିବେଚିତ କରିପାରିବ ? ଆମ ଶିକ୍ଷା ବ୍ୟବସ୍ଥାରେ ଥିବା ପରୀକ୍ଷାଶୈଳୀ ବା ପରୀକ୍ଷା ପଦ୍ଧତି କ'ଣ ମଣିଷ ଭିତରେ ଥିବା ବାଇଚଢ଼େଇ ଗୁଣର ମୂଲ୍ୟାୟନ କରିପାରୁଛି ? ଆମେ ମଣିଷମାନେ ପାଠପଢ଼ି, ଯେଉଁ ପରୀକ୍ଷା ସବୁ ଦେଉଛନ୍ତି, ସେଇ ପରୀକ୍ଷା କେବଳ ମେସିନ ହେବାର ପ୍ରମାଣପତ୍ର ହିଁ ଦେଇପାରୁଛି। ମେସିନ ହେବାର ପ୍ରମାଣପତ୍ର ତ ସହଜରେ ମିଳିଯିବ, କିନ୍ତୁ ମଣିଷ ହୋଇ ଜୀବନରେ ଉତ୍ତୀର୍ଣ୍ଣ ହେବା ଲାଗି ଦରକାର 'ବାଇଚଢ଼େଇ ପ୍ରମାଣପତ୍ର', ଯାହା ବୋଧହୁଏ ଆମ ଶିକ୍ଷାଦାନ, ଶିକ୍ଷା ବ୍ୟବସ୍ଥା ଓ ପରୀକ୍ଷା ପଦ୍ଧତିର ପରିସର ବାହାରେ। ପଢୁଥିବା ପାଠ ବା ଦେଉଥିବା ପରୀକ୍ଷା ଆମକୁ ଚାକିରିଟିଏ କରି ପଇସା ରୋଜଗାର କରିବାର ପନ୍ଥା ଯୋଗାଇ ଦେଇପାରେ, କିନ୍ତୁ ବାଇଚଢ଼େଇଟିଏ ହୋଇ ଧୈର୍ଯ୍ୟ ଓ ପ୍ରତିବଦ୍ଧତାର ଜ୍ଞାନ ବା ଜ୍ଞାନର ହିସାବ ଆମ ପାଠ ଓ ଦେଉଥିବା ପରୀକ୍ଷା ବାହାରେ ରହିଗଲା ଭଳି ମନେହେଉଛି।

ମୋ: ୬୩୭୦୯୦୫୯୪୭



# ଅନୁଚିତ ଅନୁଗ୍ରହ

ଯଦୁମଣି ପାଣିଗ୍ରାହୀ

ଏ ଦୁନିଆରେ ଦୁଃସ୍ଥ, ଅସହାୟ ଓ ଅବହେଳିତ ଅବସ୍ଥାରେ ଥିବା ମଣିଷଟେ ପ୍ରତି କାହା ମନରେ ଦୟା କିମ୍ବା ଅନୁଗ୍ରହର ଭାବ ସୃଷ୍ଟି ନ ହେବ କହିଲେ। ଆଜି ଆମ ବିପର୍ଯ୍ୟୟମୁଖୀ ସାମାଜିକ ଜୀବନ ଭିତରେ ବି ଅନେକ ଲୋକ ଆଶାର ଆଲୋକ ଭଳି ସେମାନଙ୍କ ହୃଦୟ ଭିତରେ ଅନୁକମ୍ପା ଓ ଅନୁଗ୍ରହ ଭାବ ପ୍ରଦର୍ଶନର ସ୍ୱଭାବଟିକୁ ଆଜିଯାଏ ବଳବତ୍ତର ରଖିଛନ୍ତି। ସୁବିଧା ଅସୁବିଧା ଅଥବା ବିପଦ ଆପଦରେ ପଡ଼ିଥିବା ଲୋକ ସର୍ବୋପରି ସମାଜର ସକଳ ଦୁଃଖ ଦୈନ୍ୟତା ଭିତରେ ଶଢ଼ି ଶଢ଼ି ମରୁଥିବା ମଣିଷଙ୍କୁ ଦେଖିଲେ ସତରେ ଖୁବ୍ ଦୁଃଖ ଲାଗେ। ତେଣୁ ସେମାନଙ୍କ ପ୍ରତି ସାମାନ୍ୟ ଅନୁଗ୍ରହ ଓ ସମବେଦନା ପ୍ରଦର୍ଶନ କରିବାକୁ ଆମ ବିବେକ ଆମକୁ ବାଧ କରିଥାଏ। ଆଜି ନୁହେଁ ବରଂ ମଣିଷ ସୃଷ୍ଟିର ଆଦ୍ୟକାଳରୁ ଏ ଭାବ ଓ ଭାବନା ସଦାସର୍ବଦା ମଣିଷର ହୃଦୟରେ ରହିଆସିଛି। ଭୋକିଲା ଲୋକଟାକୁ ଖାଇବା ଲାଗି କିଛି ଖାଦ୍ୟପଦାର୍ଥ ଦେବାଠାରୁ ପୁଣି ବାଟଭିକାରୀକୁ କିଛି ଦାନ କରିବାର ସ୍ୱଭାବ ଆଜିବି ଅନେକଙ୍କ ଭିତରେ ରହିଛି। ସେହିପରି ପାଠପଢ଼ାଠାରୁ ଆରମ୍ଭକରି ରୋଗ ପାଇଁ ଚିକିତ୍ସା ଖର୍ଚ୍ଚ ଓ ବିବାହ ବ୍ରତାଦି କର୍ମ ସମ୍ପାଦନରେ ଅକ୍ଷମ ବ୍ୟକ୍ତିଟିକୁ ଅନେକେ ଦୟା ଓ ଅନୁଗ୍ରହ ଦେଖାଇଥାନ୍ତି। ପରିସ୍ଥିତିର ତାଡ଼ନାରେ ହେଉ କି ବିପଦ ଆପଦ କିମ୍ବା ଅଭାବ ଅସୁବିଧାରେ ପଡ଼ି ହେଉ ଯେତେବେଳେ ଜଣେ ଅନ୍ୟ ଜଣଙ୍କଠାରୁ କିଛି ସାହାଯ୍ୟ ସହଯୋଗ କାମନା କରେ, ସେତେବେଳେ ତା' ପ୍ରତି ଯଥାସମ୍ଭବ ଅନୁଗ୍ରହ ପ୍ରଦର୍ଶନ କରିବା ହେଉଛି ମଣିଷ ପଣିଆ। ବ୍ୟକ୍ତିଗତ ଜୀବନରେ କାହା ପ୍ରତି ଏମିତି ଦୟା ଓ ଅନୁଗ୍ରହ ଭାବ ପ୍ରଦର୍ଶନ କରାଯିବା ଭଲ କଥା ନିଶ୍ଚୟ। ଅନ୍ୟପକ୍ଷେ କୌଣସି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବିଜୁଳି ଯୋଗାଣ ଆଦି ନେଇ ରହିଥିବା ସମସ୍ୟା କୌଣସି ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଅନୁଗ୍ରହରୁ ଯଦି ସମାଧାନ ହୋଇପାରୁଛି ତେବେ ତାହା ବି ଅତି ଗୌରବର ବିଷୟ। ମାତ୍ର ଅନୁଗ୍ରହ ଯେବେ କାହାର ବ୍ୟକ୍ତିଗତ ଫାଇଦା ହାସଲକୁ ପ୍ରୋତ୍ସାହିତକରେ ତଥା ମଣିଷର ସାମଗ୍ରିକ ସ୍ୱାର୍ଥର ପରିପନ୍ଥୀ ସାଜେ ତେବେ ଏଭଳି ଅନୁଚିତ ଅନୁଗ୍ରହ ପ୍ରଦର୍ଶନରୁ ସର୍ବଦା ବିରତ ରହିବା ଆବଶ୍ୟକ। ଅନୁଚିତ ଭାବେ କାହାକୁ ଅନୁଗ୍ରହ କରାଯିବା ଆଦୌ ସମୀଚୀନ ନୁହେଁ। କାରଣ ଏକ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ସମାଜର ସବୁ ବର୍ଗର ସ୍ୱାର୍ଥ ଓ ସମସ୍ୟାକୁ ଗୁରୁତ୍ୱ ଦିଆଯିବା ନିୟମ ଥିବା ସ୍ଥଳେ କାହାର ଅନୁଚିତ ଅନୁଗ୍ରହରୁ ଜଣେ କିମ୍ବା ମୁଷ୍ଟିମେୟ ଲୋକ ଫାଇଦା ହାସଲ କରିବାର ସୁଯୋଗ ପାଇଲେ ସାମାଜିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଅନେକ ସମୟରେ ଦେଖାଯାଏ ଶାସନରେ ଥିବା ଦଳ, ନିର୍ବାଚିତ ଜନ ପ୍ରତିନିଧି କିମ୍ବା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଲାଭ ବା ଲୋଭବଶତଃ ଯେବେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରନ୍ତି ତେବେ ତାହା ଦ୍ୱାରା ସଂପୃକ୍ତ ବ୍ୟକ୍ତି କିମ୍ବା ଗୋଷ୍ଠୀ ଲାଭବାନ୍ ହେବେ ସତ ହେଲେ ଅନ୍ୟମାନେ ଯେ ଏହାଦ୍ୱାରା ଗୁରୁତର ପ୍ରଭାବିତ ହେବେ ଏଥିରେ ସନ୍ଦେହ ନାହିଁ। ତା'ଛଡ଼ା



ଏହାକୁ ନେଇ ଅଶାନ୍ତି ଓ ଅସନ୍ତୋଷ ବୃଦ୍ଧିପାଇବ ଏବଂ ସାମାଜିକ ଭେଦଭାବ ବି ସୃଷ୍ଟି ହେବ।

କାହା ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରିବା ପୂର୍ବରୁ ଏହାର ପ୍ରାସଙ୍ଗିକତାକୁ ବିଚାର କରାଯିବା ଆବଶ୍ୟକ। ନୀତିନିୟମ ଆଧାରରେ ତଥା ଯଥାର୍ଥ ଓ ନ୍ୟାୟସଙ୍ଗତ ଭାବେ ସର୍ବୋପରି ସମାଜର ହିତକୁ ଆଖି ଆଗରେ ରଖି ବ୍ୟକ୍ତି ବା ଗୋଷ୍ଠୀ ପ୍ରତି ଅନୁଗ୍ରହ ପ୍ରଦର୍ଶନ କରାଯିବାରେ ଅସୁବିଧା ନାହିଁ। ଦେଶ ସ୍ୱାଧୀନତା ପାଇବା ଦିନଠାରୁ ପୁଣି ଆଜି ଯାଏ ମୁଷ୍ଟିମେୟ ଲୋକଙ୍କ ସ୍ୱାର୍ଥ ଓ ସୁଖସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦାନ କରାଯିବାର କୁପରିଣାମ ସମଗ୍ର ଦେଶବାସୀଙ୍କୁ ହିଁ ଭୋଗିବାକୁ ହେଉଛି। ଅନେକ ସମୟରେ ଦେଖାଯାଏ ସରକାର ଗରିବଙ୍କ ହିତ ଲାଗି ଯୋଜନା ମାନ ପ୍ରଣୟନ କରୁଥିବା ବେଳେ ସମାଜର ଥିଲାବାଲା ଶ୍ରେଣୀର ଲୋକେ ସେଥିରୁ ଫାଇଦା ଉଠାଇବାରେ ସକ୍ଷମ ହେଉଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଜନ ପ୍ରତିନିଧିମାନେ ଏଭଳି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରୁଥିବା ବେଳେ ସେମାନଙ୍କ ଚାପରେ ପଡ଼ି ପ୍ରଶାସନିକ ଅଧିକାରୀମାନେ ବି ଏହାକୁ ନୀରବ ସମର୍ଥନ ଯୋଗାଇ ଚାଲିଛନ୍ତି। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀଟିଏ ଯୋଜନାରେ ସାମିଲହେବାରୁ ବଞ୍ଚିତ ହେଉଛି। ଏହା କ'ଣ ତାକୁ ନିରାଶ ଓ ନିରୁତ୍ସାହିତ କରୁନାହିଁ କି ? ଆଜିର ଭୋଟ ସର୍ବସ୍ୱ ଓ ସୁବିଧାବାଦୀ ରାଜନୀତି କ୍ଷେତ୍ରରେ ଏଭଳି ଅନୁଚିତ ଅନୁଗ୍ରହର ମାତ୍ରା ଢେ ଅଧିକ। କୌଣସି ରାଜନୈତିକ ଦଳ ଯେବେ କ୍ଷମତାକୁ ଆସୁଛି ତେବେ ସେ ଦଳର ମନ୍ତ୍ରୀ, ବିଧାୟକଙ୍କଠାରୁ ଆରମ୍ଭକରି ଦଳୀୟ ପଦପଦବୀରେ ଥିବା ନେତାମାନେ ବିଭିନ୍ନ ସମୟରେ ସେମାନଙ୍କ ଦଳର କର୍ମୀ, ସମର୍ଥକଙ୍କଠାରୁ ଆରମ୍ଭକରି ପୁଣି ନିଜ ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରୁଛନ୍ତି। ଫଳରେ ସମାଜରେ ଦୁର୍ନୀତି ଭ୍ରଷ୍ଟାଚାର ବଢୁଛି। ସମାଜରେ ଅରାଜକତା ଓ ବିଶୃଙ୍ଖଳା ଦେଖାଦେଉଛି। ଦଳର ଉପରିସ୍ଥଙ୍କ ଅଦୃଶ୍ୟ ଆଶୀର୍ବାଦ ଓ ସହଯୋଗର ହାତ ସେମାନଙ୍କ ମୁଣ୍ଡ ଉପରେ ରହୁଥିବାରୁ ସେମାନେ କଳାକୁ ଧଳା କରିବାରେ ସକ୍ଷମ ହେଉଛନ୍ତି। ବିଭିନ୍ନ ପଦପଦବୀରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବି ସେହି ପଥର ପଥିକ ସାଜୁଛନ୍ତି। ନିର୍ବାଚନ ବେଳେ ଦଳକୁ ସହଯୋଗ କରିଥିବା ଠିକାଦାର, ବ୍ୟବସାୟୀ, ଶିଳ୍ପପତି ତଥା ପୁଞ୍ଜିପତିଙ୍କ ପ୍ରତି ମଧ୍ୟ ଜନ ପ୍ରତିନିଧି, ମନ୍ତ୍ରୀ ଓ ନେତାଙ୍କ ଅନୁଚିତ ଅନୁଗ୍ରହ ରହିଥାଏ। ଯେଉଁଥିପାଇଁ ଅନେକ ସମୟରେ ସେମାନଙ୍କୁ ସୁହାଇଲା ଭଳି ନୀତିନିୟମ ସରକାର ପ୍ରଣୟନ କରିଥାନ୍ତି। ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟରତ ଅଧସ୍ତନ କର୍ମଚାରୀଙ୍କ ପ୍ରତି ଉପରିସ୍ଥ ଅଧିକାରୀଙ୍କ ଅନୁଚିତ ଅନୁଗ୍ରହ ରହିଥିବା ମଧ୍ୟ ଦେଖାଯାଏ। ଏହି ଅଧସ୍ତନଙ୍କ ଦ୍ୱାରା ସେମାନେ ନାନା ଭାବେ ଉପକୃତ ହେଉଥିବା କାରଣରୁ ସେମାନେ ସେମାନଙ୍କର ରକ୍ଷାକବଚ ସାଜିଥାନ୍ତି। ସେହିପରି ଚୋରି, ଡକାୟତି, ହତ୍ୟା , ଦୁର୍ଷ୍କର୍ମଠାରୁ ପୁଣି ଦୁର୍ନୀତି ଓ ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାବାଡ କରିବା ଦାୟିତ୍ୱରେ ଥିବା କେତେଜଣ ବିଭାଗୀୟ ଅଧିକାରୀଙ୍କ ଅନୁଚିତ ଅନୁଗ୍ରହ ଯୋଗୁ ସମାଜରେ ବିଭିନ୍ନ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି।

**ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

୨୩ ବର୍ଷ ବୟସରେ ଶ୍ରୀ ହର୍ଷ ଡାଇବେଟିସ, କ୍ୟାନ୍‌ସର ରୋଗୀମାନଙ୍କ ଘରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ନେଇ ପହଞ୍ଚାଇ ଦେଉଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ଶରତ ଚନ୍ଦ୍ର, ନିରାଲି ପରେଖ ସହଯୋଗ କରୁଛନ୍ତି। ଏମାନେ ସମସ୍ତେ ମିଶି 'ହାଇପୋଥାଲାମସ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବହୁ ରୋଗୀ ଅର୍ଥାଭାବରୁ ହେଉ କିମ୍ବା ମାନବସମ୍ବଳ ଅଭାବରୁ ଖାଦ୍ୟ ଖାଇପାରୁ ନ ଥିବା ଦେଖିବା ପରେ ହର୍ଷ ସେମାନଙ୍କ ଘରେ ଖାଦ୍ୟ ପହଞ୍ଚାଇବା ଆରମ୍ଭ କରିଥିଲେ। ତାଙ୍କ ସହ ଶରତ ଓ ନିରାଲି ମିଶିବା ପରେ ସେମାନେ ଏକାଠି ଏବେ ଶତାଧିକ ପୀଡ଼ିତଙ୍କୁ ଖାଦ୍ୟ ଦେଉଛନ୍ତି। ସେମାନେ ମଧ୍ୟାହ୍ନଭୋଜନ ଲାଗି ୬ ପ୍ରକାର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି, ଏହା ସହ ସନ୍ଧ୍ୟାରେ ଡ୍ରାଏ ଫ୍ରୁଟ୍ସ ଦେଉଛନ୍ତି। ପ୍ରତିଦିନ ସେମାନେ ୫୦ ଜଣଙ୍କୁ ଖାଇବାକୁ ଦେଉଛନ୍ତି। ଖାଦ୍ୟର ମୂଲ୍ୟ ବଜାର ତୁଳନାରେ ବହୁତ କମ୍ ରଖାଯାଇଛି। ଅର୍ଥାତ୍ ଜଣେ ରୋଗୀ ପାଇଁ ବ୍ରେକ୍‌ଫାଷ୍ଟ, ମିଡ-ମିଲ୍, ଲଞ୍ଚ, ସ୍ନାକ୍ସ, ଡିନର୍ ସହ ଅଧିକ ଗୋଟିଏ ମିଲ୍ ସହ ମୋଟରେ ୬୦୦ ଟଙ୍କା ନେଉଛନ୍ତି। ସେମାନେ ୬ଟି ହସ୍ପିଟାଲ ସହ ଯୋଗାଯୋଗ ରକ୍ଷାକରି ରୋଗୀଙ୍କ ଠିକଣା ଜାଣିବା ପରେ ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅଗଷ୍ଟ ୧୯୯୮

- କଶ୍ମୀର ଉପତ୍ୟକାରେ ନିରାପତ୍ତାରକ୍ଷୀ ଓ ଉଗ୍ରବାଦୀଙ୍କ ମଧ୍ୟରେ ପୃଥକ ପୃଥକ ସଂଘର୍ଷ ଘଟି ୧୦ ଉଗ୍ରବାଦୀଙ୍କ ସମେତ ୧୬ ନିହତ।
- ସଶସ୍ତ୍ର ତାଲିବାନମାନେ ଆଫଗାନିସ୍ତାନର ଉତ୍ତରାଞ୍ଚଳ ସହର ମଜାର-ଇ-ଶରିଫକୁ ନିଜ ନିୟନ୍ତ୍ରଣକୁ ଆଣିବା ପରେ ସେଠାରେ ଥିବା ଇରାନୀୟ ଦୂତାବାସକୁ ଦଖଲ କରିନେଇଛନ୍ତି।
- କଲମ୍ବିଆର ନୂଆ ରାଷ୍ଟ୍ରପତି ଭାବେ ଆଣ୍ଡ୍ରେସ ପାଷ୍ଟ୍ରାନାଙ୍କ ଶପଥ ଗ୍ରହଣ।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତରେ ନିଯୁକ୍ତି ସଙ୍କୋଚନ

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୨ ମାର୍ଚ୍ଚରେ ଦେଶରେ ମୋଟ ୯,୬୪,୩୫୯ କେନ୍ଦ୍ରୀୟ ପଦବୀ ଖାଲି ପଡ଼ିଥିଲା । ଏହା ସମୁଦାୟ ମଞ୍ଜୁରୀପ୍ରାପ୍ତ ପଦବୀର ୨୫% । ୨୦୦୨ରେ ୯.୪% ଓ ୨୦୧୪ ରେ ୧୨% କେନ୍ଦ୍ରୀୟ ପଦବୀ ଖାଲି ପଡ଼ିଥିଲା । ପୂର୍ବ ସରକାରଙ୍କ ଅମଳରେ ବର୍ତ୍ତମାନ ଅନୁସାରେ କମ୍ ପ୍ରତିଶତ ପଦବୀ ଖାଲିପଡ଼ିଥିବାରୁ ସେତେବେଳେ ନିଯୁକ୍ତି ପ୍ରକ୍ରିୟା ଅଧିକ କ୍ରିୟାଶୀଳ ଓ କ୍ଷିପ୍ର ଥିବା ଏଥିରୁ ଜଣାପଡୁଛି । ପ୍ରଧାନମନ୍ତ୍ରୀ ୨୦୨୨ ଅକ୍ଟୋବର ୨୨ରୁ ଆଗାମୀ ଦେଢ଼ବର୍ଷ ମଧ୍ୟରେ ୧୦ ଲକ୍ଷ ନିଯୁକ୍ତି ଲକ୍ଷ୍ୟ ରଖି ସ୍ୱତନ୍ତ୍ର ରୋଜଗାର ମେଳାର ଶୁଭାରମ୍ଭ କରିଛନ୍ତି । ପ୍ରତିଥର ୭୦,୦୦୦ରୁ ୭୫,୦୦୦ ପର୍ଯ୍ୟନ୍ତ ନିଯୁକ୍ତିପତ୍ର ବଣ୍ଟନ କରାଯାଉଛି । ଏହି ଲକ୍ଷ୍ୟ ପୂରଣ ହେବା ପରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଜାରି ରହିବା ଆବଶ୍ୟକ । କାରଣ ସେତେବେଳକୁ ଆହୁରି ଅବସରଜନିତ ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଥିବ ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୂପ ଖୋଜି ଅରୂପରେ ପ୍ରାଣ ତା'ର ହୁଏ ନିମଗନ
ଅନ୍ତରେ ବାଜଇ କେତେ ସୃଜନର ନିବିଡ଼ ବେଦନ।
ଉଦେ ହୁଏ କେତେ ଛବି ମାନସପଟରେ
ବିଚାରେ ଲଭିବ ନିକଟରେ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

GOVERNMENT OF JHARKHAND
झारखण्ड सरकार

## उद्घाटन समारोह

# झारखण्ड आदिवासी महोत्सव 2023

समृद्ध
**आदिवासी जीवन दर्शन**
की झलकियां

## मुख्य आकर्षण

- **जनजातीय इतिहास, साहित्य, मानवशास्त्र आदि पर संगोष्ठियां**
  आदिवासी अर्थव्यवस्था, आदिवासी इतिहास, आदिवासी ज्ञान और मानवविज्ञान, आदिवासी साहित्य
- **सांस्कृतिक कार्यक्रम**
  आंध्र प्रदेश का कोम्मु कोया नृत्य
  ओडिशा का परोजा नृत्य
  राजस्थानी वालार नृत्य
  केरल का पालियन नृत्य
  सरायकेला का छऊ नृत्य
  नागपुरी लोक नृत्य
  पाइका नृत्य
  उरांव समुदाय का लोक नृत्य
  गोंड आदिवासी समुदाय का किहो नृत्य
  कर्नाटक का दमनी लोक नृत्य
  अरुणाचल प्रदेश का रेखम पड़ा नृत्य
  असम का का लेवा टाना एवं बिहू नृत्य
  गुजरात का सिद्धी धमाल नृत्य
- **राष्ट्रीय आदिवासी चित्रकला शिविर**
  गोंड पेंटिंग, वारली पेंटिंग, सउरा पेंटिंग और झारखण्ड की समकालीन पेंटिंग
- **आदिवासी फिल्म महोत्सव**
  कैमरा से कविताई
- **परिधान फैशन शो**
  आदिवासी परिधान का प्रदर्शन
- **खान-पान**
  आदिवासी व्यंजन

मुख्य अतिथि
**श्री शिबू सोरेन**
माननीय **अध्यक्ष, राज्य समन्वय समिति**
सह **सांसद, राज्यसभा**

अध्यक्षता
**श्री हेमन्त सोरेन**
माननीय **मुख्यमंत्री, झारखण्ड**



9 अगस्त 2023
समय: अपराह्न 12:00 बजे से
**बिरसा मुण्डा स्मृति उद्यान, रांची**

सूचना एवं जनसंपर्क विभाग, झारखण्ड सरकार
PR-304307 (IPRD) 2023-24

## ସଂକ୍ଷେପରେ

### ଜମିବାଡିକୁ କେନ୍ଦ୍ରକରି ଯୁବକଙ୍କୁ ଖଣ୍ଡାରେ ହାଣିଲେ

ବାଲିପାଟଣା,୮।୮(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ମୁକୁନ୍ଦଦାସପୁର ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ରକରି ମଙ୍ଗଳବାର ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଏହି ଗ୍ରାମର ସଦାମ ମହମ୍ମଦଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ମକୁନ୍ଦଦାସପୁର ଗ୍ରାମର ଅଫରାଜ ବିବି ଓ ତାଙ୍କ ପୁଅ ସଦାମ ମଙ୍ଗଳବାର ଅପରାହ୍ଣରେ ବିଲକୁ ଯାଇଥିଲେ। ତେବେ ଜମିବାଡି ବିବାଦକୁ ନେଇ ଗ୍ରାମର ଫକୀର ମହମ୍ମଦ, ଅମୀର ମହମଦ, ସୋଫିଆ ବିବି ସେଠାରେ ସଦାମଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ଏନେଇ ଅରଫାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୭୨/୨୩) ରୁଜୁକରି ତଦନ୍ତ ଚଳାଇଛି।

### ବାର୍ ଓ ରେଷ୍ଟୁରାଣ୍ଟ ଗଣ୍ଡଗୋଳ: ୨ ଗିରଫ, ୩ ଆହତ

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାଠାରେ ଥିବା ଏକ ବାର୍‌ଓ ରେଷ୍ଟୁରାଣ୍ଟରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଡିହବାରୀ ଗ୍ରାମର ଅଭୟ ଭୋଇ ଓ ଶେଉଳସାହି ଗ୍ରାମର ପବିତ୍ର ଭୋଇ। ଗଣ୍ଡଗୋଳରେ ୩ ଜଣ ଆହତ ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଥାନା ଅଧୀନ ଇଶ୍ୱରଜଙ୍ଗା ଗ୍ରାମର ତାପସ ସ୍ୱାଇଁ(୨୬), ଶେଉଳସାହିର ସୁନାକର ଭୋଇ(୨୯) ଓ ତାଙ୍କର ଜଣେ ସମ୍ପର୍କୀୟ ବନ୍ଧୁ। ଗୋଟିଏ ଗୋଷ୍ଠୀର ତାପସ ୪ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବାବେଳେ ଅନ୍ୟ ଗୋଷ୍ଠୀର ସୁନାକର ମଧ୍ୟ ୪ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୮ ଜଣଙ୍କ ବିରୋଧରେ ୨୭୫/୨୩, ୨୭୬/୨୩ରେ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନା ମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଏହି ଘଟଣା ସୋମବାର ଅପରାହ୍ଣରେ ଘଟିଥିଲା।

### ରାସ୍ତାରେ ବାର୍‌ହା ବୁଲୁଥିବାର ଭିଡିଓ ଭାଇରାଲ

ପୁରୀ,୮।୮(ଅଜିତ ମହାନ୍ତି)

ପୁରୀ ସହରର ଉପକଣ୍ଠ ଅଞ୍ଚଳରେ ଗୋଟିଏ ବାର୍‌ହା ବୁଲୁଥିବା ନେଇ ଦେଖିବାକୁ ମିଳିଛି। ପୁରୀ ସଦର ଥାନା ଅନ୍ତର୍ଗତ ଚାରିନଳାଠାରେ ଏକ ବାର୍‌ହା ରାସ୍ତାରେ ବୁଲୁଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥରେ ଏକ ବାର୍‌ହା ବୁଲୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଜଣେ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ, ସେ ପୁରୀରୁ ଭୁବନେଶ୍ୱର ଯାଉଥିବା ସମୟରେ ଚାରିନଳା ଠାରେ ଏକ ବାରହା ରାସ୍ତାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ବାର୍‌ହାକୁ ଦେଖି ସ୍ଥାନୀୟ ବାସିନ୍ଦା ଭୟରେ ଦୌଡ଼ି ପଳାଇଥିଲେ। ମାତ୍ର ବନ ବିଭାଗ ପକ୍ଷରୁ କେହି ଘଟଣା ସ୍ଥଳକୁ ଆସି ନାହାନ୍ତି। ଭାଇରାଲ ଭିଡିଓ ଦେଖି ବନ ବିଭାଗ ଆସି ବାହାରାକୁ ଆୟତ୍ତ କରିବ ବୋଲି ସୂଚନା ମିଳିଛି।

### ବଟି ମାଗି ଜଣେ ଗିରଫ

ପୁରୀ ୮।୮(ଅଜିତ୍ ମହାନ୍ତି)

ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ୱାଟର ୱାର୍କ ରୋଡ ସାଲବେଗ ବସ୍ତିର ଆର୍. ତୁମବେଶ ରେଡି (୪୮)। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଖଣ୍ଡା ଏବଂ ନଗଦ ୫୦୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୦୫/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ପେଣ୍ଠକଟା ମାଛ ମାର୍କେଟଠାରେ ଜଣେ ଦୁର୍ବୃତ୍ତ ଖଣ୍ଡା ଦେଖାଇ ମାଛ ବେପାରୀ ଏବଂ ଦୋକାନୀମାନଙ୍କୁ ଭୟଭୀତ କରାଇ ବଟି ମାଗୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ମାର୍କେଟ୍ ବିଲ୍‌ଡିଂରେ ଥମୁନି ବିବାଦ

- ଉଠାଦୋକାନୀ- ସ୍ଥାୟୀ ଦୋକାନୀ ମୁହାଁମୁହିଁ
- ପୋଲିସ୍ ସମେତ ୧୦ ଜଣଙ୍କ ନାମରେ ୩ ଏତଲା

ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)

ଦୀର୍ଘ ୧୮ଦିନର ଆନ୍ଦୋଳନ ଓ ବହୁ ଆଲୋଚନା ପରେ ୩ତାରିଖରେ ମାର୍କେଟ ବିଲ୍ଡିଂ ଖୋଲିଲା। ହେଲେ ମାର୍କେଟ ଖୋଲିବାର ପ୍ରାୟ ଏକସପ୍ତାହ ହେବାକୁ ବସିଥିବାବେଳେ ଏ ଯାଏ ବିବାଦ ଥମିବାର ନାଁ ଧରୁନି। ପ୍ରତିଦିନ ଉଠାଦୋକାନୀମାନେ ମାର୍କେଟ ମଧ୍ୟରେ ବ୍ୟବସାୟ କରିବାକୁ ଚେଷ୍ଟା କରୁଥିବାରୁ ସେମାନଙ୍କୁ ସ୍ଥାୟୀ ଦୋକାନୀ ବିରୋଧ କରୁଛନ୍ତି। ଏପରିକି ବଳପୂର୍ବକ ଉଠାଦୋକାନୀଙ୍କୁ ହଟାଇବା ସହ ହାତାହାତି ସ୍ଥିତି ମଧ୍ୟ ଉପୁଜୁଛି। ଗତ ୪ ତାରିଖରେ ଏଭଳି ସ୍ଥିତି ଦେଖା ଦେଇଥିବାବେଳେ ମଙ୍ଗଳବାର ଘଟଣାର ପୁନରାବୃତ୍ତି ହୋଇଛି। ଉଚ୍ଚ ନ୍ୟାୟାଳୟରୁ ଷ୍ଟେ' ଅର୍ଡର ଆଣିଥିବା ଉଠାଦୋକାନୀଙ୍କ ମଧ୍ୟରୁ ପ୍ରାୟ ୧୨ଜଣ ମାର୍କେଟରେ ବ୍ୟବସାୟ କରିବାକୁ ଯାଇଥିଲେ। ତେବେ ଏହି ସମୟରେ କ୍ୟାପିଟାଲ ଥାନା ଏଏସ୍‌ଆଇ ପି.କେ. ମାଝୀ ବ୍ୟବସାୟୀମାନଙ୍କୁ ଜବରଦସ୍ତି ହଟାଇବାକୁ ପ୍ରୟାସ କରିଥିଲେ। ଏପରିକି ସମ୍ପୃକ୍ତ ବ୍ୟବସାୟୀ ଗଙ୍ଗାଧର ଜେନା ହାଇକୋର୍ଟଙ୍କ ଅର୍ଡର ଦେଖାଇଥିଲେ ବି ତାହାକୁ ନ ମାନି ଜବରଦସ୍ତି ଉଠାଇଥିଲେ। ଏଥିରେ ଆସୋସିଏଶନ୍‌ର କେତେଜଣ ସଦସ୍ୟ ସହଯୋଗ କରିଥିଲେ। ଯାହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାପରେ ଗଙ୍ଗାଧର କ୍ୟାପିଟାଲ ଥାନାକୁ ଯାଇ ସମ୍ପୃକ୍ତ ଏଏସ୍‌ଆଇଙ୍କ ନାମରେ ଏତଲା ଦେଇଛନ୍ତି। ଏଥିସହ ମାର୍କେଟ ଆସୋସିଏଶନ୍‌ର ୯ଜଣଙ୍କ ନାମରେ ଆଉ ୨ଟି ଏତଲା ଦେଇଛନ୍ତି। ଏହାକୁ ମିଶାଇ ସପ୍ତାହକ ମଧ୍ୟରେ ଉଠାଦୋକାନୀଙ୍କ ପକ୍ଷରୁ ମୋଟ୍ ୪ଟି ଏତଲା ଦିଆଯାଇଛି। ଏନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି, ହାଇକୋର୍ଟଙ୍କ ଦ୍ୱାରା ରହିତାଦେଶ ଥିବା ସତ୍ତ୍ୱେ ଉଠାଦୋକାନୀଙ୍କୁ ସେଠାରେ ବ୍ୟବସାୟ କରିବାକୁ ଦିଆ ନ ଯିବା ସମ୍ପୂର୍ଣ୍ଣ ବେଆଇନ। ଉଠାଦୋକାନୀଙ୍କ ପ୍ରତି ହୋଇଥିବା ଅତ୍ୟାଚର ଓ ମାର୍କେଟ ଆସୋସିଏଶନର ଗୁଣ୍ଡାଗର୍ଦ୍ଦିକୁ ସେମାନେ ବହୁତ ସହିଲେଣି। ଏହି ମାମଲାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଉଠାଦୋକାନୀ ନିଜ ହକ୍ ଲାଗି ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ଆଇଜି ପାର୍କରେ ରହିତାଦେଶ ଥିବା ଉଠାଦୋକାନୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉଠାଦୋକାନୀଙ୍କ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ଅଧିକାରୀ ଅଗଷ୍ଟ ୧୬ ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ତେବେ ବର୍ତ୍ତମାନ ସମୟରେ ଉଠାଦୋକାନୀଙ୍କ ବ୍ୟବସାୟ ତଥା ଗୁଜୁରାଣ ମେଣ୍ଟାଇବା ଲାଗି ବିଏମ୍‌ସି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହ ସମାଧାନର ବାଟ ନ ବାହାରିବା ପର୍ଯ୍ୟନ୍ତ ଉଠାଦୋକାନୀମାନେ ମାର୍କେଟ ବିଲ୍‌ଡିଂରେ ବ୍ୟବସାୟ କରିବାକୁ ଆସିବେ ବୋଲି କହିଛନ୍ତି। ଏଥିସହ ଆବଶ୍ୟକ ପଡ଼ିଲେ ବିଏମ୍‌ସି ଏବଂ ମାର୍କେଟ ଆସୋସିଏଶନକୁ ଉଠାଦୋକାନୀ ମହାସଂଘ କାଠଗଡ଼ାକୁ ଟାଣିବାକୁ ପଛାଇବ ନାହିଁ ବୋଲି ଚେତାବନୀ ଦିଆଯାଇଛି।



ପୋଲିସ ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରୁଛି।

# ଦମ୍ପତିଙ୍କୁ ଛୁରିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

### ଧାର ଟଙ୍କାକୁ ନେଇ ଗଣ୍ଡଗୋଳ

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଧାର ଟଙ୍କା ପାଇଁ ଗଣ୍ଡଗୋଳ ପରେ ଦମ୍ପତିଙ୍କୁ ଛୁରୀରେ ଆକ୍ରମଣ କରିବା ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାଣ୍ଡରା ଛକ ନିକଟ କିମ୍ବିରିଆ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ସିପାହୀ ଅସୁରଢିପ ଗ୍ରାମର ପ୍ରଶାନ୍ତ କୁମାର ମାଝୀ (୨୬)। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଛୁରୀ ଜବତ ହୋଇଛି। କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ପ୍ରଶାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତ ସତ୍ୟବାନ ସ୍ୱାଇଁ ବାଲିଅନ୍ତା ଅଞ୍ଚଳରେ ରହୁନ୍ତି। ଅଭିଯୁକ୍ତ ପ୍ରଶାନ୍ତ କ୍ୟାବ ଡ୍ରାଇଭର ହୋଇଥିବାବେଳେ ସେ ସତ୍ୟବାନଙ୍କ ପରିଚିତ ଥିଲେ। ମାସେ ତଳେ ପ୍ରଶାନ୍ତଙ୍କଠୁ ସତ୍ୟବାନ ୬ ହଜାର ଟଙ୍କା ଧାର ନେଇଥିଲେ। ହେଲେ ବାରମ୍ବାର କହିବା ପରେ ମଧ୍ୟ ସତ୍ୟବାନ ଉକ୍ତ ଟଙ୍କା ଫେରାଉ ନ ଥିଲେ। ସୋମବାର ସତ୍ୟବାନ ଓ ତାଙ୍କ ସ୍ତ୍ରୀ କିମ୍ବିରିଆ ବସ୍ତିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଏହା ଜାଣିବା ପରେ ପ୍ରଶାନ୍ତ ଟଙ୍କା ମାଗିବାକୁ ସେଠାକୁ ଯାଇଥିଲେ। ଟଙ୍କା ମାଗିବାରୁ ସତ୍ୟବାନ ଦେବାକୁ ମନା କରିଦେଇଥିଲେ। ଫଳରେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ସତ୍ୟବାନ ଓ ତାଙ୍କ ସ୍ତ୍ରୀଙ୍କୁ ପ୍ରଶାନ୍ତ ଗାଳିଗୁଲଜ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ଦମ୍ପତି ଆହତ ହୋଇଥିଲେ। ଏନେଇ ବସ୍ତି ସଭାପତି ସୁକାନ୍ତ ଉପାଧ୍ୟାୟଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୩୨୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



# ସେପ୍ଟେମ୍ବରରୁ ଖାଲଖମା ମରାମତି ଆରମ୍ଭ

### ଯଥାଶୀଘ୍ର ତାଲିକା ପ୍ରସ୍ତୁତ କରିବାକୁ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)

ମୌସୁମୀଜନିତ ବୃଷ୍ଟିପାତ ହେତୁ ସହରର ବିଭିନ୍ନ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଦବିଯାଇ ଯାଇ ଖାଲ ସୃଷ୍ଟି ହେବାର ଆଶଙ୍କା ରହିଛି। ଅନେକ ସମୟରେ ଏଥିପାଇଁ ଦୁର୍ଘଟଣା ଘଟୁଥିବାବେଳେ ଯାତାୟାତରେ ବହୁ ସମସ୍ୟା ଦେଖାଦେଉଛି। ତେଣୁ ଏହାର ସମାଧାନ ପାଇଁ ଏବେ ଅଣ୍ଟା ଭିଡିଛି ବିଏମ୍‌ସି। ସହରର କେଉଁ ୱାର୍ଡର କେଉଁ କେଉଁ ସ୍ଥାନରେ କେତେ ଖାଲଖମା ରହିଛି ତାହାର ତାଲିକା ପ୍ରସ୍ତୁତ କରିବା ସହ ସେଗୁଡିକର ଫଟୋ ଉଠାଇ ଆଣିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଯଥାଶୀଘ୍ର ତାଲିକା ପ୍ରସ୍ତୁତ କଲେ ରାସ୍ତା ମରାମତି ପାଇଁ ଟେଣ୍ଡର କରାଯାଇ ସେପ୍ଟେମ୍ବର ମାସରେ ଏହାର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି କମିଶନର କହିଲେ, ସହରରେ ଥିବା ରାସ୍ତା, ଡ୍ରେନ ଏବଂ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡିକର ଉନ୍ନତୀକରଣ ଓ ଉପଯୋଗିତା ବଢାଇବା ଆମର କାର୍ଯ୍ୟ। ତେବେ ସହରରେ ରହିଥିବା ବିଭିନ୍ନ ରାସ୍ତା ଓ ସ୍ଥାନ ବିଏମ୍‌ସି, ପୂର୍ତ୍ତ ବିଭାଗ, ଇଡ୍‌କୋ, ଜାତୀୟ ରାଜପଥ ପ୍ରାଧିକରଣର ହୋଇଥିବାବେଳେ ଏହାର ସୁରକ୍ଷା ଏବଂ ନିରାପତ୍ତା ମଧ୍ୟ ସବୁ ବିଭାଗର ଦାୟିତ୍ୱ ହେବା ଦରକାର। ଜନହିତ ଦୃଷ୍ଟିରୁ ବିଏମ୍‌ସି ଏ ସବୁକୁ ନିଶ୍ଚିତ କରିବା ପାଇଁ ନେତୃତ୍ୱ ସହ ଆଗୁଆ ପଦକ୍ଷେପ ନେଉଛି। ସେହିପରି ନିଜ ବିଭାଗର ଅଧିନରେ ଯେତିକି କିଲୋମିଟର ରାସ୍ତା ଯେଉଁ ୱାର୍ଡରେ ଅଛି, ତାହାର କ୍ଷେତ୍ର ପରିଦର୍ଶନ, ବର୍ତ୍ତମାନ ଅବସ୍ଥାର ଫଟୋ, ତାଲିକା ପ୍ରସ୍ତୁତି, ଆକଳନ, ଯୋଜନା ପ୍ରସ୍ତୁତି ଆଦି କାର୍ଯ୍ୟ ଅଗଷ୍ଟ ମାସ ସୁଦ୍ଧା ସାରି ସେପ୍ଟେମ୍ବରରୁ ମରାମତି ଆରମ୍ଭ ହେବା ଦରକାର ବୋଲି ସେ କହିଥିଲେ। ଏହି ଅବସରରେ ରାସ୍ତାର ଆଲୋକୀକରଣ, ଗୃହ ନିର୍ମାଣ ଓ ଭଗ୍ନାବଶେଷ ହଟାଇବା ତଥା ସମ୍ବେଦନଶୀଳ ସ୍ଥାନଗୁଡିକୁ ନଜର ଦେଇ ସର୍ବସାଧାରଣଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ନିର୍ମାଣ କରାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ପ୍ରଫୁଲ୍ଲ ମଲ୍ଲିକ, ବିଏମ୍‌ସି ମେୟର ସୁଲୋଚନା ଦାସ ସୁନ୍ଦରପଦା-ଜଟଣୀ ରାସ୍ତାର କ୍ଷେତ୍ର ପରିଦର୍ଶନ କରୁଛନ୍ତି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# ୨୭୫ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକ ପାଇଲେ ପରିଚୟପତ୍ର

## ୧୩୯ ହିତାଧିକାରୀଙ୍କୁ ୭୮,୮୫,୦୦୦ ଟଙ୍କାର ସହାୟତା ପ୍ରଦାନ



ବିଧାୟକ ସୁଶାନ୍ତ ରାଉତ ଏବଂ ଅନ୍ୟ ଅତିଥିମାନେ ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)

ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଏକ ଘରୋଇ କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ୨୫ ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୫ ଲକ୍ଷ ଓ ୨୫ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୧,୨୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିବାହକାଳୀନ ସହାୟତା ବାବଦରେ ୫୧ ଜଣଙ୍କୁ ୨୫,୫୦,୦୦୦, ଶିକ୍ଷା ସହାୟତା ବାବଦରେ ୩୫ ଜଣଙ୍କୁ ୧,୮୦,୦୦୦ ଟଙ୍କା ଦିଆଯାଇଛି। ଏହିପରି ସର୍ବମୋଟ ୧୩୯ ଜଣଙ୍କୁ ୭୮,୮୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୨୭୫ ଜଣ ନୂତନ ଭାବେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି।

ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇ ଉକ୍ତ ଯୋଜନାରେ କିପରି ଅଧିକରୁ ଅଧିକ ଶ୍ରମିକ ଉପକୃତ ହେବେ ସେ ନେଇ ଗୁରୁତ୍ୱରୋପ କରିଛନ୍ତି। ଶିବିରରେ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ। ବିଭାଗୀୟ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର ଶିବିର ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ କଲ୍ୟାଣ ବୋର୍ଡ ସ୍କିମ୍ ବାବଦରେ ଶ୍ରମିକଙ୍କୁ ବୁଝାଇଥିଲେ। ସହକାରୀ ଶ୍ରମ ଅଧିକାରୀ ପିପାସା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୧୩୦ ବୋତଲ ମଦ ଜବତ, ଜଣେ ଗିରଫ

ବାଲିଅନ୍ତା,୮।୮(ନୀଳମାଧବ ସାହୁ)

ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜୟଦେବ ଯାଦବ(୪୦)। ପୋଲିସ ତାଙ୍କ ପାଖରୁ ୧୩୦ ବୋତଲ ମଦ ଜବତ କରିଛି। ଏନେଇ ପୋଲିସ ୨୮୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜୟଦେବ କୁଶଗାଡ଼ିଆ ନିକଟ ନଦୀବନ୍ଧରେ ଏକ କ୍ୟାବିନ ପକାଇ ସେଠି ମଦ ବିକ୍ରି କରୁଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଲାଗି ରହୁଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏକତ୍ରିତ ହୋଇ ଜୟଦେବଙ୍କୁ ଘେରାଉ କରି ବାଲିଅନ୍ତା ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଜୟଦେବଙ୍କୁ କାବୁ କରିଥିଲା।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବାଲିଅନ୍ତା,୮।୮(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଆଣ୍ଡାଆରୀ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘର ପାର୍ଶ୍ୱରେ ଯାଇଥିବା ଏକ ତାରରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ସେଠାରେ ତଳେ ପଡ଼ିଯାଇଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

# ରତ୍ନଭଣ୍ଡାର ଶୀଘ୍ର ଖୋଲିବା, ଅଳଙ୍କାର ଗଣତି ଦାବି

ପୁରୀ,୮।୮(ଅଜିତ ମହାନ୍ତି):

ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରସଙ୍ଗରେ ପୁଣି ଦାନା ବାନ୍ଧିଲା ଆନ୍ଦୋଳନ। କିଛିଦିନ ପୂର୍ବରୁ ରତ୍ନଭଣ୍ଡାର ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଦାଖଲ ହୋଇଥିବା ସତ୍ୟପାଠକୁ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ କରାଯାଇଛି। ଏ ନେଇ ସେନା ପକ୍ଷରୁ ମଙ୍ଗଳବାର ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରତ୍ନଭଣ୍ଡାର ଭିତରେ ରତ୍ନ ଅଳଙ୍କାର ସୁରକ୍ଷିତ ଥିବା ଓ ରତ୍ନଭଣ୍ଡାର ଖୋଲିବା ଆବଶ୍ୟକତା ନ ଥିବା ସତ୍ୟପାଠରେ ଦର୍ଶାଯାଇଛି। ୧୯୭୮ରେ ଶେଷଥର ପାଇଁ ରତ୍ନ ଅଳଙ୍କାର ଗଣତି ହୋଇଥିବାବେଳେ ଦୀର୍ଘ ୪୫ ବର୍ଷ ହେବ ରତ୍ନଭଣ୍ଡାରରୁ ରତ୍ନ ଅଳଙ୍କାର ଗଣତି ହୋଇନାହିଁ। ତେବେ କିଭଳି ରତ୍ନ ଅଳଙ୍କାର ସୁରକ୍ଷିତ ରହିଛି ବୋଲି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପ୍ରଶ୍ନ କରାଯାଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଶୀଘ୍ର ଖୋଲି ତାହାର ମରାମତି କରିବା ଓ ଅଳଙ୍କାର ଗଣତି କରିବାକୁ ଦାବି କରିବା ସହ ମିଥ୍ୟା ସତ୍ୟପାଠକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ହାଇକୋର୍ଟରେ ରତ୍ନଭଣ୍ଡାର ମାମଲାରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ଆଇନ ବିଭାଗ ଅଧୀନରେ ଥିବା ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପ୍ରାୟ ୧୫୦ କିଲୋ ସୁନା ଓ ୧୮୫ କିଲୋ ରୁପା ଯାହାକି ଶେଷଥର ୧୯୭୮ ମସିହାରେ ଗଣତି ହୋଇଥିଲା, ତାହା ସୁରକ୍ଷିତ ରହିଛି ଓ ରତ୍ନଭଣ୍ଡାର ସୁରକ୍ଷିତ ରହିଛି। ତେବେ ପ୍ରଶାସନ କେଉଁ ଆଧାରରେ ଜାଣିଲା ସୁରକ୍ଷିତ ଅଛି। ଯଦି ସରକାର ଦାବିଗୁଡିକ ପୂରଣ ନ କରନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହିତ କୋର୍ଟର ଆଶ୍ରୟ ନିଆଯିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ମୋହନ ସୁନ୍ଦରଙ୍କ ତ୍ୟାଗ ଚିରସ୍ମରଣୀୟ

ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରେ ରାସ ଦଳକୁ ନୂତନ ଢାଞ୍ଚାରେ ଗଢ଼ି ବଙ୍ଗୀୟ ରାସ ବଦଳରେ ଓଡ଼ିଆ ରାସ ପରିବେଷଣ କରି ନୂତନ ଦିଗ୍‌ଦର୍ଶନ ଦେବା ସହ ଗୋଟିପୁଅ ନୃତ୍ୟକୁ ନୂତନ ଢଙ୍ଗରେ ଓଡ଼ିଶୀ ନୃତ୍ୟରେ ପରିଣତ କରି ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଓଡ଼ିଆ କଳା ଜଗତକୁ ଏକ ନୂତନ ସ୍ପର୍ଶ ଦେଇଥିଲେ। ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ବାଦ୍ୟ ସହ ମଞ୍ଚ ନାଟକରେ ଓଡ଼ିଆ ଆଧ୍ୟାତ୍ମିକ ଭାବାବେଗକୁ ସ୍ଥାନିତ କରି ସେ ରାଜ୍ୟରେ କଳା କ୍ଷେତ୍ରରେ ଏକ ଅପୂର୍ବ ଆନ୍ଦୋଳନ ଆରମ୍ଭ କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାସ ଦଳରେ ଯୋଗଦେଇ ପରବର୍ତ୍ତୀ ଅବସ୍ଥାରେ ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରି ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିପାରିଛନ୍ତି। ତତ୍କାଳୀନ ସମାଜରେ ଲୋକଙ୍କୁ ଆଧ୍ୟାତ୍ମିକତା ମାଧ୍ୟମରେ ମନୋରଞ୍ଜନର ଖୋରାକ ଯୋଗାଇଦେବାକୁ ସେ ରାସ ଦଳରେ ନୂତନ ଢାଞ୍ଚାର ଅୟମାରମ୍ଭ କରିଥିଲେ। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହର ପରିକଳ୍ପନା କରି ସେ ଏହାର ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଅଭିନେତା ଭାବେ ୧୯୩୬ ଅପ୍ରେଲ ୨୮ରେ ସୀତାବିବାହ ଚଳଚ୍ଚିତ୍ରକୁ ପୁରୀର ଲକ୍ଷ୍ମୀ ଟକିଜ୍‌ରେ ଶୁଭମୁକ୍ତି କରାଇଥିଲେ। ଏହି ଚଳଚ୍ଚିତ୍ର ପ୍ରଯୋଜନା ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା। ନିଜ ସମ୍ପତ୍ତି ବିକ୍ରୟ କରି କରଜରେ ବୁଡ଼ି ରହି ସେ ସର୍ବସ୍ୱାନ୍ତ ହୋଇଯାଇଥିଲେ। ତାଙ୍କର ତ୍ୟାଗ ପାଇଁ ଆଜି ଓଡ଼ିଆ ଚଳଚ୍ଚିତ୍ର ପ୍ରଗତି ପଥରେ ଆଗେଇ ଚାଲିଛି, ଯାହାପାଇଁ ସେ ଚିରସ୍ମରଣୀୟ। ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୧ତମ ଜୟନ୍ତୀ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଅଧ୍ୟାପକ ଡ. ରଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଏଭଳି ମତ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

## ସଂକ୍ଷେପରେ

### ଅଭୟ ମହାବୀର ବ୍ୟବସାୟୀ ସଂଘର କମିଟି ଚୟନ

ପୁରୀ,୮।୮(ଅଜିତ ମହାନ୍ତି)

ବଡ଼ଦାଣ୍ଡ ଗଜପତି ନଗର ନିକଟରେ ଥିବା ଅଭୟ ମହାବୀର ବ୍ୟବସାୟୀ ସଂଘର ନୂତନ କମିଟି ଚୟନ ହୋଇଛି। ସଭାପତି ଭାବେ ଆଶିଷ ପ୍ରଧାନ, ଉପସଭାପତି ଭାବେ ପ୍ରଦୀପ୍ତ ଦାସ ଏବଂ ସମ୍ପାଦକ ଭାବେ ତ୍ରିନାଥ ମହାପାତ୍ର ନିଯୁକ୍ତ ହୋଇଛନ୍ତି। କାହ୍ନୁ ଚରଣ ବଡ଼ପଣ୍ଡା ସହସମ୍ପାଦକ, ମାଗୁଣି ଡୋରା କୋଷାଧ୍ୟକ୍ଷ ଏବଂ ଅବିନାଶ ବେହେରା କମିଟି ସଞ୍ଚାଳକ ଭାବେ ଚୟନ କରାଯାଇଛି। ଏହାସହିତ ୧୮ଜଣଙ୍କୁ କୋର କମିଟି ସଦସ୍ୟଙ୍କୁ ମଧ୍ୟ ଚୟନ କରାଯାଇଛି।

### ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା

ପୁରୀ, ୮।୮(ଅଜିତ ମହାନ୍ତି)

ଗତ ମାସରେ ପୁରୀ ଜିଲା କଂଗ୍ରେସର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିଲା। ଉକ୍ତ ନିର୍ବାଚନରେ ପୁରୀ ନିର୍ବାଚନ ମଣ୍ଡଳୀରୁ ଯୁବ କଂଗ୍ରେସରେ ଉପସଭାପତି ଭାବେ ମନୋଜ କୁମାର ବେହେରା ନିର୍ବାଚିତ ହୋଇଥିଲେ। ତେବେ ବିଜୟୀ ହୋଇଥିବା ମନୋଜଙ୍କୁ ତାଙ୍କ ବାସଭବନରେ ପଞ୍ଚାୟତ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଜଣାଯାଇଛି। ସମ୍ବର୍ଦ୍ଧନା ସମୟରେ ରାକେଶ ମେଖାପ, ଅଂଶୁମାନ ବସ୍ତିଆଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଓ ନେତା ମନୋଜଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଛନ୍ତି।

### ସତ୍ୟନାରାୟଣ ଯୁଥ କ୍ଲବ ପ୍ରତିଷ୍ଠାତା ନିରଞ୍ଜନଙ୍କ ପରଲୋକ

କାକଟପୁର,୮।୮(ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅନ୍ତର୍ଗତ ଜଳେଶ୍ୱରପଡ଼ା ପଞ୍ଚାୟତ ଶୁକପୋଖରୀ ଗ୍ରାମର ସାମାଜିକ କର୍ମୀ ତଥା ସତ୍ୟନାରାୟଣ ଯୁଥ କ୍ଲବର ପ୍ରତିଷ୍ଠାତା ନିରଞ୍ଜନ ମିଶ୍ର (ଧୋବା ଭାଇନା-୫୬ବର୍ଷ)ଙ୍କର ପରଲୋକ ହୋଇଛି। ସେ ଭୁବନେଶ୍ୱରସ୍ଥିତ ବାସଭବନରେ ଥିବାବେଳେ ଅସୁସ୍ଥତା ହେବା ପରେ ହସ୍ପିଟାଲ ନିଆଯିବାରୁ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ବନ୍ଧୁ ଶୁଭେଚ୍ଛୁ, କ୍ଲବର ସଭାପତି, ସମ୍ପାଦକ ଓ ସଭ୍ୟମାନେ ଶେଷ ଦର୍ଶନ କରିଥିଲେ। ନିରଞ୍ଜନ ଜଳେଶ୍ୱରପଡ଼ା ପଞ୍ଚାୟତବାସୀଙ୍କ ପାଇଁ ଦୁଃଖ ଓ ସୁଖର ଜଣେ ଦରଦୀ ଭାଇ ଭାବେ ସହଯୋଗର ହାତ ବଢ଼ାଇ ଦେଉଥିଲେ। ତାଙ୍କ ମୃତ୍ୟୁ କ୍ଲବର ସଭ୍ୟମାନଙ୍କୁ ମର୍ମାହତ କରିଛି ବୋଲି ପୂର୍ବତନ ଜିଲା ପରିଷଦ ତଥା ତାଙ୍କର ବାଲ୍ୟବନ୍ଧୁ ଛବିନ୍ଦ୍ର ପରିଡା ପ୍ରକାଶ କରିଛନ୍ତି। ତାଙ୍କ ନିକଟରେ ପୁତ୍ର ଆରୋଶତୀ ମିଶ୍ର, ସାନ ଭାଇ ଚିତ୍ତରଞ୍ଜନ ମିଶ୍ର, ଜ୍ଞାନରଞ୍ଜନ ମିଶ୍ର, ଉପେନ୍ଦ୍ର ନାୟକ, କାର୍ତ୍ତିକ ପରିଡା, ସୂର୍ଯକାନ୍ତ ମିଶ୍ର, ସୌଭାଗ୍ୟ ରଞ୍ଜନ ମହାପାତ୍ର, ସୌମ୍ୟ ରଞ୍ଜନ ଦାସ ଓ କ୍ଲବର ସଭ୍ୟମାନେ ଉପସ୍ଥିତ ଥିଲେ।

# ଚକନାଳ ଖୋଲି ଚାଷଜମିରେ ମିଶାଇବାକୁ ବିରୋଧ

ଡେଲାଙ୍ଗ,୮।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ତହସିଲ ଅଧୀନ ଡମପୁର ମୌଜାରେ ଜଳସେଚନ ପାଇଁ ଥିବା ଚକନାଳ(କାଡା)କୁ ଖୋଲି ନିଜ ଚାଷଜମିରେ ମିଶାଇଦେବା ନେଇ ତହସିଲଦାରଙ୍କ ନିକଟରେ ମଙ୍ଗଳବାର ଏକ ଲିଖିତ ଅଭିଯୋଗ ହୋଇଛି। ଡମପୁର ମୌଜାକୁ ଜଳସେଚନ ସୁବିଧା ପାଇଁ ଚକନାଳ ଉଦ୍ଦିଷ୍ଟ ରହିଛି। ସେହି କାଡା ନାଳକୁ ପାଞ୍ଚବାଟିଆ ଗ୍ରାମର ଜନୈକ ବ୍ୟକ୍ତି ଜେସିବି ମାଧ୍ୟମରେ ଖୋଲି ନିଜ ଜମିରେ ମିଶାଇବା ସହ ଟ୍ରାକ୍ଟର ସାହାଯ୍ୟରେ ମାଟି ଉଠାଇ ଅନ୍ୟତ୍ର ନେଇଯାଇଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ହେଁ ସମ୍ପୃକ୍ତ ବ୍ୟକ୍ତି ଜଣକ ଖାତିର ନ କରି ଗାଳି ମନ୍ଦ କରିବା ସହିତ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସୂଚନାଥାଉକି, ଡମପୁର ରାସ୍ତାକଡ଼ରେ ଥିବା ନୟନଯୋରିର ଉଦ୍‌ବୃତ୍ତ ଜଳ ଏହି କାଡା ଦେଇ ଗହୀରେ ଥିବା ଧାନ ଜମିକୁ ପାଣି ଯୋଗାଇଥାଏ। ଏହା ସହିତ ରବି ଋତୁ ସମୟରେ ଚାଷୀ ଉଠା ଜଳସେଚନ ପ୍ରକ୍ରିୟା ମାଧ୍ୟମରେ ଏହି କାଡା ନାଳ ଦେଇ ନିଜ ଚାଷଜମିକୁ ଜଳସେଚନ କରିଥାନ୍ତି। ଏହି କାଡାଟି ବନ୍ଦ ହୋଇଯିବାରୁ ଚାଷୀଙ୍କ ଜଳସେଚନ ପ୍ରକ୍ରିୟାରେ ସମସ୍ୟା ଉପୁଜୁଛି। ଚାଷୀ ଦେବାଶିଷ ଦଳାଇଙ୍କୁ



ଚକନାଳା ଖୋଲି ଦିଆଯାଇଛି ।

### ତହସିଲଦାରଙ୍କୁ ଅଭିଯୋଗ

ପଚାରିବାରେ, ପ୍ରତ୍ୟେକ ବର୍ଷ ତାଙ୍କ ମୌଜାର ଚାଷୀ ଜଳକର ଦେଉଛନ୍ତି। ହେଲେ କାଡାଟିକୁ ଜନୈକ ବ୍ୟକ୍ତି ଜଣକ ଖୋଲି ଦେବାରୁ ଚଳିତ ବର୍ଷ ସହିତ ଆସନ୍ତାବର୍ଷ ଜଳସେଚନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ନାହିଁ। ଫଳରେ ଆଗାମୀ ଭବିଷ୍ୟତରେ ପାଣି ପାଇଁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିବ। ଯଥାଶୀଘ୍ର ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ କାଡାନାଳକୁ ଉଦ୍ଧାର କରାଯାଉ। ଡମପୁର ଗ୍ରାମର ଚାଷୀ ତପନ ଦାସ, ସୁରେନ୍ଦ୍ର ମଲ୍ଲିକ, ଶିବ ପ୍ରଧାନ, ପ୍ରସନ୍ନ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଯମୁନା ମଲ୍ଲିକ, ଆରତି ମଲ୍ଲିକ ପ୍ରମୁଖଙ୍କ ସହିତ ଶତାଧିକ ଚାଷୀ ଡେଲାଙ୍ଗ ତହସିଲଦାର ନିବେଦିତା ପରିଡ଼ାଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପରିଡ଼ା ସୂଚନା ଦେଇଛନ୍ତି।

# ୧୬ରେ ସତ୍ୟବାଦୀ ଗସ୍ତରେ ୫-ଟି ସଚିବ



୫-ଟି ସଚିବଙ୍କ ସତ୍ୟବାଦୀ ଗସ୍ତ ପାଇଁ ଜିଲା ପ୍ରଶାସନର ସ୍ଥିତି ଅନୁଧ୍ୟାନ।

ସାକ୍ଷୀଗୋପାଳ,୮।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଆସନ୍ତା ୧୬ ତାରିଖରେ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପଣ୍ଡିଆନଙ୍କ ସତ୍ୟବାଦୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୧ଟାରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ସତ୍ୟବାଦୀ ଗସ୍ତରେ ଆସିଥିଲେ। ପ୍ରଥମେ ସେ ସାକ୍ଷୀଗୋପାଳ କଲେଜକୁ ଯାଇ ସଭାକାର୍ଯ୍ୟ ଅନୁଷ୍ଠିତ ହେବା ପାଇଁ ଉଦ୍ଦିଷ୍ଟ ପଡ଼ିଆ ବୁଲି ଦେଖିଥିଲେ। ପରେ ପଞ୍ଚସଖା ସମାଧି ପୀଠର ସ୍ଥିତି ଅନୁଧ୍ୟାନ କରିଥିଲେ। ଗସ୍ତ ସମୟରେ ତାଙ୍କ ସହ ପୁରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ

ସୂଚନା ଅନୁଯାୟୀ, ସ୍ଥାନୀୟ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପଡ଼ିଆରେ ୫-ଟି ସଚିବ ପ୍ରଥମେ ଏକ ବିଶାଳ ଜନସଭାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ବୋଧିତ କରିବେ। ପରେ ପଞ୍ଚସଖା ସମାଧି ପୀଠ ଯାଇ ମହାପୁରୁଷଙ୍କ ସମାଧିରେ ମାଲ୍ୟାର୍ପଣ କରି ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରିବେ। ସେଠାରୁ ସାକ୍ଷୀଗୋପାଳ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ସାକ୍ଷୀଗୋପାଳ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ପର୍କରେ ଅଳ୍ପ ସଂଖ୍ୟକ ସେବାୟତ ପ୍ରତିନିଧି ଓ ମନ୍ଦିର ପ୍ରଶାସକଙ୍କ ସହିତ ଆଲୋଚନା କରି ଦାବିପତ୍ର ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

# ରାଧା-କୃଷ୍ଣଙ୍କ ପ୍ରେମର ନାଟକ ମାନଭଞ୍ଜନ ମଞ୍ଚସ୍ଥ

ପୁରୀ,୮।୮(ଅଜିତ ମହାନ୍ତି)

ଶ୍ରୀକୃଷ୍ଣଙ୍କ ଚନ୍ଦ୍ରାବଳୀ କୁଞ୍ଜ ଗମନକୁ ନେଇ ବ୍ୟଥିତ ହୋଇପଡ଼ିଛନ୍ତି ଶ୍ରୀରାଧା। ତାଙ୍କ ଅଭିମାନକୁ ଭାଙ୍ଗିପାରିନାହାନ୍ତି ଲଳିତା-ବିଶାଖା ପରି ଅଷ୍ଟସଖୀ। ଶେଷରେ ରାଧାଙ୍କ ମାନଭଞ୍ଜନ ପାଇଁ କୃଷ୍ଣଙ୍କୁ ଛଦ୍ମବେଶରେ ରାଧାଙ୍କୁ କାଚ ପିନ୍ଧାଇବାକୁ ପଡ଼ିଛି, ମାଳ ପିନ୍ଧାଇବାକୁ ପଡ଼ିଛି ଏପରିକି ରାଧାଙ୍କ ଗୋଡ଼ରେ ଅଳିତା ଲଗାଇବାକୁ ପଡ଼ିଛି। ଶେଷରେ ମାନ ଭାଙ୍ଗିଛନ୍ତି ରାଧା। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ଲେଖକ, ପ୍ରଯୋଜକ ଓ ନିର୍ଦ୍ଦେଶକ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ରଚିତ ରାସ ନାଟକ 'ମାନଭଞ୍ଜନ' ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନୁଷ୍ଠାନ ଆମର, ପୁରୀର ମିଳିତ ସହଯୋଗରେ ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଯାଇଛି। ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଚମତ୍କାର ନିର୍ଦ୍ଦେଶନାରେ ଏହି ରାସକୁ ଦର୍ଶକ-ଶ୍ରୋତା ଦେଖି ଭାବବିହ୍ୱଳ ହୋଇଛନ୍ତି। ପ୍ରଭୁପାଦ ମୋହନ ସୁନ୍ଦର ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବରେ ନାଟକ ମାନଭଞ୍ଜନ ମଞ୍ଚସ୍ଥ ହୋଇଛି। ଏହାପୂର୍ବରୁ ସକାଳେ ଟାଉନହଲ ଛକଠାରେ ସ୍ୱର୍ଗୀୟ ମୋହନ ଦେବ ଗୋସ୍ୱାମୀଙ୍କ ୧୩୨ତମ ଜୟନ୍ତୀ ଉପଲକ୍ଷେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୀତିକାର ତଥା ରାସ ଅଭିନେତା ବଦ୍ରି ମିଶ୍ର, ନିର୍ଦ୍ଦେଶକ ବିକ୍ରମ ସାହୁ, ନୃତ୍ୟଶିଳ୍ପୀ ନାରାୟଣ ପାଣ୍ଡେ, ଗୁରୁ ଅଶୋକ ଦାସ, ଗୁରୁ ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନ ଆମର ପକ୍ଷରୁ ଆୟୋଜିତ ନାଟକ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୂର୍ବତନ ପ୍ରଶାସକ ବିନୋଦ ପଣ୍ଡା, ବରିଷ୍ଠ ସେବାୟତ ଭଗବାନ ସୁଆର, ଇ-୨୪ର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା ଓ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ମହାନ୍ତି ନିଜ ବକ୍ତବ୍ୟରେ ଓଡ଼ିଶୀ ସଙ୍ଗୀତଜ୍ଞ, କବି, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ପାରମ୍ପରିକ ରାସର ଗୁରୁ ଏବଂ ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଭୁପାଦ ମୋହନ ସୁନ୍ଦର ଗୋସ୍ୱାମୀଙ୍କ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଶିଳ୍ପୀ ଗୌରାଙ୍ଗ ମହାରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଗୀତିକାର ଆର୍ତ୍ତତ୍ରାଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ସମୀର ଶତପଥୀ। ସଭାକାର୍ଯ୍ୟ ପରେ ପରେ ନାଟକ ମାନଭଞ୍ଜନ ମଞ୍ଚସ୍ଥ ହୋଇଥିଲା।




ପ୍ରଭୁପାଦ ମୋହନ ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଅବସରରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

### ଅଧ୍ୟାପିକାଙ୍କ ବିୟୋଗରେ ଛାତ୍ରୀଛାତ୍ରଙ୍କ ଶୋକସଭା

ଗୋପ,୮।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ବଇରିପୁର ରାଧାବଲ୍ଲଭ ମହାବିଦ୍ୟାଳୟରେ ବରିଷ୍ଠ ଅଧ୍ୟାପିକା ସଂଘମିତ୍ରା ରାଉତରାୟଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଶୋକସଭା କରାଯାଇଥିଲା। ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମହାବିଦ୍ୟାଳୟର ବିରାଟ କିଶୋର ନାୟକ, ସୁବ୍ରଜିତ ନାୟକ, ଅଜୟ କୁମାର ସାହୁ, ବିଷ୍ଣୁପ୍ରିୟା ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରାଉତରାୟଙ୍କ କର୍ତ୍ତବ୍ୟ ନିଷ୍ଠା, ଛାତ୍ରୀଛାତ୍ର ସଂଘମିତ୍ରାଙ୍କ କାର୍ଯ୍ୟ କଳାପ ସମ୍ପର୍କରେ ମତବ୍ୟକ୍ତ କରିବା ସହ ସ୍ନେହମୟୀ ଥିବା କହିଥିଲେ। ଅଧ୍ୟାପିକା ସଂଘମିତ୍ରା କିଛି ଦିନ ଧରି ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଚିକିତ୍ସାଧୀନ ଥିବାବେଳେ ଗତ ୬ ତାରିଖ ଦିନ ଶେଷତ୍ୟାଗ କରିଥିଲେ। ଅଧ୍ୟାପିକା ରାଉତରାୟ ମାତ୍ର ୪ ମାସ ହେବ ସ୍ଥାୟୀ ହୋଇଥିଲେ।

### କ୍ରୀଡ଼ା ଶିକ୍ଷକ ବିଶ୍ୱନାଥଙ୍କ ସ୍ମୃତିସଭା

ପୁରୀ,୮।୮(ଅଜିତ ମହାନ୍ତି)

ମୁଦୁଲି ଜାଗା କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ବିଶ୍ୱମ୍ଭର ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ବିଶ୍ୱନାଥ ଭଞ୍ଜଙ୍କ ଦଶାହ ଅବସରରେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଭଞ୍ଜ ସାର୍ ଥିଲେ ଗୋଟେ କ୍ରୀଡା ଅନୁଷ୍ଠାନ, ମଲ୍ଲଯୋଦ୍ଧା, ସମର କଳାପ୍ରିୟ, ହକିପ୍ରିୟ, ରେଫରି ସାହିତ୍ୟ ଅନୁରାଗୀ। ଛାତ୍ରୀଛାତ୍ରଙ୍କ ନିକଟରେ ସେ ଅତି ପ୍ରିୟ ଥିଲେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ପୂଜ୍ୟପୂଜା ସମନ୍ୱୟ ସମିତି ତରଫରୁ ଆୟୋଜିତ ସଭାରେ ବୌଧିଚକ୍ରର ସଭାପତି ଗିରିଜା ଶଙ୍କର ପାଢ଼ୀ, ଭାଷା ସୁରକ୍ଷା ପ୍ରତିଷ୍ଠାନର ସଭାପତି ଡ. ବଳରାମ ଦାଶ, ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ରବୀନ୍ଦ୍ରନାଥ ସେନାପତି, ଅଧ୍ୟାପକ ଶ୍ରୀନିବାସ ଆଚାର୍ଯ୍ୟ, ରଘୁନାଥ ପରିଡ଼ା, ଅଜୟ ଦାଶ, ପଣ୍ଡିତ ଦୟାନିଧି ପଣ୍ଡା, ବିଭୂତି କର, ବାସୁଦେବ ସାହୁ, ଲୋକନାଥ ପରିଡ଼ା, ପୁଅ ସଞ୍ଜୀବ ଭଞ୍ଜ, ଉମେଶ ଦାଶ, ଲୋକନାଥ ମିଶ୍ର ଓ ଅନେକ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବିଶ୍ୱମ୍ଭର ବିଦ୍ୟାଳୟର ୮୪ ବ୍ୟାଚ୍ ଏହି ସଭାକୁ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରାଯାଇଥିଲା। ସେହିପରି ଡ. ପ୍ରମୋଦ ଦଳେଇ ପ୍ରବଚନ ଦେଇଥିଲେ।

# ଭାଜପାରେ ପ୍ରାର୍ଥୀକୁ ନେଇ ବଢୁଛି ଦ୍ୱନ୍ଦ୍ୱ

ଗୋପ,୮।୮(ଭାରତୀ ଭୂଷଣ ଉପାଧ୍ୟାୟ)

### ଯୁବନେତା ଦିଲୀପଙ୍କୁ ମିଳୁଛି ସମର୍ଥନ

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି କର୍ମୀ ଓ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବଢୁଛି। କିନ୍ତୁ ଗୋପ ବ୍ଲକ ଭାଜପା ଦଳର ଦଳ କନ୍ଦଳ ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ଗତ ସାଧାରଣ ନିର୍ବାଚନ ପରେ ଭାଜପା ଦଳରେ ସାମିଲ ହୋଇ ଥିବା ଯୁବନେତା ଦିଲୀପ କୁମାର ନାୟକଙ୍କ ପ୍ରତି ଜନସମର୍ଥନ ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ପୁରୀ ଜିଲା ନିମାପଡ଼ା ନିର୍ବାଚନ ମଣ୍ଡଳୀରୁ ଲଗାତର ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଅର୍ଥାତ ୩ ଥର ନିମାପଡ଼ା ବିଧାୟକ ତଥା ପୂର୍ବତନ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜୟୀ ହୋଇ ଆସୁଥିବା ବେଳେ ତାଙ୍କ ସହିତ ଲଗାତର ଲଢ଼ି ଆସୁଥିବା ଭାଜପା ଦଳର ନାରୀନେତ୍ରୀ ପ୍ରଭାତୀ ପରିଡ଼ା ୩ଥର ପରାଜିତ ହୋଇଛନ୍ତି। ଏପଟେ ଚଳିତ ୨୪ ସାଧାରଣ ନିର୍ବାଚନରେ ବିଜେଡି ପକ୍ଷରୁ ସମୀର ରଞ୍ଜନ ଦାଶ ପ୍ରାର୍ଥୀ ହେଉଥିବା ବେଳେ ଭାଜପା ଦଳରେ ଦଳ କନ୍ଦଳ ଲାଗି ରହିଥିବାରୁ କିଏ ପ୍ରାର୍ଥୀ ହେବ ତାହା ଏବେ ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ ଭାଜପା ଦଳରେ ସାମିଲ ହୋଇଥିବା ଯୁବନେତା ଦିଲୀପ କୁମାର ନାୟକଙ୍କ ପ୍ରତି ଜନସମର୍ଥନ ବଢୁଥିବାରୁ ଭାଜପା କର୍ମୀମାନେ ଦିଲୀପଙ୍କୁ ସାଧାରଣ ନିର୍ବାଚନରେ ପ୍ରାର୍ଥୀ କରିବାକୁ ଦାବି କରିଛନ୍ତି। ସେପଟେ ଲଗାତର ଭାଜପା ପକ୍ଷରୁ ୩ଥର ପ୍ରାର୍ଥୀ ହୋଇ ପରାଜିତ ହୋଇଥିବ ମହିଳା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଅଳ୍ପ ଦିନ ପୂର୍ବରୁ ତାଙ୍କ ସ୍ୱାମୀଙ୍କୁ ଭାଜପା ଦଳରେ ସାମିଲ କରାଇ ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ କରିବାକୁ ଗୋଟି ଚଳାଇଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରାଧାନ୍ୟ ବିସ୍ତାର କରିଥିବା ବିଧାୟକ ସମୀର ରଞ୍ଜନ ଦାଶଙ୍କ ସହିତ ଲଢ଼ିବାକୁ କେବଳ ଭାଜପା ଦଳର ଯୁବନେତା ଦିଲୀପ କୁମାର ନାୟକ ହିଁ ବୋଲି ଏବେ ଜୋର୍ ଚର୍ଚ୍ଚା ଧରିଛି। କିଛିଦିନ ଧରି ବନ୍ୟାଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଦଳ କାର୍ଯ୍ୟରେ ନିଜକୁ ସାମିଲ କରି କର୍ମୀଙ୍କ ସପକ୍ଷରେ ମଧ୍ୟ ରହୁଛନ୍ତି।

### ଚିଲିକା ରିଂବନ୍ଧରେ ତାଳମଞ୍ଜି ରୋପଣ

କୃଷ୍ଣପ୍ରସାଦ,୮।୮(କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଏନ୍‌ଆର୍ ଫାଉଣ୍ଡେଶନ ସାତପଡ଼ା ପକ୍ଷରୁ ଚିଲିକା ରିଂବନ୍ଧରେ ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏନ୍‌ଆର୍ ଫାଉଣ୍ଡେଶନ ମୁଖ୍ୟ ସର୍ବଭାରତୀୟ କାନାଡା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ରବୀନ୍ଦ୍ର କୁମାର ମାଝୀ, ଉପସଭାପତି ରବୀନ୍ଦ୍ର କୁମାର ବାରିକ, ଫାଉଣ୍ଡେଶନର କ୍ରୀଡ଼ା ସମ୍ପାଦକ ଲକ୍ଷ୍ମୀଧର ପରିଡ଼ା, ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ସାତପଡ଼ା ପଞ୍ଚାୟତର ରତାମାଟି ଛକ ଚିଲିକା କୂଳରୁ ସୋମନାଥ ଛକ ପର୍ଯ୍ୟନ୍ତ ଚିଲିକା ରିଂ ବନ୍ଧରେ ୭ହଜାର ତାଳ ମଞ୍ଜି ଲଗାଯାଇଛି। ସଙ୍ଗଠନ ପକ୍ଷରୁ ୫୦ହଜାର ତାଳ ମଞ୍ଜି ପକାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସାତପଡ଼ାଠାରୁ ପୁରୀ ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ରିଂବନ୍ଧରେ ଫାଉଣ୍ଡେଶନ ପକ୍ଷରୁ ଏହି କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସାରସ୍ୱତ ସାହିତ୍ୟ ସଂସଦ ସଂଯୋଜକ ଫାଲଗୁନୀ ଜାଲି କହିଛନ୍ତି।

# ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ବିକାଶ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଏକ ଅଭିନବ ପ୍ରୟାସ। ଏହି ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ମହିଳାଙ୍କ ଦ୍ରୁତ ବିକାଶ ଓ ପ୍ରଗତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବଳିଷ୍ଠ ପରିକଳ୍ପନା ବୋଲି ମିଶନ ଶକ୍ତି ବିଭାଗର ରାଜ୍ୟ ଉପଦେଷ୍ଟା ଡ. ଗୀତାଞ୍ଜଳି ବସ୍ତିଆ କହିଥିଲେ। ନିମାପଡ଼ାଠାରେ ଶୁକ୍ରବାର ଆୟୋଜିତ ଏକ ସମୀକ୍ଷା ବୈଠକରେ ଡ. ବସ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳାଙ୍କ ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। ଆମ ରାଜ୍ୟ ହସିବ, ମା'ମାନଙ୍କ ମୁହଁରେ ହସ ଫୁଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିମାପଡ଼ା ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ କାର୍ଯ୍ୟକ୍ରମର ଏକ ସମୀକ୍ଷା ନିମାପଡ଼ା ପଞ୍ଚାୟତ ସମିତି ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ବିଭାଗର ଜିଲା ପ୍ରକଳ୍ପ ସଂଯୋଜିକା ଆରତି ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସିଡିପିଓ ତନୁପ୍ରଭା ବେଉରା, ବ୍ଲକ ପ୍ରକଳ୍ପ ସଂଯୋଜକ ଦେବଦତ୍ତ ବିଶ୍ୱାଳ, ବ୍ଲକ ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘର ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍)ମଧୁଛନ୍ଦା ପ୍ରଧାନ ପ୍ରମୁଖ ଯୋଗଦେଇ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିବାବେଳେ ମିଶନ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମା'ମାନେ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତର ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ସଭାପତି, ସମ୍ପାଦକ, ଏମ୍‌ବିକେ, ଓଡ଼ିଶା ଜୀବିକା ମିଶନ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ଉପଦେଷ୍ଟା, ଜିଲା ପ୍ରକଳ୍ପ ସଂଯୋଜିକାଙ୍କୁ ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

# ଦାବି ପୂରଣ ନ ହେଲେ ୧୮ରୁ ସମୂହ ଛୁଟି

### କଳାବ୍ୟାଜ୍ ପିନ୍ଧି ପିଇଓଙ୍କ ଆନ୍ଦୋଳନ

କାକଟପୁର,୮।୮(ଶୁଭଦର୍ଶନ ମିଶ୍ର)/ ସାକ୍ଷୀଗୋପାଳ(ଭରତ ରାଉତ)

ପୁରୀ ଜିଲା କାକଟପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତରେ କାର୍ଯ୍ୟରତ ପିଇଓମାନେ ୫ ଦଫା ସମ୍ବଳିତ ଦାବି ପୂରଣ ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ବିଡିଓଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ଯୋଗ୍ୟତା ସ୍ନାତକକୁ ବୃଦ୍ଧି, ବର୍ଗୀକରଣ ତାଲିକା, ୧୦ ବର୍ଷ ଅଭିଜ୍ଞତାରେ ପଦୋନ୍ନତି, ୨୦୧୭ ମସିହାରେ ବେତନ ନିର୍ଦ୍ଧାରଣ ସେମାନଙ୍କ ପ୍ରତି ଲାଗୁ କରିବା ପାଇଁ ଦାବି କରାଯାଇଛି। ସରକାର ଯଦି ୧୭ ତାରିଖ ମଧ୍ୟରେ ଦାବି ପୂରଣ ନ କରନ୍ତି ତେବେ, ୧୮ ତାରିଖରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସରକାର ପ୍ରାୟ ୨୧ଟି ବିଭାଗ କାର୍ଯ୍ୟ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି।



ସାକ୍ଷୀଗୋପାଳଠାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରୁଛନ୍ତି ।

ସେଥିଯୋଗୁ ଗ୍ରାମାଞ୍ଚଳରେ ପଞ୍ଚାୟତର ଗୁରୁତ୍ୱ ବଢ଼ିଯାଇଛି। ଯଦି ଅଧିକାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହୁଅନ୍ତି, ତେବେ ଗ୍ରାମାଞ୍ଚଳ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟିହେବାର ସମ୍ଭାବନା ରହିଛି। କାକଟପୁର ବ୍ଲକର କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଯୋଧନ ସ୍ୱାଇଁ, ଅନାଥ ବନ୍ଧୁ ମୁଦୁଲି, ଅଜୟ ନାୟକ, ପ୍ରହ୍ଲାଦ ନାୟକ, ସଦାନନ୍ଦ ବେହେରା, କହ୍ନେଇ ପ୍ରଧାନ, ନିବେଦିତା ଦାସ, ସରସ୍ୱତୀ ସେନାପତି କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି।

ସେହିପରି ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ଭୁବନେଶ୍ୱର ଆହ୍ୱାନକ୍ରମେ ୪ ଦଫା ସମ୍ବଳିତ ଦାବି ପୂରଣ ନେଇ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପିଇଓ ସଂଘ ପକ୍ଷରୁ କଳାବ୍ୟାଚ ପରିଧାନ କରି ଆନ୍ଦୋଳନ ଓ ଧାରଣା ଦେଇ ଦାବି ଉପସ୍ଥାପନ କରିଛନ୍ତି। ବ୍ଲକ ସଂଘ ସଭାପତି ବିଜୟ ନାୟକ, ଉପସଭାପତି ନବୀନ ସାହୁ, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, କୋଷାଧ୍ୟକ୍ଷ ବିଜୟ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ହେମନ୍ତ ତ୍ରିପାଠୀ, ସାରଙ୍ଗଧର ସ୍ୱାଇଁ, ଚକ୍ରଧର ପାଇକରାୟ, ଉପଦେଷ୍ଟା କମିଟି ସଭ୍ୟ କବିର ମହାରଣା, ସତ୍ୟନାରାୟଣ ସେଠୀ ପ୍ରମୁଖ କଳାବ୍ୟାଜ୍ ପରିଧାନ କରିଥିଲେ।

## ସଂକ୍ଷେପରେ

### 'ପ୍ରତିଶ୍ରୁତି'ର ମୌସୁମୀ ଆସର

ଭୁବନେଶ୍ୱର,୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ପତ୍ରିକା 'ପ୍ରତିଶ୍ରୁତି'ର ମୌସୁମୀ ଆସର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ଅଧ୍ୟାପିକା ଈପ୍ସିତା ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରବଚକ ଡ. ଚନ୍ଦ୍ରଶେଖର ଦାଶ, ଭାଷାବିତ୍ ଶଙ୍କର ପରିଡ଼ା, ଗବେଷକ ଦେବାଶିଷ ମହାପାତ୍ର, କବି ସନ୍ୟାସୀ ନାୟକ, ସମ୍ପାଦିକା ଶର୍ମିଷ୍ଠା ମହାନ୍ତି ପ୍ରମୁଖ ଯୋଗଦେଇ 'ଓଡ଼ିଆ କବିତାରେ ମୌସୁମୀର ରୂପରେଖ' ଶୀର୍ଷକ ଆଲୋଚନଚକ୍ରରେ ବକ୍ତବ୍ୟ ରଖିଥିଲେ। କବିତା ଆସରରେ ଅଧ୍ୟାପକ ହରେକୃଷ୍ଣ ଦାସ, ଅମିୟ ରଞ୍ଜନ ମହାପାତ୍ର, ପ୍ରସନ୍ନ ସ୍ୱାଇଁ, ବାଦଲ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପତ୍ରିକା ପ୍ରତିଷ୍ଠାତା ଓ ପରିଚାଳନା ସମ୍ପାଦକ ସ୍ମୃତିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିକୁଞ୍ଜ ଘୋଷ, ଜୟଶ୍ରୀ ପଟ୍ଟନାୟକ, ରଶ୍ମି କର ଏବଂ ଶ୍ୟାମାକିଙ୍କର ମହାନ୍ତି ସହଯୋଗ କରିଥିଲେ। ନିବେଦିତା ରଥ ଧନ୍ୟବାଦ ଦେଇଥିଲେ।

# ଉଚ୍ଛେଦକୁ ବିରୋଧ

- ଉଠାଦୋକାନୀ ବ୍ୟବସାୟୀ ସଂଘର ଧାରଣା
- ସ୍ମାର୍ଟସିଟି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)



ଉଠାଦୋକାନୀଙ୍କୁ ଥଇଥାନ କରିବା ଦାବିରେ ଏଆଇଟିୟୁସି ପକ୍ଷରୁ ବିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

ସ୍ମାର୍ଟ ସିଟି ନାମରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ସେମାନଙ୍କ ପେଟକୁ ଲାତ୍ ମରାଯାଉଛି। ଦେଶର ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ଉଠାଦୋକାନୀଙ୍କ ଥଇଥାନ ପାଇଁ ପାର୍ଲାମେଣ୍ଟ ଆଇନ ପାଶ୍ କରିଛି। ଏପରିକି ବିଏମ୍‌ସି ସର୍ଭେ କରି ସେମାନଙ୍କୁ ଷ୍ଟ୍ରିଟ୍ ଭେଣ୍ଡର କାର୍ଡ ପ୍ରଦାନ କରିଛି। ଏହାସତ୍ତ୍ୱେ ଉଠାଦୋକାନୀଙ୍କୁ ଥଇଥାନ ନ କରି ଉଚ୍ଛେଦ କରିବା ଆଇନ ବିରୁଦ୍ଧ ବୋଲି ଉଠାଦୋକାନୀ ବ୍ୟବସାୟୀ ସଂଘ ସଭାପତି ସୁର ଜେନା ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ସ୍ମାର୍ଟସିଟି ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଶୋକ ନଗର, ବାୟାବାବା ମଠ ଛକ ଗଳି ଅଞ୍ଚଳର ଏକାଧିକ ଉଠାଦୋକାନୀ ସତ୍ୟନଗରଠାରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ମାର୍ଟ ସିଟି ଜେନେରାଲ ମ୍ୟାନେଜରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଅଶୋକନଗର ଓ ବାୟାବାବା ମଠ ଛକ ଗଳି ଅଞ୍ଚଳର ଉଠାଦୋକାନୀଙ୍କୁ ରାଜମହଲଠାରୁ ରାମମନ୍ଦିର ମଧ୍ୟରେ ଥିବା ଭେଣ୍ଡିଂ ଜୋନରେ ଏବଂ ଅନ୍ୟମାନଙ୍କୁ ନିଜ ଅଞ୍ଚଳରେ ଥଇଥାନ କରିବା, ୬୭ଟି ୱାର୍ଡରେ ଠେଲାଦୋକାନୀଙ୍କ ପାଇଁ ୬୭ଟି ସ୍ଥାନ ଚିହ୍ନଟ କରିବା ଏବଂ ସେପର୍ଯ୍ୟନ୍ତ ଦୋକାନ ଉଚ୍ଛେଦ ବନ୍ଦ ରଖିବା ପାଇଁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ବାରିକ, ବଟକୃଷ୍ଣ ସାହୁ, ଅଶୋକ ବାରିକ, ଦେବେନ୍ଦ୍ର ସାହୁ, ଭରତ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# 'ମନ୍ତ୍ରମୁଗ୍ଧ କରୁଥିଲା ସିକନ୍ଦର ଆଲାମଙ୍କ ସଙ୍ଗୀତ'

## ତ୍ରୟୋଦଶ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଖ୍ୟାତନାମା କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ସିକନ୍ଦର ଆଲାମଙ୍କ ତ୍ରୟୋଦଶ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପ ସମ୍ମୁଖ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ ଏବଂ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ସ୍ୱର୍ଗତ ଆଲାମଙ୍କ କନ୍ୟା ସୋଫିଆ ଆଲାମ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଶିବ ସୁଆର, ରୁବିନା ପରିଡ଼ା, ପ୍ରଦୀପ୍ତ ପରିଡ଼ା, ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଆଲାମଙ୍କ କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଭଜନ ଶୁଣି ଲୋକେ ସବୁ ସମୟରେ ମନ୍ତ୍ରମୁଗ୍ଧ ହୋଇଯାଆନ୍ତି। ସେ ଅନେକ ଚଳଚ୍ଚିତ୍ରରେ କଣ୍ଠଦାନ କରିବା ସହ ବହୁସଂଖ୍ୟକ ପଲ୍ଲୀଗୀତ, ଆଧୁନିକ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ ଓ ଗଜଲ ଗାନ କରିଛନ୍ତି। ପୂର୍ବରୁ ଦୁର୍ଗାପୂଜା ସମୟରେ ତାଙ୍କ କଣ୍ଠରୁ ସଙ୍ଗୀତ ଶୁଣିବା ପାଇଁ ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ତାଙ୍କୁ ନେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେ ଗାଇଥିବା ମୁଁ ରିକ୍ସାବାଲା ଗୀତଟି ଆଜି ମଧ୍ୟ ମନକୁ ଆମୋଦିତ କରିଥାଏ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଇ ଫର୍ ଭୁବନେଶ୍ୱର ଏବଂ ଜୟ ଓଡ଼ିଶା ସଙ୍ଗଠନ ପକ୍ଷରୁ ରବୀନ୍ଦ୍ରମଣ୍ଡପ ସମ୍ମୁଖସ୍ଥ ସିକନ୍ଦର ଆଲାମ୍‌ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ମରଣାନ୍ତକ ଆକ୍ରମଣ ଘଟଣା, ଜଣେ ଗିରଫ

ଜଟଣୀ,୮।୮ (ରବୀନ୍ଦ୍ରନାଥ ମହାକୁଡ)

ମରଣାନ୍ତକ ଆକ୍ରମଣ ଘଟଣାରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଅରଗୁଳ ବରଅରା ଅଞ୍ଚଳର ଚିରଞ୍ଜୀବ ସ୍ୱାଇଁ ଓରଫ ରାବଣ ସ୍ୱାଇଁ (୨୪)। ସୂଚନା ମୁତାବକ, ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କଠାରୁ ରାବଣ ୨୦ହଜାର ଟଙ୍କା ସାହାଯ୍ୟ ନେଇଥିଲେ। ପରବର୍ତ୍ତୀ ସମୟରେ ରାବଣ ଟଙ୍କା ଆଉ ଫେରାଇ ନ ଥିଲେ। ଅଭିଯୋଗକାରିଣୀ ଟଙ୍କା ପାଇଁ ଅଭିଯୁକ୍ତ ରାବଣଙ୍କ ନିକଟକୁ ଗତ ୨୦ ତାରିଖରେ ଯାଇଥିଲେ। ତେବେ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଗ୍ରାମର ଜଣେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଘଟଣା ସମ୍ପର୍କରେ ରାବଣଙ୍କୁ ପଚାରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ରାବଣ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଏକ ଥଣ୍ଡା ପାନୀୟ ବୋତଲରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୭୧/୨୩) ରୁଜୁକରି ତଦନ୍ତ ଚଳାଇଥିଲା।


ରବୀନ୍ଦ୍ର ମଣ୍ଡପରେ ଜଳସେଚନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ପରିବେଷିତ ନାଟକ 'କିଛି ଲୁହ ପିଇଯାଏ ଓଠ'ର ଏକ ଦୃଶ୍ୟ।

## ଜଳସେଚନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜଳସେଚନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଜଳସମ୍ପଦର ବିକାଶ, ଗୁରୁତ୍ୱ ଓ କାର୍ଯ୍ୟକ୍ଷମ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି, ଚନ୍ଦ୍ରଶେଖର ପାଢୀ, ଲିଙ୍ଗରାଜ ଗୌଡ଼, ମୁଖ୍ୟଯନ୍ତ୍ରୀ ସାଗର ମହାନ୍ତି ଓ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ପରିଷଦର ସଭାପତି ପ୍ରଭାତ ନନ୍ଦ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅମିତାଭ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସୌମ୍ୟରଞ୍ଜନ ମହାନ୍ତି ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା 'ଜଲ୍‌ସା-୨୦୨୩' ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟାରେ ନାଟକ 'କିଛି ଲୁହ ପିଇଯାଏ ଓଠ' ମଞ୍ଚସ୍ଥ ହୋଇଥିଲା।

# ଜାଗା ମିଶନ୍‌ରେ ଖୁବ୍‌ଶୀଘ୍ର ମିଳିବ ଜମିପଟ୍ଟା

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)

- ଅଗଷ୍ଟ ୧୮ ସୁଦ୍ଧା ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ
- ପ୍ରଥମ ପର୍ଯ୍ୟାୟରେ ୫୧,୩୭୬ ହିତାଧିକାରୀଙ୍କୁ ମିଳିବ ପଟ୍ଟା

ଭୁବନେଶ୍ୱରରେ ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ 'ଜାଗା ମିଶନ୍' କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ୫୧ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଚୟନ କରାଯାଇଥିବାବେଳେ ଏ ଯାଏ ସେମାନଙ୍କୁ ଜମିପଟ୍ଟା ବା ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ପ୍ରଦାନ କରାଯାଇନାହିଁ। ପ୍ରଥମେ ଉତ୍କଳ ଦିବସରେ ଜମିପଟ୍ଟା ବଣ୍ଟନ କରାଯିବ ବୋଲି ଘୋଷଣା କରାଯିବା ପରେ କୌଣସି କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ୪ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ବି କେବେ ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ କରାଯିବ ସେ ନେଇ ବିଧିବଦ୍ଧ ତାରିଖ ନିର୍ଦ୍ଧାରିତ ହୋଇ ନ ଥିବାବେଳେ ଖୁବ୍‌ଶୀଘ୍ର ପଟ୍ଟା ବଣ୍ଟନ ହୋଇପାରେ ବୋଲି ସୂଚନା ମିଳିଛି। ସେହିପରି ଆସନ୍ତା ୧୮ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ବଣ୍ଟନ ହେବାକୁ ଥିବା ପଟ୍ଟା ପ୍ରସ୍ତୁତ ରଖିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ହୋଇଥିବା ସର୍ଭେରେ ପ୍ରଥମ ପର୍ଯ୍ୟାୟରେ ୫୧ହଜାର ୩୭୬ଜଣ ହିତାଧିକାରୀଙ୍କୁ ତାଲିକା ପରିସରଭୁକ୍ତ କରାଯାଇଛି। ଏମାନଙ୍କୁ ସ୍ଲମ୍ ଡେଭଲପ୍‌ମେଣ୍ଟ ଅଥରିଟି (ଏସ୍‌ଡିଏ) ଚୟନ କରିଛି। ନିର୍ଦ୍ଧାରିତ ତାରିଖ ସୁଦ୍ଧା ହିତାଧିକାରୀଙ୍କ ଜମିପଟ୍ଟା ପ୍ରିଣ୍ଟ କରି ପ୍ରସ୍ତୁତ ରଖିବାକୁ ମଧ୍ୟ କୁହାଯାଇଛି। ତେଣୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଶେଷ କରିବା ସହ ଭୁବନେଶ୍ୱର ମହାନଗର ନିଗମ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ପ୍ରୟାସ କରୁଛି। ଏଥିସହ ବାକି ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଚିହ୍ନଟ କରି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଉପରେ ମଧ୍ୟ ବିଏମ୍‌ସି ଗୁରୁତ୍ୱ ଦେଉଛି।

ସୂଚନାଯୋଗ୍ୟ, ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ଜାଗା ମିଶନ୍ ସର୍ଭେକୁ ନେଇ ଲାଗି ରହିଥିବା ଶୀତଳ ଯୁଦ୍ଧ ଥମିବାର ନାଁ ନେଉନାହିଁ। ବିଶେଷକରି ସର୍ଭେରୁ ପ୍ରକାଶ ପାଇଥିବା ତାଲିକାରୁ ବାଦ୍ ପଡ଼ିଥିବା ନେଇ ହଜାର ହଜାର ବସ୍ତିବାସିନ୍ଦା ଅଭିଯୋଗ କରିଥିଲେ। ଏପରିକି ସର୍ଭେରେ ଚଞ୍ଚକତା କରି ଅଧିକାରୀ ବା ଏଥିରେ ନିୟୋଜିତ ଏସ୍‌ଡିଏ ନିଜ ନିଜ ପରିଚିତଙ୍କୁ ତାଲିକାରେ ଯୋଡିଥିବା ମଧ୍ୟ ଅଭିଯୋଗ ହୋଇଥିଲା, ଯାହାକୁ ନେଇ ବିଏମ୍‌ସି ଅଧିକାରୀ ହରଡ଼ଘଣାରେ ପଡିଥିଲେ। ଏହାକୁ ନେଇ ବିରୋଧୀ ଦଳ ମଧ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ତେବେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ତାଲିକାଭୁକ୍ତ କରାଯିବ ବୋଲି ବିଏମ୍‌ସି ଅଧିକାରୀ ସୂଚନା ଦେଇଛନ୍ତି।

## ମାଡ଼ ମାରି ମୋବାଇଲ ନେଇଯିବା ଘଟଣା: ଜଣେ ଗିରଫ

ଜଟଣୀ,୮।୮ (ରବୀନ୍ଦ୍ରନାଥ ମହାକୁଡ)

ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇନେବା ଅଭିଯୋଗରେ ମଙ୍ଗଳବାର ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆସାହି ଅଞ୍ଚଳର କଲ୍ୟାଣ ଓରଫ କେ.କାମେଶ୍ୱର ରାଓ। ତାଙ୍କ ନିକଟରୁ ଏକ ମୋବାଇଲ ଜବତ ହୋଇଛି। ଗତ ୫ତାରିଖ ରାତିରେ ରଞ୍ଜନ ନାୟକ ଫେରୁଥିବା ବେଳେ ପି.ଜେ ସିନେମା ହଲ୍ ଠାରେ ଅଭିଯୁକ୍ତ ତାଙ୍କୁ ମାଡ଼ ମାରି ୧୨ଶହ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ।

# ଓଡ଼ିଆ ସୁଗମ ସଙ୍ଗୀତ ଆସର 'ସପ୍ତକ ସନ୍ଧ୍ୟା'

ଭୁବନେଶ୍ୱର, ୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୀତଭାରତୀ ଟ୍ରଷ୍ଟ ପକ୍ଷରୁ ନୂଆ ନୂଆ ଓଡ଼ିଆ ସୁଗମ ସଙ୍ଗୀତ ଆସରକୁ ନେଇ 'ସପ୍ତକ ସନ୍ଧ୍ୟା' ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ରବିନାରାୟଣ ସେନାପତି, ପାରାଦ୍ୱୀପ ବନ୍ଦରର ପ୍ରାକ୍ତନ ସଚିବ ପ୍ରଭାତ କୁମାର ନନ୍ଦ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୀତିକବି ଦେବେନ୍ଦ୍ର ଦାସ ଏବଂ ଗୌର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁ ରାଜକିଶୋର ଗୋଛାୟତଙ୍କ କଣ୍ଠରେ ବେଦପାଠ ପରେ ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି ଶ୍ରୀଜଗନ୍ନାଥ ଆଧାରିତ ପଦ୍ମ ଜଣାଣ ଗାନ କରି ଜଗନ୍ନାଥ ସଂସ୍କୃତିର ଭକ୍ତିଭାବନା ସୃଷ୍ଟି କରିଥିଲେ। ୧୯ଟି ବିଭିନ୍ନ ରାଗରାଗିଣୀ ଆଧାରିତ ଓଡ଼ିଆ ସଙ୍ଗୀତ ଓ ଗୋଟିଏ ଓଡ଼ିଆ ଗଜଲ ଗାୟନ ଶ୍ରୋତାଙ୍କୁ ସଙ୍ଗୀତର ସୁବର୍ଣ୍ଣଯୁଗର ଚଉହଦିଗକୁ ନେଇଯାଇଥିଲା। ସିଦ୍ଧାର୍ଥ ମିଶ୍ର, ବନ୍ଦିତା ରାୟ, ଚନ୍ଦ୍ରିକା ଦାସ, ସନ୍ତୋଷ କର, ଅଜୟ ଶତପଥୀ, ଛନ୍ଦା ମିଶ୍ର, ଏନ୍. ଶ୍ରୀନିବାସ ରାଓ, ଶାନ୍ତନୁ ନାୟକ, ଭାନୁପ୍ରସାଦ ମିଶ୍ର, ରାଜୀବ ମହାପାତ୍ର, ସିଦ୍ଧାନ୍ତ ଶତପଥୀ ଏବଂ ସନ୍ଦୀପ ମିଶ୍ର ପ୍ରମୁଖଙ୍କ କଣ୍ଠରେ ସଙ୍ଗୀତ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। ଗୁରୁ ସୁବାସ ରାମ, ଗୁରୁ ରାଜକିଶୋର ଗୋଛାୟତ, ନୀଳମଣି ଓଝା, ଅଜୟ ଶତପଥୀ ତଥା ପ୍ରାଧ୍ୟାପକ ଅଜୟ ମହାନ୍ତି ସଙ୍ଗୀତର ସ୍ୱର ସଂଯୋଜନା କରିଥିଲେ। ଯନ୍ତ୍ରସଙ୍ଗୀତରେ ଚିନ୍ତାମଣି ମିଶ୍ର, ସଞ୍ଜୟ ରାଉତ ଓ ରାଜେନ୍ଦ୍ର ଦାଶ ସହଯୋଗ କରିଥିଲେ। ଟ୍ରଷ୍ଟର ମୁଖ୍ୟ ନିର୍ବାହୀ ପ୍ରାଧ୍ୟାପକ ଅଜୟ ମହାନ୍ତି ଆଗାମୀ ବର୍ଷଗୁଡ଼ିକରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦେଇଥିଲେ। ବରିଷ୍ଠ ଗୀତିକବି ବିପିନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଗୀତିକବି ରବି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ବୁଲୁଛି ବାଘ୍‌ହା

ପୁରୀ,୮।୮ (ଅଜିତ ମହାନ୍ତି)

ପୁରୀ ସଦର ଥାନା ଅଧୀନ ଚାରିନଳା ରାସ୍ତାରେ ଏକ ବାଘ୍‌ହା ବୁଲୁଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜଣେ ବ୍ୟକ୍ତି ଏହା ଦେଖିବାକୁ ପାଇଥିଲେ। ବାଘ୍‌ହା ବୁଲୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଓସିଏସ୍ ଫଳାଫଳରେ ବାଜିରାଓର ୧୨୦ରୁ ଅଧିକ ଛାତ୍ରୀଛାତ୍ର କୃତକାର୍ଯ୍ୟ




ଭୁବନେଶ୍ୱର,୮।୮

## ବାଜିରାଓ ଆଇଏଏସ୍ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷା ଫଳାଫଳରେ ବାଜିମାତ କରିଛି। ଏପରିକି ଏକାଡେମୀର ୧୨୦ରୁ ଅଧିକ ଛାତ୍ରୀଛାତ୍ର ୨୦୨୧ ଓସିଏସ୍ ଫଳାଫଳରେ କୃତକାର୍ଯ୍ୟ ହୋଇଛନ୍ତି। ବିଶେଷକରି ଏକାଡେମୀର ଛାତ୍ରୀ ବୈଶାଖୀ ଲେଙ୍କା, ମଧୁସ୍ମିତା ସାମଲ, ସ୍ୱାଗତିକା ମହାନ୍ତି, ସୌମ୍ୟ ଶୁଭମ ପାଣି, ବିନ୍ଦୁ ବଳୟ ରାଉତରାୟ ଏବଂ ପ୍ରତୀକ କର ଶ୍ରେଷ୍ଠ ୨୦ତମ ସ୍ଥାନରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ବାଜିରାଓ ଆଇଏଏସ୍ ଏକାଡେମୀ ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨୦୨୧-ଓସିଏସ୍ ଫଳାଫଳରେ ସଫଳତା ହାସଲ କରିଥିବା ଏକାଡେମୀର କୃତୀ ଛାତ୍ରୀଛାତ୍ରମାନଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ସମ୍ପର୍କରେ ବାଜିରାଓ ଆଇଏଏସ୍ ଏକାଡେମୀର ସିଇଓ ଶୁଭ୍ରାଂଶୁ ଶେଖର ଓଝା କହିଛନ୍ତି, ଏକାଡେମୀରେ ଉଭୟ ଭାରତୀୟ ଓ ଓଡ଼ିଶା ପ୍ରଶାସନିକ ସେବା ପାଇଁ ଛାତ୍ରୀଛାତ୍ରମାନେ କୋଚିଂ ନେଉଛନ୍ତି। ଏପରିକି ୨୦୨୧ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନର ସଫଳତା ପାଇଁ ଶୁଭକାମନା ଜଣାଉଛି।

ଉଲ୍ଲେଖଯୋଗ୍ୟ, ଏକାଡେମୀରେ ଉଭୟ ଭାରତୀୟ ଓ ଓଡ଼ିଶା ପ୍ରଶାସନିକ ସେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ଉପଯୁକ୍ତ ମାର୍ଗଦର୍ଶନ ଅଭିଜ୍ଞ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପ୍ରଦାନ କରାଯାଉଛି। ସେହିଭଳି ଓସିଏସ୍-୨୦୨୧ରେ ସଫଳତା ହାସଲ କରିଥିବା ସମସ୍ତ କୃତୀ ଛାତ୍ରୀଛାତ୍ରମାନେ ଏକାଡେମୀର ସହଯୋଗ ଓ ଶିକ୍ଷାଦାନକୁ ଭୂୟସୀ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।

# ୧.୩ ଲକ୍ଷ ଟଙ୍କା ଜବତ, ୪ ଯୁବକ ଗିରଫ

କଟକ,୮।୮ (କାର୍ତ୍ତିକ ସାହୁ)

- ଟଙ୍କା ଲୋଭରେ ଠକାମିରେ ପଡ଼ିଲେ ୨ ପୋଲିସ କର୍ମଚାରୀ
- ୨୦% ଅଧିକ ଦେବାକୁ କହି ଠକି ନେଇଥିଲେ ୯.୮ ଲକ୍ଷ
- ଫେରାଇଥିଲେ ବ୍ୟାଗ୍ ଭର୍ତ୍ତି କାଗଜବିଡ଼ା

ମୂଳ ସହିତ ୨୦% ଅଧିକ ଟଙ୍କା ଦେବାର ଲୋଭ ଦେଖାଇ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକୁଥିବା ଏକ ଗ୍ୟାଙ୍ଗକୁ ମଙ୍ଗଳାବାଗ ପୋଲିସ ଠାବ କରିଛି। ଏଥିସହ ଉକ୍ତ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବୁଦ୍ଧପଡ଼ା ଗ୍ରାମର ଇଟୁ ଓରଫ ମନୋଜ ପଟ୍ଟନାୟକ(୩୮), ଯାଜପୁର ଜିଲା ବଲିରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କେଙ୍କରଡ଼ା ଗ୍ରାମର ସରୋଜ ଓରଫ ସରୋଜକାନ୍ତ ଜେନା(୪୫), କଟକ ଜିଲା କିଶନ ନଗର ଥାନା ଅଧୀନ ଜୋହାନପୁରର ରାଜେଶ କୁମାର ଖୁଣ୍ଟିଆ(୩୦) ଓ ସୁଶାନ୍ତ କୁମାର ସେଠୀ(୩୭)। ସେମାନଙ୍କଠାରୁ ୧,୩୦,୦୦୦ ଟଙ୍କା, ହ୍ୟୁଣ୍ଡାଇ କାର୍ ଓ ଦୁଇଟି ସୁନାହାର ପୋଲିସ ଜବତ କରିଛି। ସବୁଠୁ ଚକିତ କଥା ହେଉଛି ଠକାମିର ଶିକାର ହୋଇଥିବା ବ୍ୟକ୍ତିଦ୍ୱୟ ହେଲେ କଟକ ଷଷ୍ଠ ବାଟାଲିୟନ୍‌ରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀ। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୦/୨୩) ରୁଜୁ ହୋଇଛି।

ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତମାନଙ୍କ ସହ ବୁଦ୍ଧପଡ଼ାର ବାପୁନି ଭୋଇ ଓ ରଘୁନାଥପୁରର ସ୍ୱାଧୀନ ପ୍ରଧାନ କଟକ ଷଷ୍ଠ ବାଟାଲିୟନ୍‌ରେ କାର୍ଯ୍ୟରତ ମାନସ କୁମାର ବାରିକଙ୍କୁ ଫସାଇବାରେ ସକ୍ଷମ ହୋଇଥିଲେ। ସେମାନେ ତାଙ୍କୁ କହିଥିଲେ କି, ୫୦୦ ଟଙ୍କିଆ ନୋଟ୍ ଆକାରରେ ଟଙ୍କା ଦେଲେ ମୂଳ ସହ ୨୦% ଅଧିକା ଟଙ୍କା ସେମାନେ ତାଙ୍କୁ ଦେବେ। ମାନସ ଓ ଷଷ୍ଠ ବାଟାଲିୟନ୍‌ରେ କାର୍ଯ୍ୟରତ ତାଙ୍କ ସାଙ୍ଗ ସରୋଜ ଅଧିକ ଟଙ୍କା ପାଇବା ଲୋଭରେ ଅଭିଯୁକ୍ତମାନଙ୍କୁ ୯.୮ ଲକ୍ଷ ଟଙ୍କା ଦେଇଥିଲେ। ଅପରପକ୍ଷରେ ଅଭିଯୁକ୍ତମାନେ ଦୁହିଁଙ୍କୁ ସାଦା କାଗଜର ବିଡ଼ା ନୋଟ ଆକୃତି ସଦୃଶ ବ୍ୟାଗ୍‌ଭର୍ତ୍ତି ଦେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେମାନେ ମଙ୍ଗଳାବାଗ ଥାନାରେ ଗତ ୨ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନଙ୍କ ସମ୍ପର୍କରେ କେତେକ ତଥ୍ୟ ପୋଲିସକୁ ହସ୍ତଗତ ହୋଇଛି। ସେମାନେ ଢେଙ୍କାନାଳ, ପାହାଳ, ଖୋର୍ଦ୍ଧା, ନୟାପଲ୍ଲୀ, ସୁନ୍ଦରଗଡ଼ ଆଦି ଅଞ୍ଚଳରେ ଲୋକମାନଙ୍କୁ ଅଧିକ ଟଙ୍କା ଦେବାର ଲୋଭଦେଖାଇ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ତଦନ୍ତ ଚାଲିଛି, ଆଗାମୀ ଦିନରେ ଏହି କାରବାର ସହ ଆଉ କେଉଁମାନେ ଜଡ଼ିତ ସେ ସମ୍ପର୍କରେ ଜଣାପଡ଼ିବ ବୋଲି ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି।


ଗିରଫ ୪ ଅଭିଯୁକ୍ତ।


ଜବତ ମୋବାଇଲ ଓ ଟଙ୍କା।

## ସଂକ୍ଷେପରେ

### କେନ୍ଦ୍ର ସରକାରଙ୍କ ପକ୍ଷରୁ ଗହମ ଯୋଗାଣ ପାଇଁ ଦାବି

ଖୁଣ୍ଟୁଣୀ,୮।୮(ସଚ୍ଚିଦାନନ୍ଦ ପଣ୍ଡା)

ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ପକ୍ଷରୁ କଖଡିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ସଂଘ ସଭାପତି ଭାଗିରଥି ସାହୁ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାର ଗହମ ବଦଳରେ ଚାଉଳ ଦେଉଛନ୍ତି। ହେଲେ ମଧୁମେହ ରୋଗରେ ପୀଡିତ ବହୁ ବୃଦ୍ଧାବୃଦ୍ଧ ଓ ବରିଷ୍ଠ ନାଗରିକମାନେ ଏବେ ବି ଗହମ ଉପରେ ନିର୍ଭର କରି ଆସୁଛନ୍ତି। ଗହମ ଯୋଗାଣ ବନ୍ଦ ହେବା ଫଳରେ ସେମାନେ ଖୋଲା ବଜାରରୁ ଅଧିକ ଦାମ୍‌ରେ କିଣିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ସଂଘ ପକ୍ଷରୁ ଆସନ୍ତା ସ୍ୱାଧୀନତା ଦିବସ ପାଳନ କରାଯିବା, ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ଘଣ୍ଟିଖାଲ ରେଳ ଷ୍ଟେଶନ ଦେଇ ଯାଉଥିବା ସମସ୍ତ ଯାତ୍ରୀବାହୀ ଟ୍ରେନ୍ ରହଣି ପାଇଁ ଖୋର୍ଦ୍ଧା ଡିଭିଜନାଲ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରିବା ନିମନ୍ତେ ସ୍ଥିର ହୋଇଥିଲା। ଏହି ଦାବି ପୂରଣ ପାଇଁ ସମସ୍ତ ବିଭାଗକୁ ପତ୍ର ଲେଖାଯିବ ବୋଲି ସଂଘ ସମ୍ପାଦକ କିରଣ ବିହାରୀ ଖଟୁଆ, ବେଣୁଧର ମହାନ୍ତି, ରାଜକିଶୋର ଖଟୁଆ, ରତ୍ନାକର ସାମନ୍ତ, ଚନ୍ଦ୍ରଶେଖର ପରିଡ଼ା, କୃଷ୍ଣଚନ୍ଦ୍ର ପଣ୍ଡା, ଫକୀର ଚରଣ ଖଟୁଆ ଓ ରସାନନ୍ଦ ସ୍ୱାଇଁ ପ୍ରମୁଖ ଜଣାଇଛନ୍ତି।

### ବିବେକାନନ୍ଦ ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ସଭ୍ୟଙ୍କ ପରଲୋକ

ବାଙ୍କୀ,୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ସଭ୍ୟ ପ୍ରସନ୍ନ କୁମାର ବେହେରା(୫୫)ଙ୍କ ପରଲୋକ ଘଟିଛି। ଏନେଇ ବାଙ୍କୀ ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସମ୍ପାଦକ ଆଇନଜୀବୀ ସନ୍ତୋଷ କୁମାର ରଣା ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟି କାର୍ଯ୍ୟକାରିଣୀ ସଭାପତି ଶରତ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ସତ୍ୟନାରାୟଣ ସାହୁ, ସହସମ୍ପାଦକ ରମେଶ ବେହେରା, ସଭ୍ୟ ପ୍ରଶାନ୍ତ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ସଭାପତି ଆଦିତ୍ୟପାଣି, ପ୍ରିୟନାଥ ମହାପାତ୍ର, କାଉନସିଲର ରାଜେନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଅଧ୍ୟକ୍ଷା ପ୍ରୀତିମଞ୍ଜରୀ ସାହୁ ଉପାଧ୍ୟକ୍ଷା ସୁରଜିତା ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରସନ୍ନଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଜମିବାଡ଼ିକୁ କେନ୍ଦ୍ରକରି ଯୁବକଙ୍କୁ ଖଣ୍ଡାରେ ହାଣିଲେ

ବାଲିପାଟଣା,୮।୮(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ମୁକୁନ୍ଦଦାସପୁର ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ରକରି ମଙ୍ଗଳବାର ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଏହି ଗ୍ରାମର ସଦାମ ମହମ୍ମଦଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ମକୁନ୍ଦଦାସପୁର ଗ୍ରାମର ଅଫରାଜ ବିବି ଓ ତାଙ୍କ ପୁଅ ସଦାମ ମଙ୍ଗଳବାର ଅପରାହ୍ନରେ ବିଲକୁ ଯାଇଥିଲେ। ତେବେ ଜମିବାଡି ବିବାଦକୁ ନେଇ ଗ୍ରାମର ଫକୀର ମହମ୍ମଦ, ଅମୀର ମହମଦ, ସୋଫିଆ ବିବି ସେଠାରେ ସଦାମଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ଏନେଇ ଅରଫାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୭୨/୨୩) ରୁଜୁକରି ତଦନ୍ତ ଚଳାଇଛି।

### ୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ): ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ଛକରୁ ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସାଗୁଆନ ବଗିଚା ଅଞ୍ଚଳର ବିଭୁରଞ୍ଜନ ରାଉତରାୟ ଓରଫ ବିଭୁ। ତାଙ୍କଠାରୁ ୨୨ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ହେବ। ବିଭୁ ଠେଙ୍ଗାହାଟ ଛକରେ ବେପାର କରୁଥିବା ଖବରପାଇ ଅବକାରୀ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ମାର୍କେଟ୍ ବିଲ୍‌ଡିଂରେ ଥମୁନି ବିବାଦ

- ଉଠାଦୋକାନୀ- ସ୍ଥାୟୀ ଦୋକାନୀ ମୁହାଁମୁହିଁ
- ପୋଲିସ୍ ସମେତ ୧୦ ଜଣଙ୍କ ନାମରେ ୩ ଏତଲା

ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)


ଘଟଣାସ୍ଥଳରେ ପୋଲିସ୍ ପରିସ୍ଥିତି ନିୟନ୍ତ୍ରଣ କରୁଛି।

ଦୀର୍ଘ ୧୮ଦିନର ଆନ୍ଦୋଳନ ଓ ବହୁ ଆଲୋଚନା ପରେ ୩ତାରିଖରେ ମାର୍କେଟ ବିଲ୍ଡିଂ ଖୋଲିଲା। ହେଲେ ମାର୍କେଟ ଖୋଲିବାର ପ୍ରାୟ ଏକସପ୍ତାହ ହେବାକୁ ବସିଥିବାବେଳେ ଏ ଯାଏ ବିବାଦ ଥମିବାର ନାଁ ଧରୁନି। ପ୍ରତିଦିନ ଉଠାଦୋକାନୀମାନେ ମାର୍କେଟ ମଧ୍ୟରେ ବ୍ୟବସାୟ କରିବାକୁ ଚେଷ୍ଟା କରୁଥିବାରୁ ସେମାନଙ୍କୁ ସ୍ଥାୟୀ ଦୋକାନୀ ବିରୋଧ କରୁଛନ୍ତି। ଏପରିକି ବଳପୂର୍ବକ ଉଠାଦୋକାନୀଙ୍କୁ ହଟାଇବା ସହ ହାତାହାତି ସ୍ଥିତି ମଧ୍ୟ ଉପୁଜୁଛି। ଗତ ୪ ତାରିଖରେ ଏଭଳି ସ୍ଥିତି ଦେଖା ଦେଇଥିବାବେଳେ ମଙ୍ଗଳବାର ଘଟଣାର ପୁନରାବୃତ୍ତି ହୋଇଛି। ଉଚ୍ଚ ନ୍ୟାୟାଳୟରୁ ଷ୍ଟେ' ଅର୍ଡର ଆଣିଥିବା ଉଠାଦୋକାନୀଙ୍କ ମଧ୍ୟରୁ ପ୍ରାୟ ୧୨ଜଣ ମାର୍କେଟରେ ବ୍ୟବସାୟ କରିବାକୁ ଯାଇଥିଲେ। ତେବେ ଏହି ସମୟରେ କ୍ୟାପିଟାଲ ଥାନା ଏଏସ୍‌ଆଇ ପି.କେ. ମାଝୀ ବ୍ୟବସାୟୀମାନଙ୍କୁ ଜବରଦସ୍ତି ହଟାଇବାକୁ ପ୍ରୟାସ କରିଥିଲେ। ଏପରିକି ସମ୍ପୃକ୍ତ ବ୍ୟବସାୟୀ ଗଙ୍ଗାଧର ଜେନା ହାଇକୋର୍ଟଙ୍କ ଅର୍ଡର ଦେଖାଇଥିଲେ ବି ତାହାକୁ ନ ମାନି ଜବରଦସ୍ତି ଉଠାଇଥିଲେ। ଏଥିରେ ଆସୋସିଏଶନ୍‌ର କେତେଜଣ ସଦସ୍ୟ ସହଯୋଗ କରିଥିଲେ। ଯାହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାପରେ ଗଙ୍ଗାଧର କ୍ୟାପିଟାଲ ଥାନାକୁ ଯାଇ ସମ୍ପୃକ୍ତ ଏଏସ୍‌ଆଇଙ୍କ ନାମରେ ଏତଲା ଦେଇଛନ୍ତି। ଏଥିସହ ମାର୍କେଟ ଆସୋସିଏଶନ୍‌ର ୯ଜଣଙ୍କ ନାମରେ ଆଉ ୨ଟି ଏତଲା ଦେଇଛନ୍ତି। ଏହାକୁ ମିଶାଇ ସପ୍ତାହକ ମଧ୍ୟରେ ଉଠାଦୋକାନୀଙ୍କ ପକ୍ଷରୁ ମୋଟ୍ ୪ଟି ଏତଲା ଦିଆଯାଇଛି। ଏନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି, ହାଇକୋର୍ଟଙ୍କ ଦ୍ୱାରା ରହିତାଦେଶ ଥିବା ସତ୍ତ୍ୱେ ଉଠାଦୋକାନୀଙ୍କୁ ସେଠାରେ ବ୍ୟବସାୟ କରିବାକୁ ଦିଆ ନ ଯିବା ସମ୍ପୂର୍ଣ୍ଣ ବେଆଇନ। ଉଠାଦୋକାନୀଙ୍କ ପ୍ରତି ହୋଇଥିବା ଅତ୍ୟାଚର ଓ ମାର୍କେଟ ଆସୋସିଏଶନର ଗୁଣ୍ଡାଗର୍ଦ୍ଦିକୁ ସେମାନେ ବହୁତ ସହିଲେଣି। ଏହି ମାମଲାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଉଠାଦୋକାନୀ ନିଜ ହକ୍ ଲାଗି ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ଆଇଜି ପାର୍କରେ ରହିତାଦେଶ ଥିବା ଉଠାଦୋକାନୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉଠାଦୋକାନୀଙ୍କ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ଅଧିକାରୀ ଅଗଷ୍ଟ ୧୬ ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ତେବେ ବର୍ତ୍ତମାନ ସମୟରେ ଉଠାଦୋକାନୀଙ୍କ ବ୍ୟବସାୟ ତଥା ଗୁଜୁରାଣ ମେଣ୍ଟାଇବା ଲାଗି ବିଏମ୍‌ସି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହ ସମାଧାନର ବାଟ ନ ବାହାରିବା ପର୍ଯ୍ୟନ୍ତ ଉଠାଦୋକାନୀମାନେ ମାର୍କେଟ ବିଲ୍‌ଡିଂରେ ବ୍ୟବସାୟ କରିବାକୁ ଆସିବେ ବୋଲି କହିଛନ୍ତି। ଏଥିସହ ଆବଶ୍ୟକ ପଡ଼ିଲେ ବିଏମ୍‌ସି ଏବଂ ମାର୍କେଟ ଆସୋସିଏଶନକୁ ଉଠାଦୋକାନୀ ମହାସଂଘ କାଠଗଡ଼ାକୁ ଟାଣିବାକୁ ପଛାଇବ ନାହିଁ ବୋଲି ଚେତାବନୀ ଦିଆଯାଇଛି।

# ଦମ୍ପତିଙ୍କୁ ଛୁରିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ଧାର ଟଙ୍କାକୁ ନେଇ ଗଣ୍ଡଗୋଳ

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)



ଧାର ଟଙ୍କା ପାଇଁ ଗଣ୍ଡଗୋଳ ପରେ ଦମ୍ପତିଙ୍କୁ ଛୁରୀରେ ଆକ୍ରମଣ କରିବା ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାଣ୍ଡରା ଛକ ନିକଟ କିମ୍ବିରିଆ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ସିପାହୀ ଅସୁରଢିପ ଗ୍ରାମର ପ୍ରଶାନ୍ତ କୁମାର ମାଝୀ (୨୬)। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଛୁରୀ ଜବତ ହୋଇଛି। କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ପ୍ରଶାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତ ସତ୍ୟବାନ ସ୍ୱାଇଁ ବାଲିଅନ୍ତା ଅଞ୍ଚଳରେ ରହୁନ୍ତି। ଅଭିଯୁକ୍ତ ପ୍ରଶାନ୍ତ କ୍ୟାବ ଡ୍ରାଇଭର ହୋଇଥିବାବେଳେ ସେ ସତ୍ୟବାନଙ୍କ ପରିଚିତ ଥିଲେ। ମାସେ ତଳେ ପ୍ରଶାନ୍ତଙ୍କଠୁ ସତ୍ୟବାନ ୬ ହଜାର ଟଙ୍କା ଧାର ନେଇଥିଲେ। ହେଲେ ବାରମ୍ବାର କହିବା ପରେ ମଧ୍ୟ ସତ୍ୟବାନ ଉକ୍ତ ଟଙ୍କା ଫେରାଉ ନ ଥିଲେ। ସୋମବାର ସତ୍ୟବାନ ଓ ତାଙ୍କ ସ୍ତ୍ରୀ କିମ୍ବିରିଆ ବସ୍ତିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଏହା ଜାଣିବା ପରେ ପ୍ରଶାନ୍ତ ଟଙ୍କା ମାଗିବାକୁ ସେଠାକୁ ଯାଇଥିଲେ। ଟଙ୍କା ମାଗିବାରୁ ସତ୍ୟବାନ ଦେବାକୁ ମନା କରିଦେଇଥିଲେ। ଫଳରେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ସତ୍ୟବାନ ଓ ତାଙ୍କ ସ୍ତ୍ରୀଙ୍କୁ ପ୍ରଶାନ୍ତ ଗାଳିଗୁଲଜ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ଦମ୍ପତି ଆହତ ହୋଇଥିଲେ। ଏନେଇ ବସ୍ତି ସଭାପତି ସୁକାନ୍ତ ଉପାଧ୍ୟାୟଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୩୨୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୨୭୫ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକ ପାଇଲେ ପରିଚୟପତ୍ର

## ୧୩୯ ହିତାଧିକାରୀଙ୍କୁ ୭୮,୮୫,୦୦୦ ଟଙ୍କାର ସହାୟତା ପ୍ରଦାନ


ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଏବଂ ଅନ୍ୟ ଅତିଥିମାନେ ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରୁଛନ୍ତି। (ଫଟୋ- ମନୋରଞ୍ଜନ)

ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)

ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଏକ ଘରୋଇ କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ୨୫ ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୫ ଲକ୍ଷ ଓ ୨୫ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୧,୨୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିବାହକାଳୀନ ସହାୟତା ବାବଦରେ ୫୧ ଜଣଙ୍କୁ ୨୫,୫୦,୦୦୦, ଶିକ୍ଷା ସହାୟତା ବାବଦରେ ୩୫ ଜଣଙ୍କୁ ୧,୮୦,୦୦୦ ଟଙ୍କା ଦିଆଯାଇଛି। ଏହିପରି ସର୍ବମୋଟ ୧୩୯ ଜଣଙ୍କୁ ୭୮,୮୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୨୭୫ ଜଣ ନୂତନ ଭାବେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି।

ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇ ଉକ୍ତ ଯୋଜନାରେ କିପରି ଅଧିକରୁ ଅଧିକ ଶ୍ରମିକ ଉପକୃତ ହେବେ ସେ ନେଇ ଗୁରୁତ୍ୱରୋପ କରିଛନ୍ତି। ଶିବିରରେ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ। ବିଭାଗୀୟ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର ଶିବିର ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ କଲ୍ୟାଣ ବୋର୍ଡ ସ୍କିମ୍ ବାବଦରେ ଶ୍ରମିକଙ୍କୁ ବୁଝାଇଥିଲେ। ସହକାରୀ ଶ୍ରମ ଅଧିକାରୀ ପିପାସା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବାଲିଅନ୍ତା,୮।୮(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଆଣ୍ଡାଆରୀ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘର ପାର୍ଶ୍ୱରେ ଯାଇଥିବା ଏକ ତାରରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ସେଠାରେ ତଳେ ପଡ଼ିଯାଇଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

### ୧୩୦ ବୋତଲ ମଦ ଜବତ, ଜଣେ ଗିରଫ

ବାଲିଅନ୍ତା,୮।୮(ନୀଳମାଧବ ସାହୁ)

ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜୟଦେବ ଯାଦବ(୪୦)। ପୋଲିସ ତାଙ୍କ ପାଖରୁ ୧୩୦ ବୋତଲ ମଦ ଜବତ କରିଛି। ଏନେଇ ପୋଲିସ ୨୮୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜୟଦେବ କୁଶଗାଡ଼ିଆ ନିକଟ ନଦୀବନ୍ଧରେ ଏକ କ୍ୟାବିନ ପକାଇ ସେଠି ମଦ ବିକ୍ରି କରୁଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଲାଗି ରହୁଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏକତ୍ରିତ ହୋଇ ଜୟଦେବଙ୍କୁ ଘେରାଉ କରି ବାଲିଅନ୍ତା ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଜୟଦେବଙ୍କୁ କାବୁ କରିଥିଲା।

# ସେପ୍ଟେମ୍ବରରୁ ଖାଲଖମା ମରାମତି ଆରମ୍ଭ

ଯଥାଶୀଘ୍ର ତାଲିକା ପ୍ରସ୍ତୁତ କରିବାକୁ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ): ମୌସୁମୀଜନିତ ବୃଷ୍ଟିପାତ ହେତୁ ସହରର ବିଭିନ୍ନ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଦବିଯାଇ ଯାଇ ଖାଲ ସୃଷ୍ଟି ହେବାର ଆଶଙ୍କା ରହିଛି। ଅନେକ ସମୟରେ ଏଥିପାଇଁ ଦୁର୍ଘଟଣା ଘଟୁଥିବାବେଳେ ଯାତାୟାତରେ ବହୁ ସମସ୍ୟା ଦେଖାଦେଉଛି। ତେଣୁ ଏହାର ସମାଧାନ ପାଇଁ ଏବେ ଅଣ୍ଟା ଭିଡିଛି ବିଏମ୍‌ସି। ସହରର କେଉଁ ୱାର୍ଡର କେଉଁ କେଉଁ ସ୍ଥାନରେ କେତେ ଖାଲଖମା ରହିଛି ତାହାର ତାଲିକା ପ୍ରସ୍ତୁତ କରିବା ସହ ସେଗୁଡିକର ଫଟୋ ଉଠାଇ ଆଣିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଯଥାଶୀଘ୍ର ତାଲିକା ପ୍ରସ୍ତୁତ କଲେ ରାସ୍ତା ମରାମତି ପାଇଁ ଟେଣ୍ଡର କରାଯାଇ ସେପ୍ଟେମ୍ବର ମାସରେ ଏହାର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି କମିଶନର କହିଲେ, ସହରରେ ଥିବା ରାସ୍ତା, ଡ୍ରେନ ଏବଂ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡିକର ଉନ୍ନତୀକରଣ ଓ ଉପଯୋଗିତା ବଢାଇବା ଆମର କାର୍ଯ୍ୟ। ତେବେ ସହରରେ ରହିଥିବା ବିଭିନ୍ନ ରାସ୍ତା ଓ ସ୍ଥାନ ବିଏମ୍‌ସି, ପୂର୍ତ୍ତ ବିଭାଗ, ଇଡ୍‌କୋ, ଜାତୀୟ ରାଜପଥ ପ୍ରାଧିକରଣର ହୋଇଥିବାବେଳେ ଏହାର ସୁରକ୍ଷା ଏବଂ ନିରାପତ୍ତା ମଧ୍ୟ ସବୁ ବିଭାଗର ଦାୟିତ୍ୱ ହେବା ଦରକାର। ଜନହିତ ଦୃଷ୍ଟିରୁ ବିଏମ୍‌ସି ଏ ସବୁକୁ ନିଶ୍ଚିତ କରିବା ପାଇଁ ନେତୃତ୍ୱ ସହ ଆଗୁଆ ପଦକ୍ଷେପ ନେଉଛି। ସେହିପରି ନିଜ ବିଭାଗର ଅଧିନରେ ଯେତିକି କିଲୋମିଟର ରାସ୍ତା ଯେଉଁ ୱାର୍ଡରେ ଅଛି, ତାହାର କ୍ଷେତ୍ର ପରିଦର୍ଶନ, ବର୍ତ୍ତମାନ ଅବସ୍ଥାର ଫଟୋ, ତାଲିକା ପ୍ରସ୍ତୁତି, ଆକଳନ, ଯୋଜନା ପ୍ରସ୍ତୁତି ଆଦି କାର୍ଯ୍ୟ ଅଗଷ୍ଟ ମାସ ସୁଦ୍ଧା ସାରି ସେପ୍ଟେମ୍ବରରୁ ମରାମତି ଆରମ୍ଭ ହେବା ଦରକାର ବୋଲି ସେ କହିଥିଲେ। ଏହି ଅବସରରେ ରାସ୍ତାର ଆଲୋକୀକରଣ, ଗୃହ ନିର୍ମାଣ ଓ ଭଗ୍ନାବଶେଷ ହଟାଇବା ତଥା ସମ୍ବେଦନଶୀଳ ସ୍ଥାନଗୁଡିକୁ ନଜର ଦେଇ ସର୍ବସାଧାରଣଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ନିର୍ମାଣ କରାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ପ୍ରଫୁଲ୍ଲ ମଲ୍ଲିକ, ବିଏମ୍‌ସି ମେୟର ସୁଲୋଚନା ଦାସ ସୁନ୍ଦରପଦା-ଜଟଣୀ ରାସ୍ତାର କ୍ଷେତ୍ର ପରିଦର୍ଶନ କରୁଛନ୍ତି।(ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ


ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)

ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୨୯ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦେବାଶିଷ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ପରିଚାଳନା ସମିତି ସମ୍ପାଦକ ଇନ୍ଦ୍ରମଣି ସେଣ୍ଠ୍ ଉପସ୍ଥିତ ଥିଲେ। ଉତ୍ସବରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ମୁଖ୍ୟ କପିଳ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମର ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଓ ଉପଦେୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱରସ୍ଥିତ ଖଣିଜ ଓ ଧାତବ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ବିବେକ ଦାଶ ଯୋଗଦେଇ ମାନବ ସମାଜର ଅଗ୍ରଗତିରେ ଆଧୁନିକ ବିଜ୍ଞାନର ଯୋଗଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୁତିଭୂଷଣ ମିଶ୍ର ଓ ସମ୍ପାଦକ ପ୍ରଫେସର ଆଶିଷ ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜ୍ଞାନ ପ୍ରତି ଅଭିରୁଚି ରଖିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାର ପ୍ରମୁଖ ଦଉହରି ସ୍ୱାଇଁ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଏବଂ ପ୍ରଧାନ ଆଚାର୍ଯ୍ୟ କେଦାରନାଥ ସେଠୀ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ବର୍ଗରେ ପ୍ରାୟ ୭୦୦ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ମୋହନ ସୁନ୍ଦରଙ୍କ ତ୍ୟାଗ ଚିରସ୍ମରଣୀୟ

ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)


ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ।

ଓଡ଼ିଶାରେ ରାସ ଦଳକୁ ନୂତନ ଢାଞ୍ଚାରେ ଗଢ଼ି ବଙ୍ଗୀୟ ରାସ ବଦଳରେ ଓଡ଼ିଆ ରାସ ପରିବେଷଣ କରି ନୂତନ ଦିଗ୍‌ଦର୍ଶନ ଦେବା ସହ ଗୋଟିପୁଅ ନୃତ୍ୟକୁ ନୂତନ ଢଙ୍ଗରେ ଓଡ଼ିଶୀ ନୃତ୍ୟରେ ପରିଣତ କରି ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଓଡ଼ିଆ କଳା ଜଗତକୁ ଏକ ନୂତନ ସ୍ପର୍ଶ ଦେଇଥିଲେ। ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ବାଦ୍ୟ ସହ ମଞ୍ଚ ନାଟକରେ ଓଡ଼ିଆ ଆଧାତ୍ମିକ ଭାବାବେଗକୁ ସ୍ଥାନିତ କରି ସେ ରାଜ୍ୟରେ କଳା କ୍ଷେତ୍ରରେ ଏକ ଅପୂର୍ବ ଆନ୍ଦୋଳନ ଆରମ୍ଭ କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାସ ଦଳରେ ଯୋଗଦେଇ ପରବର୍ତ୍ତୀ ଅବସ୍ଥାରେ ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରି ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିପାରିଛନ୍ତି। ତତ୍କାଳୀନ ସମାଜରେ ଲୋକଙ୍କୁ ଆଧାତ୍ମିକତା ମାଧ୍ୟମରେ ମନୋରଞ୍ଜନର ଖୋରାକ ଯୋଗାଇଦେବାକୁ ସେ ରାସ ଦଳରେ ନୂତନ ଢାଞ୍ଚାର ଅୟମାରମ୍ଭ କରିଥିଲେ। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହର ପରିକଳ୍ପନା କରି ସେ ଏହାର ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଅଭିନେତା ଭାବେ ୧୯୩୬ ଅପ୍ରେଲ ୨୮ରେ ସୀତାବିବାହ ଚଳଚ୍ଚିତ୍ରକୁ ପୁରୀର ଲକ୍ଷ୍ମୀ ଟକିଜ୍‌ରେ ଶୁଭମୁକ୍ତି କରାଇଥିଲେ। ଏହି ଚଳଚ୍ଚିତ୍ର ପ୍ରଯୋଜନା ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା। ନିଜ ସମ୍ପତ୍ତି ବିକ୍ରୟ କରି କରଜରେ ବୁଡ଼ି ରହି ସେ ସର୍ବସ୍ୱାନ୍ତ ହୋଇଯାଇଥିଲେ। ତାଙ୍କର ତ୍ୟାଗ ପାଇଁ ଆଜି ଓଡ଼ିଆ ଚଳଚ୍ଚିତ୍ର ପ୍ରଗତି ପଥରେ ଆଗେଇ ଚାଲିଛି, ଯାହାପାଇଁ ସେ ଚିରସ୍ମରଣୀୟ। ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୧ତମ ଜୟନ୍ତୀ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଅଧ୍ୟାପକ ଡ. ରଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଏଭଳି ମତ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ଦିବସର ଅବସରରେ ଶ୍ରଦ୍ଧାଞ୍ଜଳି, ବଡ଼ଗଡ଼ସ୍ଥିତ ଶହୀଦ ପଦ୍ମନାଭ ଛୋଟରାୟଙ୍କ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୭ଟା ୩୦। ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୭ଟା ୪୫। ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା। ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନ, ଶହୀଦ ସ୍ମୃତିସ୍ତମ୍ଭ, ସକାଳ ୮ଟା ୨୦। ୟୁନିଟ୍-୯ ସ୍ଥିତ ରଘୁ ଦିବାକର ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୨୦। କଳିଙ୍ଗ ହସ୍ପିଟାଲ ନିକଟ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୪୫।
- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ, ଶହୀଦ ସ୍ମୃତି ସ୍ତମ୍ଭ, କଳ୍ପନା ଛକ, ସକାଳ ୮ଟା। କଂଗ୍ରେସ ଭବନ ପରିସର, ସକାଳ ୮ଟା ୩୦।
- ଆଦିତ୍ରୀ ଫ୍ରିଣ୍ଡର୍ସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ପ୍ଲଟ ନଂ. ୮, କୋଳଥିଆ, ଜଗନ୍ନାଥ ମନ୍ଦିର ନିକଟ, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ପିଣ୍ଡିକୀ ବାହୁବଳେନ୍ଦ୍ର ୨୦୨ତମ ବଳିଦାନ ଦିବସ, ଦାରୁଠେଙ୍ଗସ୍ଥିତତାଙ୍କ ପୈତୃକଗ୍ରାମ ପ୍ରତିମୂର୍ତ୍ତିସ୍ଥଳ, ଚନ୍ଦକାସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା ୪୫।
- ଓଡ଼ିଶା କନ୍‌ଭରେନ୍ସ ଅଫ୍ ୟୁଥ୍, ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ନାଳନ୍ଦା ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ, ଚନ୍ଦକା, ସକାଳ ୧୦ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ସାହିତ୍ୟର ଅବଦାନ ଶୀର୍ଷକ ଆଲୋଚନା ଚକ୍ର, ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ବାଣୀବିହାର, ପୂର୍ବାହ୍ନ ୧୦ଟା।
- ଫୁଡ ଆଣ୍ଡ ଆଗ୍ରୋ କନ୍‌କ୍ଲେଭ୍, ହୋଟେଲ ଜିଞ୍ଜର, ପୂର୍ବାହ୍ନ ୧୦ଟା।
- ଷ୍ଟେଟ ଫ୍ରିଡମ୍ ଫାଇଟର୍ସ ସମିତି ପକ୍ଷରୁ କ୍ରାନ୍ତି ଦିବସ, ବୈକୁଣ୍ଠ ସରଣୀ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ଅଲ୍ ଇଣ୍ଡିଆ ଟ୍ରାଇବାଲ ରାଇଟର୍ସ ମିଟ୍, ସମ୍ମିଳନୀ କକ୍ଷ, କ୍ୟାମ୍ପସ-୨, ଶିକ୍ଷା ଓ ଅନୁସନ୍ଧାନ, ପୂର୍ବାହ୍ନ ୧୦ଟା।
- ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକାମ୍ର ମଞ୍ଚର ରାଲି, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ,ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା ୧୫।
- ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ୧୨୦ତମ ଜନ୍ମବାର୍ଷିକ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଧାରଣା, ରାଜ ଭବନ ସମ୍ମୁଖରେ, ମଧ୍ୟାହ୍ନ ୧୨ଟା।
- ଗଣେଶ୍ୱର ମିଶ୍ର ସ୍ମୃତିସଭା, ଜୟଭାରତ ସେଣ୍ଟର, ନିକୋ ପାର୍କ ଛକ, ସନ୍ଧ୍ୟା ୬ଟା।
- ସଂଭାବନାର ଦେଶାତ୍ମବୋଧକ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଜଳସେଚନ ସାଂସ୍କୃତିକ ପରିଷଦର ଦ୍ୱାଦଶତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ମାର୍କେଟ୍ ବିଲ୍ଡିଂରେ ଥମୁନି ବିବାଦ

- ଉଠାଦୋକାନୀ- ସ୍ଥାୟୀ ଦୋକାନୀ ମୁହାଁମୁହିଁ
- ପୋଲିସ୍ ସମେତ ୧୦ ଜଣଙ୍କ ନାମରେ ୩ ଏତଲା

**ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)**

ଦୀର୍ଘ ୧୮ଦିନର ଆନ୍ଦୋଳନ ଓ ବହୁ ଆଲୋଚନା ପରେ ୩ତାରିଖରେ ମାର୍କେଟ ବିଲ୍ଡିଂ ଖୋଲିଲା। ହେଲେ ମାର୍କେଟ ଖୋଲିବାର ପ୍ରାୟ ଏକସପ୍ତାହ ହେବାକୁ ବସିଥିବାବେଳେ ଏ ଯାଏ ବିବାଦ ଥମିବାର ନାଁ ଧରୁନି। ପ୍ରତିଦିନ ଉଠାଦୋକାନୀମାନେ ମାର୍କେଟ ମଧ୍ୟରେ ବ୍ୟବସାୟ କରିବାକୁ ଚେଷ୍ଟା କରୁଥିବାରୁ ସେମାନଙ୍କୁ ସ୍ଥାୟୀ ଦୋକାନୀ ବିରୋଧ କରୁଛନ୍ତି। ଏପରିକି ବଳପୂର୍ବକ ଉଠାଦୋକାନୀଙ୍କୁ ହଟାଇବା ସହ ହାତାହାତି ସ୍ଥିତି ମଧ୍ୟ ଉପୁଜୁଛି। ଗତ ୪ ତାରିଖରେ ଏଭଳି ସ୍ଥିତି ଦେଖା ଦେଇଥିବାବେଳେ ମଙ୍ଗଳବାର ଘଟଣାର ପୁନରାବୃତ୍ତି ହୋଇଛି। ଉଚ୍ଚ ନ୍ୟାୟାଳୟରୁ ଷ୍ଟେ' ଅର୍ଡର ଆଣିଥିବା ଉଠାଦୋକାନୀଙ୍କ ମଧ୍ୟରୁ ପ୍ରାୟ ୧୨ଜଣ ମାର୍କେଟରେ ବ୍ୟବସାୟ କରିବାକୁ ଯାଇଥିଲେ। ତେବେ ଏହି ସମୟରେ କ୍ୟାପିଟାଲ ଥାନା ଏଏସ୍ଆଇ ପି.କେ. ମାଝୀ ବ୍ୟବସାୟୀମାନଙ୍କୁ ଜବରଦସ୍ତି ହଟାଇବାକୁ ପ୍ରୟାସ କରିଥିଲେ। ଏପରିକି ସମ୍ପୃକ୍ତ ବ୍ୟବସାୟୀ ଗଙ୍ଗାଧର ଜେନା ହାଇକୋର୍ଟଙ୍କ ଅର୍ଡର ଦେଖାଇଥିଲେ ବି ତାହାକୁ ନ ମାନି ଜବରଦସ୍ତି ଉଠାଇଥିଲେ। ଏଥିରେ ଆସୋସିଏଶନ୍‌ର କେତେଜଣ ସଦସ୍ୟ ସହଯୋଗ କରିଥିଲେ। ଯାହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାପରେ ଗଙ୍ଗାଧର କ୍ୟାପିଟାଲ ଥାନାକୁ ଯାଇ ସମ୍ପୃକ୍ତ ଏଏସ୍ଆଇଙ୍କ ନାମରେ ଏତଲା ଦେଇଛନ୍ତି। ଏଥିସହ ମାର୍କେଟ ଆସୋସିଏଶନ୍‌ର ୯ଜଣଙ୍କ ନାମରେ ଆଉ ୨ଟି ଏତଲା ଦେଇଛନ୍ତି। ଏହାକୁ ମିଶାଇ ସପ୍ତାହକ ମଧ୍ୟରେ ଉଠାଦୋକାନୀଙ୍କ ପକ୍ଷରୁ ମୋଟ୍ ୪ଟି ଏତଲା ଦିଆଯାଇଛି। ଏନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି, ହାଇକୋର୍ଟଙ୍କ ଦ୍ୱାରା ରହିତାଦେଶ ଥିବା ସତ୍ତ୍ୱେ ଉଠାଦୋକାନୀଙ୍କୁ ସେଠାରେ ବ୍ୟବସାୟ କରିବାକୁ ଦିଆ ନ ଯିବା ସମ୍ପୂର୍ଣ୍ଣ ବେଆଇନ। ଉଠାଦୋକାନୀଙ୍କ ପ୍ରତି ହୋଇଥିବା ଅତ୍ୟାଚର ଓ ମାର୍କେଟ ଆସୋସିଏଶନର ଗୁଣ୍ଡାଗର୍ଦ୍ଦିକୁ ସେମାନେ ବହୁତ ସହିଲେଣି। ଏହି ମାମଲାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଉଠାଦୋକାନୀ ନିଜ ହକ୍ ଲାଗି ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ଆଇଜି ପାର୍କରେ ରହିତାଦେଶ ଥିବା ଉଠାଦୋକାନୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉଠାଦୋକାନୀଙ୍କ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ଅଧିକାରୀ ଅଗଷ୍ଟ ୧୬ ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ତେବେ ବର୍ତ୍ତମାନ ସମୟରେ ଉଠାଦୋକାନୀଙ୍କ ବ୍ୟବସାୟ ତଥା ଗୁଜୁରାଣ ମେଣ୍ଟାଇବା ଲାଗି ବିଏମ୍‌ସି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହ ସମାଧାନର ବାଟ ନ ବାହାରିବା ପର୍ଯ୍ୟନ୍ତ ଉଠାଦୋକାନୀମାନେ ମାର୍କେଟ ବିଲ୍‌ଡିଂରେ ବ୍ୟବସାୟ କରିବାକୁ ଆସିବେ ବୋଲି କହିଛନ୍ତି। ଏଥିସହ ଆବଶ୍ୟକ ପଡ଼ିଲେ ବିଏମ୍‌ସି ଏବଂ ମାର୍କେଟ ଆସୋସିଏଶନକୁ ଉଠାଦୋକାନୀ ମହାସଂଘ କାଠଗଡ଼ାକୁ ଟାଣିବାକୁ ପଛାଇବ ନାହିଁ ବୋଲି ଚେତାବନୀ ଦିଆଯାଇଛି।



ଘଟଣାସ୍ଥଳରେ ପୋଲିସ୍ ପରିସ୍ଥିତି ନିୟନ୍ତ୍ରଣ କରୁଛି।

# ଦମ୍ପତିଙ୍କୁ ଛୁରିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)**

**ଧାର ଟଙ୍କାକୁ ନେଇ ଗଣ୍ଡଗୋଳ**



ଧାର ଟଙ୍କା ପାଇଁ ଗଣ୍ଡଗୋଳ ପରେ ଦମ୍ପତିଙ୍କୁ ଛୁରୀରେ ଆକ୍ରମଣ କରିବା ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାଣ୍ଡରା ଛକ ନିକଟ କିମ୍ବିରିଆ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ସିପାହୀ ଅସୁରଢିପ ଗ୍ରାମର ପ୍ରଶାନ୍ତ କୁମାର ମାଝୀ (୨୬)। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଛୁରୀ ଜବତ ହୋଇଛି। କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ପ୍ରଶାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତ ସତ୍ୟବାନ ସ୍ୱାଇଁ ବାଲିଅନ୍ତା ଅଞ୍ଚଳରେ ରହୁନ୍ତି। ଅଭିଯୁକ୍ତ ପ୍ରଶାନ୍ତ କ୍ୟାବ ଡ୍ରାଇଭର ହୋଇଥିବାବେଳେ ସେ ସତ୍ୟବାନଙ୍କ ପରିଚିତ ଥିଲେ। ମାସେ ତଳେ ପ୍ରଶାନ୍ତଙ୍କଠୁ ସତ୍ୟବାନ ୬ ହଜାର ଟଙ୍କା ଧାର ନେଇଥିଲେ। ହେଲେ ବାରମ୍ବାର କହିବା ପରେ ମଧ୍ୟ ସତ୍ୟବାନ ଉକ୍ତ ଟଙ୍କା ଫେରାଉ ନ ଥିଲେ। ସୋମବାର ସତ୍ୟବାନ ଓ ତାଙ୍କ ସ୍ତ୍ରୀ କିମ୍ବିରିଆ ବସ୍ତିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଏହା ଜାଣିବା ପରେ ପ୍ରଶାନ୍ତ ଟଙ୍କା ମାଗିବାକୁ ସେଠାକୁ ଯାଇଥିଲେ। ଟଙ୍କା ମାଗିବାରୁ ସତ୍ୟବାନ ଦେବାକୁ ମନା କରିଦେଇଥିଲେ। ଫଳରେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ସତ୍ୟବାନ ଓ ତାଙ୍କ ସ୍ତ୍ରୀଙ୍କୁ ପ୍ରଶାନ୍ତ ଗାଳିଗୁଲଜ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ଦମ୍ପତି ଆହତ ହୋଇଥିଲେ। ଏନେଇ ବସ୍ତି ସଭାପତି ସୁକାନ୍ତ ଉପାଧ୍ୟାୟଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୩୨୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସେପ୍ଟେମ୍ବରରୁ ଖାଲଖମା ମରାମତି ଆରମ୍ଭ

**ଯଥାଶୀଘ୍ର ତାଲିକା ପ୍ରସ୍ତୁତ କରିବାକୁ କମିଶନରଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ):** ମୌସୁମୀଜନିତ ବୃଷ୍ଟିପାତ ହେତୁ ସହରର ବିଭିନ୍ନ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଦବିଯାଇ ଯାଇ ଖାଲ ସୃଷ୍ଟି ହେବାର ଆଶଙ୍କା ରହିଛି। ଅନେକ ସମୟରେ ଏଥିପାଇଁ ଦୁର୍ଘଟଣା ଘଟୁଥିବାବେଳେ ଯାତାୟାତରେ ବହୁ ସମସ୍ୟା ଦେଖାଦେଉଛି। ତେଣୁ ଏହାର ସମାଧାନ ପାଇଁ ଏବେ ଅଣ୍ଟା ଭିଡିଛି ବିଏମ୍‌ସି। ସହରର କେଉଁ ୱାର୍ଡର କେଉଁ କେଉଁ ସ୍ଥାନରେ କେତେ ଖାଲଖମା ରହିଛି ତାହାର ତାଲିକା ପ୍ରସ୍ତୁତ କରିବା ସହ ସେଗୁଡିକର ଫଟୋ ଉଠାଇ ଆଣିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଯଥାଶୀଘ୍ର ତାଲିକା ପ୍ରସ୍ତୁତ କଲେ ରାସ୍ତା ମରାମତି ପାଇଁ ଟେଣ୍ଡର କରାଯାଇ ସେପ୍ଟେମ୍ବର ମାସରେ ଏହାର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି କମିଶନର କହିଲେ, ସହରରେ ଥିବା ରାସ୍ତା, ଡ୍ରେନ ଏବଂ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡିକର ଉନ୍ନତୀକରଣ ଓ ଉପଯୋଗିତା ବଢାଇବା ଆମର କାର୍ଯ୍ୟ। ତେବେ ସହରରେ ରହିଥିବା ବିଭିନ୍ନ ରାସ୍ତା ଓ ସ୍ଥାନ ବିଏମ୍‌ସି, ପୂର୍ତ୍ତ ବିଭାଗ, ଇଡ୍‌କୋ, ଜାତୀୟ ରାଜପଥ ପ୍ରାଧିକରଣର ହୋଇଥିବାବେଳେ ଏହାର ସୁରକ୍ଷା ଏବଂ ନିରାପତ୍ତା ମଧ୍ୟ ସବୁ ବିଭାଗର ଦାୟିତ୍ୱ ହେବା ଦରକାର। ଜନହିତ ଦୃଷ୍ଟିରୁ ବିଏମ୍‌ସି ଏ ସବୁକୁ ନିଶ୍ଚିତ କରିବା ପାଇଁ ନେତୃତ୍ୱ ସହ ଆଗୁଆ ପଦକ୍ଷେପ ନେଉଛି। ସେହିପରି ନିଜ ବିଭାଗର ଅଧିନରେ ଯେତିକି କିଲୋମିଟର ରାସ୍ତା ଯେଉଁ ୱାର୍ଡରେ ଅଛି, ତାହାର କ୍ଷେତ୍ର ପରିଦର୍ଶନ, ବର୍ତ୍ତମାନ ଅବସ୍ଥାର ଫଟୋ, ତାଲିକା ପ୍ରସ୍ତୁତି, ଆକଳନ, ଯୋଜନା ପ୍ରସ୍ତୁତି ଆଦି କାର୍ଯ୍ୟ ଅଗଷ୍ଟ ମାସ ସୁଦ୍ଧା ସାରି ସେପ୍ଟେମ୍ବରରୁ ମରାମତି ଆରମ୍ଭ ହେବା ଦରକାର ବୋଲି ସେ କହିଥିଲେ। ଏହି ଅବସରରେ ରାସ୍ତାର ଆଲୋକୀକରଣ, ଗୃହ ନିର୍ମାଣ ଓ ଭଗ୍ନାବଶେଷ ହଟାଇବା ତଥା ସମ୍ବେଦନଶୀଳ ସ୍ଥାନଗୁଡିକୁ ନଜର ଦେଇ ସର୍ବସାଧାରଣଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ନିର୍ମାଣ କରାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ପ୍ରଫୁଲ୍ଲ ମଲ୍ଲିକ, ବିଏମ୍‌ସି ମେୟର ସୁଲୋଚନା ଦାସ ସୁନ୍ଦରପଦା-ଜଟଣୀ ରାସ୍ତାର କ୍ଷେତ୍ର ପରିଦର୍ଶନ କରୁଛନ୍ତି।(ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# ୨୭୫ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକ ପାଇଲେ ପରିଚୟପତ୍ର

## ୧୩୯ ହିତାଧିକାରୀଙ୍କୁ ୭୮,୮୫,୦୦୦ ଟଙ୍କାର ସହାୟତା ପ୍ରଦାନ



ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଏବଂ ଅନ୍ୟ ଅତିଥିମାନେ ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରୁଛନ୍ତି। (ଫଟୋ- ମନୋରଞ୍ଜନ)

**ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)**

ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଏକ ଘରୋଇ କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ୨୫ ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୫ ଲକ୍ଷ ଓ ୨୫ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୧,୨୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିବାହକାଳୀନ ସହାୟତା ବାବଦରେ ୫୧ ଜଣଙ୍କୁ ୨୫,୫୦,୦୦୦, ଶିକ୍ଷା ସହାୟତା ବାବଦରେ ୩୫ ଜଣଙ୍କୁ ୧,୮୦,୦୦୦ ଟଙ୍କା ଦିଆଯାଇଛି। ଏହିପରି ସର୍ବମୋଟ ୧୩୯ ଜଣଙ୍କୁ ୭୮,୮୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୨୭୫ ଜଣ ନୂତନ ଭାବେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି।

ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇ ଉକ୍ତ ଯୋଜନାରେ କିପରି ଅଧିକରୁ ଅଧିକ ଶ୍ରମିକ ଉପକୃତ ହେବେ ସେ ନେଇ ଗୁରୁତ୍ୱାରୋପ କରିଛନ୍ତି। ଶିବିରରେ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ। ବିଭାଗୀୟ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର ଶିବିର ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ କଲ୍ୟାଣ ବୋର୍ଡ ସ୍କିମ୍ ବାବଦରେ ଶ୍ରମିକଙ୍କୁ ବୁଝାଇଥିଲେ। ସହକାରୀ ଶ୍ରମ ଅଧିକାରୀ ପିପାସା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ବାଲିଅନ୍ତା,୮।୮(ନୀଳମାଧବ ସାହୁ)**

ବାଲିଅନ୍ତା ଥାନା ଅଧୀନ ଆଣ୍ଡାଆରୀ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘର ପାର୍ଶ୍ୱରେ ଯାଇଥିବା ଏକ ତାରରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ସେଠାରେ ତଳେ ପଡ଼ିଯାଇଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

# ୧୩୦ ବୋତଲ ମଦ ଜବତ, ଜଣେ ଗିରଫ

**ବାଲିଅନ୍ତା,୮।୮(ନୀଳମାଧବ ସାହୁ)**

ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜୟଦେବ ଯାଦବ(୪୦)। ପୋଲିସ ତାଙ୍କ ପାଖରୁ ୧୩୦ ବୋତଲ ମଦ ଜବତ କରିଛି। ଏନେଇ ପୋଲିସ ୨୮୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜୟଦେବ କୁଶଗାଡ଼ିଆ ନିକଟ ନଦୀବନ୍ଧରେ ଏକ କ୍ୟାବିନ ପକାଇ ସେଠି ମଦ ବିକ୍ରି କରୁଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଲାଗି ରହୁଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏକତ୍ରିତ ହୋଇ ଜୟଦେବଙ୍କୁ ଘେରାଉ କରି ବାଲିଅନ୍ତା ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଜୟଦେବଙ୍କୁ କାବୁ କରିଥିଲା।

# ଜମିବାଡ଼ିକୁ କେନ୍ଦ୍ରକରି ଯୁବକଙ୍କୁ ଖଣ୍ଡାରେ ହାଣିଲେ

**ବାଲିପାଟଣା,୮।୮(ଅଭିମନ୍ୟୁ ନାୟକ)**

ବାଲିପାଟଣା ଥାନା ଅନ୍ତର୍ଗତ ମୁକୁନ୍ଦଦାସପୁର ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ରକରି ମଙ୍ଗଳବାର ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଏହି ଗ୍ରାମର ସଦାମ ମହମ୍ମଦଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ମକୁନ୍ଦଦାସପୁର ଗ୍ରାମର ଅଫରାଜ ବିବି ଓ ତାଙ୍କ ପୁଅ ସଦାମ ମଙ୍ଗଳବାର ଅପରାହ୍ନରେ ବିଲକୁ ଯାଇଥିଲେ। ତେବେ ଜମିବାଡି ବିବାଦକୁ ନେଇ ଗ୍ରାମର ଫକୀର ମହମ୍ମଦ, ଅମୀର ମହମଦ, ସୋଫିଆ ବିବି ସେଠାରେ ସଦାମଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ଏନେଇ ଅରଫାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୭୨/୨୩) ରୁଜୁକରି ତଦନ୍ତ ଚଳାଇଛି।

# ୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

**ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ):** ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ଛକରୁ ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସାଗୁଆନ ବଗିଚା ଅଞ୍ଚଳର ବିଭୁରଞ୍ଜନ ରାଉତରାୟ ଓରଫ ବିଭୁ। ତାଙ୍କଠାରୁ ୨୨ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ହେବ। ବିଭୁ ଠେଙ୍ଗାହାଟ ଛକରେ ବେପାର କରୁଥିବା ଖବରପାଇ ଅବକାରୀ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ



ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)**

ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୨୯ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦେବାଶିଷ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ପରିଚାଳନା ସମିତି ସମ୍ପାଦକ ଇନ୍ଦ୍ରମଣି ସେଣ୍ଠ୍ ଉପସ୍ଥିତ ଥିଲେ। ଉତ୍ସବରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ମୁଖ୍ୟ କପିଳ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମର ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଓ ଉପଦେୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱରସ୍ଥିତ ଖଣିଜ ଓ ଧାତବ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ବିବେକ ଦାଶ ଯୋଗଦେଇ ମାନବ ସମାଜର ଅଗ୍ରଗତିରେ ଆଧୁନିକ ବିଜ୍ଞାନର ଯୋଗଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୁତିଭୂଷଣ ମିଶ୍ର ଓ ସମ୍ପାଦକ ପ୍ରଫେସର ଆଶିଷ ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜ୍ଞାନ ପ୍ରତି ଅଭିରୁଚି ରଖିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାର ପ୍ରମୁଖ ଦଣ୍ଡହରି ସ୍ୱାଇଁ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଏବଂ ପ୍ରଧାନ ଆଚାର୍ଯ୍ୟ କେଦାରନାଥ ସେଠୀ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ବର୍ଗରେ ପ୍ରାୟ ୭୦୦ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ମୋହନ ସୁନ୍ଦରଙ୍କ ତ୍ୟାଗ ଚିରସ୍ମରଣୀୟ

**ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାରେ ରାସ ଦଳକୁ ନୂତନ ଢାଞ୍ଚାରେ ଗଢ଼ି ବଙ୍ଗୀୟ ରାସ ବଦଳରେ ଓଡ଼ିଆ ରାସ ପରିବେଷଣ କରି ନୂତନ ଦିଗ୍‌ଦର୍ଶନ ଦେବା ସହ ଗୋଟିପୁଅ ନୃତ୍ୟକୁ ନୂତନ ଢଙ୍ଗରେ ଓଡ଼ିଶୀ ନୃତ୍ୟରେ ପରିଣତ କରି ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଓଡ଼ିଆ କଳା ଜଗତକୁ ଏକ ନୂତନ ସ୍ପର୍ଶ ଦେଇଥିଲେ। ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ବାଦ୍ୟ ସହ ମଞ୍ଚ ନାଟକରେ ଓଡ଼ିଆ ଆଧ୍ୟାତ୍ମିକ ଭାବାବେଗକୁ ସ୍ଥାନିତ କରି ସେ ରାଜ୍ୟରେ କଳା କ୍ଷେତ୍ରରେ ଏକ ଅପୂର୍ବ ଆନ୍ଦୋଳନ ଆରମ୍ଭ କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାସ ଦଳରେ ଯୋଗଦେଇ ପରବର୍ତ୍ତୀ ଅବସ୍ଥାରେ ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରି ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିପାରିଛନ୍ତି। ତତ୍କାଳୀନ ସମାଜରେ ଲୋକଙ୍କୁ ଆଧ୍ୟାତ୍ମିକତା ମାଧ୍ୟମରେ ମନୋରଞ୍ଜନର ଖୋରାକ ଯୋଗାଇଦେବାକୁ ସେ ରାସ ଦଳରେ ନୂତନ ଢାଞ୍ଚାର ଅୟମାରମ୍ଭ କରିଥିଲେ।



ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ।

ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହର ପରିକଳ୍ପନା କରି ସେ ଏହାର ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଅଭିନେତା ଭାବେ ୧୯୩୬ ଅପ୍ରେଲ ୨୮ରେ ସୀତାବିବାହ ଚଳଚ୍ଚିତ୍ରକୁ ପୁରୀର ଲକ୍ଷ୍ମୀ ଟକିଜ୍‌ରେ ଶୁଭମୁକ୍ତି କରାଇଥିଲେ। ଏହି ଚଳଚ୍ଚିତ୍ର ପ୍ରଯୋଜନା ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା। ନିଜ ସମ୍ପତ୍ତି ବିକ୍ରୟ କରି କରଜରେ ବୁଡ଼ି ରହି ସେ ସର୍ବସ୍ୱାନ୍ତ ହୋଇଯାଇଥିଲେ। ତାଙ୍କର ତ୍ୟାଗ ପାଇଁ ଆଜି ଓଡ଼ିଆ ଚଳଚ୍ଚିତ୍ର ପ୍ରଗତି ପଥରେ ଆଗେଇ ଚାଲିଛି, ଯାହାପାଇଁ ସେ ଚିରସ୍ମରଣୀୟ। ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୧ତମ ଜୟନ୍ତୀ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଅଧ୍ୟାପକ ଡ. ରଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଏଭଳି ମତ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ମାଡ଼ ମାରି ମୋବାଇଲ ଲୁଟ୍ ଘଟଣା: ଜଣେ ଗିରଫ



ଜଟଣୀ,୮।୮(ରବୀନ୍ଦ୍ରନାଥ ମହାକୁଡ)

ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇନେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆସାହି ଲକ୍ଷ୍ମୀନାରୟଣ ମନ୍ଦିର ଅଞ୍ଚଳର କଲ୍ୟାଣ ଓରଫ କେ.କାମେଶ୍ୱର ରାଓ(୨୬)। ତାଙ୍କ ନିକଟରୁ ଏକ ମୋବାଇଲ ଜବତ ହୋଇଛି। ସୂଚନା ମୁତାବକ, ଗତ ୫ ତାରିଖରେ ରଞ୍ଜନ ନାୟକ ରାତିରେ ଫେରୁଥିବା ବେଳେ ସ୍ଥାନୀୟ ପି.ଜେ ସିନିମା ହଲ (ବୀଣା ହଲ )ଠାରେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଅଟକାଇ ମାଡ଼ ମାରିବା ସହିତ ୧୨ଶହ ଟଙ୍କା ଓ ମୋଇଲ ଛଡ଼ାଇ ନେଇଥିଲେ। ଏନେଇ ରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୯୨/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତ ରାଓଙ୍କୁ ସ୍ଥାନୀୟ ରାଜବାଜର ଅଞ୍ଚଳରୁ ଗିରଫ କରିବା ସହିତ ଏକ ମୋବାଇଲ ଜବତ କରିଥିଲା। ତେବେ ପୂର୍ବରୁ ରାଓଙ୍କ ନାମରେ ଏକ ମାମଲା ରହିଛି ବୋଲି ପୋଲିସ କହିଛି।

### ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସଭାପତି ଜମ୍ମେଶ୍ୱର ମଲିକଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୧ ତାରିଖରେ ଜିଲାରେ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଓ ୧୦ଟି ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଠିକା ନିଯୁକ୍ତି ଉଚ୍ଛେଦ କରାଯାଇ ୬ଟି ଇନକ୍ରିମେଣ୍ଟ ସହ କେନ୍ଦ୍ରୀୟ ହାରରେ ୪୨୦୦ ଗ୍ରେଡପେ, ଏକ୍ସ-କ୍ୟାଡର ଉଚ୍ଛେଦ କରାଯାଇ କ୍ୟାଡରଭୁକ୍ତ କରାଯାଉ ଏବଂ ଏନ୍‌ପିଏସ୍‌କୁ ଉଚ୍ଛେଦ କରାଯାଇ ପୁରୁଣା ପେନ୍‌ସନ୍ ଲାଗୁ କରିବା ୩ ଦାବି ରହିଛି। ଏହି ବୈଠକରେ ଖୋର୍ଦ୍ଧା ବ୍ଲକର ଅଗାଧୁ ସେଠୀ, ଜଟଣୀର ଟୁଲୁ ଦେଇ, ଚିଲିକାର ଜିତେନ୍ଦ୍ର ମାନସିଂହ, ଭୁବନେଶ୍ୱରର ପ୍ରଭାତ ସେନାପତି, ବେଗୁନିଆର ରାମଚନ୍ଦ୍ର ଷଣ୍ଢ, ବସନ୍ତ କୁମାର ପ୍ରହରାଜ, ଟାଙ୍ଗୀର ସନ୍ତୋଷ କୁମାର ବେହେରା, ବାଲିପାଟଣାର ରଶ୍ମିରଞ୍ଜନ ପଣ୍ଡା, ବୋଲଗଡ଼ର ମଳୟ ରଞ୍ଜନ ପଣ୍ଡା ଆଦି ବ୍ଲକର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ମତାମତ ଦେଇଥିଲେ। ବେଗୁନିଆ ବ୍ଲକର ଅକ୍ଷର କୁମାର ମଲିକ ଧନ୍ୟବାଦ ଦେଇଥିଲେ।

# ୧୩୧୩ ପ୍ରକଳ୍ପ ଅଧାପନ୍ତରିଆ

ବେଗୁନିଆ,୮।୮(ହର ପ୍ରସନ୍ନ ପଣ୍ଡା)



ସାମାଜିକ ସମୀକ୍ଷା ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଅଭ୍ୟର୍ଥନା ପ୍ରକୋଷ୍ଠରେ ମଙ୍ଗଳବାର ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ଜ୍ୟୋସ୍ନାମୟୀ ରାଉତ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ସାମାଜିକ ସମୀକ୍ଷକ ପ୍ରଦୋଷ କୁମାର ମହାରଣା, ଅମ୍ଭୁଡସମ୍ୟାନ ଜୟନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ବ୍ଲକର ୨୧ଟି ପଞ୍ଚାୟତ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ଆସିଥିବା ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବ୍ଲକରେ ଥିବା ୧୬୦ଟି ରାଜସ୍ୱ ଗ୍ରାମରେ ବିଭିନ୍ନ ଜନହିତକର ଯୋଜନା ଅନ୍ତର୍ଭୁକ୍ତ ମୋଟ୍ ୨୫୩୦ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୮ କୋଟି ୯୭ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିମଧ୍ୟରୁ ୧୨୧୭ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୩୧୩ଟି ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ଯାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଉ ୫ମାସ ପରେ ଆର୍ଥିକ ବର୍ଷ ଶେଷ ହେବାକୁ ବସିଥିବା ବେଳେ କିପରି ଅଧାପନ୍ତରିଆ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ୪୨୯ ପରିବାର ୧୦୦ ଦିନର କାର୍ଯ୍ୟ ଶେଷ କରିଛନ୍ତି। ଗତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଅନେକ ପଞ୍ଚାୟତ ଅଞ୍ଚଳରେ ଜାରିରହିଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସରକାରୀ କାଗଜପତ୍ର ଗ୍ରାମ ରୋଜଗାର ସେବକମାନେ ନିର୍ଦ୍ଧାରିତ

**ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର**

ସମୟରେ ଦାଖଲ କରିପାରୁନଥିବାରୁ ସେମାନଙ୍କୁ ତାଗିଦ୍ କରାଯାଇଥିଲା। ତେବେ ଆଗାମୀ ଦିନରେ ଏହି ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକାର ନୂତନ ପ୍ରକଳ୍ପ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିରେ ଜଳସେଚନ, ନୂତନ ଜଙ୍ଗଲ ସୃଷ୍ଟି, କୃଷି ଉଦ୍ୟାନ ଓ ଗ୍ରାମ୍ୟ ଶ୍ମଶାନ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ ବୋଲି ସ୍ଥିର କରାଯାଇଛି। ସେହିପରି ଏହି ଯୋଜନାର ବାସ୍ତବ ଉପକାର କିଭଳି ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ହିତରେ ଆସିବ ସେନେଇ ଗ୍ରାମ ରୋଜଗାର ସେବକମାନଙ୍କୁ ଅତିରିକ୍ତ ଜିଲାପାଳ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଏହି ଯୋଜନା ଅଣକୁଶଳୀ ଶ୍ରମିକମାନଙ୍କ ହିତରେ ଆସିପାରୁ ନାହିଁ କି ପ୍ରକୃତ ଗରିବ ଲୋକଙ୍କୁ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ସୁଫଳ ମିଳୁନାହିଁ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ କହିଥିଲେ। ଏପିଓ ଆଫ୍ରିନ ଜାଫର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ସରପଞ୍ଚ, ସମିତି ସଭ୍ୟ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଋଣର ସୁବିନିଯୋଗ ଉପରେ ଗୁରୁତ୍ୱ

କୃଷ୍ଣପ୍ରସାଦ,୮।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରିବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୧୦୦ଟି ଏସଏଚଜି ଗ୍ରୁପ ମହିଳାମାନଙ୍କୁ ନେଇ ମିଶନ ଶକ୍ତି ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମନୋରମା ଦେବୀଙ୍କ ପୌରହିତ୍ୟରେ ଉକ୍ତ ଶିବିରରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ମିଶନ ଶକ୍ତି ବ୍ଲକ ସଂଯୋଜିକା ସାବିତ୍ରୀ ପଶ୍ଚିମକବାଟ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ବ୍ଲକ ପ୍ରକଳ୍ପ ପରିଚାଳକ ଉମାକାନ୍ତ ମିଶ୍ର, ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ବନ୍ଦନା ପଟ୍ଟନାୟକ, ସମ୍ପାଦିକା ଶୁଭାସିନୀ ପଲେଇ ଉପସ୍ଥିତ ଥିଲେ। ଅତିଥିମାନେ ମିଶନ ଶକ୍ତି ସଦସ୍ୟାମାନଙ୍କୁ ଋଣ ସମ୍ପର୍କରେ ବୁଝାଇଥିଲେ। ବୈଠକରେ ମିଶନ ଶକ୍ତିର ସମସ୍ତ ସଦସ୍ୟାଙ୍କୁ ମୁଖ୍ୟତଃ ବ୍ୟାଙ୍କ ମାଧ୍ୟମରେ କିପରି ଋଣ ନେଇ ଆତ୍ମ ନିର୍ଭରଶୀଳ ହେବେ ସେ ସମ୍ପର୍କରେ କୁହାଯାଇଥିଲା। ଋଣ ଉଠାଣ ପରେ କେଉଁ କେଉଁ ପ୍ରକଳ୍ପ କରିପାରିବେ, କେତେ ସୁଧ ହାରରେ ଋଣ ଉଠାଇ ପାରିବେ, ସ୍କୁଟର ଯୋଜନା, ମମତା ଯୋଜନା ମାଧ୍ୟମରେ ଗର୍ଭବତୀ କିପରି ଉପକୃତ ହୋଇପାରିବେ ଆଲୋଚନା କରାଯାଇଥିଲା। ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ସଚେତନତା କାର୍ଯ୍ୟକ୍ରମରେ ୩ଟି ପଞ୍ଚାୟତରୁ ୨ଶହରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର



ସଭାରେ ଉପସ୍ଥିତ ଅଧିକାରୀ ଏବଂ ବରିଷ୍ଠ ନାଗରିକମାନେ।

ବୋଲଗଡ଼,୮।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏନେଇ ମଙ୍ଗଳବାର ଥାନା ପରିସରରେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ମଞ୍ଚର ସ୍ଥାୟୀ ସଭାପତି ଗୋପୀନାଥ ଖାଡଙ୍ଗା ଅଧ୍ୟକ୍ଷତା କରିଥିଲେ। ଥାନା ନିରୀକ୍ଷକ ଜ୍ୟୋତିପ୍ରକାଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ୫୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏଥିସହ ସେମାନଙ୍କର ବର୍ତ୍ତମାନ ଜୀବନଯାପନ ଶୈଳୀ ସମ୍ପର୍କରେ ଏକ ଦୀର୍ଘ ଉପାଦେୟ ଆଲୋଚନା କରିଥିଲେ। କୌଣସି ଅସୁବିଧା ଦୂରୀକରଣ ପାଇଁ ସହଯୋଗ କରିବେ ବୋଲି ପ୍ରତିକ୍ରିୟା ରଖିଥିଲେ। ମଞ୍ଚ ଉପସଭାପତି ଦିବାକର ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ରଘୁନାଥ ଦଳବେହେରା, ଗୀତାଞ୍ଜଳି ମହାପାତ୍ର, ପ୍ରଭାକର ସାହୁ, ଭକ୍ତବଲ୍ଲଭ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜନାର୍ଦ୍ଦନ ମାର୍ଥା, ପ୍ରହ୍ଲାଦ ମହାପାତ୍ର, ଗଙ୍ଗାଧର ପାଇକରାୟ, ନୀଳକଣ୍ଠ ହୋତା, ପ୍ରଫୁଲ୍ଲ ସ୍ୱାଇଁ, ତ୍ରିନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ସମ୍ପାଦକ ବାଲ୍ମିକ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ସଚେତନ ହେଲେ ଏଡ୍‌ସ ରୋଗ ନିୟନ୍ତ୍ରଣ ହେବ



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ ଗଣଦୌଡ଼ର ଉଦ୍‌ଘାଟନ କରୁଛନ୍ତି।

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

**ଏଚ୍‌ଆଇଭି ସଚେତନତା ଗଣଦୌଡ଼**

ଖୋର୍ଦ୍ଧା ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଯୁବ ମହୋତ୍ସବ-୨୦୨୩ପାଳନଅବସରେଏକଗଣଦୌଡ ଓ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ ଆଣ୍ଡ ପିଏଚଓ)ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ଗଣଦୌଡକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ) ଡା. ଆର୍ତ୍ତବନ୍ଧୁ ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସିଡିଏମ ଆଣ୍ଡ ପିଏଚଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡା. ନାୟକ ଯୋଗଦେଇ କହିଥିଲେ, ଯୁବ ସମାଜ ସଚେତନ ହେଲେ ଏଡ୍‌ସ ଭଳି ମହାମାରୀ ରୋଗରୁ ମୁକ୍ତି ମିଳିପାରିବ। ଏହି ଅବସରରେ ଗଣଦୌଡରେ କୃତିତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ, ତୃତୀୟଙ୍କ ସମେତ ୭ଜଣଙ୍କୁ ସାନ୍ତ୍ୱନା ମୂଳକ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୦ଜଣ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମକୁ ଯୁବରେଡକ୍ରସ ସଂଯୋଜକ ସୁରେଶ ମହାନ୍ତି, ଡା. ରେବତୀକାନ୍ତ ପଣ୍ଡା ପରିଚାଳନା କରିଥିଲେ। ଡିପିଏମ ବିଧାନ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅଶୋକ ଦାସ, ବିମଳ ମାନସିଂ, ଜୟନ୍ତୀ ସାମନ୍ତରାୟ, କିଶୋର କାନୁନଗୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ମହର୍ଷି କଲେଜ, ରାଜଧାନୀ କଲେଜ, କିଟ୍ କଲେଜ, ଖୋର୍ଦ୍ଧା ପ୍ରାଣନାଥ କଲେଜ, କେରଙ୍ଗ କଲେଜ, ରମାଦେବୀ କଲେଜ, ମଳିପଡା କବି ପ୍ରସନ୍ନ ପାଟଶାଣୀ କଲେଜ, ଗୋଦାବରୀଶ ମହାବିଦ୍ୟାଳୟର ଯୁବ ରେଡକ୍ରସ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ।

# ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଜଟଣୀ,୮।୮(ରବୀନ୍ଦ୍ରନାଥ ମହାକୁଡ)

ମରଣାନ୍ତକ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଅରଗୁଳ ବରଅରା ଅଞ୍ଚଳର ଚିରଞ୍ଜୀବ ସ୍ୱାଇଁ ଓରଫ ରାବଣ ସ୍ୱାଇଁ (୨୪)। ସୂଚନା ମୁତାବକ, ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କଠାରୁ ରାବଣ ୨୦ହଜାର ଟଙ୍କା ସାହାଯ୍ୟ ନେଇଥିଲେ। ପରବର୍ତ୍ତୀ ସମୟରେ ରାବଣ ନେଇଥିବା ଟଙ୍କା ଆଉ ଫେରାଇ ନ ଥିଲେ। ବାରମ୍ବାର ଟଙ୍କା ମାଗିଥିଲେ ମଧ୍ୟ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଅଭିଯୋଗକାରିଣୀ ଟଙ୍କା ପାଇଁ ଅଭିଯୁକ୍ତ ରାବଣଙ୍କ ନିକଟକୁ ଗତ ୨୦ ତାରିଖରେ ଯାଇଥିଲେ। ତେବେ ଅଭିଯୁକ୍ତ ଜଣକ ଅଭିଯୋଗକରିଣୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଗ୍ରାମର ଜଣେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଘଟଣା ସମ୍ପର୍କରେ ରାବଣଙ୍କୁ ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାବଣ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଏକ ଥଣ୍ଡା ପାନୀୟ ବୋତଲରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୭୧/୨୩) ରୁଜୁକରି ତଦନ୍ତ ଚଳାଇଥିଲା।

# ଚିଲିକା ରିଂବନ୍ଧରେ ତାଳ ମଞ୍ଜି ରୋପଣ



କୃଷ୍ଣପ୍ରସାଦ,୮।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଏନ୍‌ଆର୍ ଫାଉଣ୍ଡେଶନ ସାତପଡ଼ା ପକ୍ଷରୁ ଚିଲିକା ରିଂବନ୍ଧରେ ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏନ୍‌ଆର୍ ଫାଉଣ୍ଡେଶନ ମୁଖ୍ୟ ସର୍ବଭାରତୀୟ କାନାଡା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ରବୀନ୍ଦ୍ର କୁମାର ମାଝୀ, ଉପସଭାପତି ରବୀନ୍ଦ୍ର କୁମାର ବାରିକ, ଫାଉଣ୍ଡେଶନର କ୍ରୀଡ଼ା ସମ୍ପାଦକ ଲକ୍ଷ୍ମୀଧର ପରିଡ଼ା, ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ସାତପଡ଼ା ପଞ୍ଚାୟତର ରତାମାଟି ଛକ ଚିଲିକା କୂଳରୁ ସୋମନାଥ ଛକ ପର୍ଯ୍ୟନ୍ତ ଚିଲିକା ରିଂ ବନ୍ଧରେ ୭ହଜାର ତାଳ ମଞ୍ଜି ଲଗାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରୁଛନ୍ତି। ସଙ୍ଗଠନ ପକ୍ଷରୁ ୫୦ହଜାର ତାଳ ମଞ୍ଜି ପକାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସାତପଡ଼ାଠାରୁ ପୁରୀ ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ରିଙ୍ଗ ବନ୍ଧରେ ଫାଉଣ୍ଡେଶନ ପକ୍ଷରୁ ଏହି କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସାରସ୍ୱତ ସାହିତ୍ୟ ସଂସଦ ସଂଯୋଜକ ଫାଲଗିନୀ ଜାଲି କହିଛନ୍ତି।

# ୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ବେପାରୀ ଗିରଫ

**ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ):** ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ଛକରୁ ଖୋର୍ଦ୍ଧା ଅବକାରୀ ପୋଲିସ ଜଣେ ବ୍ରାଉନସୁଗାର ବେପାରୀକୁ ମଙ୍ଗଳବାର ଗିରଫ କରିଛି । ସେ ହେଲ ସାଗୁଆନ ବଗିଚା ଅଞ୍ଚଳର ବିଭୁରଞ୍ଜନ ରାଉତରାୟ ଓରଫ ବିଭୁ । ତାଙ୍କଠାରୁ ୨୨ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ହେବ। ବିଭୁ ଠେଙ୍ଗାହାଟ ଛକରେ ବେପାର କରୁଥିବା ଖବରପାଇ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବିଭୁ ଖସିଯିବାକୁ ଉଦ୍ୟମ ବେଳେ ଟିମ କାବୁ କରିଥିଲା । ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା(ନଂ ୭୮/୨୩) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଅଭିଯୁକ୍ତ।

# କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ବୋଲଗଡ଼(ଦେବବ୍ରତ ହୋତା)/ ନିରାକାରପୁର ୮।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘର ଆହ୍ୱାନକ୍ରମେ ବୋଲଗଡ଼ ବ୍ଲକ ୧୯ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ମାନେ ୫ ଦଫା ଦାବି ପୂରଣ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୭ ତାରିଖଠାରୁ କଳାବ୍ୟାଜ୍‌ପିନ୍ଧି କାର୍ଯ୍ୟ କରିବେ ଓ ୧୮ରୁ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଥିଲେ। ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ପରିବର୍ତ୍ତେ ଯୁକ୍ତ ୩ କରିବା, ନୂତନ ପଦବୀ ସୃଷ୍ଟି କରି ପଦୋନ୍ନତି ଦେବା, ପେ ସ୍କେଲ ଲେବଲ ୫ ଅନୁଯାୟୀ ଦରମା ପାଉଥିବା ବେଳେ ଲେବଲ ୯କୁ ଉନ୍ନୀତ କରିବାକୁ ଆଦି ଦାବି ରହିଛି। ତେବେ ଦାବି ପୂରଣ ନ ହେବାରୁ ସୋମବାରଠାରୁ ବୋଲଗଡ଼ ବ୍ଲକର ବଭିନ୍ନ ପଞ୍ଚାୟତ ପାଇଁ କାର୍ଯ୍ୟ କରୁଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ସିଂହ, ଯୋଗେନ୍ଦ୍ର କୁମାର ସାହୁ, ସ୍ୱପ୍ନେଶ୍ୱର ବେହେରା, ରବୀନ୍ଦ୍ର ନାଥ ପରିଡା, ସମୀର କୁମାର ସାହୁ, କରୁଣାକର ସୁବୁଦ୍ଧି, ପବିତ୍ର ସ୍ୱାଇଁ, ବରଦାକାନ୍ତ ସାହୁ, ଧିରେନ୍ଦ୍ର ବେହେରା ପ୍ରମୁଖ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେହିପରି ଟାଙ୍ଗୀ ବ୍ଲକ ପିଇଓ ସଂଘର ସଭାପତି ବିକ୍ରମ ପାହାଡ଼ସିଂଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବାରୁ ବଭିନ୍ନ ପଞ୍ଚାୟତ ପାଇଁ କାର୍ଯ୍ୟ କରୁଥିବା କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୧୮ ତାରିଖରୁ ସମସ୍ତେ କାର୍ଯ୍ୟ ବନ୍ଦ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଫଳରେ ଗ୍ରାମାଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି।



କଳାବ୍ୟାଜ୍ ପିନ୍ଧି କାର୍ଯ୍ୟକୁ ଆସିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ।

# ୪୦ ଅମୃତ ପୋଖରୀ କୂଳରେ ଉଡ଼ିବ ତ୍ରିରଙ୍ଗା

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଓସମାନ ହଲ୍‌ରେ ମଙ୍ଗଳବାର ଜିଲାର ବିଭିନ୍ନ ବ୍ଲକର ବିଡିଓମାନଙ୍କ ସହ ଏକ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ପ୍ରତି ଘରେ ଜାତୀୟ ପତାକା ଉଡ଼ିବ। ଏଥିପାଇଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଚେତନତା ସୃଷ୍ଟି କରିବେ। ଜିଲାରେ ଅମୃତ ସରବୋର ଯୋଜନାରେ ଅନ୍ତର୍ଭୁକ୍ତ ୪୦ଟି ଅମୃତ ପୋଖରୀ କୂଳରେ ତ୍ରିରଙ୍ଗା ପତାକା ଉତ୍ତୋଳନ ହେବ। ଭାରତ ସ୍ୱାଧୀନତା ପାଇବାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳନ ହେଉଥିବା ମେରୀ ଦେଶ ମେରୀ ମାଟି କାର୍ଯ୍ୟକ୍ରମରେ ପ୍ରତି ଅମୃତ ପୋଖରୀ କୂଳରେ ୭୫ଟି ଲେଖାଏ ଚାରା ରୋପଣ କରାଯିବ । ଏପରିକି ଏହି ୪୦ ଅମୃତ ପୋଖରୀ ବ୍ୟତୀତ ଯଦି କୌଣସି ପଞ୍ଚାୟତରେ ବଡ଼ ପୋଖରୀ ଥିବ ସେଠାରେ ମଧ୍ୟ ୭୫ ଲେଖାଏ ଚାରାରୋପଣ କରାଯିବ । ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯିବ । ସେହିପରି ବିଡିଓମାନଙ୍କ ସହ ଆଲୋଚନା କରି ପ୍ରତି ବ୍ଲକ ମୁଖ୍ୟାଳୟ ଓ ପଞ୍ଚାୟତଗୁଡ଼ିକରେ ମଧୁବାବୁ ପେନସନ ଯୋଜନା ପାଇଁ ସ୍ୱତନ୍ତ୍ର ସହାୟତା କେନ୍ଦ୍ର (ହେଲପ ଡେସ୍କ) କରାଯିବ। ନିହାତି ବୟସ୍କ ଗରିବ, ବିଧବା, ଭିନ୍ନକ୍ଷମ, ସ୍ୱାମୀ ପରିତକ୍ତା ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଭତ୍ତା ଆବେଦନ କରିବାରେ ସହାୟତା କରିବାକୁ ଜିଲାପାଳ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ। ମୋ ଘର ଯୋଜନାରେ ଘର ପାଇଁ ଯେତିକି ଦରଖାସ୍ତ ଆସିଛି ତାହାର ଯୋଗ୍ୟ ହିତାଧିକାରୀ ଚୟନ କରି ତୁରନ୍ତ ବ୍ୟାଙ୍କକୁ ପଠାଇବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଡିପିଏମ ବିବେକ ବେଉରା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସୂଚନା ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୮।୨୦୨୩

| | |
|---|---|
| ୪,୮୦,୧୪୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ରତ୍ନଭଣ୍ଡାର ଶୀଘ୍ର ଖୋଲିବା, ଅଳଙ୍କାର ଗଣତି ଦାବି

ପୁରୀ,୮।୮(ଅଜିତ ମହାନ୍ତି):

ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରସଙ୍ଗରେ ପୁଣି ଦାନା ବାନ୍ଧିଲା ଆନ୍ଦୋଳନ। କିଛିଦିନ ପୂର୍ବରୁ ରତ୍ନଭଣ୍ଡାର ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଦାଖଲ ହୋଇଥିବା ସତ୍ୟପାଠକୁ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ କରାଯାଇଛି। ଏ ନେଇ ସେନା ପକ୍ଷରୁ ମଙ୍ଗଳବାର ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରତ୍ନଭଣ୍ଡାର ଭିତରେ ରତ୍ନ ଅଳଙ୍କାର ସୁରକ୍ଷିତ ଥିବା ଓ ରତ୍ନଭଣ୍ଡାର ଖୋଲିବା ଆବଶ୍ୟକତା ନ ଥିବା ସତ୍ୟପାଠରେ ଦର୍ଶାଯାଇଛି। ୧୯୭୮ରେ ଶେଷଥର ପାଇଁ ରତ୍ନ ଅଳଙ୍କାର ଗଣତି ହୋଇଥିବାବେଳେ ଦୀର୍ଘ ୪୫ ବର୍ଷ ହେବ ରତ୍ନଭଣ୍ଡାରରୁ ରତ୍ନ ଅଳଙ୍କାର ଗଣତି ହୋଇନାହିଁ। ତେବେ କିଭଳି ରତ୍ନ ଅଳଙ୍କାର ସୁରକ୍ଷିତ ରହିଛି ବୋଲି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପ୍ରଶ୍ନ କରାଯାଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଶୀଘ୍ର ଖୋଲି ତାହାର ମରାମତି କରିବା ଓ ଅଳଙ୍କାର ଗଣତି କରିବାକୁ ଦାବି କରିବା ସହ ମିଥ୍ୟା ସତ୍ୟପାଠକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ହାଇକୋର୍ଟରେ ରତ୍ନଭଣ୍ଡାର ମାମଲାରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ଆଇନ ବିଭାଗ ଅଧୀନରେ ଥିବା ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପ୍ରାୟ ୧୫୦ କିଲୋ ସୁନା ଓ ୧୮୫ କିଲୋ ରୁପା ଯାହାକି ଶେଷଥର ୧୯୭୮ ମସିହାରେ ଗଣତି ହୋଇଥିଲା, ତାହା ସୁରକ୍ଷିତ ରହିଛି ଓ ରତ୍ନଭଣ୍ଡାର ସୁରକ୍ଷିତ ରହିଛି। ତେବେ ପ୍ରଶାସନ କେଉଁ ଆଧାରରେ ଜାଣିଲା ସୁରକ୍ଷିତ ଅଛି ବୋଲି। ଯଦି ଚାବି ହଜିଯାଇଥିଲା ରତ୍ନଭଣ୍ଡାର ଖୋଲା ନ ହୋଇ ଅଳଙ୍କାର ସବୁ ସୁରକ୍ଷିତ ଅଛି ବୋଲି କେମିତି ଜାଣିଲେ। ଯଦି ରତ୍ନ ଅଳଙ୍କାର ସୁରକ୍ଷିତ ଅଛି, ତେବେ ସରକାର ଅଳଙ୍କାର ଗଣତି କରିବାକୁ କାହିଁକି ଡରୁଛନ୍ତି। ଏହା ଭିତରେ ବହୁତଥର ରତ୍ନଭଣ୍ଡାର ଘରୁ ସୁନା ରୁପା ଆସି ମହାପ୍ରଭୁଙ୍କ ବିଭିନ୍ନ ଅଳଙ୍କାରରେ ଲଗାଯାଇଥିବାରୁ ୧୯୭୮ରେ ରତ୍ନ ଅଳଙ୍କାର କିପରି ହୋଇଛି ବୋଲି ପ୍ରଶ୍ନ କରିଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟରେ ଗତ ଦୁଇ ଦିନ ତଳେ ଏଏସ୍‌ଆଇ ପକ୍ଷରୁ ସତ୍ୟପାଠରେ ଉଲ୍ଲେଖ ରହିଛି କି ରତ୍ନଭଣ୍ଡାର ଅସୁରକ୍ଷିତ ଓ ତୁରନ୍ତ ଏହାର ମରାମତି ନିମନ୍ତେ ପଦକ୍ଷେପ ନିଆଯିବା ଉଚିତ, ଯାହା ରାଜ୍ୟ ସରକାରଙ୍କ ମିଥ୍ୟା ଓ ମୁଖା ଖୋଲି ଦେଇଛି। ଅପରପକ୍ଷେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ଏତେ ଦିନ କ'ଣ ପାଇଁ ଘୁଞ୍ଚାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚନ ପୂର୍ବରୁ ରତ୍ନଭଣ୍ଡାର ଖୋଲିଦେଲେ ଚୋରି ଧରାପଡ଼ିଯିବ ଓ ସରକାର ଭାଙ୍ଗିଯିବ। ତେଣୁ ଷଡ଼ଯନ୍ତ୍ର ପୂର୍ବକ ନିର୍ବାଚନ ପରେ ଘୁଞ୍ଚାଇ ଦିଆଯାଇଛି। ଏହା ଏକ ହୀନ ଚକ୍ରାନ୍ତ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ତେଣୁ ସରକାର ତୁରନ୍ତ ରତ୍ନଭଣ୍ଡାର ଖୋଲି ଏହାର ମରାମତି ଓ ଗଣତି କରି ସରକାର ନିଜର ସ୍ୱଚ୍ଛତା ପ୍ରଦର୍ଶନ କରନ୍ତୁ। ଏଥିସହ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିବା, ରଘୁନନ୍ଦନ ଲାଇବ୍ରେରି ସ୍ଥାପନ, ୧୦ ଅବତାର ମୂର୍ତ୍ତି ସ୍ଥାପନ, ଏମାରମଠରୁ ବାହାରିଥିବା ରୁପା ଇଟା ଶ୍ରୀମନ୍ଦିରକୁ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଯଦି ସରକାର ଦାବିଗୁଡିକ ପୂରଣ ନ କରନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହ କୋର୍ଟର ଆଶ୍ରୟ ନିଆଯିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।



ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରୀଜଗନ୍ନାଥ ସେନାର ବିକ୍ଷୋଭ

## ଲକ୍ଷ୍ମୀନାରାୟଣ ସୁରକ୍ଷା କମିଟିର କାର୍ଯ୍ୟକାରିଣୀ ବୈଠକ

ସାକ୍ଷୀଗୋପାଳ,୮।୮(ଭରତ ରାଉତ)

ପଞ୍ଚ ଗାଁ କୋଠ, ଲକ୍ଷ୍ମୀନାରାୟଣ ସୁରକ୍ଷା କମିଟିର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବିଜେସ୍ଥଳୀ କବିରାଜପୁରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବୀରେନ୍ଦ୍ର ଭୂଷଣ ହୋତା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସତ୍ୟବାଦୀର ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଠାକୁରଙ୍କ ପୂଜାର୍ଚ୍ଚନା କରିବା ସହ ସମାଜରେ ଉତ୍ତମ ସହାବସ୍ଥାନ ଏବଂ ଶାନ୍ତିପୂର୍ଣ୍ଣ ଶୃଙ୍ଖଳିତ ଜୀବନଯାପନ ପାଇଁ ଏହି ସୁରକ୍ଷା କମିଟିର କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ନଟବର ଆଚାର୍ଯ୍ୟ ଫନି ମହାବାତ୍ୟାରେ କ୍ଷୟକ୍ଷତି ହୋଇ କୋଠ ସମ୍ମୁଖୀନ ହେଉଥିବା ଅସୁବିଧା ଦର୍ଶାଇଥିଲେ, ଯାହାର ନିରାକରଣ ଜରୁରୀ ବୋଲି ସମସ୍ତେ ମତ ରଖିଥିଲେ। ବୈଠକର ଆବାହକ କାର୍ଯ୍ୟକାରୀ ସଭାପତି ଅତିଥିବର୍ଗଙ୍କୁ ସ୍ୱାଗତ କରିଥିଲେ ଓ ବରିଷ୍ଠ ସଦସ୍ୟ ଜଗନ୍ନାଥ ପାଣି ଧନ୍ୟବାଦ ଦେଇଥିଲେ। ୱାର୍ଡ ସଭ୍ୟ ବିଟୁ ହୋତା, କମିଟି ସଭ୍ୟ ପ୍ରସାଦ ଦେଇ ଉପସ୍ଥିତ ଶତାଧିକ ଶୁଭେଚ୍ଛୁଙ୍କୁ ଆପ୍ୟାୟିତ କରିଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ୭୦ ପ୍ରକଳ୍ପ ପ୍ରଦର୍ଶିତ


ଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ପିପିଲି,୮।୮(ଦୁର୍ଗା ମାଧବ ମିଶ୍ର)

ପିପିଲି ଦାଣ୍ଡମୁକୁନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୂଆ ନୂଆ ଜ୍ଞାନକୌଶଳ ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରଙ୍କ ଭୌତିକ ବିକାଶ ଲକ୍ଷ୍ୟରେ ଆୟୋଜିତ ଏହି ଜ୍ଞାନବିଜ୍ଞାନ ମେଳାକୁ ଦାଣ୍ଡମୁକୁନ୍ଦପୁର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତପ୍ରଜ୍ଞା ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ପ୍ରଦୀପ ବେହେରା, ଧ୍ରୁବ ଚରଣ ନନ୍ଦ, ବିକାଶ ଅଗ୍ରୱାଲ, ଶିକ୍ଷୟିତ୍ରୀ ନମିତା ଗୁରୁ ଓ ସ୍ୱର୍ଣ୍ଣ ପଦକ ବିଜେତା ଶିକ୍ଷକ ସତ୍ୟାନନ୍ଦ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାୟ ୭୦ ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକୁ ଅଭିଜ୍ଞ ବିଜ୍ଞାନ ନିରୀକ୍ଷକଙ୍କ ଦ୍ୱାରା ନିରୀକ୍ଷଣ ପରେ ଶ୍ରେଷ୍ଠ ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜ୍ଞାନବିଜ୍ଞାନ ସହିତ ପତ୍ର ବାଚନ, ପ୍ରଶ୍ନ ମଞ୍ଚ, କଳା ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ ସଭାପତି ପ୍ରସନ୍ନ ଦାସ, ଉପଦେଷ୍ଟା ବଳଭଦ୍ର ଦାସ, ସମ୍ପାଦକ ରଜନୀକାନ୍ତ ପଣ୍ଡା, ବ୍ୟବସ୍ଥା ପ୍ରମୁଖ ବିଜୟ ମହାନ୍ତି, ମନୋଜ ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ସଂକ୍ଷେପରେ

### ବାର୍ ଓ ରେଷ୍ଟୁରାଣ୍ଟ ଗଣ୍ଡଗୋଳରେ ୨ ଗିରଫ, ୩ ଆହତ

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାଠାରେ ଥିବା ଏକ ବାର୍‌ଓ ରେଷ୍ଟୁରାଣ୍ଟରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଡିହବାରୀ ଗ୍ରାମର ଅଭୟ ଭୋଇ ଓ ଶେଉଳସାହି ଗ୍ରାମର ପବିତ୍ର ଭୋଇ। ଗଣ୍ଡଗୋଳରେ ୩ ଜଣ ଆହତ ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଥାନା ଅଧୀନ ଇଶ୍ୱରଜଙ୍ଗା ଗ୍ରାମର ତାପସ ସ୍ୱାଇଁ(୨୬), ଶେଉଳସାହିର ସୁନାକର ଭୋଇ(୨୯) ଓ ତାଙ୍କର ଜଣେ ସମ୍ପର୍କୀୟ ବନ୍ଧୁ। ଗୋଟିଏ ଗୋଷ୍ଠୀର ତାପସ ୪ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବାବେଳେ ଅନ୍ୟ ଗୋଷ୍ଠୀର ସୁନାକର ମଧ୍ୟ ୪ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୮ ଜଣଙ୍କ ବିରୋଧରେ ୨୭୫/୨୩, ୨୭୬/୨୩ରେ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନା ମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଏହି ଘଟଣା ସୋମବାର ଅପରାହ୍ନରେ ଘଟିଥିଲା।

### ରାସ୍ତାରେ ବାର୍‌ହା ବୁଲୁଥିବାର ଭିଡିଓ ଭାଇରାଲ

ପୁରୀ,୮।୮(ଅଜିତ ମହାନ୍ତି)

ପୁରୀ ସହରର ଉପକଣ୍ଠ ଅଞ୍ଚଳରେ ଗୋଟିଏ ବାର୍‌ହା ବୁଲୁଥିବା ନେଇ ଦେଖିବାକୁ ମିଳିଛି। ପୁରୀ ସଦର ଥାନା ଅନ୍ତର୍ଗତ ଚାରିନଳାଠାରେ ଏକ ବାର୍‌ହା ରାସ୍ତାରେ ବୁଲୁଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥରେ ଏକ ବାର୍‌ହା ବୁଲୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଜଣେ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ, ସେ ପୁରୀରୁ ଭୁବନେଶ୍ୱର ଯାଉଥିବା ସମୟରେ ଚାରିନଳା ଠାରେ ଏକ ବାରହା ରାସ୍ତାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ବାର୍‌ହାକୁ ଦେଖି ସ୍ଥାନୀୟ ବାସିନ୍ଦା ଭୟରେ ଦୌଡ଼ି ପଳାଇଥିଲେ। ମାତ୍ର ବନ ବିଭାଗ ପକ୍ଷରୁ କେହି ଘଟଣା ସ୍ଥଳକୁ ଆସି ନାହାନ୍ତି। ଭାଇରାଲ ଭିଡିଓ ଦେଖି ବନ ବିଭାଗ ଆସି ବାହାରାକୁ ଆୟତ୍ତ କରିବ ବୋଲି ସୂଚନା ମିଳିଛି।

### ବଟି ମାଗି ଜଣେ ଗିରଫ

ପୁରୀ ୮।୮(ଅଜିତ୍ ମହାନ୍ତି)

ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ୱାଟରେ ୱାର୍କ ରୋଡ ସାଲବେଗ ବସ୍ତିର ଆର୍. ତୁମବେଶ ରେଡି (୪୮)। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଖଣ୍ଡା ଏବଂ ନଗଦ ୫୦୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୦୫/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ପେଣ୍ଠକଟା ମାଛ ମାର୍କେଟଠାରେ ଜଣେ ଦୁର୍ବୃତ୍ତ ଖଣ୍ଡା ଦେଖାଇ ମାଛ ବେପାରୀ ଏବଂ ଦୋକାନୀମାନଙ୍କୁ ଭୟଭୀତ କରାଇ ବଟି ମାଗୁଥିଲେ। ବିଶେଷ ସୁତ୍ରରୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।



ନିମାପଡାରେ ଆୟୋଜିତ ଏଆଇଏସ୍ଏଫ୍‌ର ଛାତ୍ର ସମ୍ମିଳନୀରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

## ଛାତ୍ର ସମାଜ ସଙ୍ଗଠିତ ହେଲେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ହେବ

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)

ଆଜିର ଛାତ୍ର ସମାଜ ସଙ୍ଗଠିତ ହେଲେ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ସରକାରଙ୍କ ଶିକ୍ଷାନୀତି ଓ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ଆବଶ୍ୟକ, ସମାଜ ଓ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବା ଓ ମୌଳିକ ଅଧିକାର, ନ୍ୟାଯ୍ୟ ଦାବି ପାଇଁ ଏବେର ଛାତ୍ର ସମାଜ ସଙ୍ଗଠିତ ହୋଇ ସଂଗ୍ରାମ କରିବାକୁ ପଡ଼ିବ। ନିମାପଡ଼ା କଲେଜ ଅଖିଳ ଭାରତ ଛାତ୍ର ସଂଘ ଶାଖା ପକ୍ଷରୁ ଏକ ଛାତ୍ର ସମ୍ମିଳନୀ ନିମାପଡ଼ାଠାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍)ର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ଏଆଇଏସ୍ଏଫ୍‌ର ରାଜ୍ୟ କୋଷାଧ୍ୟକ୍ଷ ବିବେକ କୃଷ୍ଣ, ପୁରୀ ଜିଲା ଆବାହକ ଶୁଭ୍ରାରାଣୀ ସାହୁ, ନିମାପଡ଼ା କଲେଜ ଛାତ୍ର ନେତା ପପୁ ରାଉତ, ଦିବ୍ୟ ରଞ୍ଜନ ପାତ୍ର, ଚର୍ଚ୍ଚିକା ବାରିକ୍, ପୂଜା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା କଲେଜରେ ଏଆଇଏସ୍ଏଫ୍‌ର ଛାତ୍ର ସଂଗଠନ ଶାଖାକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏଆଇଏସ୍ଏଫ୍ ନିମାପଡ଼ା କଲେଜ ଶାଖାର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ପପୁ ରାଉତ, ଉପସଭାପତି ଭାବେ ସାଗର ପ୍ରଧାନ, ପ୍ରାଚୀ ପ୍ରିୟଦର୍ଶିନୀ, ପୂଜା ପ୍ରଧାନ, ରୁପାଲି ସେଠୀ, ଦିବ୍ୟରଞ୍ଜନ ପାତ୍ର, ସମ୍ପାଦକ ଭାବେ ଚର୍ଚ୍ଚିକା ବାରିକ, ସହସମ୍ପାଦକ ଭାବେ ସତ୍ୟଜିତ୍ ମାହାରୀ, ସୂର୍ଯ୍ୟନାରାୟଣ ପଣ୍ଡା, ସୁମିତ୍ରା ସେଠୀ, ପ୍ରତିମା ସାହୁ, କୋଷାଧ୍ୟକ୍ଷ ଭାବେ ସୁବ୍ରତ ବିଶ୍ୱାଳ ପ୍ରମୁଖ ସର୍ବସମ୍ମତିକ୍ରମେ ଚୟନ ହୋଇଛନ୍ତି।

## ରଣ ନ ଶୁଝିବାରୁ ସମ୍ପତ୍ତି ଦଖଲ କଲା ବ୍ୟାଙ୍କ

ବଳଙ୍ଗା,୮।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ବେରୋଇ ଗ୍ରାମର ଜଣେ ବ୍ୟକ୍ତି ବ୍ୟାଙ୍କରୁ ଋଣ ଆଣି ନ ଶୁଝିବାରୁ ନିଜ ସମ୍ପତ୍ତି ହରାଇଛନ୍ତି। ବ୍ୟାଙ୍କରୁ ଋଣ ଆଣି ଖିଲାପ କରିବା ଅଭିଯୋଗରେ ମଙ୍ଗଳବାର ସମ୍ପତ୍ତି ତଥା ଘରକୁ ଦଖଲ କରିଛି ବ୍ୟାଙ୍କ। ଉକ୍ତ ଘରେ ରହୁଥିବା ଜଣେ ମହିଳା ଓ ତାଙ୍କ ଝିଅ ସହ ସମସ୍ତ ଆସବାବପତ୍ରକୁ ବାହାର କରି ଘରକୁ ସିଜ କରାଯାଇଛି। ମହିଳା ଜଣକ ଅଧିକାରୀମାନଙ୍କୁ ବାରମ୍ବାର ନିବେଦନ କରିଥିଲେ ସୁଦ୍ଧା ଅଧିକାରୀମାନେ ଶୁଣି ନ ଥିଲେ। ବାଧ୍ୟ ହୋଇ ମହିଳା ଜଣକ ନିଜ ଝିଅ ସହ ଘରୁ ବାହାରିବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନକୁ ବ୍ୟଥିତ କରିଥିଲା। ପ୍ରକାଶ ଯେ, ବେରୋଇ ଗ୍ରାମର ଗୋପାଳ ରଥ ତାଙ୍କ ବାପାଙ୍କ ନାମରେ ଥିବା ୧ ଏକର ୨୬ ଡିସିମିଲ ଜାଗାରେ ଥିବା ଘରଡିହ ସହ ଜମିକୁ ନିମାପଡ଼ା ୟୁକୋ ବ୍ୟାଙ୍କରେ ବନ୍ଧକ ରଖି ଗତ ୨୦୦୯ ମସିହାରେ ଋଣ ଆଣିଥିଲେ। ପରବର୍ତ୍ତୀ ସମୟରେ ଏହି ଋଣ ୨୦୧୮ ମସିହା ସୁଦ୍ଧା ୧୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିଲାବେଳେ ବ୍ୟାଙ୍କ ପକ୍ଷରୁ ଋଣ ପରିଶୋଧ କରିବା ପାଇଁ ବାରମ୍ବାର ନୋଟିସ କରିଥିଲେ ସୁଦ୍ଧା ଗୋପାଳ ତାହା କରି ନଥିଲେ। ଫଳରେ ବ୍ୟାଙ୍କ ବାଧ୍ୟ ହୋଇ ଉକ୍ତ ସମ୍ପତ୍ତିକୁ ନିଲାମ କରିଥିବାବେଳେ ପଜେସନ ପାଇଁ ଜିଲାପାଳ ଓ ଜିଲା ଏସ୍‌ପିଙ୍କ ନିକଟରେ ଆବେଦନ କରିଥିଲେ। ମଙ୍ଗଳବାର ସ୍ଥାନୀୟ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନିମାପଡ଼ା ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ବଳଙ୍ଗା ପୋଲିସ ଉପସ୍ଥିତିରେ ବ୍ୟାଙ୍କର ଅଧିକାରୀମାନେ ବେରୋଇ ଗ୍ରାମରେ ପହଞ୍ଚି ଉକ୍ତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଶୁଭାରମ୍ଭ


ପେଣ୍ଠକଟା କମ୍ୟୁନିଟି ହଲ୍ ୨୬ ୱାର୍ଡରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ପୁରୀ, ୮।୮(ଅଜିତ୍ ମହାନ୍ତି)

ପେଣ୍ଠକଟା କମ୍ୟୁନିଟି ହଲ୍ ୨୬ ୱାର୍ଡରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକ୍ରମକୁ ମନୋଜ କୁମାର ବେହେରା ପୌରସଂସ୍ଥାର ସହକାରୀ କାର୍ଯ୍ୟନିର୍ବାହ ଅଧିକାରୀ ମନୋଜ କୁମାର ବେହେରାଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱିଚ ଅନ ପାଉଣ୍ଡେଶନ, କୋଲକାତା ଓ ପ୍ରସାଦ ଫାଉଣ୍ଡେଶନ ପୁରୀ ମିଳିତ ଉଦ୍ୟମରେ ଏବଂ ପୁରୀ ପୌରସଂସ୍ଥାର ସହଯୋଗରେ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପେଣ୍ଠକଟାର ବର୍ଜ୍ୟବସ୍ତୁକୁ ଓଦା ଓ ଶୁଖିଲା ଅଲଗା କରିବା, ପ୍ଲାଷ୍ଟିକ ବର୍ଜନ କରିବା, ବୃକ୍ଷ ରୋପଣ କରିବା, ପରିବେଶ ସୁରକ୍ଷା ପରିଚାଳନା ଓ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍କୁଲ, କ୍ଲବ, ମହିଳା ସମିତି, ସାହିଭାଇ ଓ ଭଦ୍ରଲୋକମାନଙ୍କୁ ସାମିଲ ଓ ସଚେତନ କରାଇବା ମୁଖ୍ୟ କାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରସଦସ୍ୟ କେ. ତାତା ରାଓ, ସ୍ୱିଚ ଓନ ଫାଉଣ୍ଡେଶନ ପ୍ରୋଜେକ୍ଟ କୋର୍ଡିନେଟର କୁମାରୀ ମୋନାଲିସା ବେହେରା, ପେଣ୍ଠକଟା ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି କେ. ମାର୍କ, ପେଣ୍ଠକଟା ମତ୍ସ୍ୟଜୀବୀ କୁଳ ସଭାପତି ସୋଡ଼ିପିଲି ରମଣା, ପେଣ୍ଠକଟା ଏସ୍‌ଡିଏ କମିଟିର ରବୀନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ମତ୍ସ୍ୟଜୀବୀ ୟୁନିୟନ୍ ସଭାପତି ତଥା ପ୍ରସାଦ ଫାଉଣ୍ଡେଶନ ପୁରୀର ସିଇଓ ବବଲୁ ପ୍ରସାଦ ପରିଚାଳନା କରିଥିଲେ। ଶେଷରେ ଚିନ୍ମୟ ମିଶ୍ର ଧନ୍ୟବାଦ ଦେଇଥିଲେ।

## ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ପୁରୀ,୮।୮( ଅଜିତ ମହାନ୍ତି):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ମଧୁବାବୁ ପେନସନ୍ ଭତ୍ତାରେ ୪ ଲକ୍ଷ ୧୩ ହଜାର ଲୋକଙ୍କୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭତ୍ତା ଆବେଦନକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଯୋଡାଯାଉଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାର ଲକ୍ଷ୍ୟ ମଧୁବାବୁ ପେନ୍‌ସନ୍‌ଧାରୀଙ୍କର ବଳ ବଢାଉଛି। ଏପରି ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ପୁରୀ ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଉପସଭାପତି ଦୁର୍ଗାମାଧବ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, କୋଷାଧ୍ୟକ୍ଷ ଅଜୟ କୁମାର ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀ ସୁରକ୍ଷା ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

କଣାସ,୮।୮(ବିଭୂତି ଭୂଷଣ ତ୍ରିପାଠୀ)

ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅଭିଯାନ କର୍ମକର୍ତ୍ତା ଦୟାନଦୀର ସୁରକ୍ଷା ଓ ଚିଲିକାର ସୁରକ୍ଷା ସମ୍ପର୍କରେ କେତେକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ପ୍ରଦାନ କରିଥିଲେ। ଭୁବନେଶ୍ୱର ଆବର୍ଜନା ଜଳ ଦୟାନଦୀକୁ ଛଡ଼ା ଯାଉଥିବାରୁ ଦୟା, ରାଜୁଆ, ମକରା, ମଳାଗୁଣି, କାଣିଆ, ଲୁଣାନଦୀର ଜଳ ବିଷାକ୍ତ ହେଉଛି। ଫଳରେ ନଦୀ ପାଖ ଗ୍ରାମବାସୀ ଯକ୍ଷ୍ମା, କିଡ୍‌ନୀ, ପେଟରୋଗ ଓ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ନଦୀର ମାଛ, କଙ୍କଡ଼ା, ସାପ ପ୍ରଭୃତି ମରିଯାଉଥିବାବେଳେ ନଦୀପଠାରେ ହେଉଥିବା ଧାନଚାଷ, ପରିବା ଚାଷ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀ ଦୁର୍ଦ୍ଦଶା ଭୋଗୁଛନ୍ତି। ତୁରନ୍ତ ଭୁବନେଶ୍ୱର ଦୂଷିତ ଜଳକୁ ଦୟାନଦୀରେ ନ ଛାଡିବାକୁ ନଦୀ ସୁରକ୍ଷା ଅଭିଯାନର କର୍ମକର୍ତ୍ତା ଦାବି କରିଛନ୍ତି। ନଦୀ ସୁରକ୍ଷା ଅଭିଯାନ ସଦସ୍ୟ ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ, ଅଶୋକ ପ୍ରଧାନ, ମତ୍ସ୍ୟଜୀବୀ ମହାସଂଘ ନେତା ବିରଞ୍ଚି ବେହେରା, ଅନାମ ବେହେରା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଅଭିଯୋଗ ଶୁଣାଣି ଶିବିରରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ବାଲ୍ୟବିବାହ ମୁକ୍ତ ଭାରତ ଗଠନ ସରକାରଙ୍କ ପରିକଳ୍ପନା

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)/
ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)

ବାଲ୍ୟବିବାହ ମୁକ୍ତ ଭାରତ ଗଠନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରିକଳ୍ପନା। ଜନସାଧାରଣ ସଚେତନ ହେଲେ ଏଭଳି କୁପ୍ରଥା ବନ୍ଦ ହୋଇପାରିବ। ନିମାପଡ଼ା ବ୍ଲକ ପ୍ରଶାସନ ଓ ଭୁବନେଶ୍ୱରର ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ଶୀର୍ଷକ ଏକ କର୍ମଶାଳା ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ରବୀନ୍ଦ୍ରନାଥ ମଲ୍ଲିକ, ସଙ୍ଗଠନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି, ପୁରୀ ଜିଲା ସଂଯୋଜକ ହେମନ୍ତ ଦାସ, ଓଡ଼ିଶା ଜୀବିକା ମିଶନର ନିମାପଡ଼ା ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ବିଡିଓ ବସନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଏହା କହିଛନ୍ତି। ନିମାପଡ଼ା ବ୍ଲକକୁ ବାଲ୍ୟବିବାହ ମୁକ୍ତ କରିବାକୁ ସରକାରୀ ଓ ବେସରକାରୀସ୍ତରରେ ସମସ୍ତ ପ୍ରକାର ଉଦ୍ୟମ କରାଯିବ, ଏଥିପାଇଁ ସମସ୍ତ ସରକାରୀ ଅଧିକାରୀ ଯତ୍ନବାନ ହେବାକୁ ବିଡିଓ ମଲ୍ଲିକ କହିଛନ୍ତି। ସଙ୍ଗଠନର ପ୍ରଦୀପ୍ତ ମୁଖୀ, ସୁଶାନ୍ତ ପ୍ରଧାନ, ସବ୍ୟସାଚୀ ପାଣି, ପ୍ରିତପ୍ରଜ୍ଞା ସ୍ୱାଇଁ, ତଟିନୀ ବିଶ୍ୱାଳ, ଫୁଲରାଣୀ ସ୍ୱାଇଁ, କଳ୍ପନା କାଣ୍ଡି, ହରପ୍ରିୟା ଖଟୋଇ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ବହୁ ସରପଞ୍ଚ, ସମିତି ସଭ୍ୟ, ମହିଳା ମହାସଂଘର ଏମ୍‌ବିକେ, ମିଶନ ଶକ୍ତି, ଆଇସିଡିଏସ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସେହିପରି ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଆନୁକୂଲ୍ୟରେ ବାଲ୍ୟବିବାହ ମୁକ୍ତ ସମାଜ ଗଠନ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଦସ୍ୟ ହରପ୍ରିୟା ଖଟୋଇ ଓ ପ୍ରମୋଦ ବେହେରା ଛାତ୍ରୀଛାତ୍ରଙ୍କୁ ବାଲ୍ୟ ବିବାହର କୁପରିଣାମ ବାବଦରେ ମତବ୍ୟକ୍ତ କରିଥିଲେ। ଏଥିସହ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁ ଶ୍ରମିକ ଦୂରୀକରଣ, ଶିଶୁ ସହାୟତା ନମ୍ବର ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଦେବୀ ଓ ଶିକ୍ଷକ ଅଭୟ ଚରଣ ସାହୁ ବାଲ୍ୟବିବାହ ହଟିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ସେଠୀ, ଶିକ୍ଷକ ମାନସ ସ୍ୱାଇଁ, ଶିକ୍ଷୟିତ୍ରୀ ପପ୍‌ଲିନ ପ୍ରଧାନ, ସତ୍ୟଭାମା ବେହେରା, ପ୍ରିୟତମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**ସଂକ୍ଷେପରେ**

## ଆଜି ୩ ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ଉପନିର୍ବାଚନ

ମାହାଙ୍ଗା(ଯଯାତି ସିଂହ)/ ନରସିଂହପୁର,(ନିରଞ୍ଜନ ଦେବକୁମାର)

ମାହାଙ୍ଗା ବ୍ଲକର ନୃର୍ତ୍ତାଙ୍ଗ ଓ ଗୋତରା ପଞ୍ଚାୟତରେ ବୁଧବାର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ହେବ। ଏଠାରେ ୮୨୦୪ ଜଣ ଭୋଟର ଥିବାବେଳେ ଗୋତରା ପଞ୍ଚାୟତରେ ୧୩ ଓ ନୃର୍ତ୍ତାଙ୍ଗ ପଞ୍ଚାୟତରେ ୧୫ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ଉଭୟ ସମ୍ବେଦନଶୀଳ ପଞ୍ଚାୟତ ହୋଇଥିବାରୁ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରତି କେନ୍ଦ୍ରରେ ଜଣେ ଲେଖାଏ ପୋଲିସ କର୍ମଚାରୀଙ୍କ ସହ ୨ ଜଣ ପୁଲିଂ ଅଫିସର ଓ ୨ ଜଣ ସହକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ନରସିଂହପୁର ବ୍ଲକ ଶରଧାପୁର ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ତରଫରୁ ପ୍ରସ୍ତୁତି ଶେଷ ହୋଇଛି। ପୁଲିଂ ଅଫିସରମାନେ ନିଜ ନିଜ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଏଠାରେ ମତଦାନ ପାଇଁ ୧୪ଟି ବୁଥ୍ ହୋଇଥିବା ବେଳେ ୫ହଜାରରୁ ଉର୍ଦ୍ଧ୍ୱ ଭୋଟର ଥିବା ଜଣାପଡ଼ିଛି। ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ନୀଳମାଧବ ସୁନା ସୂଚନା ଦେଇଛନ୍ତି।

## ଏସ୍‌ବିଆଇ ଅବସରପ୍ରାପ୍ତ ଅଧିକାରୀଙ୍କ ପରଲୋକ

କଟକ,୮।୮ (କାର୍ତ୍ତିକ ସାହୁ)

ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ଦେବେନ୍ଦ୍ର ନାଥ ଶତପଥୀ(୭୪)ଙ୍କର କଟକ ଶିବାଜୀ



ନଗରସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଏହି ଖବର ପାଇ ଷ୍ଟେଟ୍ ବ୍ୟାଙ୍କ୍ ପେନ୍‌ସନ୍ ସଂଘର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାସ, ଉପସଭାପତି ଜ୍ୟୋତି ଭୂଷଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ଅନ୍ନଦା ଶଙ୍କର ଜେନା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

# ୧.୩ ଲକ୍ଷ ଟଙ୍କା ଜବତ, ୪ ଯୁବକ ଗିରଫ



ଗିରଫ ୪ ଅଭିଯୁକ୍ତ।



ଜବତ ମୋବାଇଲ ଓ ଟଙ୍କା।

କଟକ,୮।୮ (କାର୍ତ୍ତିକ ସାହୁ)

- ଟଙ୍କା ଲୋଭରେ ଠକାମିରେ ପଡ଼ିଲେ ୨ ପୋଲିସ କର୍ମଚାରୀ
- ୨୦% ଅଧିକ ଦେବାକୁ କହି ଠକି ନେଇଥିଲେ ୯.୮ ଲକ୍ଷ
- ଫେରାଇଥିଲେ ବ୍ୟାଗ୍ ଭର୍ତ୍ତି କାଗଜବିଡ଼ା

ମୂଳ ସହିତ ୨୦% ଅଧିକ ଟଙ୍କା ଦେବାର ଲୋଭ ଦେଖାଇ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକୁଥିବା ଏକ ଗ୍ୟାଙ୍ଗକୁ ମଙ୍ଗଳାବାଗ ପୋଲିସ ଠାବ କରିଛି। ଏଥିସହ ଉକ୍ତ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବୁଦ୍ଧପଡ଼ା ଗ୍ରାମର ଇଟୁ ଓରଫ ମନୋଜ ପଟ୍ଟନାୟକ(୩୮), ଯାଜପୁର ଜିଲା ବଳିରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କେଙ୍କରଡ଼ା ଗ୍ରାମର ସରୋଜ ଓରଫ ସରୋଜକାନ୍ତ ଜେନା(୪୫), କଟକ ଜିଲା କିଶନ ନଗର ଥାନା ଅଧୀନ ଜୋହାନପୁରର ରାଜେଶ କୁମାର ଖୁଣ୍ଟିଆ(୩୦) ଓ ସୁଶାନ୍ତ କୁମାର ସେଠୀ(୩୬)। ସେମାନଙ୍କଠାରୁ ୧,୩୦,୦୦୦ ଟଙ୍କା, ହ୍ୟୁଣ୍ଡାଇ କାର୍ ଓ ଦୁଇଟି ସୁନାହାର ପୋଲିସ ଜବତ କରିଛି। ସବୁଠୁ ଚକିତ କଥା ହେଉଛି ଠକାମିର ଶିକାର ହୋଇଥିବା ବ୍ୟକ୍ତିଦ୍ୱୟ ହେଲେ କଟକ ଷଷ୍ଠ ବାଟାଲିୟନ୍‌ରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀ। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୦/୨୩) ରୁଜୁ ହୋଇଛି।

ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତମାନଙ୍କ ସହ ବୁଦ୍ଧପଡ଼ାର ବାପୁନି ଭୋଇ ଓ ରଘୁନାଥପୁରର ସ୍ୱାଧୀନ ପ୍ରଧାନ କଟକ ଷଷ୍ଠ ବାଟାଲିୟନ୍‌ରେ କାର୍ଯ୍ୟରତ ମାନସ କୁମାର ବାରିକଙ୍କୁ ଫସାଇବାରେ ସକ୍ଷମ ହୋଇଥିଲେ। ସେମାନେ ତାଙ୍କୁ କହିଥିଲେ କି, ୫୦୦ ଟଙ୍କିଆ ନୋଟ୍ ଆକାରରେ ଟଙ୍କା ଦେଲେ ମୂଳ ସହ ୨୦% ଅଧିକା ଟଙ୍କା ସେମାନେ ତାଙ୍କୁ ଦେବେ। ମାନସ ଓ ଷଷ୍ଠ ବାଟାଲିୟନ୍‌ରେ କାର୍ଯ୍ୟରତ ତାଙ୍କ ସାଙ୍ଗ ସରୋଜ ଅଧିକ ଟଙ୍କା ପାଇବା ଲୋଭରେ ଅଭିଯୁକ୍ତମାନଙ୍କୁ ୯.୮ ଲକ୍ଷ ଟଙ୍କା ଦେଇଥିଲେ। ଅପରପକ୍ଷରେ ଅଭିଯୁକ୍ତମାନେ ଦୁହିଁଙ୍କୁ ସାଦା କାଗଜର ବିଡ଼ା ନୋଟ ଆକୃତି ସଦୃଶ ବ୍ୟାଗ୍‌ଭର୍ତ୍ତି ଦେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେମାନେ ମଙ୍ଗଳାବାଗ ଥାନାରେ ଗତ ୨ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନଙ୍କ ସମ୍ପର୍କରେ କେତେକ ତଥ୍ୟ ପୋଲିସକୁ ହସ୍ତଗତ ହୋଇଛି। ସେମାନେ ଢେଙ୍କାନାଳ, ପାହାଳ, ଖୋର୍ଦ୍ଧା, ନୟାପଲ୍ଲୀ, ସୁନ୍ଦରଗଡ଼ ଆଦି ଅଞ୍ଚଳରେ ଲୋକମାନଙ୍କୁ ଅଧିକ ଟଙ୍କା ଦେବାର ଲୋଭଦେଖାଇ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ତଦନ୍ତ ଚାଲିଛି, ଆଗାମୀ ଦିନରେ ଏହି କାରବାର ସହ ଆଉ କେଉଁମାନେ ଜଡ଼ିତ ସେ ସମ୍ପର୍କରେ ଜଣାପଡ଼ିବ ବୋଲି ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି।



କଟକ ମିଶନରୋଡ୍‌ସ୍ଥିତ ଷ୍ଟିୱାର୍ଟ ସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ମକ୍ ପାର୍ଲାମେଣ୍ଟରେ ଭାଗନେଇଥିବା ଛାତ୍ରୀଛାତ୍ର।

## ସ୍ୱାଧୀନତା ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା

**ବଡ଼ମ୍ବା,୮।୮(ମାୟାଧର ମଲ୍ଲିକ):** ସ୍ୱାଧୀନତା ଦିବସ ଉପଲକ୍ଷେ ବଡ଼ମ୍ବା ସଦର ମହକୁମାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ସ୍ୱାଧୀନତା ଦିବସ ଉତ୍ସବ ପାଳନ କମିଟି ଆନୁକୂଲ୍ୟରେ ଆୟୋଜି ଏହି ପ୍ରତିଯୋଗିତାରେ ସିନିୟର ଓ ଜୁନିୟରସ୍ତରରେ ରଚନା, ସାଧାରଣ ଜ୍ଞାନ, ବକ୍ତୃତା, ସଙ୍ଗୀତ, ଚିତାଙ୍କନ ଆଦି ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ଆଉ କେତୋଟି ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି। କୃତି ପ୍ରତିଯୋଗୀମାନଙ୍କୁ ସ୍ୱାଧୀନତା ଦିବସରେ ଉତ୍ସବ ପାଳନ କମିଟି ତରଫରୁ ପୁରସ୍କୃତ କରାଯିବ। ଉତ୍ସବ ପାଳନ କମିଟି ସଦସ୍ୟ ରମେଶ ଚନ୍ଦ୍ର ବେହେରା, ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅଭୟ କୁମାର ସାହୁ ଓ ଅନ୍ୟାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ୫-ଟି ସଚିବଙ୍କୁ ଦାବିପତ୍ର

କଟକ,୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଚୌଦ୍ୱାରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଯୋଗଦେବାକୁ ଯିବାବେଳେ କଟକସ୍ଥିତ ଓଡ଼ିଶା ମାଇନରିଟି ରାଇଟ୍ସ ଆସୋସିଏଶନ (ଓମ୍‌ରା)ର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟତଃ ଓଡ଼ିଶା ରାଜ୍ୟ ହଜ୍ କମିଟି ଗଠନ, ଓଡ଼ିଶା ୱାକଫ୍ ବୋର୍ଡ ଗଠନ, ବିଭିନ୍ନ ସ୍କୁଲରେ ଖାଲିପଡିଥିବା ଉର୍ଦ୍ଦୁ ଶିକ୍ଷକ ପଦବୀ ପୂରଣ ପାଇଁ ଉଲ୍ଲେଖ ରହିଛି। ଏହି ପ୍ରତିନିଧି ମଣ୍ଡଳୀରେ ଆସୋସିଏଶନର ସମ୍ପାଦକ ଅବ୍‌ଦୁର ରହେମାନ, ସୟଦ ଅବ୍‌ଦୁଲ ବାତୀନ, ସୟଦ୍ ଅବ୍‌ଦୁଲ କଦ୍ଦୁସ, ସେଖ୍ ଅଜ୍‌ରମ୍ ଉଲ୍ଲା, ମୁଫ୍‌ତି ସିବଗତଉଲ୍ଲା, ସେକ୍ ବଦରୁଦ୍ଦିନ, ମହମ୍ମଦ ସନାଉଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଲେ ଚାଷୀ

ନିଶ୍ଚିନ୍ତକୋଇଲି,୮।୮ (ଅଶୋକ କୁମାର ମହାପାତ୍ର)

- ଜବରଦଖଲରେ କେନାଲ ଶଯ୍ୟା
- ତଳମୁଣ୍ଡକୁ ଯାଉନି ପାଣି

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନରେନ୍ଦ୍ରପୁର(ନଗସପୁର) ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବାକୁ ଆସି ମହାନଦୀ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା ଉତ୍ତ୍ୟକ୍ତ ଚାଷୀଙ୍କ ଦ୍ୱାରା ହଟହଟାର ସମ୍ମୁଖୀନ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ନରେନ୍ଦ୍ରପୁର ଓ ଫତେପୁର ଗ୍ରାମର ଶତାଧିକ ଏକର ଚାଷଜମି ପଡିଆ ପଡିଛି। ପାଣି ନ ଥିବାରୁ ଚାଷୀମାନେ ଧାନଚାଷ କରିପାରି ନାହାନ୍ତି। ଏପର୍ଯ୍ୟନ୍ତ କେନାଲ ଠିକ୍‌ଭାବେ ସଫେଇ କରାଯାଇ ନାହିଁ। କେନାଲ ଶଯ୍ୟାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବର ଦଖଲ କରି ଗୃହ ନିର୍ମାଣ କରିଥିବାରୁ ଶେଷ ମୁଣ୍ଡକୁ ପାଣି ଯିବାରେ ସମସ୍ୟା ସୃଷ୍ଟି ହୋଇଛି। ତେବେ ମଙ୍ଗଳବାର ଅଧୀକ୍ଷଣ ଯନ୍ତ୍ରୀ ବେହେରା ହଠାତ୍ ନରେନ୍ଦ୍ରପୁର(ନଗସପୁର) ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଖବରପାଇ ସ୍ଥାନୀୟ ଅଞ୍ଚଳର ଶତାଧିକ ଉତ୍ତ୍ୟକ୍ତ ଚାଷୀ ସେଠାରେ ପହଞ୍ଚି ବେହେରାଙ୍କୁ ଘେରାଉ କରିବା ସହ ସେମାନଙ୍କ ବିଲ ପରିଦର୍ଶନ ପାଇଁ ବାଧ୍ୟ କରିଥିଲେ। ପରେ ବେହେରା ବାଧ୍ୟ ହୋଇ ଚାଷୀଙ୍କ ପଡିଆ ପଡିଥିବା ବିଲ ପରିଦର୍ଶନ କରି ଦୁଃଖପ୍ରକାଶ କରିଥିଲେ। ଚାଷୀଙ୍କ ବିଲକୁ ଖୁବ୍‌ଶୀଘ୍ର ପାଣି ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ବେହେରା ଦୃଢ ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀମାନେ ତାଙ୍କୁ ଛାଡିଥିଲେ। ସୂଚନାଯୋଗ୍ୟ, ଗତ ମେ’ ମାସରେ ନରେନ୍ଦ୍ରପୁର ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ହେଲେ ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କାହାରିକୁ ନିଯୁକ୍ତି ଦିଆଯାଇନାହିଁ।

## ବନ୍ୟାପାଣିରେ ବୁଡ଼ିରହିଛି ଚାଷଜମି



ଭାଜପାନେତା ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବାଙ୍କୀ,୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ସ୍ଥିତି ଅନୁଧ୍ୟାନ କଲେ ଭାଜପା ନେତା**

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡ଼ ଜୋନ୍‌ର ସୁବର୍ଣ୍ଣପୁର ପଞ୍ଚାୟତ ଓ ଅଂଶୁପା ହ୍ରଦରେ ବନ୍ୟାଜଳ ପ୍ରବେଶ କରିଛି। ଏହାଦ୍ୱାରା ନିକଟସ୍ଥ ଚାଷଜମି ପାଣିରେ ବୁଡି ରହିଛି। ମଙ୍ଗଳବାର ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ପହଞ୍ଚି ଚାଷଜମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଗତବର୍ଷ ବନ୍ୟାରେ ସୁବର୍ଣ୍ଣପୁର ପଞ୍ଚାୟତର ଚାଷୀମାନେ ଶତ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୧୨% ଚାଷୀ କ୍ଷତିପୂରଣ ପାଇଥିବା ନେଇ ପାଢ଼ୀଙ୍କୁ ଜଣାଇଥିଲେ। ଚଳିତବର୍ଷେ ମହାନଦୀର ବନ୍ୟାଜଳ ଅଂଶୁପା ହ୍ରଦରେ ପ୍ରବେଶ କରିବା ଦ୍ୱାରା ବନ୍ଧ ଭାଙ୍ଗି ପ୍ରାୟ ୫୦ ଫୁଟର ଘାଇ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ୨ମାସ ତଳେ ଏହି ବନ୍ଧ ନିର୍ମାଣ କରାଯାଇ ପଥରପ୍ୟାକିଂ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ବନ୍ୟାରେ ବନ୍ଧ ଭାଙ୍ଗି ଯାଇଥିବା ନେଇ ସ୍ଥାନୀୟ ଲୋକେ ପାଢ଼ୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ସୁବର୍ଣ୍ଣପୁର ଗ୍ରାମର ଶତାଧିକ ଏକର ଚାଷଜମି ପାଣିରେ ବୁଡି ରହିଛି। ତୁରନ୍ତ ବନ୍ଧ ମରାମତି କରାଯିବା ସହିତ ଚାଷୀମାନଙ୍କୁ ଶତପ୍ରତିଶତ କ୍ଷତିପୂରଣ ମିଳିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ପରିଦର୍ଶନବେଳେ ଅଜିତ୍ କୁମାର ସୁବୁଦ୍ଧି, ଜଗନ୍ନାଥ ନାୟକ, ଲିପୁ ରଞ୍ଜନ ଦାଶ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## କିଡ୍‌ନୀ ରୋଗୀଙ୍କୁ ସହାୟତା

ମାହାଙ୍ଗା, ୮।୮(ଯଯାତି ସିଂହ)

ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଛୋଟିପଡ଼ା ଗ୍ରାମର ସାରଳା ଦାସ ୫ ବର୍ଷ ହେବ କୀଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ଜାଣିବା ପରେ ‘ପିତାମାତା’ ସେବକ ସଂଘ ପ୍ରତିଷ୍ଠାତା ତଥା ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସହ ସମ୍ପାଦକ ଚିରଞ୍ଜିବୀ ଜେନା, ଯୁବ ସଙ୍ଗଠକ କୀର୍ତ୍ତିବାସ ସାହୁ ପ୍ରମୁଖ ସାରଳାଙ୍କ ଘରେ ପହଞ୍ଚି ତାଙ୍କ ସମସ୍ୟା ବୁଝିବା ସହ ଅର୍ଥ ଓ ବସ୍ତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଅଧିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସଂଘର ଏଭଳି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଗୋଟିଏ ଜମି ପଟ୍ଟାରେ ଚାଲିଛି ୨ ପଞ୍ଚାୟତର କାର୍ଯ୍ୟ

କଟକ ସଦର,୮।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ଓ ସୋମପୁର ପଞ୍ଚାୟତ କାର୍ଯ୍ୟାଳୟ ଦୁଇଟି ଅଲଗା ସ୍ଥାନରେ ରହିଛି। କିନ୍ତୁ ଏହି ଦୁଇ ପଞ୍ଚାୟତର ସମସ୍ତ ନିର୍ମାଣଭିତ୍ତିକ କାର୍ଯ୍ୟ ଗୋଟିଏ ଜମିପଟ୍ଟା ଉପରେ କରାଯାଏ। ତାହା ହେଲା କିଶନ ନଗର ତହସିଲ ଅନ୍ତର୍ଗତ ସମପୁର ମୌଜା ଖାତା ନଂ.୫୩୧ ଓ ପ୍ଲଟ୍ ନଂ.୨୬୯। ବହୁ ପୂର୍ବରୁ ଅରିଲୋ ପଞ୍ଚାୟତର ସ୍ଥାୟୀ କାର୍ଯ୍ୟାଳୟ ସମପୁର ମୌଜାରେ ଥିଲା। ମାତ୍ର ୧୯୯୨ ମସିହାରେ ତତ୍କାଳୀନ କିଶନ ନଗର ବିଧାୟକ ଯୁଧିଷ୍ଠିର ଦାଶଙ୍କ ସୁପାରିସକ୍ରମେ ପଞ୍ଚାୟତିରାଜ ବିଭାଗ ଅରିଲୋକୁ ବିଭାଜିତ କରି ନୂତନ ଭାବେ ସୋମପୁର ପଞ୍ଚାୟତ ସୃଷ୍ଟି କରିଥିଲା। କିନ୍ତୁ ସମପୁର ମୌଜାଟି ନୂଆ ପଞ୍ଚାୟତ ଅଧୀନରେ ଥିବାରୁ ସରକାର ଅରିଲୋ ପଞ୍ଚାୟତ କାର୍ଯ୍ୟାଳୟକୁ ବସ୍ତପଡ଼ା ମୌଜାକୁ ସ୍ଥାନାନ୍ତର କରିଥିଲେ। ୨୦୦୭ ମସିହାଠାରୁ ଏପର୍ଯ୍ୟନ୍ତ ଉଭୟ ପଞ୍ଚାୟତର ଯେକୌଣସି ନିର୍ମାଣ ଭିତ୍ତିକ କାମ ଏହି ପଟ୍ଟା ବଳରେ କରାଯାଉଛି। ଏହି ଗୋଟିଏ ଜମିପଟ୍ଟାକୁ ଫାଇଲରେ ଯୋଡ଼ା ଯାଉଛି। ସୂଚନା ଅଧିକାର ଆଇନ ବଳରେ ତତ୍କାଳୀନ କିଶନ ନଗର ତହସିଲଦାର ପତ୍ରସଂଖ୍ୟା ୨୬୭/୮।୨।୨୦୧୯ରେ ଦେଇଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଅରିଲୋ ପଞ୍ଚାୟତ ନାମରେ ବସ୍ତପଡ଼ା ମୌଜାରେ କୌଣସି ନିଜସ୍ୱ ଜାଗା ନାହିଁ। ଅଦ୍ୟାବଧି ଏହି ୪ ଡିସିମିଲ ଜମିର ମାଲିକାନା ସୋମପୁର ପଞ୍ଚାୟତ ଅଧୀନରେ ରହିଛି। ମାତ୍ର ଜମିପଟ୍ଟା ସଂଶୋଧନ କରାଯାଇନାହିଁ। ଅନ୍ୟପକ୍ଷରେ ଅରିଲୋ ପଞ୍ଚାୟତର ନୂତନ କୋଠା ଗୋଚର ଜମିରେ ଥିବା ଉପରୋକ୍ତ ପତ୍ରସଂଖ୍ୟାରୁ ଜଣାପଡ଼ିଛି। ଏବେ ଅରିଲୋ ପଞ୍ଚାୟତର ନିଜସ୍ୱ ଜାଗା ନ ଥିବାରୁ ନୂଆ କୋଠା ନିର୍ମାଣରେ ବାଧା ସୃଷ୍ଟି ହେଉଛି। ତତ୍କାଳୀନ ତହସିଲଦାର ତଥ୍ୟ ଦେଇଥିବାରୁ ଏହା ଉପରେ କିଛି କହିବା ସମ୍ଭବ ନୁହେଁ ବୋଲି ଅରିଲୋ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ଦାଶ କହିଛନ୍ତି।

# ମିଶନ ଶକ୍ତି ଯୋଜନା ଏବେ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି

ଆଠଗଡ଼, ୮।୮(ସତ୍ୟ ପ୍ରସାଦ ରଥ)

୫-ଟି ସଚିବ ଭି.କେ.ପାଣ୍ଡିଆନ ମଙ୍ଗଳବାର ୨ ଦିନିଆ କଟକ ଗସ୍ତରେ ଆସି ବିଭିନ୍ନ ବ୍ଲକ ବୁଲିବା ସହ ଜନଶୁଣାଣି ଶିବିର ଓ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ପ୍ରଥମେ ସେ ଆଠଗଡ଼ ଗସ୍ତରେ ଆସି ବିଶ୍ୱନାଥ ବିଦ୍ୟାପୀଠ ମିନିଷ୍ଟାଡିୟମରେ ଆୟୋଜିତ ଜନଶୁଣାଣି ଓ ମହିଳା ସମାବେଶରେ ଯୋଗଦେଇଥିଲେ। ସେଠାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ, ବିଡିଓ ପ୍ରଦୀପ କୁମାର ସାହୁ, ତହସିଲଦାର ପ୍ରିୟବ୍ରତ ଦାସ, କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଆଠଗଡ଼ ଆରକ୍ଷୀ ଉପଧକ୍ଷ ରବୀନ୍ଦ୍ର ନାଥ ମଲ୍ଲିକ, ଆଠଗଡ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନା କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଏସ୍‌ଏଚ୍‌ଜି ଗୋଷ୍ଠୀ ଉନ୍ନୟନ ଓ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିର ଉନ୍ନୟନ କରାଯିବ ବୋଲି କହିଥିଲେ। ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିର ଉନ୍ନତୀକରଣ ପ୍ରକଳ୍ପର ନକ୍ସା ଦେଖି ନରସିଂହପୁର ବ୍ଲକ ଗସ୍ତ କରିଥିଲେ।

**ନରସିଂହପୁର, (ନିରଞ୍ଜନ ଦେବ କୁମାର):** ନରସିଂହପୁରରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ସଚିବ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। ଏହାପରେ ବଡ଼ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଏଚ୍‌ଜି ଗ୍ରୁପକୁ ମିଳିତ ସହଯୋଗ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।



ଆଠଗଡ଼ରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି।

ଅସୁବିଧା ହେଲେ ଜିଲାପାଳଙ୍କୁ ଜଣାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ମହିଳାମାନଙ୍କ ବିକାଶ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ନରସିଂହପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ଯୁବ ସାମାଜିକ କର୍ମୀ ପ୍ରିୟରଞ୍ଜନ ପ୍ରତାପ ସିଂଙ୍କ ନେତୃତ୍ୱରେ ଏକ ସାର୍ବଜନୀନ ଦସ୍ତଖତ ଦାବିପତ୍ର ୫-ଟି ସଚିବଙ୍କୁ ପ୍ରଦାନ କରାଯାଇଥିଲା। ନରସିଂହପୁର କଲେଜ ଆଲୁମ୍‌ନି ଆସୋସିଏଶନ ତରଫରୁ ଆର୍ଥିକ ଅନୁଦାନ ପାଇଁ ଦାବିପତ୍ର ଦିଆଯାଇଥିଲା। ସମସ୍ତ ଦରଖାସ୍ତକୁ ବିଚାର କରାଯାଇ ପଦକ୍ଷେପ ନିଆଯିବ ବୋଲି ପାଣ୍ଡିଆନ କହିଥିଲେ। ଏହାପରେ ସେ ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** କଟକ ଜିଲା ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) ଭିତ୍ତିଭୂମି ଉପରେ ଶିଳ୍ପ ପ୍ରତିଷ୍ଠା ପାଇଁ ଦୁଇଟି ବଡ଼ କମ୍ପାନୀ ସହିତ ଆଲୋଚନା ସରିଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରେ ନୂତନ କାରଖାନା ପାଇଁ ଘୋଷଣା କରିବେ। ଏଥିପାଇଁ ଅଞ୍ଚଳବାସୀଙ୍କ ନିଷ୍ଠାପର ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କହିଛନ୍ତି।

ଚୌଦ୍ୱାରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ପାଣ୍ଡିଆନ୍ ଯୋଗଦେଇ କହିଥିଲେ, ନାରୀ ସଶକ୍ତ ହେଲେ ପରିବାର ସଶକ୍ତ ହୁଏ। ପରିବାର ସଶକ୍ତ ହେଲେ ରାଜ୍ୟ ସଶକ୍ତ ହୁଏ। ସେଥିପାଇଁ ମୁଖ୍ୟମନ୍ତ୍ରୀ ମିଶନ୍ ଶକ୍ତି ଯୋଜନା ମାଧ୍ୟମରେ ଓଡ଼ିଶାର ମହିଳାମାନଙ୍କୁ ରୋଜଗାରକ୍ଷମ କରି ସଶକ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ମାଧ୍ୟମରେ ମହିଳାଙ୍କ ଚିକିତ୍ସା ପାଇଁ ୧୦ଲକ୍ଷ ଓ ପୁରୁଷଙ୍କ ନିମନ୍ତେ ୫ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। କଟକ ଜିଲାର ସମସ୍ତ ବିଦ୍ୟାଳୟ ଓ କଲେଜକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇ ଉନ୍ନତ ଶୈକ୍ଷିକ ପରିବେଶ ଓ ଶିକ୍ଷାଦାନର ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ପାଣ୍ଡିଆନ୍ କହିଛନ୍ତି। ଏଥିସହ ସେ ଜନତାଙ୍କଠାରୁ ଅଭିଯୋଗ ଓ ଦାବିପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରୁ ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାରା, ଗୋଷ୍ଠୀକେନ୍ଦ୍ର ଆଦି ନିର୍ମାଣ ଓ ନବୀକରଣ ସମ୍ପର୍କିତ ଦାବିପତ୍ରଗୁଡ଼ିକ ତୁରନ୍ତ ଅନୁଧ୍ୟାନ କରାଯାଇ ୭ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ଅନ୍ୟ ଦାବିପତ୍ରଗୁଡ଼ିକ ଦେଢ଼ମାସ ମଧ୍ୟରେ ଅନୁଧ୍ୟାନ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେ ସମ୍ପର୍କରେ ସୂଚନା ଦିଆଯିବ। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଶାସନ ନିଷ୍ଠା ଓ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି। ଏଥିରେ ଜନସାଧାରଣ ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ପୋଲିସ ପକ୍ଷରୁ ଚୌଦ୍ୱାର ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅପରପକ୍ଷରେ ଜନଶୁଣାଣିକୁ ବିରୋଧ କରି ବିଭିନ୍ନ ନାରାବାଜି ଦେଉଥିବା ଭାଜପାର ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ସହ କର୍ମୀମାନଙ୍କୁ ପୋଲିସ ଉଠାଇ ନେଇଥିଲା।

**ନିଶ୍ଚିନ୍ତକୋଇଲି/ନେମାଳ,(ଅଶୋକ କୁମାର ମହାପାତ୍ର/ କିରଣ ଶଙ୍କର ନାୟକ):** ୫-ଟି ସଚିବ ଭି.କେ. ପାଣ୍ଡିଆନ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପଡିଆରେ ପହଞ୍ଚି ଥିଲେ। ସେଠାରେ ତାଙ୍କୁ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ସ୍ୱାଗତ କରିଥିଲେ। ପରେ ପାଣ୍ଡିଆନ ସଭାସ୍ଥଳରେ ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଶନ ଶକ୍ତି ଯୋଜନା ଏବେ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ସେ କହିଥିଲେ। ସ୍ଥାନୀୟ ଅଞ୍ଚଳରେ କୌଣସି ସରକାରୀ ଘର କାର୍ଯ୍ୟରେ ଲାଗୁ ନଥିଲେ ତାହାକୁ ନବୀକରଣ କରାଯାଇ ମିଶନ ଶକ୍ତି ମହିଳାମାନଙ୍କୁ ପ୍ରଦାନ କରିଯିବ। ଏଥିପାଇଁ ମିଶନ ଶକ୍ତିର ସଦସ୍ୟାମାନେ ବିଡିଓଙ୍କୁ ପ୍ରସ୍ତାବ ଦେବାକୁ ହେବ ବୋଲି ପାଣ୍ଡିଆନ କହିଥିଲେ। ସେ କହିଥିଲେ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗ ଥିଲେ ତାର ତ୍ୱରିତ ସମାଧାନ କରାଯିବ। ମିଳିଥିବା ଅଭିଯୋଗର ଏକମାସ ମଧ୍ୟରେ ସମାଧାନ କରାଯିବ ବୋଲି ପାଣ୍ଡିଆନ କହିଥିଲେ। ଧାର୍ମିକ ଅନୁଷ୍ଠାନ ପାଇଁ ଆର୍ଥିକ ସହାୟତା ସମ୍ପର୍କରେ ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ନଦୀକୁ ଡେଇଁପଡ଼ିଲେ କଲେଜ ଛାତ୍ରୀ

**କଣାସ,୮।୮(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଥାନା ଅଧୀନ ଗଡ଼ବଡ଼ପୁଟ ଗ୍ରାମ ନିକଟରେ ରାଜୁଆ ନଦୀ ଉପରେ ଥିବା ବ୍ରିଜ୍ ଉପରୁ ଜଣେ ଯୁକ୍ତ ୩ ଛାତ୍ରୀ ମଙ୍ଗଳବାର ନଦୀ ମଧ୍ୟକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅପରାହ୍ନ ସୁଦ୍ଧା କଣାସ ଦମକଳ ବାହିନୀ ଓ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ଛାତ୍ରୀଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ଖବର ନେବାରେ ଜଣାପଡ଼ିଛି, ଗ୍ରାମର ସୁକାନ୍ତ ଛୁଆଳସିଂଙ୍କ ଝିଅ ସୂର୍ଯ୍ୟକାନ୍ତି ଛୁଆଳସିଂ(୧୯) ଗ୍ରାମ ନିକଟ ଚୌଦମୌଜା ବିଦ୍ୟୁତ୍ ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ। ସବୁଦିନ ଭଳି ସେ ମଙ୍ଗଳବାର ସାଇକେଲ୍ ଓ ବ୍ୟାଗ ସହ ଘରୁ ବାହାରି କଲେଜ ଯାଇଥିଲେ। କିନ୍ତୁ ରାଜୁଆନଦୀ ସେତୁ ପାଖରେ ପହଞ୍ଚି ସାଇକେଲ ରଖି କିଛି ସମୟ ବ୍ରିଜ୍ ଉପରେ ଠିଆ ହେବା ପରେ ହଠାତ୍ ନଦୀ ଭିତରକୁ ଡେଇଁ ପଡ଼ିଥିଲେ। ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ଏହା ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟୁବ୍ ସାହାଯ୍ୟରେ ନଦୀରେ ଯୁବତୀଙ୍କୁ ଖୋଜାଖୋଜି କରିବା ସହ କଣାସ ଥାନା ଓ କଣାସ ଦମକଳ ବାହିନୀକୁ ଖବର ଦେଇଥିଲେ। କଣାସ ଥାନା ଅଧିକାରୀ ଓ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସୂର୍ଯ୍ୟକାନ୍ତିଙ୍କୁ ପାଇ ନ ଥିଲେ। ଅନୁମାନ କରାଯାଉଛି, ରାଜୁଆ ନଦୀରୁ ନୂଆ ଦୋକନ୍ଦା ଦେଇ ସୂର୍ଯ୍ୟକାନ୍ତି ଦୟାନଦୀକୁ ଭାସି ଯାଇଛନ୍ତି। ଯୁବତୀଙ୍କ ନିଖୋଜ ସମ୍ପର୍କରେ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନ ଥିବା କଣାସ ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ଗୋପ,୮।୮
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ନାଗପୁର ପଞ୍ଚାୟତ ଅଧୀନ ଶୋଳପୁର ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ପଦ୍ମାବତୀ ଦିକ୍ଷୀତ (୯୬)। ଏ ସମ୍ପର୍କରେ ପଦ୍ମାବତୀଙ୍କ ପରିବାର ପକ୍ଷରୁ ଗୋପ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ନଂ.୨୦/୨୩ ରୁଜୁ କରିଛି। ପ୍ରକାଶ ଯେ ପଦ୍ମାବତୀ ଭୋର ସକାଳେ ନିତ୍ୟକର୍ମ ପାଇଁ ସ୍ଥାନୀୟ ପୋଖରୀକୁ ଯିବା ବେଳେ ଏକ ସାପ କାମୁଡି ଦେଇଥିଲା। ଖବରପାଇ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇ ଦେଇଛି।

# ୧୦୦ କଲେଜର ରୂପାନ୍ତରଣ ପାଇଁ ୬୩ କୋଟି ମଞ୍ଜୁର

କଟକ,୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)


ସମାବେଶରେ ଯୋଗଦେଇଥିବା ଛାତ୍ରୀଛାତ୍ର।


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି। (ଫଟୋ-ରାଜକିଶୋର)

- ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଲେ ୫-ଟି ସଚିବ
- ନୂଆବର୍ଷରୁ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପାଠପଢ଼ା
- ୭ ବ୍ଲକରେ ୧୨୫୮ କୋଟିର ଜଳ ଯୋଗାଣ ପ୍ରକଳ୍ପ

କଟକ ଜିଲାର ୧୦୦ଟି କଲେଜ ଖୁବ୍‌ଶୀଘ୍ର ରୂପାନ୍ତରଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୬୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୂଆବର୍ଷରେ ଛାତ୍ରୀଛାତ୍ରମାନେ ନୂତନ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ବସି ପାଠ ପଢିବେ। ଜିଲାର ସମସ୍ତ ଯୁକ୍ତ୨ ଏବଂ ଯୁକ୍ତ ୩ କଲେଜ ୫-ଟିରେ ସାମିଲ ହେବେ। ଏହି କଲେଜଗୁଡିକରେ ଇ-ଲାଇବ୍ରେରି, ସ୍ମାର୍ଟ କ୍ଲାସ୍‌ରୁମ୍, ସ୍ମାର୍ଟ ବୋର୍ଡ ଇତ୍ୟାଦି ବ୍ୟବସ୍ଥା ରହିବ ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କହିଛନ୍ତି।

କଟକ ବାଲିଯାତ୍ରା ତଳ ପଡିଆରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ପାଣ୍ଡିଆନ୍ ଯୋଗଦେଇ କହିଥିଲେ, କଲେଜ ରୂପାନ୍ତରଣ ପାଇଁ ୬୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ। ଏଥିପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର କଲେଜର ଅଧ୍ୟାପିକା ଓ ଅଧ୍ୟାପକଙ୍କ ଦରମା ବୃଦ୍ଧି ହେବା ନେଇ ସେ ସୂଚନା ଦେଇଥିଲେ। ଏଥିସହ ସେ ନିଜର ଅନୁଭୂତି ସମ୍ପର୍କରେ କହିଥିଲେ। ଜୀବନରେ ସଫଳତା ପାଇବାକୁ ହେଲେ ଆତ୍ମବିଶ୍ୱାସୀ ହେବା ଜରୁରୀ। ଏହାଦ୍ୱାରା ଆଗକୁ ବଢି ହେବ। ଏଥିସହ ଉତ୍ତମ ବନ୍ଧୁ ଚୟନ କରିବା, ଗୁରୁମାନଙ୍କୁ ସମ୍ମାନ ଦେବା, ମାତାପିତାଙ୍କୁ ଭକ୍ତି କରିବା ଦରକାର। ପ୍ରତ୍ୟେକ ଛାତ୍ରୀଛାତ୍ର ଦୈନିକ ଅଧଘଣ୍ଟା ବ୍ୟାୟାମ ସହ ଯୋଗ ପ୍ରାଣାୟାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାପରେ ସେ ସର୍କିଟ ହାଉସରେ କଟକର ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରିଥିଲେ।

ପାଣ୍ଡିଆନଙ୍କ ଦୁଇ ଦିନିଆ କଟକ ଗସ୍ତର ପ୍ରଥମ ଦିନ ଆଠଗଡରୁ ଆରମ୍ଭ ହୋଇଥିଲା। ସେ ହେଲିକପ୍ଟର ଯୋଗେ ଆଠଗଡ଼ ମହିଳା ମହାବିଦ୍ୟାଳୟସ୍ଥିତ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ପରେ ଆଠଗଡ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଆସନ୍ତା ୧୬ ତାରିଖ ସୁଦ୍ଧା ସମସ୍ତ ଅଭିଯୋଗ ପତ୍ର ଉପରେ ପଦକ୍ଷେପ ନିଆଯିବ ବୋଲି ସେ ଦୃଢ ପ୍ରତିଶ୍ରୁତି ଦେଇଥିଲେ। ପରେ ନରସିଂହପୁରରେ ହୋଇଥିବା ଡାୟାଲିସିସ୍ ସେଣ୍ଟର ପରିଦର୍ଶନ କରିବା ସହ ଜନ ଅଭିଯୋଗ ଶୁଣାଣିରେ ଯୋଗଦେଇ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ପାଣ୍ଡିଆନ୍ କହିଥିଲେ, ବଡମ୍ବା, ନରସିଂହପୁର ଅଞ୍ଚଳରେ ପିଇବା ପାଣିର ବହୁତ ସମସ୍ୟା ରହିଛି। ଫଳରେ ଉଭୟ ବ୍ଲକରେ କିଡ୍‌ନୀ ରୋଗ ବ୍ୟାପୁଛି। ତେଣୁ ମୁଖ୍ୟମନ୍ତ୍ରୀ ଏହି ଦୁଇଟି ବ୍ଲକ୍ ଅଞ୍ଚଳର ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ଦୁଇଟି ମେଗା ପ୍ରକଳ୍ପ ମଞ୍ଜୁର କରିଛନ୍ତି। ମେଗା ଜଳ ଯୋଗାଣ ଯୋଜନା ଆଠଗଡ, ଟିଗିରିଆ, ଟାଙ୍ଗୀ-ଚୌଦ୍ୱାର, ନରସିଂହପୁର, ବଡମ୍ବା, ମାହାଙ୍ଗା ଏବଂ ନିଶ୍ଚିନ୍ତକୋଇଲି ବ୍ଲକରେ ୧୨୫୮ କୋଟି ଟଙ୍କା ବ୍ୟୟରେ ଆସନ୍ତା ଜାନୁୟାରୀରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହେବ। ତେଣୁ ପିଇବା ପାଣିର ଅସୁବିଧା ସହିତ କିଡ୍‌ନୀ ରୋଗର ଭୟ ରହିବନି। ଏଥିସହ ବଡମ୍ବା, ନରସିଂହପୁର ଡାକ୍ତରଖାନାଗୁଡ଼ିକରେ ଥିବା ଡ଼ାକ୍ତର ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଥିଲେ। ଏହାପରେ ପାଣ୍ଡିଆନ୍ ଚୌଦ୍ୱାରରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଓ ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କର ସଭାରେ ଯୋଗ ଦେଇଥିଲେ।

# ଗୁରୁ ନିରଞ୍ଜନ ରାଉତଙ୍କୁ ନୃତ୍ୟ ନୈବେଦ୍ୟ ସମ୍ମାନ


ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ୭ମ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଗୁରୁ ନିରଞ୍ଜନ ରାଉତ ଓ ଆରତି କର।

ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ଦୁଇଦିନିଆ ୭ମ ବାର୍ଷିକ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷର ନୃତ୍ୟ ନୈବେଦ୍ୟ ସମ୍ମାନରେ ଗୁରୁ ନିରଞ୍ଜନ ରାଉତଙ୍କୁ ସମ୍ମାନିତ କରାଯାଇଛି। ସେହିପରି ନୃତ୍ୟାଙ୍ଗନା ଆରତି କରଙ୍କୁ ନୈବେଦ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପରେ ଶିଳ୍ପୀ ସୃଷ୍ଟି ସମୀକ୍ଷାଙ୍କ

**ଆରତି କରଙ୍କୁ ନୈବେଦ୍ୟ ପ୍ରତିଭା ସମ୍ମାନ**

ଏକକ ଓଡ଼ିଶୀ ନୃତ୍ୟରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେ 'ବାଜୁଛି ସହି ବାଜାରେ...'ପରିବେଷଣ କରିଥିଲେ। ଏହାର ସଂରଚନା କରିଥିଲେ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନ ଏବଂ ଅରୁଣା ମହାନ୍ତି। ଏହାପରେ ପୁନଃ ଏକକ ନୃତ୍ୟରେ ଦିବ୍ୟା ଦର୍ଶନୀ 'ସଜନୀ ବୁଡ଼ି ଗଲି ମୁଁ ଲାଜରେ' ପରିବେଷଣ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଗୁରୁ ଗୋପାଳ ପଣ୍ଡା ଓ ନୃତ୍ୟ ସଂରଚନା ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି କରିଥିଲେ। ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ଦ୍ୱାରା ସଂଯୋଜିତ ଅଭିନୟ ରାଗ ଅନୁରାଗକୁ ନୃତ୍ୟଶିଳ୍ପୀ ନିବେଦିତା ମହାରଣା ଓ ଶର୍ମିଷ୍ଠାରାଣୀ ପଣ୍ଡା ପରିବେଷଣ କରିଥିଲେ। ନୃତ୍ୟ ଶିଳ୍ପୀ ରାଜକୁମାର କର ଏବଂ ଟି. ତୁଲିକା ରେଡ୍ଡୀଙ୍କ ଦ୍ୱୈତ ନୃତ୍ୟରେ ରହିଥିଲା ଦେବ ଗାନ୍ଧାରୀ ପଲ୍ଲବୀ। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ବାଦ୍ୟ ଧନେଶ୍ୱର ସ୍ୱାଇଁ, ନୃତ୍ୟ ସଂଯୋଜନା ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ ଏବଂ ନିର୍ଦ୍ଦେଶନା ଗୁରୁ ଲିଙ୍ଗରାଜ ପ୍ରଧାନ କରିଥିଲେ। ଶେଷରେ ଆଶୁତୋଷ ପରିଡ଼ାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷିତ 'ତୁଭ୍ୟଂ ନମଃ' ପରିବେଷଣ କରାଯାଇଥିଲା। ହରେକୃଷ୍ଣ ଧଳଙ୍କ ତତ୍ତ୍ୱାବଧାନରେ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ୪୨୬ ଶିକ୍ଷାନୁଷ୍ଠାନରେ ପଡ଼ି ରହିଛି ମେଧାବୃତ୍ତି ଆବେଦନ

ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)

ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ମେଧାବୃତ୍ତି ପାଇଁ ଆବେଦନ କରିଛନ୍ତି। ମାତ୍ର ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ ସ୍ତରରେ ଉକ୍ତ ଆବେଦନଗୁଡ଼ିକ ପଡ଼ିରହିଛି। ଫଳରେ ବୃତ୍ତି ପ୍ରଦାନରେ ସମସ୍ୟା ହେଉଛି। ଅନଲାଇନ୍‌ରେ ଆବେଦନକାରୀଙ୍କ ଆବେଦନପତ୍ର ଯାଞ୍ଚ ତଥା ପ୍ରକ୍ରିୟାକରଣ କରିବା ପାଇଁ ରାଜ୍ୟର ୪୨୬ଟି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାରଠାରୁ ମେଧାବୃତ୍ତି ଆବେଦନ ପୋର୍ଟାଲକୁ ୧୮ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇଛି। ଅନ୍ୟପଟେ ଉପରୋକ୍ତ ପ୍ରକ୍ରିୟାରେ ଖିଲାପ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଅଧ୍ୟକ୍ଷମାନଙ୍କୁ ନେଇ ଅଗଷ୍ଟ ୧୦ରେ ଭର୍ଚୁଆଲ ମାଧ୍ୟମରେ ଏକ ବୈଠକ ହେବ। ବୈଠକରେ ସମସ୍ତେ ଉପସ୍ଥିତ ରହିବା ପାଇଁ ଚିଠିରେ କୁହାଯାଇଛି। ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସର୍ବାଧିକ ୭୯, ରାଉରକେଲା ନିଟ୍‌ରେ ୪୭, ଉତ୍କଳ ବିଶ୍ୱବିଦ୍ୟାଳୟରେ ୪୩, ଆନନ୍ଦପୁର ଡିଗ୍ରୀ କଲେଜରେ ୩୩, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ଏବଂ ଲୋଇସିଂହା ଡିଗ୍ରୀ କଲେଜରେ ୩୧ଟି ଲେଖାଏ ଆବେଦନ ପଡ଼ିରହିଛି।

## ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା

# ୩ ଦିନିଆ ରିମାଣ୍ଡରେ ଭାରତ, ଓଡ଼ିଶା ମୁଖ୍ୟ

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)



'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଗିରଫ ହୋଇଥିବା 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସଙ୍କୁ ଇଓଡବ୍ଲ୍ୟୁ ମଙ୍ଗଳବାର ୩ଦିନିଆ ରିମାଣ୍ଡରେ ଆଣିଛି। ଅଭିଯୁକ୍ତ ଦ୍ୱୟଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଇଓଡବ୍ଲ୍ୟୁ ପକ୍ଷରୁ କଟକ ଓପିଆଇଡି କୋର୍ଟରେ ପ୍ରାର୍ଥନା କରାଯାଇଥିଲା। ହେଲେ କୋର୍ଟ ୩ ଦିନିଆ ଅନୁମତି ଦେଇଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ରିମାଣ୍ଡରେ ଆଣି ଇଓଡବ୍ଲ୍ୟୁ ଟିମ୍ ମାରାଥନ୍ ଜେରା ପ୍ରକ୍ରିୟା ଆରମ୍ଭ କରିଛି। ଗୁର୍‌ତେଜ୍ ସିଂ ସିଦ୍ଧୁ ଭାରତ ମୁଖ୍ୟ ହୋଇଥିବାରୁ ସେ ବହୁ କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି। ଏପରିକି ତାଙ୍କ ସହ ୟୁରୋପୀୟ ନାଗରିକ ଡେଭିଡ୍ ଗେଜ୍ ମଧ୍ୟ ଗ୍ଲୋବାଲ୍ ହେଡ୍ ଥିଲେ। ସେମାନେ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ବଡ଼ ବଡ଼ କାର୍ଯ୍ୟକ୍ରମ କରି ସଦସ୍ୟ ଯୋଗାଡ଼ କରୁଥିଲେ।

'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍'ରେ ଟଙ୍କା ନିବେଶ କଲେ ଦିନକୁ ୨୦ରୁ ୩୦ହଜାର ଡଲାର ରୋଜଗାର କରିପାରିବେ ବୋଲି ଲୋକଙ୍କୁ କର୍ମକର୍ତ୍ତାମାନେ ଲୋଭ ଦେଖାଉଥିଲେ। ଏପରିକି ବୋନସ୍ ଓ ରେଫରାଲ ପାଇଁ ଲିଡରଶିପ୍ ନାଁ ମଧ୍ୟ ଦିଆଯାଉଥିଲା। ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ବଲିଉଡ୍ ଷ୍ଟାର୍ ଗୋବିନ୍ଦାଙ୍କୁ ମଧ୍ୟ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରି ତାଙ୍କ ଦ୍ୱାରା ପ୍ରସାର ପ୍ରସାର କରାଇଥିଲେ। ତେଣୁ ଗୁର୍‌ତେଜ୍ ଓ ନୀରୋଦଙ୍କୁ ରିମାଣ୍ଡ ସମୟରେ ଅଧିକ ପଚରାଉଚରା କରି ଏହି ମାମଲାରେ ଅଧିକ ପ୍ରମାଣ ଯୋଗାଡ଼ କରିବାକୁ ଆଶା ରଖିଛି ଇଓଡବ୍ଲ୍ୟୁ। ଅପରପକ୍ଷରେ ଗୁରତେଜ୍ ଓ ନୀରୋଦଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଇଓଡବ୍ଲ୍ୟୁ ଯାଞ୍ଚ କରୁଛି। ପରବର୍ତ୍ତୀ ସମୟରେ ବିପୁଳ ଟଙ୍କା ଜମା ଥିବା ଉକ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଇଓଡବ୍ଲ୍ୟୁ ପରବର୍ତ୍ତୀ ସମୟରେ ଅଚଳ କରିବାକୁ ଯୋଜନା କରୁଛି। ସେପଟେ ୟୁରୋପୀୟ ନାଗରିକ ଡେଭିଡ୍ ଗେଜ୍‌ଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି ହୋଇପାରେ ବୋଲି ସୂଚନା ମିଳିଛି।



ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ ପକ୍ଷରୁ ଚାକିରି ସୁରକ୍ଷା ଓ ପୂର୍ଣ୍ଣ ଶିକ୍ଷକତା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। (ଫଟୋ- ମନୋରଞ୍ଜନ ମିଶ୍ର)


ପ୍ରଭୁପାଦ ମୋହନ ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଅବସରରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଙ୍ଗଳବାର ପରିବେଷିତ ନାଟକ 'ମାନଭଞ୍ଜନ'ର ଏକ ଦୃଶ୍ୟ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପ୍ତିରଞ୍ଜନ


@ ପ୍ରିୟା


@ ସୋମୁ


@ ସତ୍ୟବ୍ରତ


@ ଟୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅପରେଶନ ନହ୍ନେ ଫରିସ୍ତେ ଅଭିଯାନରେ ୬୨ ଶିଶୁ ଉଦ୍ଧାର

ଭୁବନେଶ୍ୱର,୮।୮(ଅଭିଜିତ ଦାସ)

ଅପରେଶନ ନହ୍ନେ ଫରିସ୍ତେ ଅଭିଯାନରେ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆର୍‌ପିଏଫ)ଙ୍କ ଦ୍ୱାରା ବିଭିନ୍ନ ଷ୍ଟେଶନ ଓ ଟ୍ରେନ୍‌ରୁ ୬୨ ଜଣ ନାବାଳକ ଏବଂ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଙ୍କ ମଧ୍ୟରେ ୫୦ ଜଣ ନାବାଳକ ଓ ୧୨ ନାବାଳିକା ରହିଛନ୍ତି।

ପୂର୍ବତଟ ରେଳପଥ ସୂଚନା ଅନୁଯାୟୀ, ରେଳ ବିଭାଗ ପକ୍ଷରୁ ମାନବ ଚାଲାଣକୁ ବନ୍ଦ କରିବା ପାଇଁ ବଚପନ ବଚାଓ ଅଭିଯାନ ଆରମ୍ଭ ହୋଇଥିଲା। ସେହିପରି ଅପରେଶନ ଆକ୍ସନ ଏଗେନ୍‌ଷ୍ଟ ହ୍ୟୁମାନ ଟ୍ରାଫିକ ଅଭିଯାନରେ ଟ୍ରେନ୍ ଦ୍ୱାରା ମାନବ ଚାଲାଣ ପୀଡ଼ିତାଙ୍କୁ ମଧ୍ୟ ଉଦ୍ଧାର କରାଯାଉଛି। ତେବେ ଅପରେଶନ ନହ୍ନେ ଫରିସ୍ତେ ଅଭିଯାନରେ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ) ଜୁଲାଇରେ ୬୨ ନାବାଳିକା/ନାବାଳକ ଶିଶୁଙ୍କୁ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ୬୨ ପିଲାଙ୍କ ମଧ୍ୟରେ ଖୋର୍ଦ୍ଧା ରୋଡ ରେଳମଣ୍ଡଳରୁ ୩୩ ନାବାଳକ ଓ ୨ ନାବାଳିକା ରହିଛନ୍ତି। ସେହିପରି ସମ୍ବଲପୁର ରେଳ ମଣ୍ଡଳରୁ ୫ ନାବାଳକ ଓ ୪ ନାବାଳିକା ଏବଂ ୱାଲଟିୟର ରେଳମଣ୍ଡଳରୁ ୧୨ ନାବାଳକ ଏବଂ ୬ ନାବାଳିକାଙ୍କୁ ଉଦ୍ଧାର କରିଛି। ଉଦ୍ଧାର କରାଯାଇଥିବା ସମସ୍ତ ଶିଶୁଙ୍କୁ ଚାଇଲ୍ଡଲାଇନ ଏବଂ ଜିଲା ଶିଶୁ କଲ୍ୟାଣ କମିଟି ସହାୟତାରେ ସେମାନଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି।

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା
ଜଟଣୀ ମହାବିଦ୍ୟାଳୟ, ଜଟଣୀ

# 'ଯୁବପିଢ଼ି ପଥଭ୍ରଷ୍ଟ ନ ହୋଇ ଆଗକୁ ବଢ଼ନ୍ତୁ'






ଜଟଣୀ ମହାବିଦ୍ୟାଳୟରେ ମଙ୍ଗଳବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧମ,ଗଣତନ୍ତ୍ର ଓ ଯୁବପିଢି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚସୀନ ଅତିଥି ଓ ବିଚାରକ ମଣ୍ଡଳୀ। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**ଖୋର୍ଦ୍ଧା/ଜଟଣୀ ୮।୮**
**(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼**

ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣମାଧମ ହେଉଛି ଜନତାଙ୍କ ସ୍ୱର। ୪ର୍ଥସ୍ତମ୍ଭଭାବେ ପରିଚିତ ଗଣମାଧମ। ଜନତା ଓ ସରକାରଙ୍କ ମଧ୍ୟରେ ଏହା ସେତୁଭାବେ କାର୍ଯ୍ୟ କରିଥାଏ। ଯୁବସମାଜ ଦେଶର ଭବିଷ୍ୟତ। ଜାଗ୍ରତ, ସଚେତନ ତଥା ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ରହିବ। ଯୁବପିଢ଼ି ପଥଭ୍ରଷ୍ଟ ନ ହୋଇ ଆଗକୁ ବଢ଼ିଲେ ଦେଶର ବିକାଶ ହୋଇପାରିବ ବୋଲି ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ଜଟଣୀ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ''ଗଣମାଧମ, ଗଣତନ୍ତ୍ର ଓ ଯୁବପିଢ଼ି'' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କଲେଜ ଅଧକ୍ଷ ଡ. ରାଜୀବ କର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକଭାବେ ଜାତୀୟ ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ନାଇଜର) କୁଳସଚିବ ଡ. ଅଭୟ ନାୟକ ଯୋଗଦେଇ କହିଥିଲେ, ଧରିତ୍ରୀର ୫୦ବର୍ଷ ଅର୍ଦ୍ଧଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଧରିତ୍ରୀ ଶବ୍ଦ ମାତୃତ୍ୱର ଭାବ ସହିତ ଜଡିତ। ବିଶ୍ୱରେ ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଯୁବପିଢ଼ି ହେଉଛନ୍ତି ଏ ଦେଶର ମେରୁଦଣ୍ଡ। ସଫଳତା ପାଇବା ପାଇଁ ପରିଶ୍ରମ କର। ମୋବାଇଲ ପରିବର୍ତ୍ତେ ପୁସ୍ତକ ଓ ଖବରକାଗଜକୁ ମାଧମ କଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଥିଲେ, ଆଧୁନିକ ଭାରତରେ ଗଣମାଧମର ପ୍ରମୁଖ ଭୂମିକା ରହିଥିବା ବେଳେ ଦେଶର ବିକାଶ ଦିଗରେ ମଧ ଯୁବପିଢ଼ିଙ୍କ ଗୁରୁ ଦାୟିତ୍ୱ ରହିଛି। ଗଣମାଧମ ଗଣଚେତନା, ଜନ ଜାଗରଣ, ସଚେତନତା ଏକ ମାଧମ ହେଲେ ଯୁବପିଢ଼ିଙ୍କ ଉପରେ ଦେଶର ପ୍ରଗତି, ସମୃଦ୍ଧି ନିର୍ଭର କରେ ବୋଲି କହିଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ୧୫ଜଣ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ଓଜସ୍ୱିନୀ ଭାଷଣ ମାଧମରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଗଣମାଧମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଆଜିର ଯୁବସମାଜ ନିଶା କବଳରେ ପଥଭ୍ରଷ୍ଟ ହେଉଛନ୍ତି। ନିଜ ଦାୟିତ୍ୱଠାରୁ ଦୂରେଇ ଯାଉଛନ୍ତି। ଅନ୍ୟର କଥାରେ ପ୍ରଲୋଭିତ ହୋଇ ଭୁଲ ରାସ୍ତାକୁ ଯାଉଛନ୍ତି। ଏ ସବୁରୁ ନିବୃତ୍ତ ରହି ଦେଶର ଜନହିତକର କାର୍ଯ୍ୟରେ ନିୟୋଜିତ ହେଲେ ରାଷ୍ଟ୍ର ପ୍ରଗତି ପଥରେ ଆଗେଇପାରିବ ବୋଲି ପ୍ରତିଯୋଗୀମାନେ କହିଥିଲେ। ଅନୁଶ୍ରୀ ଜେନା ପ୍ରଥମ, ଅଭୀପ୍ସା ବେହେରା ଦ୍ୱିତୀୟ ଏବଂ ମୋନାଲିସା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକଭାବେ ମହାବିଦ୍ୟାଳୟର ପୂର୍ବତନ ପ୍ରାଧାପିକା ଝୁନୁରାଣୀ ମହାପାତ୍ର କହିଥିଲେ, ଦେଶକୁ ସଫଳତା ଆଣିବାରେ ଖବରକାଗଜର ପ୍ରମୁଖ ଭୂମିକା ରହିଛି। ନିର୍ଭୀକ, ନିରପେକ୍ଷ ଭାବେ ଖବର ପରିବେଷଣ ଦିଗରେ ଏହା ନିଜର ପ୍ରତିବଦ୍ଧତା ବଜାୟ ରଖିଛି। ଯୁବପିଢ଼ି ସମାଜରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ବୁଝିବା ଆବଶ୍ୟକ। ଏକ୍ଷେତ୍ରରେ ଧରିତ୍ରୀ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି କରିଛି। ଅନ୍ୟତମ ବିଚାରକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଅଭୟ କୁମାର ବାରିକ କହିଥିଲେ, ଛାତ୍ର ଜୀବନରେ ଖବରକାଗଜ ଅଧୟନ ବିଶେଷ ପ୍ରଭାବ ପକାଇଥାଏ। ଖବରକାଗଜ ଭାଷା, ସାହିତ୍ୟ, ସଂସ୍କୃତିର ଏକ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗଣମାଧମ ଓ ଯୁବପିଢ଼ି ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ଗଣତନ୍ତ୍ରକୁ ବଞ୍ଚାଇପାରିବେ। ବକ୍ତୃତା ପ୍ରତିଯୋଗିତାର ସଞ୍ଚାଳକ ମହାବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ର କହିଥିଲେ, ଯୁବପିଢ଼ି ଜାଗ୍ରତ ହେଲେ ଗଣମାଧମ ଏବଂ ଗଣତନ୍ତ୍ରକୁ ନୂତନ ଦିଶା ଦେଇପାରିବେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ତଥା ଧରିତ୍ରୀ ୫୦ବର୍ଷର ଯାତ୍ରା, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଉପରେ କହିଥିଲେ। ଧରିତ୍ରୀର ଜଟଣୀ ପ୍ରତିନିଧି ରବୀନ୍ଦ୍ରନାଥ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ସୁଶାନ୍ତ ସାହୁ, ପ୍ରସାରଣ ବିଭାଗର ଅରବିନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧାପକ କାର୍ତ୍ତିକ ଚନ୍ଦ୍ର ଦାସ, ଅଧାପିକା ପରିମିତା ପ୍ରହରାଜ, ଅଧାପକ ଅନିଲ କୁମାର ନନ୍ଦ, ପ୍ରାଧାପକ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରାଧାପକ ସମରେନ୍ଦ୍ର ମହାପାତ୍ର, ଅଧାପିକା କଳ୍ପନା କୁମାର ନାୟକ, ଅଧାପିକା ସୁପ୍ରଭା ସାହୁଙ୍କ ସମେତ ଛାପା ଓ ବୈଦ୍ୟୁତିକ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

## ବିଜେତାଙ୍କ ମୁଖରୁ...



ଗଣମାଧମ ଜନଗଣମାନଙ୍କ କଥା କହିଥାଏ। ସମାଜର ଜାଗ୍ରତ ପ୍ରହରୀଭାବେ ନିର୍ଭୀକ, ନିରପେକ୍ଷ ଖବର ଦେଇଥାଏ। ସାମ୍ପ୍ରତିକ ଯୁଗରେ ଗଣତନ୍ତ୍ର ପ୍ରତି ବହୁ ଆହ୍ୱାନ ରହିଛି। ଏହି ଆହ୍ୱାନକୁ ଆଜିର ଯୁବପିଢ଼ି ନିଜର ବଳିଷ୍ଠ ନେତୃତ୍ୱ ବଳରେ ଆଗକୁ ନେଇପାରିବେ। ଗଣମାଧମ ଓ ଯୁବପିଢ଼ି ଦାୟିତ୍ୱ ସମ୍ପନ୍ନ ହେଲେ ଗଣତନ୍ତ୍ର ସୁରକ୍ଷିତ ରହିପାରିବ। ଦେଶର ପ୍ରଗତିର ମାର୍ଗ ପ୍ରଶସ୍ତ ହୋଇପାରିବ।

**–ଅନୁଶ୍ରୀ ଜେନା, ପ୍ରଥମ**



ଭବିଷ୍ୟତର ଭାରତର ଏକ ପ୍ରମୁଖ ଶକ୍ତିଶାଳୀ ମାଧମ ହେଉଛନ୍ତି ଯୁବପିଢ଼ି। ଯିଏକି ନିଜର ଗଠନମୂଳକ ଚିନ୍ତାଧାରା ଦ୍ୱାରା ଦେଶକୁ ଉନ୍ନତି ପଥରେ ଆଗେଇ ନେବା ସହ ବଳିଷ୍ଠ ନେତୃତ୍ୱ ଦେଇପାରିବ। ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ସହ ଦେଶକୁ ପ୍ରଗତି ପଥରେ ଆଗେଇ ନେଇ ବିଶ୍ୱ ଗୁରୁ ଆସନରେ ବସାଇପାରିବ।

**–ଅଭୀପ୍ସା ବେହେରା, ଦ୍ୱିତୀୟ**



ଗଣତନ୍ତ୍ରର ଏକ ପ୍ରମୁଖ ଆଧାର ହେଉଛି ଭୋଟ। ଯୁବପିଢ଼ି ପ୍ରଲୋଭିତ ନ ହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛନ୍ତୁ। କଷ୍ଟଲବ୍ଧ ଗଣତନ୍ତ୍ର ପ୍ରତି ଯୁବପିଢ଼ିଙ୍କ ଯଥେଷ୍ଟ ଦାୟିତ୍ୱ ରହିଛି। ଏଭଳି ପ୍ରତିନିଧିଙ୍କୁ ବାଛନ୍ତୁ, ଯିଏକି ସମାଜର ପ୍ରଗ୍ରତିର ଏକ ଅଂଶ ହୋଇପାରିବ। ଜନଚେତନତାର ଏକ ବଳିଷ୍ଠ ମାଧମ ଗଣମାଧମ।

**–ମୋନାଲିସା ଦାସ, ତୃତୀୟ**


ରାଜଲକ୍ଷ୍ମୀ ମହାରଣା


ଲିପ୍ସାରାଣୀ ସାହୁ


ଶର୍ମିଷ୍ଠା ପାତ୍ର


ସ୍ୱର୍ଣ୍ଣମୟୀ ରାଉତରାୟ


ଅନୁପମା ସାମନ୍ତରାୟ


ସୌମ୍ୟାରାଣୀ ପଟ୍ଟନାୟକ


ସତ୍ୟସନ୍ଧାନ ପରିଡ଼ା


ପ୍ରିୟଦର୍ଶିନୀ ସାହାଣୀ


ପୁଷ୍ପଲତା ଦାସ


ଶର୍ମିଷ୍ଠା ମହାରଣା


ଲକ୍ଷ୍ମୀ କୁମାରୀ ଖ୍ୟାତିକ୍


ଶ୍ରାବଣୀ ବେହେରା

# ୩୫୦ କୋଟି ଟଙ୍କା ଖର୍ଚ୍ଚକରି ୨.୫ ଲକ୍ଷ ପ୍ରାର୍ଥୀଙ୍କୁ କୁଶଳୀ କରାଯିବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)**

ଦକ୍ଷତା ବିକାଶ ଓ ଉଦ୍ୟମିତା କ୍ଷେତ୍ରରେ ଉତ୍ତର-ପୂର୍ବ ରାଜ୍ୟ ସମୂହର ଯୁବତୀଯୁବକଙ୍କ ଜୀବନଶୈଳୀ ପରିବର୍ତ୍ତନ ଏବଂ ଭବିଷ୍ୟତ ଗଠନ ପାଇଁ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଯୋଜନାର ଶୁଭାରମ୍ଭ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏହି ଯୋଜନାରେ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨.୫ ଲକ୍ଷ ପ୍ରାର୍ଥୀଙ୍କୁ କୁଶଳୀ କରାଯିବ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)ରେ ମଧ ୨ ଲକ୍ଷ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚକରି ଏହି ରାଜ୍ୟର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିକରିସେମାନଙ୍କୁ ଉଦ୍ୟୋଗୀ କରିବା ସହ ନିଯୁକ୍ତି ଦିଆଯିବାର ଯୋଜନା ହେବ। ସମସ୍ତଙ୍କୁ ଅପ୍ ସ୍କିଲ୍, ରି-ସ୍କିଲ୍ ଓ ଜୀବନବ୍ୟାପୀ ଶିକ୍ଷାରେ ଯୋଡିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଉପସାଗରୀୟ ଦେଶ ସମେତ ଅନେକ ବିକଶିତ ରାଷ୍ଟ୍ରରେ ଭାରତର ନେଟ୍‌ୱାର୍କ ବ୍ୟାପକ ହେବାରେ ଲାଗିଛି। ସ୍ୱାସ୍ଥ୍ୟସେବା ଓ ପାରାମେଡିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଆମ ଦେଶର ଛାତ୍ରୀଛାତ୍ରଙ୍କୁ ସେହି ସ୍ଥାନକୁ ପଠାଯାଇ ସେମାନଙ୍କୁ କୁଶଳୀ କରାଯାଉଛି। ଆମ ଦେଶର ପ୍ରତିଭା ଭାରତ ଓ ବିଶ୍ୱର ଆବଶ୍ୟକତାରେ ଉପଯୋଗ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏଭଳି ଯୋଜନା କରାଯାଉଛି। ଆଗାମୀ ଦିନରେ ଭାରତ ବିଶ୍ୱର ଦକ୍ଷତା କ୍ଷେତ୍ରର ରାଜଧାନୀ ହେବ। ଦେଶରେ ବେରୋଜଗାରିକୁ ହଟାଇବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ସହ ସମସ୍ତଙ୍କୁ ଆତ୍ମନିର୍ଭର କରିବାକୁ ପଡ଼ିବ। ଦକ୍ଷତା ବିକାଶ ଦ୍ୱାରା ଏହି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ, ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ଥିଲେ।



# ୩ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଆସିକା(ସୁରେନ୍ଦ୍ର ନାଥ ସାହୁ)/ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ),୮।୮**

**ସୁରଟରେ ସଡ଼କ ଦୁର୍ଘଟଣା**

ଗୁଜରାଟ ସୁରଟର ଆମ୍ରୋଲି ଥାନା ଅଞ୍ଚଳରେ ଗତ ରବିବାର ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ୩ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମିଥୁନ ଡାକୁଆ, ମାମୁଡିହ ଗ୍ରାମର ଶରତ ନାୟକ ଓ ରିଷିପୁର ଗ୍ରାମର ଅକ୍ଷୟ ସ୍ୱାଇଁ। ଗୁରୁତର ଆହତ କମାଗଡ ଗ୍ରାମର ଦିନେଶ ବେହେରା ସେଠାକାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ୪ ଯୁବକ ସୁରଟ କୋସାଡ଼ର ଆବାସ କଲୋନୀରେ ରହୁଥିଲେ। ସମସ୍ତେ ସୂତାକଳରେ କାମ କରୁଥିଲେ। ଗତ ରବିବାର ବନ୍ଧୁତ୍ୱ ଦିବସ ଅବସରରେ ସମସ୍ତେ ଏକ ଅଟୋରିକ୍ସାରେ ଅଞ୍ଜଳି ଶିଳ୍ପାଞ୍ଚଳକୁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରୁଥିବା ବେଳେ ଅଟୋରିକ୍ସାଟି ଭାରସାମ୍ୟ ହରାଇ ସମ୍ମୁଖ ପଟୁ ଆସୁଥିବା ଅନ୍ୟ ଏକ ଗାଡ଼ି ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ମିଥୁନଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅକ୍ଷୟ ଏବଂ ଶରତଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତକଙ୍କ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। ସେଠାରେ ରହୁଥିବା ପରିବାର ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ୩ ଜଣଙ୍କ ମୃତଦେହ ସତ୍କାର କରାଯାଇଛି। ଆମ୍ରୋଲି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।


# Government of Odisha
## Higher Education Department

**Revised Timeline for e-Admission into U.G. Courses under SAMS in the Higher Education Institutions for the Academic Session 2023-24**

**No.N-51:**Revised timeline for e-Admission in all (+3) Degree Colleges including Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www. samsodisha.gov.in. Kindly refer the Common Prospectus (CP) for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Third Round Selection)** | **12-Aug-2023 (02:00 PM)** |
| 2 | Selection of **Slide/ Freeze/ Float Option** and **Online payment** of admission fees by the selected students through SAMS **[Student's Account]** portal | **12-Aug-2023 (7:00 PM) to 16-Aug-2023 (11-.45PM)** |
| 3 | Reporting of applicants at allotted institutions for taking admission **(for Third Round Selection)** | **14-Aug-2023 (9:00 AM) to 17-Aug-2023 (5:00 PM) (Except Holiday)** |
| 4 | Data updation of admitted students in the e-space by the respective Institutions **(for Third Round Admission)** | **14-Aug-2023 (9:00 AM) to 1 7-Aug-2023 (7:00 PM) (Except Holiday)** |
| 5 | Publication of Provisional Allotment of Seats **(for Fourth Round Selection)** | **24-Aug-2023 (02:00 PM)** |
| 6 | Selection of **Freeze Option** and **Online payment** of admission fees by the selected students through SAMS **[Student's Account]** portal | **24-Aug-2023 (7:00PM) to 27-Aug-2023 (11:45PM)** |
| 7 | Reporting of applicants at allotted institutions for taking admission **(for Fourth Round Selection)** | **25-Aug-2023 (9:00 AM) to 28-Aug-2023 (5:00 PM) (Except Holiday)** |
| 8 | Data updation of admitted students in the e-space by the respective Institutions **(for Fourth Round Admission)** | **25-Aug-2023 (9:00 AM) to 28-Aug-2023 (7:00PM) (Except Holiday)** |
| 9 | Commencement of 1st year U.G. Classes **(for freshly admitted students)** | **21-Aug-2023** |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide/Float option will be provided in the last (4th) round of selection.
- Applicants, who have chosen the Slide & Float option will be automatically freezed in the 4th round. Such applicants are advised to click on the "Freeze" option and report at their selected HEIs after downloading the Intimation Letter otherwise they will be out of the Phase-I admission process.

**For More details Please Contact:e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**

# Government of Odisha
## Higher Education Department

**Revised Timeline for e-admission into P.G. Courses under SAMS in the State Public Universities and Colleges for the Academic Session 2023-24**

The revised timeline for e-Admission into P.G. Courses for the session 2023-24 in the State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for admission into P.G. Courses is available in the said website. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Second Round Selection)** | 09-Aug-2023 (06:00 PM) |
| 2 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 10-Aug-2023(10:00AM) to 14-Aug-2023(11:45PM) |
| 3 | Reporting of applicants at allotted institutions for taking admission **(for Second Round Selection)** | 11 -Aug-2023 (09:00 AM) to 16-Aug-2023 (05:00 PM) (Except Holiday) |
| 4 | Data updation of admitted students in the e-space **(for Second Round Admission)** by the respective Institutions | 11 -Aug-2023 (09:00 AM) to 16-Aug-2023 (07:00 PM) (Except Holiday) |
| 5 | Publication of Provisional Allotment of Seats **(for Third Round Selection)** | 22-Aug-2023 (02:00 PM) |
| 6 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 22-Aug-2023 (07:00 PM) to 24-Aug-2023(11:45PM) |
| 7 | Reporting of applicants at allotted institutions for taking admission **(for Third Round Selection)** | 23-Aug-2023 (09:00 AM) to 25-Aug-2023 (05:00 PM) |
| 8 | Data updation of admitted students in the e-space **(for Third Round Admission)** by the respective Institutions | 23-Aug-2023 (09:00 AM) to 25-Aug-2023 (07:00 PM) |
| 9 | Publication of Provisional Allotment of Seats **(for Fourth Round Selection)** | 31 -Aug-2023 (02:00 PM) |
| 10 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 31 -Aug-2023 (07:00 PM) to 03-Sept-2023(11:45PM) |
| 11 | Reporting of applicants at allotted institutions for taking admission (for Fourth Round Selection) | 01-Sep-2023(09:00 AM) to 04-Sep-2023 (05:00 PM) (Except Holiday) |
| 12 | Data updation of admitted students in the e-space (for Fourth Round Admission) by the respective Institutions | 01-Sep-2023(09:00 AM) to 04-Sep-2023 (07:00 PM) (Except Holiday) |
| 13 | Commencement of 1st year P.G. Classes (for freshly admitted students) | 21-Aug-2023 |

**For more details please contact: e-Admission Helpline (Toll Free) Number 155335/1800-345-6770**

**Important Notice**

- The candidates, who have chosen the **"Freeze"** option are only required to visit the selected HEIs to complete the admission process.
- The candidates, who have chosen the **Slide/Float** option are not required to visit the selected HEIs as they will not get the **Intimation letter**. **Once the applicant has chosen the Slide/Float option, it will be continued for the further round of selections**. In each round the **"Slide/Float"** option will not be shown to such applicants.
- **4th Round of Selection** will be treated as the last round of admission process for Phase-I admission process. No Slide/Float option will be provided in the last(4th) round of selection.
- Applicants, **who have chosen the Slide & Float option** will be **automatically freezed** in the 4th round. Such applicants are advised to click on the " Freeze" option and report at their selected HEIs after downloading the Intimation Letter **otherwise they will be out of the Phase-I Admission process.**

OIPR-11001/11/0016/2324
**Sd./- Deputy Director, PTC Section**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୋଲିସ ଟିମ୍‌କୁ କାର୍ ଚଢ଼ାଇ ହତ୍ୟା ଉଦ୍ୟମ

**ସୋନପୁର,୮।୮(ମୃତ୍ୟୁଞ୍ଜୟ ଶତପଥୀ)**

- ବନ୍ଧୁକ ମୁନରେ ଧମକ, ଡକାୟତ ଦଳର ୩ ଗିରଫ
- ୨ ଦେଶୀ ପିସ୍ତଲ, ୧୧ ଅଫୁଟା ଗୁଳି, ଛୁରି, ୫ ମୋବାଇଲ ଓ କାର୍ ଜବତ
- ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ : ଏସ୍‌ପି

ଆନ୍ତଃ ରାଜ୍ୟ ଡକାୟତ ଦଳକୁ ସୋନପୁର ଟାଉନ ପୋଲିସ ଧରିବାରେ ସକ୍ଷମ ହୋଇଛି। ଧରାପଡ଼ିଥିବା ୩ ଜଣ ଯୁବକ ଉତ୍ତରପ୍ରଦେଶର। ସେମାନଙ୍କ ନିକଟରୁ ୨ଟି ଦେଶୀ ପିସ୍ତଲ, ଦେଶୀ ପିସ୍ତଲରେ ବ୍ୟବହାର ହେଉଥିବା ୮ ଏମ୍‌ଏମ୍‌ର ୧୧ଟି ଗୁଳି, ୬ଟି ଛୋଟ ଗୁଳିଥିବା ଗୋଟିଏ ମାଗ୍‌ଜିନ୍, ଗୋଟିଏ ଛୁରି ଓ ୫ଟି ମୋବାଇଲ ଫୋନ୍ ଏବଂ ବ୍ୟବହୃତ କାର୍ ଜବତ ହୋଇଛି। ଅଭିଯୁକ୍ତମାନେ ସୋମବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ସୋନପୁର ତେଲ ନଦୀ ବ୍ରିଜ୍ ନିକଟରେ କାର୍ ଚଢ଼ାଉ ହତ୍ୟା ଉଦ୍ୟମ କରିଥିଲେ। ସୋନପୁର ପୋଲିସ ଟିମ୍ ଡକାୟତ ଦଳକୁ ପିଛାକରି ମହାନଦୀ ବ୍ରିଜ୍ ନିକଟରେ ଧରିଥିଲେ। ଏହି ସମୟରେ ଡକାୟତ ଦଳ ପୋଲିସ ଟିମ୍‌କୁ ବନ୍ଧୁକ ମୁନରେ ଧମକ ଦେଇଥିବା ଅଭିଯୋଗ ହୋଇଛି। ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମଙ୍ଗଳବାର ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତଙ୍କ ଆପରାଧିକ ପୃଷ୍ଠଭୂମିକୁ ନେଇ ତଦନ୍ତ ଜାରି ରହିଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ସହର ତେଲନଦୀ ବ୍ରିଜ୍ ନିକଟରେ ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଲାଲରଙ୍ଗର ହୁଣ୍ଡାଇ ଭର୍ନା କାର୍ (ସିଜି୦୪ଡିଡି-୬୬୬୦) ଦ୍ରୁତଗତିରେ ମାଡ଼ି ଆସିଥିଲା। ପୋଲିସ ଏସ୍‌ଆଇ ଶମ୍ଭୁଭୂଷଣ ଦେହେରୀ କାର୍‌କୁ ଅଟକାଇବା ପାଇଁ ସିଗ୍‌ନାଲ ଦେଇଥିଲେ। କିନ୍ତୁ ଡ୍ରାଇଭର କାର୍ ନ ଅଟକାଇ ହତ୍ୟା ଉଦ୍ଦେଶ୍ୟରେ ପୋଲିସ ଟିମ୍ ଆଡ଼କୁ ଦ୍ରୁତବେଗରେ ମାଡ଼ିଯାଇଥିଲେ। ସୌଭାଗ୍ୟବଶତଃ ପୋଲିସ ଟିମ୍ ରକ୍ଷା ପାଇଯାଇଥିଲେ । ଏହାପରେ ପୋଲିସ ଟିମ୍ ସମ୍ପୃକ୍ତ କାର୍‌ର ପିଛା କରିବା ସହ ସୋନପୁର ମହାନଦୀ ବ୍ରିଜ୍ ନିକଟରେ ଚାରିପଟୁ ଘେରାବନ୍ଦୀ କରିଥିଲେ। ତେବେ କାର୍ ଭିତରୁ ଜଣେ ଯୁବକ ପୋଲିସକୁ ପିସ୍ତଲ ମୁନରେ ଭୟ ଦେଖାଇଥିଲେ। ଏହି ଘଟଣାରେ ଉତ୍ତରପ୍ରଦେଶର ବରେଲି ଜିଲା ଫତେଗଞ୍ଜ ୱେଷ୍ଟ ଥାନା ମହାଲିମହଲା ଗ୍ରାମର ଅଙ୍କୁର ଦିବାକର(୨୫), ମୋହିତ କୁମାର(୨୩) ଓ ବିଥିରି ଚେନପୁର ଥାନା ମାନପୁର ଗ୍ରାମର ଅଭଦେଶ କୁମାର ଯାଦବ(୩୫)ଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ଶମ୍ଭୁଭୂଷଣଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ହତ୍ୟା ଉଦ୍ୟମ ଓ ହତ୍ୟା ଧମକ ନେଇ ଏକ ମାମଲା (ନଂ.୧୮୫/୨୩ )ରୁଜୁ ହୋଇଛି। ଜବତ କାର୍ ଛତିଶଗଡ଼ ରାଜ୍ୟ ରାୟପୁର ଅଞ୍ଚଳର ଓମ୍ ପ୍ରକାଶ ସିଂଙ୍କ ନାମରେ ରହିଛି। ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ରାଜକିଶୋର ମିଶ୍ର ଓ ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷାରେ ଦେଶଜ ଅଧିବାସୀଙ୍କ ଭୂମିକା ସର୍ବାଗ୍ରେ

**ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ**



ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ପ୍ରତିବର୍ଷ ୯ ଅଗଷ୍ଟରେ ପାଳନ କରାଯାଇଆସୁଛି। ବିଶ୍ୱର ଦେଶଜ ଅଧିବାସୀଙ୍କ ବିଷୟରେ ସଚେତନତା ସୃଷ୍ଟି କରିବା ସହ ସେମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ପରିବେଶ ରକ୍ଷା ଲାଗି ବିଶ୍ୱ ପ୍ରସଙ୍ଗକୁ ଉତ୍‌ଥାପନ ସକାଶେ ଏହି ଲୋକମାନଙ୍କ ସଫଳତା ଓ ଅବଦାନକୁ ସ୍ୱୀକୃତି ସ୍ୱରୂପ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଡିସେମ୍ବର ୧୯୯୨ରେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ଏକ ସଂକଳ୍ପନାମା ମାଧ୍ୟମରେ ଏହି ଦିବସ ପାଳନ ନିମନ୍ତେ ୧୯୯୩ ମସିହାକୁ ବିଶ୍ୱ ଦେଶଜ ଅଧିବାସୀଙ୍କ ପାଇଁ ଅନ୍ତର୍ଜାତୀୟ ବର୍ଷ ଭାବେ ଅଭିହିତ କରିଥିଲା। ତେବେ ୟୁଏନ୍‌ଜିଏରେ ୧୯୯୪ ଡିସେମ୍ବରରେ ପ୍ରଥମ ବୈଠକ ବସି ଦେଶଜ ଲୋକଙ୍କ ଅଧିକାର ସୁରକ୍ଷିତ ରଖିବା ବିଷୟ ଘୋଷଣା କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଅଗଷ୍ଟ ୯କୁ ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ଭାବେ ପାଳନ କରାଯାଇ ଆସୁଛି।

ଅନୁରୂପ ଭାବେ ଦେଶୀୟ ଭାଷାକୁ ସୁରକ୍ଷିତ ରଖିବା ଲାଗି ୨୦୧୯କୁ ଅନ୍ତର୍ଜାତୀୟ ଦେଶଜ ଭାଷା ବର୍ଷ ଭାବେ ଅଭିହିତ କରାଯାଇଥିଲା। ୨୦୧୬ରେ ଏକ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ବିଶ୍ୱର ପ୍ରାୟ ୨,୬୮୦ ଦେଶଜ ଭାଷା ପ୍ରତି ବିପଦ ସୃଷ୍ଟି ହୋଇଛି ଏବଂ ତାହା ବିଲୋପ ଅବସ୍ଥାକୁ ଆସିଯାଇଛି। ସେଥିପାଇଁ ଦେଶୀୟ ଭାଷାକୁ ସୁରକ୍ଷିତ, ପ୍ରୋତ୍ସାହିତ ଓ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଜାତିସଂଘ ୨୦୧୯କୁ ଅନ୍ତର୍ଜାତୀୟ ଦେଶଜ ଭାଷା ବର୍ଷ ପାଳନ ସକାଶେ ସ୍ୱୀକୃତି ଦେଇଥିଲା।

ଓଡ଼ିଶାରେ ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ପାଳନ ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଜଙ୍ଗଲ ଅଧିକାର ଆଇନକୁ ପରିଚାଳନା କରିବାରେ ଭାରତବର୍ଷରେ ଓଡ଼ିଶା ହେଉଛି ଆଗଧାଡ଼ିର ରାଜ୍ୟ ବୋଲି କୁହାଯାଉଛି। ଜନଜାତି ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା, ଜଙ୍ଗଲର ଜୈବ ବିବିଧତାର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ହ୍ରାସ ନିମନ୍ତେ ପଦକ୍ଷେପ, ଜୀବନ ଜୀବିକା ପ୍ରଣାଳୀରେ ସ୍ଥାୟିତ୍ୱ ରକ୍ଷା ଏବଂ ଜଙ୍ଗଲ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ଲାଗି ଓଡ଼ିଶା ସରକାର ବହୁବିଧ ପଦକ୍ଷେପ ନେଉଛି। ଅତଏବ ସମାଜର ସବୁ ବର୍ଗର ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରାଗଲେ ତାହାର ସୁଫଳ ସମସ୍ତେ ପାଇପାରିବେ।

# ଶିଖର ସମ୍ମିଳନୀ ପାଇଁ ଲଜିଷ୍ଟିକ୍ ବ୍ୟବସ୍ଥାର ସମୀକ୍ଷା

**ଭାରତର ଜି-୨୦ ଅଧ୍ୟକ୍ଷତା ସମ୍ପର୍କିତ ସମନ୍ୱୟ ସମିତି ବୈଠକ**

**ଭୁବନେଶ୍ୱର,୮।୮(ଅନିଲ ଦାସ)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି. କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଭାରତର ଜି-୨୦ ଅଧ୍ୟକ୍ଷତା ସମ୍ପର୍କିତ ସମନ୍ୱୟ ସମିତିର ସପ୍ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିଖର ସମ୍ମିଳନୀର ବାସ୍ତବ ଓ ଲଜିଷ୍ଟିକ ପ୍ରସ୍ତୁତି ଦିଗରେ ଆଲୋଚନା ହୋଇଛି। ଜି-୨୦ ଶେରପା, ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଏ ସଂକ୍ରାନ୍ତରେ ଉପସ୍ଥାପନ କରିଥିଲେ। ସବୁଜ ବିକାଶ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି)କୁ ତ୍ୱରାନ୍ୱିତ କରିବା, ଦୃଢ଼ ସ୍ଥାୟୀ ସନ୍ତୁଳିତ ଏବଂ ସମାବେଶୀ ଅଭିବୃଦ୍ଧି, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଲିଙ୍ଗଗତ ସମାନତା ଏବଂ ବହୁପାକ୍ଷିକ ଅନୁଷ୍ଠାନରେ ସଂସ୍କାର ସମେତ ଭାରତର ଅଧ୍ୟକ୍ଷତା ସମୟରେ ବିଭିନ୍ନ ପ୍ରାଥମିକତା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଜି-୨୦ ଶେରପା କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦେଶର ପ୍ରାୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ୧୮୫ଟି ଜି-୨୦ ବୈଠକ ଶେଷ ହୋଇଛି। ଏଥିରେ ୧୩ ମନ୍ତ୍ରୀସ୍ତରୀୟ ବୈଠକ ରହିଛି। ସମୁଦାୟ ୧୨ଟି ଫଳାଫଳ ଦସ୍ତାବିଜ ବ୍ୟତୀତ ଅନ୍ୟ ୧୨ଟି ଦସ୍ତାବିଜକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି। କ୍ରିପ୍ଟୋ ଆସେଟ୍ ଏଜେଣ୍ଡା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଜଳବାୟୁ ପାଣ୍ଠି ସଂଗ୍ରହ ଏବଂ ଏସ୍‌ଡିଜି ପାଇଁ ଆର୍ଥିକ ବ୍ୟବସ୍ଥା କରିବା ସମେତ ଆର୍ଥିକ ଟ୍ରାକ୍‌ରେ ଯଥେଷ୍ଟ ଅଗ୍ରଗତି ହୋଇଛି। ଏଥିରେ ୧୮୦୦ ବିଦେଶୀ ଏବଂ ୧୨୦୦ରୁ ଊର୍ଦ୍ଧ୍ୱ ଘରୋଇ ଗଣମାଧ୍ୟମ ପ୍ରତିନିଧି ସାମିଲ ଅଛନ୍ତି। ଜି-୨୦ ନେତାଙ୍କ ଶିଖର ସମ୍ମିଳନୀ ପୂର୍ବରୁ ବିଦେଶାଗତ ଅତିଥିମାନଙ୍କ ସୁବିଧା ପାଇଁ ନିଆଯାଇଥିବା ପଦକ୍ଷେପ, ଟ୍ରାଫିକ୍ ପରିଚାଳନା, ବିମାନବନ୍ଦର, ସୁରକ୍ଷା ବ୍ୟବସ୍ଥା ପାଇଁ ଯୋଜନା ଏବଂ ଦିଲ୍ଲୀ ଏନ୍‌ସିଆରରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିଷୟରେ ଦିଲ୍ଲୀ ସରକାର ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କ ସମେତ ସୁରକ୍ଷା ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ। ଏହି ବୈଠକରେ ଦିଲ୍ଲୀର ଉପରାଜ୍ୟପାଳ, କ୍ୟାବିନେଟ୍ ସଚିବ ଏବଂ ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାଗାସାକି ଦିବସ



୧୯୪୫ ଅଗଷ୍ଟ ୯, ଯୁକ୍ତରାଷ୍ଟ୍ର ଆମେରିକାର ପାରମାଣବିକ ବୋମା ନିକ୍ଷେପରେ ଜାପାନର ନାଗାସାକି ସହରରେ ସଂଘଟିତ ହୋଇଥିଲା ଧ୍ୱଂସଲୀଳା। ଅଗଷ୍ଟ ୬ ହିରୋସୀମାରେ ବୋମା ବର୍ଷଣ ପରେ ଏହା ଥିଲା ଦ୍ୱିତୀୟ ଘଟଣା। ପରମାଣୁ ବୋମା ବିସ୍ଫୋରଣରେ କୋଠାବାଡ଼ି ମାଟିରେ ମିଶିଗଲା। ହୁତ୍‌ହୁତ୍ ହୋଇ ନିଆଁ ଜଳିଉଠି ପୋଡ଼ି ପକେଇଲା ଶସ୍ୟ କ୍ଷେତ ଓ ଫଳ ବଗିଚା। ମଣିଷମାନେ ପାଲଟିଗଲେ ନିଆଁହୁଳା। ଚାରିଆଡ଼େ ଛାଇଗଲା ନିରନ୍ଧ୍ର ଅନ୍ଧକାର। ସୂର୍ଯ୍ୟ ଲୁଚିଗଲା ଧୂଆଁର ବାଦଲ ଭିତରେ। ଆରମ୍ଭ ହୋଇଗଲା ତେଜସ୍କ୍ରିୟତାର ବର୍ଷା। ପରେ ପରେ ଧାଇଁ ଆସିଲା ତାପଘୂର୍ଣ୍ଣି। ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପାରମାଣବିକ ବୋମା ଆଉ କେବେ ବ୍ୟବହାର ହୋଇନାହିଁ, ତେବେ ଲୋପ ପାଇନି ପାରମାଣବିକ ଯୁଦ୍ଧର ବିଭିଷୀକା। କାରଣ ବିଭିନ୍ନ ରାଷ୍ଟ୍ର ପାଖରେ ରହିଛି ବିଧ୍ୱଂସୀ ପାରମାଣବିକ ବୋମା। କିନ୍ତୁ ବାସ୍ତବରେ ପାରମାଣବିକ ଯୁଦ୍ଧ ହେଲେ ବିଜୟୀ ଓ ବିଜିତ ଉଭୟ ଗୋଷ୍ଠୀର ସତ୍ତା ଲୋପ ପାଇଯିବ। ମୃତ ବ୍ୟକ୍ତିର ସୌଭାଗ୍ୟ ପ୍ରତି ଈର୍ଷାନ୍ୱିତ ହୋଇ ଉଠିବ ଜୀବିତ ବ୍ୟକ୍ତି। ମୃତକ ମୃତ୍ୟୁ ନିକଟରେ ପ୍ରକାଶ କରୁଥିବ ଅକୁଣ୍ଠ କୃତଜ୍ଞତା।

ଜାପାନର ନାଗାସାକି ଉପରେ ପାରମାଣବିକ ବୋମା ବିସ୍ଫୋରଣରେ ନିହତମାନଙ୍କୁ ମନେ ରଖିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୯ ତାରିଖରେ ପାଳନ କରାଯାଏ 'ନାଗାସାକିଦିବସ'। ଦିବସଟିକୁ ପାଳନ କରିବାର ପ୍ରଧାନ ଉଦ୍ଦେଶ୍ୟ ପାରମାଣବିକ ଅସ୍ତ୍ରର ବ୍ୟବହାର ବିରୋଧରେ ଜନମତ ଜାଗ୍ରତ କରିବା। କାରଣ ପରମାଣୁ ବୋମାର ଜନକ ରବର୍ଟ ଓପେନହାଇମରଙ୍କ ଉକ୍ତି ଅନୁସାରେ ''ପରମାଣୁ ଅସ୍ତ୍ର ହିଁ ମୃତ୍ୟୁର ଅବତାର, ପରମାଣୁ ଅସ୍ତ୍ର ହିଁ ସଂହାରକର୍ତ୍ତା।

# ଜେଲ ଗଲେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ

**ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ**

**ନୟାଗଡ଼,୮।୮(ଲୋକନାଥ ମିଶ୍ର)**

ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଫସିଲେ ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ଅଞ୍ଚଳର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହାତୀ। ଇଟାମାଟି ଥାନା ପୋଲିସ ଅଟକ ରଖିଥିବା ଅଧ୍ୟକ୍ଷଙ୍କୁ ଗିରଫ ଦର୍ଶାଇ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଧ୍ୟକ୍ଷଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଆଇଆଇସି ଦିଲୀପ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, କେତେଜଣ ଛାତ୍ରୀଙ୍କୁ ଅଧ୍ୟକ୍ଷ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲେ। ୨ ଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ୩୫୪ଏ. ୫୦୬, ୫୦୯, ୫୧୨, ପୋକ୍‌ସୋ ଆଇନର ୧୨ ଦଫାରେ ଏକ ମାମଲା(ନଂ.୧୬୭/୨୩)ରୁଜୁ ହୋଇ ଘଟଣାର ତଦନ୍ତ କରାଯାଇଥିଲା। ମଙ୍ଗଳବାର ଦୁଇ ଛାତ୍ରୀ ଓ ଅଧ୍ୟକ୍ଷଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା। ଏନେଇ ଜଣେ ପୀଡ଼ିତା କୁହନ୍ତି, ମୁଁ ବିଜ୍ଞାନ ଛାତ୍ରୀ। କେନ୍ଦୁଡ଼ିପି ଅଞ୍ଚଳର ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧ବର୍ଷ ହେଲା ପଢୁଛୁ। ତେବେ ଉକ୍ତ ମାଧ୍ୟମିକ ବିଦ୍ୟାଳୟରେ ପ୍ରାକ୍ଟିକାଲ କ୍ଲାସ୍ କରାଯାଉ ନାହିଁ। ଅନ୍ୟାନ୍ୟ ସୁବିଧା ମଧ୍ୟ ଆମକୁ ମିଳୁ ନ ଥିଲା। ପାଠ ନ ପଢ଼ି କିପରି ପରୀକ୍ଷା ଦେବୁ ସେ ଚିନ୍ତା ଆମକୁ ଘାରିଥିଲା। ଏଣୁ ଆମେ ଦୁଇ ସାଙ୍ଗ ଅଧ୍ୟକ୍ଷଙ୍କୁ ଜୁଲାଇ ୩ରେ କମ୍ପ୍ୟୁଟର ଲାବ୍‌ରେ ଦେଖା କରିବାକୁ ଯାଇ ଆମ ସମସ୍ୟା କହିଥିଲୁ। ସାର ଆମ ସମସ୍ୟା ଶୁଣି ଚେୟାରରୁ ଉଠି ହସି ହସି ଆମ ପାଖକୁ ଆସିଲେ। ତେବେ ତାଙ୍କ ଭାଷା ଅଶ୍ଳୀଳ ଥିବାବେଳେ ଚାହାଣି ମଧ୍ୟ ଅଲଗା ଥିଲା। ପରେ କହିଥିଲେ ତୁମେ ମୋ କଥା ବୁଝ, ମୁଁ ତୁମ କଥା ବୁଝିଦେବି କହି ସାଙ୍ଗର ଗାଲକୁ ଟଚ୍ କଲେ। ଆମେ ଦୌଡ଼ି ପଳାଇ ଆସୁଥିବାବେଳେ କହିଲେ ଘଟଣା ସମ୍ପର୍କରେ କାହାରିକୁ କହିବ ନାହିଁ। କହିଲେ ଶେଷ ପରିଣତି ଭଲ ହେବ ନାହିଁ। ପରୀକ୍ଷାରେ ଫେଲ୍ କରିଦେବୁ। ଏହା ପରେ ଆମ ଚିନ୍ତା ବଢ଼ିଗଲା। ଏଭଳି ସ୍ଥଳେ ହଷ୍ଟେଲ ମୁଖ୍ୟ ପଚାରିଲେ କ'ଣ ଅସୁବିଧା ହେଉଛି। ଏଣୁ ଆମେ ପ୍ରକୃତ ଘଟଣା ୱାର୍ଡେନଙ୍କୁ କହିଲୁ। ଏହା ପରେ ଇଟାମାଟି ଥାନାରେ ଅଭିଯୋଗ କରାଗଲା ବୋଲି କହି ସେ କାନ୍ଦି ପକାଇଥିଲେ। ଅନ୍ୟପକ୍ଷେ ଅଧ୍ୟକ୍ଷଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଛାତ୍ରୀ ଦ୍ୱୟ କହିଛନ୍ତି। ଆମେ ନ୍ୟାୟ ନ ପାଇଲେ ଜଣକ ପରେ ଜଣେ ଛାତ୍ରୀ ଅସଦାଚରଣ ଓ ବଳାତ୍କାର ଶିକାର ହୋଇ ଚାଲିଥିବେ ବୋଲି ଉଭୟେ କହିଛନ୍ତି।

## ସାପ କାମୁଡ଼ାରେ ଶିଶୁ ମୃତ

**ଚମ୍ପୁଆ,୮।୮(ମହେଶ୍ୱର ଦାସ)**

ଚମ୍ପୁଆ ବ୍ଲକ ଅଧୀନ ହୁପଶି ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ମିଥୁନ ନାଏକଙ୍କ ପୁଅ ଆହ୍ୱାନ(୪)। କାନପୁର ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇ ମିଥୁନ ହୁପଶି ଗ୍ରାମର ଦନେଇ ଗଡ଼ିଆ ସାହିଠାରେ ଘର କରି ରହୁଥିଲେ। ସୋମବାର ରାତିରେ ଆହ୍ୱାନ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା।


# Classified Everyday

**0674-2580101, 2549949**




**GROOM WANTED**

60 ବୟସ୍କା Govt. ଚାକିରିଆ Retd. ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। (Urgent required). 9040735426. D-0979

47 ବର୍ଷର ମହିଳା Govt. Hospitalରେ Nurse ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-0980




**SALE**

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

Duplex sale at Bhubaneswar @57 Lakhs only. Contact-9777433701. D-74898

ତୁରନ୍ତ ଘର କରିବା ନିମନ୍ତେ ପୁରୀ ମାଳତୀପାଟପୁର, ଭୁବନେଶ୍ୱର ବାଲିଅନ୍ତା, କଟକ ୪୨ ମୌଜାରେ ପ୍ଲଟ୍ ମିଳୁଅଛି। ବିଦ୍ୟୁତ୍ ସହିତ ପଥର ପାଚେରି, ଷ୍ଟ୍ରିଟ୍ ଲାଇଟ୍, କଂକ୍ରିଟ୍ ରାସ୍ତାର ସୁବିଧା ଅଛି। 7326085483. D-1010

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁର ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ ମିଳୁଛି। 8093465134, 9668194157. D-75201

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




All types of professional body massage by professional therapy, contact 7077933109/ 9556924059/ 8658803018. D-1000

Newly open SPA positively health benefits with expert therapist. 7849011931. D-75141

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75017

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

Newly opened (One8 Spa)/(Salon Service) with expert therapist, 9938843929. D-75137

Spa Kerala body massage only best Therapist @699/- Bhubaneswar. 9337672475. D-0965

**AFFIDAVIT**

By virtue of an affidavit (No- 443, dtd. 31/07/2023) before the Notary Public, Kendrapara, That I, Soltana Begum, W/o- Noor Mohammad Khan, R/o At- Baulapada, Po- Palasingha, Ps- Pattamundai, Dist- Kendrapara, Pin-754222, Odisha. I have changed my name from Sultana Bibi and Soltana khanam to Soltana Begum for all future purposes. D-71686

By virtue of an affidavit (No- 442, dtd. 31/07/2023) before the Notary Public, Kendrapara, That I, Noor Mohammad Khan, S/o-Late Gulab Khan R/o At- Baulapada, Po- Palasingha, Ps- Pattamundai, Dist- Kendrapara, Pin-754222, Odisha. I have changed my name from Noor Mohammad and Noor Mohammed Khan to Noor Mohammad Khan for all future purposes. D-71687

I, Simanchal Panda, S/o- Late Udayanath Panda, resident of No. 55-A, Kharvel Nagar, Behind Ram Mandir, Bhubaneswar, 751001, Odisha declare by this affidavit61AA795628 dated 08/08/23 that now onwards I shall be known as SIMANCHALA PANDA for all future purposes. D-71688

By virtue of an affidavit sworn before the Executive Magistrate, Panposh Uditnagar, Rourkela, I Gorachand Pati at present residing at Qrs. No.-HIG-B/151, Phase-II, Kalinga Vihar, Chhend P.O.- Rourkela-15, Dist.- Sundargarh declare that my recorded name is Gorachand Pati and my nick name is Gangadhar Pati. In postal Kisan Vikas Patra vide KVP No.-35 CE 179502 and SL. No.-2020 dtd. 16.01.2015, Regd. No.-2454 my name has been entered as Gangadhar Pati. That both the names belongs to one and same person. D-1012

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Subrat Mohapatra, S/o- Late Satyabadi Mohapatra, At/P.O.- Khalari, P.S.- Angul Sadar, Dist.- Angul, Odisha, PIN- 759132 declare by this affidavit No.-3278 dt. 08.08.2023 that now onwards I shall be known as Subrat Kumar Mohapatra for all future purposes. D-1009

My Self Smaranika Priyadarshini Nayak Aged 24 Years, D/o- Kabiraj Nayak DDL-1048, 2nd Phase, Dumduma, Bhubaneswar-751019. By Virtue of Affidavit No- 59AA879706, Date- 07.08.2023. I Want to Change My Name of Spelling Priyadarsini to Priyadarshini. Henceforth, I Shall be Known as Smaranika Priyadarshini Nayak for all Purposes. D-1007

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I Sri Pradeep Kumar Moharana, Son of Sri Jayakrushna Moharana, resident of Plot No.1754, Lingipur, P.O.- Sisupalgarh, P.S.-Dhauli, Dist.- Khordha, Odisha, Pin-751002, declare by this affidavit No.120, dated 07.08.2023, that onwards my Father's surname is changed as "Moharana" instead of "Maharana" for all future purposes. So from to-day my father's name is Sri Jayakrushna Moharana. D-74561

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସର୍ବୋଚ୍ଚ ସ୍ତରରେ ଗହମ ଦର

■ ୬ ମାସର ଉଚ୍ଚତମ ମୂଲ୍ୟ
■ ୪ ମାସରେ ୧୮% ଦର ବୃଦ୍ଧି



ଭୁବନେଶ୍ୱର,୮।୮(ଅଭୟ ଦାଶ)

ଗତ କିଛି ମାସ ହେବ ଘରୋଇ ବଜାରରେ ଗହମ ଦର ବୃଦ୍ଧି ପାଇଚାଲିଛି। ଫଳରେ ଗହମରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦର ମଧ୍ୟ ସେହି ପରିମାଣରେ ବଢ଼ି ଚାଲିଛି। ଏପରିକି ଗହମ ଦର ଗତ ୬ ମାସର ଉଚ୍ଚତମ ସ୍ତରକୁ ପହଞ୍ଚିଛି। ସେହିଭଳି ମଧ୍ୟପ୍ରଦେଶର ଇନ୍ଦୋରଠାରେ ଗହମ ମୂଲ୍ୟ ୧.୫% ବୃଦ୍ଧି ଘଟି ପ୍ରତି ମେଟ୍ରିକ ଟନ୍‌ର ମୂଲ୍ୟ ୨୫,୪୪୬ ଟଙ୍କାରେ ପହଞ୍ଚିଛି। ୨୦୨୩ ଫେବୃୟାରୀ ୧୦ ପରେ ଗହମର ଏହା ସର୍ବାଧିକ ଦର ବୋଲି କୁହାଯାଉଛି। ଏପରିକି ଗତ ୪ମାସ ମଧ୍ୟରେ ଗହମ ମୂଲ୍ୟ ୧୮% ବୃଦ୍ଧି ପାଇଛି। ସେହିଭଳି ୨୦୨୩ ଅଗଷ୍ଟ ୧ ସୁଦ୍ଧା ସରକାରଙ୍କ ଗୋଦାମଗୁଡ଼ିକରେ ୨୮.୩ ନିୟୁତ ମେଟ୍ରିକ ଟନ୍ ଗହମ ଗଚ୍ଛିତ ଥିଲାବେଳେ ୨୦୨୨ ଅଗଷ୍ଟ ପହିଲାରେ ଏହାର ପରିମାଣ ୨୬.୬ ନିୟୁତ ଟନ୍ ଗହମ ସରକାରଙ୍କ ଷ୍ଟକ୍‌ରେ ଥିଲା। ବିଶେଷ କରି ଆଗକୁ ପାର୍ବଣ ଋତୁ ଥିବାରୁ ବଜାର ଚାହିଦା ଓ ଖାଉଟିଙ୍କ ଆବଶ୍ୟକତା ଦୃଷ୍ଟିରୁ ଅଟା ଦର ବଢ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ସେହିପରି ବର୍ତ୍ତମାନ ଉପୁଜିଥିବା ପରିସ୍ଥିତିରେ ସରକାର ଷ୍ଟକ୍‌ରୁ ଖୋଲାବଜାରକୁ ଗହମ ଛାଡ଼ିବା ଦରକାର ବୋଲି ଟ୍ରେଡରମାନେ ଆବେଦନ କରିଛନ୍ତି। ଏପରିକି ସରକାର ମଧ୍ୟ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ୧୫ ଲକ୍ଷ ମେଟ୍ରିକ ଟନ୍ ଗହମ ସରକାରୀ ଖାତାରୁ ବିଭିନ୍ନ କ୍ଷେତ୍ର ଯଥା ଡିଲର, ଟ୍ରେଡର, ଖୋଲାବଜାରକୁ ଛାଡ଼ିଥିବା କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଗତ ସପ୍ତାହରେ ସରକାର ଗହମ ଆମଦାନୀ ଉପରେ ଲାଗୁ ହେଉଥିବା ୪୦% ଶୁଳ୍କ ହ୍ରାସ କରିବା ନେଇ ଆଲୋଚନା ହୋଇଥିଲା। ଅପରପକ୍ଷରେ ଗହମର ଦରବୃଦ୍ଧି ଜାରି ରହିଲେ ଅଟା ଉତ୍ପାଦଗୁଡ଼ିକର ଦର ମଧ୍ୟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ବିସ୍କୁଟରୁ ଆରମ୍ଭ କରି ବ୍ରେଡ୍ ପର୍ଯ୍ୟନ୍ତ ସବୁ ମହଙ୍ଗା ହୋଇପାରେ ବୋଲି ବଜାର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ସୂଚନାଯୋଗ୍ୟ, ନିକଟରେ ଖାଇବାତେଲ, ଡାଲି, ଟମାଟୋ ଏବଂ ପିଆଜର ଦର ବୃଦ୍ଧି ଯୋଗୁ ଖାଉଟି ମହଙ୍ଗା ମାଡ଼ରେ ଶିକାର ହୋଇଥିବାବେଳେ ସରକାରଙ୍କ ଉପରେ ଦରବୃଦ୍ଧି ଆକ୍ରୋଶ ପରିପ୍ରକାଶ କରିଛନ୍ତି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୮।୮

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହାଇରଛନ୍ତି। ମଙ୍ଗଳବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୭ (୧୦୬.୯୮) ପଏଣ୍ଟ କମି ୬୫,୮୪୬ (୬୫,୮୪୬.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬ (୨୬.୪୫) ପଏଣ୍ଟ ହ୍ରାସ ଘଟି ୧୯,୫୭୧ (୧୯,୫୭୦.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ହେବ ଭାରତୀୟ ଶେୟାର ବଜାରର କାରବାରରେ ପରିବର୍ତ୍ତନ ଦେଖାଦେଇଛି।

## ବଜାଜ ଫାଇନାନ୍ସ ସହ ହୋଣ୍ଡାର ସହଭାଗିତା




ଭୁବନେଶ୍ୱର,୮।୮

ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ଏବଂ ବଜାଜ୍ ଫାଇନାନ୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉଭୟ ସଂସ୍ଥାର କାରବାର ବୃଦ୍ଧି ଏବଂ ଗ୍ରାହକଙ୍କ ଆବଶ୍ୟକତା ପୂରଣକୁ ଆଖି ଆଗରେ ରଖି ଏଭଳି ଏକ ସହଭାଗିତା କରାଯାଇଛି। ଏପରିକି କମ୍ପାନୀ ଗ୍ରାହକଙ୍କୁ ସରଳ ଓ ସୁବିଧାର ସହକାରେ ଫାଇନାନ୍ସ ଯୋଗାଇବା ଏବଂ ବାଧାମୁକ୍ତ ସେବା ଯୋଗାଇଦେବାକୁ ଗୁରୁତ୍ୱ ଦିଆଯାଇଛି। ଫଳରେ ଉଭୟ ସଂସ୍ଥାର କାର୍ ବୃଦ୍ଧି ସହ ଗ୍ରାହକଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ଏ ସମ୍ପର୍କରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ ( ବିକ୍ରି ଓ ବିପଣନ) କୁନାଲ ବେହି କହିଛନ୍ତି, ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହ କାରବାର ବୃଦ୍ଧି ପାଇଁ ବଜାଜ ଫାଇନାନ୍ସ ସହି ଏହି ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ବଜାଜ ଫାଇନାନ୍ସ (ଅଟୋ) ର ସିବିଓ ସିଦ୍ଧାର୍ଥ ଭଟ୍ଟ କହିଛନ୍ତି, ହୋଣ୍ଡା ସହ ସହଭାଗିତା କରି ଆମେ ବେଶ୍ ଆନନ୍ଦିତ ଥିବାବେଳେ ଗ୍ରାହକଙ୍କୁ ଏକ ବାଧାମୁକ୍ତ ସେବା ଯୋଗାଇବା ସହ କାରବାର ବୃଦ୍ଧିକୁ ବିଶେଷ ଗୁରୁତ୍ୱ ଦିଆଯିବ।

## ବିଓବିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୮।୮

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏପରିକି ୨୦୨୩-୨୪ ପ୍ରଥମ ତ୍ରୈ ମାସିକ (ଏପ୍ରିଲରୁ ଜୁନ୍) ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍ ଲାଭ ୪୦୭୦ କୋଟି ଟଙ୍କା ହୋଇଛି। ଏହା ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୮୭.୭% ବୃଦ୍ଧି ହୋଇ ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧିରେ ୪୦୭୦ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ବିଓବି ୧%ରୁ ଅଧିକ ଆର୍‌ଓଏ ଏବଂ ପ୍ରାୟ ୨୦% ଆର୍‌ଓଇକୁ କ୍ରମାଗତ ଭାବରେ ୪ଟି ତ୍ରୈମାସିକରେ ପ୍ରଦାନ କରିଛି। ଲାଭରେ ଏହି ଉଲ୍ଲେଖନୀୟ ବିକାଶ କ୍ୟୁ୧ଏଫ୍‌ୱାଇ୨୪ରେ ପୂର୍ବ ବର୍ଷ ତୁଳନାରେ ସୁସ୍ଥ ଅପରେଟିଂ ଆୟରେ ୪୨.୯% ବୃଦ୍ଧି କାରଣରୁ ହୋଇପାରିଛି। ଅପରେଟିଂ ଆୟର ବୃଦ୍ଧି ଦୃଢ଼ ନେଟ୍ ଇଣ୍ଟ୍ରେଷ୍ଟ ଇନ୍‌କମ୍ (ଏନ୍‌ଆଇଆଇ) ରେ ବୃଦ୍ଧି କାରଣରୁ ହୋଇପାରିଛି, ଯାହାକି ପୂର୍ବ ବର୍ଷ ତୁଳନାରେ କ୍ୟୁ୧ଏଫ୍‌ୱାଇ ୨୪ରେ ୨୪.୪%ର ବୃଦ୍ଧି ଓ ଏହା ସହ ଅଣ ସୁଧ ଆୟରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି; ଯାହାକି ପୂର୍ବ ବର୍ଷ ତୁଳନାରେ ୨.୮ ଗୁଣା ବୃଦ୍ଧି ହୋଇଛି। ସ୍ଥାନୀୟ ଏନ୍‌ଆଇଆଇ ବିକାଶ ପୂର୍ବ ବର୍ଷ ତୁଳନାରେ ୧୮.୦% ବୃଦ୍ଧି କାରଣରୁ ହୋଇପାରିଛି। ଏହା ସହ ନେଟ୍ ଇଣ୍ଟ୍ରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍)ରେ ବୃଦ୍ଧି ହୋଇଛି ଯାହାକି ପୂର୍ବ ବର୍ଷ ତୁଳନାରେ ୨୫ ବିପିଏସ୍ ବା ୩.୨୭% ବୃଦ୍ଧି ହୋଇଛି। ଆୟରେ ଦୃଢ଼ ବୃଦ୍ଧି ସହଣ୍ ଓପେକ୍ସରେ ନିୟମିତ ବୃଦ୍ଧି ହେତୁ ପୂର୍ବ ବର୍ଷ ତୁଳନାରେ କ୍ୟୁ୧ଏଫ୍‌ୱାଇ୨୪ ରେ ଉଲ୍ଲେଖନୀୟ ଭାବରେ ଅପରେଟିଂ ଲାଭରେ ୭୩% ବୃଦ୍ଧି ହୋଇଛି। ବ୍ୟାଙ୍କ କଷ୍ଟ ଟୁ ଇନ୍‌କମ୍ ଅନୁପାତ (ନିବେଶର ପୁନଃ ମୂଲ୍ୟାୟନକୁ ବାଦ୍ ଦେଇ) କୁ ପୂର୍ବ ବର୍ଷ ତୁଳନାରେ ୧୬୬ ବିପିଏସ୍ ହ୍ରାସ କରି କ୍ୟୁ୧ଏଫ୍‌ୱାଇ ୨୪ରେ ୪୭.୪୩% ହ୍ରାସ କରିଛି।

## ହୋଣ୍ଡାର ନ୍ୟୁ ଏସ୍‌ପି ୧୬୦ ଉନ୍ମୋଚିତ

ଭୁବନେଶ୍ୱର,୮।୮



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ଏସ୍‌ପି୧୬୦କୁ ମଙ୍ଗଳବାର ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି କମ୍ପାନୀର ଏସ୍‌ପି ବ୍ରାଣ୍ଡକୁ ଆଉ ଏକ ସୋପାନରେ ପହଞ୍ଚାଇବା ପାଇଁ ଉକ୍ତ ମଡେଲର ପ୍ରସ୍ତୁତ କରାଯାଇଛି। ଏପରିକି ଉକ୍ତ ମଡେଲକୁ ସ୍ପୋର୍ଟି, ଆକର୍ଷଣୀୟ ଓ ଷ୍ଟାଇଲିଶ୍ କରାଯାଇଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଏବଂ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ବର୍ତ୍ତମାନ ଆମେ ବିଶ୍ୱାସର ସହ ଭବିଷ୍ୟତକୁ ଅଗ୍ରସର ହେଉଛୁ। ଏପରିକି ଏସ୍‌ପି ବ୍ରାଣ୍ଡକୁ ଆଉ ଏକ ସୋପାନ ଉପରକୁ ନେବା ସହ ନ୍ୟୁ ଏସ୍‌ପି ୧୬୦କୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏସ୍‌ପି ବ୍ରାଣ୍ଡର ଶୁଭାରମ୍ଭ ପରଠାରୁ ଏସ୍‌ପି ବ୍ରାଣ୍ଡ ୧୨୫ ସିସି ମୋଟରସାଇକେଲ ବର୍ଗରେ ବିପ୍ଳବ ଆଣିବା ସହ ପ୍ରଯୁକ୍ତି, ଷ୍ଟାଇଲ ଓ ପ୍ରଦର୍ଶନରେ ଅତୁଳନୀୟ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ସେଲ୍‌ସ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ସ୍ପୋର୍ଟିନେସ୍ ଓ ୟୁଟିଲିଟିର ଉପଯୁକ୍ତ ମିଶ୍ରଣ ଚାହୁଁଥିବା ଯୁବ ମୋଟରସାଇକେଲ୍ ଉତ୍ସାହୀଙ୍କ ଅଭିଳାଷରୁ ନୂଆ ଏସ୍‌ପି ୧୬୦ ଅନୁପ୍ରାଣିତ କରିବ। ସେହିପରି ସିଙ୍ଗଲ ଡିସ୍କ ଓ ଡୁଆଲ୍ ଡିସ୍କ ବିକଳ୍ପରେ ଉପଲବ୍ଧ ଏସ୍‌ପି ୧୬୦ର ଏକ୍ସ ଶୋ'ରୁମ୍ (ନୂଆଦିଲ୍ଲୀ) ମୂଲ୍ୟ ଯଥାକ୍ରମେ ୧,୧୭,୫୦୦ ଟଙ୍କା ଏବଂ ୧,୨୧,୯୦୦ ଟଙ୍କା ରହିଛି। ଉକ୍ତ ମଡେଲ ମ୍ୟାଟ୍ ମାର୍ଭେଲ୍ ବ୍ଲୁ ମେଟାଲିକ୍, ମ୍ୟାଟ୍ ଆକ୍ସିସ୍ ଗ୍ରେ ମେଟାଲିକ୍, ମ୍ୟାଟ୍ ଡାର୍କ ବ୍ଲୁ ମେଟାଲିକ୍, ପର୍ଲ ସ୍ପାର୍ଟାନ୍ ରେଡ୍, ପର୍ଲ ଇଗ୍ନିଅସ୍ ବ୍ଲାକ୍ ଏବଂ ପର୍ଲ ଡିପ୍ ଗ୍ରାଉଣ୍ଡ ଗ୍ରେ ରଙ୍ଗରେ ଉପଲବ୍ଧ।

## କ୍ୟୁସିଆଇ ର୍ୟାଙ୍କିଙ୍ଗ୍‌ରେ ଡ୍ରିମ୍‌ସ ପଲିଟେକ୍‌ନିକ

**୨ୟ ସ୍ଥାନର ମାନ୍ୟତା ହାସଲ**




ଭୁବନେଶ୍ୱର,୮।୮

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ସମୂହର ପ୍ରମୁଖ ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ ପଲିଟେକ୍‌ନିକ୍'କୁ ନିକଟରେ ଆଉ ଏକ ସଫଳତା ସହ ମାନ୍ୟତା ମଧ୍ୟ ମିଳିଛି। ବିଶେଷକରି ଅନୁଷ୍ଠାନର ଶିକ୍ଷାଦାନ, ଭିତ୍ତିଭୂମି, ଗବେଷଣା, ପରୀକ୍ଷା ନିୟନ୍ତ୍ରଣ, ଆର୍ଥିକ ପରିଚାଳନା, ଉତ୍ତୀର୍ଣ୍ଣ ହାର,ପ୍ଲେସ୍‌ମେଣ୍ଟ ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ ସହ ଗୁଣବତ୍ତା ନିମନ୍ତେ ଡ୍ରିମ୍‌ସ ପଲିଟେକ୍‌ନିକ୍ କ୍ୟୁସିଆଇ ର୍ୟାଙ୍କିଙ୍ଗ୍‌ରେ ୨ୟ ସ୍ଥାନ ଅଧିକାର କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ରାଜ୍ୟ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଏହି ମାନ୍ୟତା ଦିଆଯାଇଛି। ଏପରିକି ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ପଲିଟେକ୍‌ନିକ୍‌କୁ ନେଇ ନିକଟରେ ହୋଇଥିବା ଉପରୋକ୍ତ ଆକଳନ ଆଧାରରେ ଡ୍ରିମ୍‌ସ ପଲିଟେକ୍‌ନିକକୁ ଉକ୍ତ ସଫଳତା ମିଳିଛି। ଏହି ପରିପ୍ରେକ୍ଷୀରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରୀଛାତ୍ର,ଅଧ୍ୟାପକ, ଅଧ୍ୟାପିକା, ଅଧ୍ୟକ୍ଷ, ନିର୍ଦ୍ଦେଶକ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଫୁର୍‌ସତ୍**

# ସୀମା-ସଚିନଙ୍କୁ ନେଇ ଫିଲ୍ମ 'କରାଚିରୁ ନଏଡ଼ା'



ମୁମ୍ବାଇ

ନିକଟରେ ସାମ୍‌ନାକୁ ଆସିଥିବା ସଚିନ-ସୀମାଙ୍କ ପ୍ରେମ କାହାଣୀ ବେଶ୍ ଚର୍ଚ୍ଚାରେ ରହିଛି। ଦୁହିଁଙ୍କ ପ୍ରେମ କାହାଣୀ ଏବେ ଘରେ ଘରେ ପରିଚିତ। ପ୍ରେମ ପାଇଁ ପାକିସ୍ତାନ କରାଚିର ସୀମା ସ୍ୱାମୀଙ୍କୁ ଛାଡ଼ି ୪ ପିଲାଙ୍କୁ ଧରି ବେଆଇନ ଭାବେ ସୀମା ପାର କରି ଭାରତରେ ପ୍ରବେଶ କରିଥିଲେ। ନିକଟରେ ସେ ଫିଲ୍ମରେ ଅଭିନୟ କରିବେ ବୋଲି ଖବର ପ୍ରକାଶ ପାଇଥିଲାବେଳେ ଏବେ ତାଙ୍କ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଯାହାର ନାମ ରହିବ 'କରାଚିରୁ ନଏଡ଼ା'। ପ୍ରଯୋଜକ ଅମିତ ଯାନୀ ଆଗାମୀ ସପ୍ତାହରେ ଫିଲ୍ମର ଥିମ୍ ସଙ୍ଗ ରିଲିଜ୍ କରିବେ। ପୂର୍ବରୁ ମଧ୍ୟ ପ୍ରଯୋଜକ ଯାନୀ ସୀମାଙ୍କୁ ଏକ ସିନେମା ପାଇଁ ଅଫର କରିଥିଲେ। ଯେଉଁଥିପାଇଁ ସୀମା ପ୍ରସ୍ତୁତ ହୋଇଯାଇଥିଲେ । ରାଜସ୍ଥାନ ଉଦୟପୁରର କହ୍ନେୟା ଲାଲ୍ ହତ୍ୟାକାଣ୍ଡ ଉପରେ ନିର୍ମିତ ଏକ ଫିଲ୍ମ 'ଏ ଟେଲର ମର୍ଡର ଷ୍ଟୋରି'ରେ ସୀମାଙ୍କୁ 'ର' ଏଜେଣ୍ଟର ଅଭିନୟ ପାଇଁ ଅଫର ମିଳିଥିଲା। ଏଥିପାଇଁ ସୀମା ହଁ କହିଛନ୍ତି। ତେବେ ଫିଲ୍ମ ପ୍ରଯୋଜକ ଯାନୀଙ୍କୁ ମଧ୍ୟ ଏଥିପାଇଁ ଅନେକ ଧମକ ମିଳିଛି। ଏନେଇ ସେ ଟୁଇଟ କରି ଜଣାଇଛନ୍ତି। ଏହି ଧମକ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସକୁ ଅନୁରୋଧ ମଧ୍ୟ କରିଛନ୍ତି।

## 'ଡନ୍-୩'ରେ ରଣବୀରଙ୍କ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା



ମୁମ୍ବାଇ: ସିନେ ନିର୍ଦ୍ଦେଶକ ଫରହାନ ଅଖତର ଫିଲ୍ମ 'ଡନ୍-୩'କୁ ନେଇ ସୋସିଆଲ ମିଡିଆରେ କିଛି ତଥ୍ୟ ଘୋଷଣା କରିଛନ୍ତି, ଯାହାକୁ ନେଇ ଅନେକ ବିବାଦ ଦେଖାଦେଇଛି। ସିନେମାରେ ଶାହରୁଖ ଖାନ୍‌ଙ୍କ ସ୍ଥାନରେ ରଣବୀର ସିଂ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଛି। ଫଳରେ ପ୍ରଶଂସକମାନେ ଏବେ 'ନୋ ଶାହରୁଖ୍, ନୋ 'ଡନ୍' ଲେଖି ବିରୋଧ ଜାରି ରଖିଛନ୍ତି। 'ଡନ୍', 'ଡନ୍-୨'ରେ ଶାହାରୁଖଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ 'ଡନ୍-୩'ରେ ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଦେଖିବାକୁ ଚାହାନ୍ତିନି ବୋଲି ପ୍ରଶଂସକ କମେଣ୍ଟରେ କହିଛନ୍ତି। 'ଡନ୍-୩'ରେ ରଣବୀରଙ୍କ ପ୍ରବେଶ ଶାହାରୁଖଙ୍କ ପ୍ରଶଂସକଙ୍କୁ ନିରାଶ କରିଛି। ଫରହାନଙ୍କ ନିର୍ଦ୍ଦେଶିତ 'ଡନ୍', ଡନ୍-୨'ରେ ପ୍ରିୟଙ୍କା ଚୋପ୍ରା, ବୋମାନ ଇରାନୀଙ୍କ ସହ ଶାହରୁଖ ଟାଇଟଲ ଭୂମିକାରେ ଅଭିନୟ କରିଥିଲେ। ଯାହା ବେଶ୍ ହିଟ୍ ହୋଇଥିଲା। ପରେ ପ୍ରଶଂସକଙ୍କ ଡିମାଣ୍ଡକୁ ଦେଖି ନିର୍ଦ୍ଦେଶକ ଫରହାନ 'ଡନ୍-୩' କରିବାକୁ ନିଷ୍ପତ୍ତି ନେଇଥିଲେ। କୁହାଯାଉଛି ଯେ, ଫରହାନ ଫିଲ୍ମରେ ଶାହାରୁଖଙ୍କୁ ନେବାକୁ ଚାହୁଁଥିଲେ, ହେଲେ ଶାହାରୁଖ ତାଙ୍କର ଅନ୍ୟ ଏକ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ତାଙ୍କ ବଦଳରେ ରଣବୀରଙ୍କୁ ବାଛିଛନ୍ତି। କିନ୍ତୁ ଫରହାନ୍ ଏବଂ ଶାହାରୁଖଙ୍କଠାରୁ ଏନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ନିକଟରେ ରିଲିଜ୍ ହୋଇଥିବା ରଣବୀରଙ୍କ ଫିଲ୍ମ 'ରକି ଅର୍ ରାନୀ କି ପ୍ରେମ୍ କାହାନୀ' ବକ୍ସ ଅଫିସରେ ୧୦୦ କୋଟି ଆୟ କରିଛି।

## ପୁଣି ଅଡୁଆରେ 'ଓଏମ୍‌ଜି ୨'




**ଆପତ୍ତିଜନକ ଦୃଶ୍ୟ ହଟାଇବାକୁ ମନ୍ଦିର ପୂଜକଙ୍କ ଲିଗାଲ ନୋଟିସ**

ମୁମ୍ବାଇ

ରିଲିଜ୍ ପୂର୍ବରୁ ପୁଣି ଅଡୁଆରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଓଏମ୍‌ଜି ୨'। ପ୍ରଥମେ ସେନ୍‌ସର ବୋର୍ଡ ଫିଲ୍ମରେ ଥିବା ଆପତ୍ତିଜନକ ଦୃଶ୍ୟକୁ ହଟାଇବାକୁ କହି 'ଏ' ସାର୍ଟିଫିକେଟ୍ ଦେଇଥିଲା, ଯାହାକୁ କେବଳ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହିଁ ଦେଖିପାରିବେ। ଏବେ ଉଜ୍ଜୟିନୀ ମହାକାଳ ମନ୍ଦିରର ପୂଜକମାନେ ଫିଲ୍ମ ବିରୋଧରେ ସିନେମା ନିର୍ଦ୍ଦେଶକ ଅମିତ୍ ରାୟଙ୍କୁ ଲିଗାଲ ନୋଟିସ ପଠାଇଛନ୍ତି। ନୋଟିସରେ ସେମାନେ କଥିତ ଭାବେ ଦେଖାଯାଇଥିବା ଅପମାନଜନକ ଦୃଶ୍ୟ ହଟାଇବାକୁ ଦାବି କରିଛନ୍ତି। ପୂଜକମାନଙ୍କ କହିବା କଥା, ସିନେମାରେ ଭଗବାନ୍ ଶିବଙ୍କ ଅବତାରକୁ ଭୁଲ୍ ଭାବରେ ଦର୍ଶାଯାଇଛି। ଶିବ ଫିଲ୍ମରେ କଚୁଡ଼ି ଖାଉଥିବା ଦେଖିବାକୁ ମିଳିଛି, ଯାହା ଭକ୍ତଙ୍କ ଭାବାବେଗକୁ ଆଘାତ କରୁଛି। ଏଣୁ ଭଗବାନ୍ ଶିବ ଏବଂ ମହାକାଳ ସମ୍ବନ୍ଧୀୟ ଯେଉଁ ଦୃଶ୍ୟ ରହିଛି, ତାକୁ ବାଦ୍ ଦିଆଯାଉ ବୋଲି ମନ୍ଦିରର ପୂଜାରୀମାନେ ଦାବି କରିଛନ୍ତି।

## ମହଙ୍ଗା ଗୋଲାପ

ବ୍ରୁସେଲ୍‌ସ

ଦୁନିଆରେ ଅନେକ ପ୍ରକାର ଗୋଲାପ ଫୁଲ ରହିଛି। ତା' ଭିତରୁ ଆମ ମନ ପସନ୍ଦର ଗୋଲାପକୁ ଆମେ କିଣିଥାଉ। ହେଲେ ଏପରି ଏକ ଗୋଲାପ ରହିଛି,



ଯାହାକୁ କିଣିବାକୁ ହେଲେ କୋଟିପତି ହେବା ଜରୁରୀ । କାରଣ ଏହି ଗୋଲାପର ମୂଲ୍ୟ ବହୁତ ଅଧିକ, ଯାହାକୁ କେବଳ କୋଟିପତି ଲୋକ ହିଁ କିଣିପାରିବେ। ତାହା ହେଉଛି, ଜୁଲିଏଟ୍ ରୋଜ୍। ଏହି ଗୋଲାପ ବହୁତ ଖାସ୍ । ରିପୋର୍ଟ ମୁତାବକ, ଜୁଲିଏଟ୍ ରୋଜ୍‌ର ମୂଲ୍ୟ ୧୩୦ କୋଟି ଟଙ୍କା। ଏହା ମହଙ୍ଗା ହେବାର କାରଣ ରହିଛି। ପ୍ରଥମ ଥର ପାଇଁ ଏହି ଗୋଲାପ ୨୦୦୬ରେ ଫୁଟିଥିଲା। ୟୁରୋପର ଡେଭିଡ୍ ଅଷ୍ଟିନ ଅନେକ ପରୀକ୍ଷା ନିରୀକ୍ଷା ପରେ ଏହି ଗୋଲାପର ଉଦ୍ଭାବନ କରିଥିଲେ। ଏହି ଗୋଲାପକୁ ଫୁଟିବାକୁ ୧୫ ବର୍ଷ ସମୟ ଲାଗିଥାଏ। ଏହା ଦୁନିଆର ସବୁଠାରୁ ମହଙ୍ଗା ଗୋଲାପ। ଏତେ ବର୍ଷ ପର୍ଯ୍ୟନ୍ତ ଏହି ଗଛର ଯତ୍ନ ନେବା ପରେ ଯାଇ ତାହା ଫୁଟିଥାଏ। ସେଥିପାଇଁ ଏହା ଅତ୍ୟନ୍ତ ମହଙ୍ଗା। ୨୦୦୬ରେ ଏହାର ମୂଲ୍ୟ ୯୦ କୋଟି ଥିଲା। ହେଲେ ଏବେ ଏହାର ମୂଲ୍ୟ ୧୩୦ କୋଟିରେ ପହଞ୍ଚିଛି।

## ପିଏଫ୍ ପେନ୍‌ସନ ବୃଦ୍ଧି କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମନମୋହନ

**ଭୁବନେଶ୍ୱର:** ପିଏଫ୍ ପେନ୍‌ସନଭୋଗୀ ବରିଷ୍ଠ ନାଗରିକମାନଙ୍କୁ ୨୦୧୪ରୁ ମିଳୁଥିବା ସର୍ବନିମ୍ନ ପେନ୍‌ସନ ୧୦୦୦ ଟଙ୍କାରୁ ୯୦୦୦ ଟଙ୍କାକୁ ବୃଦ୍ଧି କରିବାଲାଗି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଅଲ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନର ଏକ ପ୍ରତିନିଧି ଦଳ ଗତ ଜୁଲାଇ ୧୯ରେ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ସେମାନଙ୍କ ସମସ୍ୟା ବାବଦରେ ଭାଜପାର ପଦାଧିକାରୀମାନଙ୍କୁ ଅବଗତ କରାଇଥିଲେ।



ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ବିରୋଧ କରି କେନ୍ଦ୍ର ସରକାରଙ୍କ ବିରୋଧରେ ତୃଣମୂଳ କଂଗ୍ରେସ ପକ୍ଷରୁ ଗୁଆହାଟୀଠାରେ ମଙ୍ଗଳବାର ବିକ୍ଷୋଭ କରାଯାଉଛି।

# ମୁଖ୍ୟମନ୍ତ୍ରୀ ପଦ ମୋତେ ଛାଡୁନି: ଅଶୋକ ଗେହଲଟ

**ଜୟପୁର,୮।୮**



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି, ସେ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ଚାହୁଁଛନ୍ତି। ମୁଁ ଅନେକ ଥର ଭାବୁଛି କିନ୍ତୁ ରାଜ୍ୟ ମୁଖ୍ୟମନ୍ତ୍ରୀ ପଦ ମୋତେ ଛାଡୁନାହିଁ। ଗଣମାଧ୍ୟମକୁ କହିବାକୁ ଚାହେଁ ମୁଁ ଯାହା ବି କହିବି, ଚିନ୍ତାକରି କହିବି। ରାଜନୀତିରେ ପ୍ରତ୍ୟେକ ଶବ୍ଦକୁ ଭଲଭାବେ ଯାଞ୍ଚ କରି କହିଥାଏ। ଭାବ ନାହିଁ ମୁଁ କମେଡି କରୁଛି କିନ୍ତୁ ଏହି ପୋଷ୍ଟ ମୋତେ ଛାଡୁନାହିଁ। ଆଉ ଏତେ ବଡ କଥା କହୁଛି, ଏଥିପାଇଁ ମଧ୍ୟ ସାହସ ରହିବା ଆବଶ୍ୟକ। ଅଶୋକ ଗେହଲଟ ଗତ ୪ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଛାଡିବା ବିଷୟରେ କଥା ହୋଇଛନ୍ତି। ଏହାର ୩ ଦିନ ପୂର୍ବରୁ ସେ ସମାନ କଥା କହିଥିଲେ। ସୋମବାର, ମୁଖ୍ୟମନ୍ତ୍ରୀ ରାଜ୍ୟର ୧୯ ଟି ନୂତନ ଜିଲା ଗଠନ କରିଛନ୍ତି। ଏହି ନୂତନ ଜିଲା ଏବଂ ତିନୋଟି ଡିଭିଜନର କାର୍ଯ୍ୟକାରିତା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ରାଜସ୍ଥାନରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ଗେହଲଟଙ୍କର ମାଷ୍ଟରଷ୍ଟ୍ରୋକ ଭାବରେ ବିବେଚନା କରାଯାଉଛି। ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ସ୍ଥାନଗୁଡିକରେ ସେ ଏହି ନୂତନ ଜିଲା ଗଠନ କରିଛନ୍ତି। ଗେହଲଟଙ୍କର ଘନିଷ୍ଠ ସ୍ୱାଧୀନ ବିଧାୟକ ବାବୁଲାଲ ନାଗରଙ୍କର ଡୁଡୁ ଏବଂ ରାମକେଶ ମୀନାଙ୍କ ଗଙ୍ଗାପୁର ସିଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଜିଲା ଗଠନ କରାଯାଇଛି।

# ୧୪ ବିଭାଗର ମନ୍ତ୍ରୀ ଆତିଶୀ ମର୍ଲେନା

**ନୂଆଦିଲ୍ଲୀ,୮।୮**



ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଙ୍ଗଳବାର ସେବା ଏବଂ ଭିଜିଲାନ୍ସ ବିଭାଗର ଦାୟିତ୍ୱକୁ ଜନସମ୍ପର୍କ ବିଭାଗ ମନ୍ତ୍ରୀ ଆତିଶୀ ମର୍ଲେନାଙ୍କୁ ଦେଇଛନ୍ତି। ଏହାପୂର୍ବରୁ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କର ଦୁଇଟି ବିଭାଗର ଦାୟିତ୍ୱ ସେ ନେଇଥିଲେ, ଯାହା ବର୍ତ୍ତମାନ ଦିଲ୍ଲୀ କ୍ୟାବିନେଟର ଏକମାତ୍ର ମହିଳା ମନ୍ତ୍ରୀଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପରିବର୍ତ୍ତନ ପ୍ରସ୍ତାବକୁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ ସାକ୍ସେନାଙ୍କ ପାଖକୁ ପଠାଇଛନ୍ତି। ରାଜଧାନୀ ଦିଲ୍ଲୀ ସେବା ବିଲ ପାରିତ ହେବାର ଦିନକ ପରେ ଦିଲ୍ଲୀ ସରକାରଙ୍କ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହା ଦ୍ୱାରା ଏଣିକି ଜାତୀୟ ରାଜଧାନୀରେ ଅମଲାତନ୍ତ୍ର ଉପରେ କେନ୍ଦ୍ରର ନିୟନ୍ତ୍ରଣ ରହିବ। ଜୁନ୍ ମାସରେ ଉପରାଜ୍ୟପାଳ ସାକ୍ସେନା କ୍ୟାବିନେଟ ପୁନର୍ଗଠନ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ଆତିଶୀଙ୍କୁ ରାଜସ୍ୱ, ଯୋଜନା ଏବଂ ଅର୍ଥ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଏହି ତିନୋଟି ବିଭାଗ ପୂର୍ବରୁ ପରିବହନ ମନ୍ତ୍ରୀ କୈଳାସ ଗେହଲଟଙ୍କ ପାଖରେ ଥିଲା। ଆତିଶୀଙ୍କ ପାଖରେ ବର୍ତ୍ତମାନ ଶିକ୍ଷା ଏବଂ ଶକ୍ତି ସମେତ ୧୪ଟି ବିଭାଗର ପୋର୍ଟଫୋଲିଓ ରହିଛି, ଯାହା ଦିଲ୍ଲୀ ସରକାରଙ୍କ ସମସ୍ତ ମନ୍ତ୍ରୀଙ୍କ ମଧ୍ୟରେ ସର୍ବାଧିକ। ଆତିଶି କାଲକାଜୀ ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରନ୍ତି। ଗତ କିଛି ମାସ ମଧ୍ୟରେ ଦିଲ୍ଲୀ କ୍ୟାବିନେଟରେ ମନ୍ତ୍ରୀ ପଦବୀରେ ବାରମ୍ବାର ପରିବର୍ତ୍ତନ ହୋଇଛି। କେତେକ ମାମଲାରେ ଛନ୍ଦି ହୋଇ ଜେଲରେ ଥିବା ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ଇସ୍ତଫା ପରେ ଚଳିତ ବର୍ଷ ମାର୍ଚ୍ଚରେ ସୌରଭ ଭରଦ୍ୱାଜ ଏବଂ ଆତିଶୀ ମାର୍ଲେନା ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ।

# ଜଣେ ଆଦିବାସୀ ନେତା ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ହୁଅନ୍ତୁ: ଉମଙ୍ଗ ସିଙ୍ଘାର

**ଭୋପାଳ,୮।୮**

ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ କଂଗ୍ରେସରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଅପରପକ୍ଷରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ବିଧାୟକ ଉମଙ୍ଗ ସିଙ୍ଘାରଙ୍କ ବିବୃତ୍ତି ରାଜନୈତିକ ମହଲରେ ଉଷ୍ମତା ଭରିଛି। ସେ ମଧ୍ୟପ୍ରଦେଶରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଦାବି କରିଛନ୍ତି। କଂଗ୍ରେସରେ ଏହି ବିବୃତି ନେଇ ଆତଙ୍କ ଖେଳିଯାଇଥିବା

**ଦିଗ୍‌ବିଜୟ ସିଂ ଏବଂ କମଲ ନାଥଙ୍କୁ ଆଇନା ଦେଖାଉଛନ୍ତି ସିଙ୍ଘାର: ଭି.ଡି. ଶର୍ମା**

ବେଳେ ଶାସକ ଭାରତୀୟ ଜନତା ପାର୍ଟି ମଧ୍ୟ ଏହାକୁ ନେଇ ଅଡୁଆରେ ପଡ଼ିଛି। ଏହି ପ୍ରସଙ୍ଗକୁ ଭାଜପା ଉମଙ୍ଗ ସିଙ୍ଘାରଙ୍କ ହୃଦୟର ଯନ୍ତ୍ରଣା ବୋଲି ବର୍ଣ୍ଣନା କରିଛି। ଭାଜପା ରାଜ୍ୟ ସଭାପତି ଭି.ଡି ଶର୍ମା କହିଛନ୍ତି ଏହା ତାଙ୍କ ମନର ବ୍ୟଥା। ସ୍ୱାଧୀନତାର ୭୫ ବର୍ଷରେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅନୁସୂଚିତ ଜନଜାତିର ଭଉଣୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦରେ ବସିବା କାର୍ଯ୍ୟ କରାଯାଇଛି। ସେଥିପାଇଁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ପରିବର୍ତ୍ତନ ନେଇ ସିଙ୍ଘାରଙ୍କ ମନରେ ଯନ୍ତ୍ରଣା ହେଉଛି। କଂଗ୍ରେସ ଆଦିବାସୀମାନଙ୍କୁ ଭୋଟ ବ୍ୟାଙ୍କ ଭାବରେ ବିବେଚନା କରେ। ଏହା ହେଉଛି ତାଙ୍କ ଯନ୍ତ୍ରଣାର ଅଭିବ୍ୟକ୍ତି। ଉମଙ୍ଗ ସିଙ୍ଘାର ମଝିରେ ମଝିରେ ଦିଗ୍‌ବିଜୟ ସିଂ ଏବଂ କମଲ ନାଥଙ୍କୁ ଆଇନା ଦେଖାଇବା କାମ କରୁଛନ୍ତି, ଅବଶ୍ୟ ଏହା ଭଲ। ବିରୋଧୀ ଦଳ ପକ୍ଷରୁ ଏହା ଜାରି ରହୁ ବୋଲି ସେ କହିଛନ୍ତି। ସିଙ୍ଘାରଙ୍କୁ ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ମଧ୍ୟ ସମର୍ଥନ କରିଛନ୍ତି। ସେ କହିଛନ୍ତି ସିଙ୍ଘାର ବିଭିନ୍ନ ସମୟରେ ଜନସାଧାରଣଙ୍କ ନିକଟରେ ଠିକ ପ୍ରସଙ୍ଗ ଉପସ୍ଥାପନ କରୁଛନ୍ତି। ତେବେ ସିଙ୍ଘାରଙ୍କ ଜଣେ ଆଦିବାସୀ ନେତା ମୁଖ୍ୟମନ୍ତ୍ରୀ ହେବା ଦାବିର ଉତ୍ତର କମଲ ନାଥ ଦେବା ଆବଶ୍ୟକ।

# ଆଜିଠୁ ୧୬ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ଆନ୍ଦୋଳନ କରିବ ଭାଜପା

**ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)**



ଦିଲୀପ ମଲ୍ଲିକ

ଭାଜପା ପକ୍ଷରୁ ବୁଧବାର ଅର୍ଥାତ୍ କ୍ରାନ୍ତି ଦିବସରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ଗ୍ରାମପଞ୍ଚାୟତ ସମେତ ପୌରାଞ୍ଚଳ ଏବଂ ମହାନଗର ନିଗମର ସମସ୍ତ ୱାର୍ଡର ପ୍ରମୁଖ ସ୍ଥାନଗୁଡିକରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କରାଯିବ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ସୂଚନା ଦେଇଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦିଲୀପ କହିଛନ୍ତି, ଓଡ଼ିଶାରେ ଗଣତନ୍ତ୍ର ଓ ବିଧିବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଓଡ଼ିଆ ଅସ୍ମିତା ଏବଂ ରାଜ୍ୟର ସ୍ୱାଭିମାନକୁ ଭୂଲୁଣ୍ଠିତ କରାଯାଇ ରାଜ୍ୟର ଶାସନ କ୍ଷମତାକୁ ହାତେଇ ରଖିବାର ଚକ୍ରାନ୍ତ କରାଯାଉଛି। ଶାସକ ଦଳର ଜନପ୍ରତିନିଧିମାନେ ନିଜ ନୈତିକତା ଓ କର୍ତ୍ତବ୍ୟକୁ ଜଳାଞ୍ଜଳି ଦେଇ ଅଧସ୍ତନ ସରକାରୀ କର୍ମଚାରୀଙ୍କ ନିକଟରେ ଆତ୍ମସମର୍ପଣ କରିସାରିଛନ୍ତି। ଅନ୍ୟପଟେ ଦୁର୍ନୀତିର ସମସ୍ତ ସୀମା ଉଲ୍ଲଂଘନ କରି ଶାସକ ଦଳ ନେତା ଓ ମନ୍ତ୍ରୀ ଖଣିଜ ସମ୍ପଦରେ ଭରପୂର ଓଡ଼ିଶାକୁ ଶ୍ରୀହୀନ କରିବାର ପ୍ରୟାସ ଜାରି ରଖିଛନ୍ତି। 'ଦୁର୍ନୀତି, ଭ୍ରଷ୍ଟାଚାର, ପରିବାରବାଦ ଓ ତୁଷ୍ଟୀକରଣ ରାଜନୀତି' ଆମ ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ସାଜିଛି। ଓଡ଼ିଶାରେ ଏଭଳି ସରକାରକୁ ଗାଦିଚ୍ୟୁତ କରିବାର ନିହାତି ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।

# ଭାଜପାକୁ କଂଗ୍ରେସର ୧୦ ପ୍ରଶ୍ନ

## ଶାହା, ନବୀନଙ୍କ ଭେଟ ନେଇ ବଢ଼ିଲା ଚର୍ଚ୍ଚା

**ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)**



ପଞ୍ଚାନନ କାନୁନଗୋ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ୨ ଦିନିଆ ଓଡ଼ିଶା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଭାଜପା ଏବଂ ବିଜେଡି ସମ୍ପର୍କ କଥା ଏବେ ଚାରିଆଡେ ଚର୍ଚ୍ଚା। ଏଭଳି ସ୍ଥିତିରେ କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି ଭାଜପାକୁ ୧୦ଟି ପ୍ରଶ୍ନ କରିଛନ୍ତି।

ପଞ୍ଚାନନ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ମାତ୍ର ୨ଟି ଜାତୀୟ ରାଜପଥର ଭର୍ଚୁଆଲ ଉଦ୍‌ଘାଟନ ପାଇଁ ଓଡ଼ିଶା ଆସିବାର ଉଦ୍ଦେଶ୍ୟ କ'ଣ ଥିଲା। ସେ ମୁଖ୍ୟମନ୍ତ୍ରୀଙ୍କ ଟିପ ଧରି ସୁଇଚ୍ ଟିପି ଏହି ରାସ୍ତାର ଉଦ୍‌ଘାଟନ କଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ରାଜକୋଷରୁ ବହୁ ଅର୍ଥ ବ୍ୟୟ ହେଲା। ଏହି କାର୍ଯ୍ୟ ଦିଲ୍ଲୀରୁ ହୋଇପାରିଥାନ୍ତା ହେଲେ ସେ ଓଡ଼ିଶା ଆସି କାହିଁକି କଲେ। ଶାହା ଅତୀତରେ ନବୀନ ସରକାରଙ୍କୁ ପୋଡ଼ା ଟ୍ରାନ୍ସଫରମର ବୋଲି କହିଥିଲେ। ଏବେ କିଏ ଓ କେମିତି ଏହି ପୋଡ଼ା ଟ୍ରାନ୍ସଫରମରର ମରାମତି କଲା ଭାଜପା ଏହାର ଉତ୍ତର ଦେଉ। ୨୦୧୪ ପୂର୍ବରୁ ଏକ ନିର୍ବାଚନୀ ସଭାରେ ଶାହା କହିଥିଲେ, ତାଙ୍କ ଦଳ ସରକାରକୁ ଆସିଲେ ଓଡ଼ିଶା ସରକାରଙ୍କ ଦୁର୍ନୀତିର ସିବିଆଇ ତଦନ୍ତ କରିବେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କାରାଗାରରେ ନିକ୍ଷେପ କରିବେ। ଏହା ମଧ୍ୟରେ ଭାଜପା କେନ୍ଦ୍ରରେ ୯ ବର୍ଷ ଶାସନ କଲାଣି। ହେଲେ ଶାହାଙ୍କ ପ୍ରତିଶ୍ରୁତି କୁଆଡ଼େ ଗଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଭୁବନେଶ୍ୱର ଆସିବା ସ୍ୱାଗତଯୋଗ୍ୟ। ହେଲେ ସେ ଯେଉଁ ହୋଟେଲରେ ରହୁଥିଲେ ସେଠାରେ ୫-ଟି ସଚିବଙ୍କୁ ଭେଟି ୩୫ ମିନିଟ୍ ଧରି କ'ଣ ଆଲୋଚନା କଲେ ଭାଜପା ଉତ୍ତର ଦେଉ। ଆଲୋଚନା ସମୟରେ ସେଠାରେ ଥିବା ୪ ଜଣ ଦଳୀୟ ପ୍ରମୁଖ ନେତାଙ୍କୁ ରୁମ୍‌ରୁ ବାହାରି ଯିବା ପାଇଁ କେଉଁ ଉଦ୍ଦେଶ୍ୟରେ କୁହାଗଲା କୁହନ୍ତୁ ବୋଲି ପଞ୍ଚାନନ କହିଛନ୍ତି। ଏଭଳି ପ୍ରଶ୍ନ ପଞ୍ଚାନନ କରିବା ସହ ଆହୁରି କହିଛନ୍ତି, ଶାହା ଓଡ଼ିଶାରେ ତୁମ୍ବିତୋଫାନ କରୁଥିବା ଭାଜପା ନେତାଙ୍କ ପାଟି ଚୁପ୍ କରିଥିଲେ ଓ ସେମାନଙ୍କ ମୁହଁରେ କଳାବୋଳି ଲଜ୍ଜାଜନକ ସ୍ଥିତିକୁ ଠେଲିଦେଲେ।

## ଜାତୀୟ/ଅନ୍ତର୍ଜାତୀୟ

# ଆସାମ ରାଇଫଲ୍ସ ବିରୋଧରେ ମାମଲା ରୁଜୁ

**ଗୁଆହାଟୀ, ୮।୮:** ମଣିପୁରର ହିଂସା ପ୍ରଭାବିତ ଜିଲାରୁ ଆସାମ ରାଇଫଲ୍ସ ଯବାନଙ୍କୁ ପ୍ରତ୍ୟାହାର କରିନିଆଯାଇଛି। ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ମଣିପୁର ପୋଲିସ ଏହି ଅର୍ଦ୍ଧସାମରିକ ବାହିନୀ ବିରୋଧରେ ମାମଲା ରୁଜୁ କରିଛି। ଗତ ଶନିବାର ବିଷ୍ଣୁପୁର ଜିଲାରେ ଘଟିଥିବା ସାନି ହିଂସାକାଣ୍ଡରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାକୁ ଯାଇଥିଲା। ତେବେ ଆସାମ ରାଇଫଲ୍ସର ଯବାନମାନେ ପୋଲିସକୁ ଅଟକାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ଏନେଇ ଗୃହମନ୍ତ୍ରଣାଳୟ ଓ ସେନା ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ଆସାମ ରାଇଫଲ୍ସ ଯବାନ ଓ ମଣିପୁର ପୋଲିସ କମାଣ୍ଡୋଙ୍କ ମଧ୍ୟରେ ହୋଇଥିବା ବିତର୍କର ଭିଡିଓ ଗତ ତିନି ମାସ ମଧ୍ୟରେ ସୋସିଆଲ ମିଡିଆରେ ପ୍ରସାରିତ ହୋଇଆସୁଛି।

# ହୃଦ୍‌ଘାତରେ ପିପରଫ୍ରାୟ ସିଇଓଙ୍କ ଦେହାନ୍ତ



**ନୂଆଦିଲ୍ଲୀ,୮।୮:** ପିପରଫ୍ରାୟର ସହପ୍ରତିଷ୍ଠାତା ତଥା ସିଇଓ ଅମ୍ବରେଶ ମୁର୍ତ୍ତିଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୧ବର୍ଷ ହୋଇଥିଲା। କମ୍ପାନୀର ଅନ୍ୟତମ ସହ ପ୍ରତିଷ୍ଠାତା ତଥା ସିଓଓ ଆଶିଷ ଶାହା ଟ୍ୱିଟର ଜରିଆରେ ଏହି ସୂଚନା ଦେଇଛନ୍ତି। ସ୍ୱର୍ଗତ ମୁର୍ତ୍ତି ଦିଲ୍ଲୀ ଇଞ୍ଜିନିୟରିଂ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଆଇଆଇଟି କୋଲକାତାରେ ପଢ଼ିଥିଲେ। ଏଥିସହ ଦୀର୍ଘ ୨୭ ବର୍ଷ ଧରି ସେ ଏଫ୍‌ଏମ୍‌ସିଜି ଅର୍ଥନୀତି ପରିଚାଳନା ଓ ଇଣ୍ଟରନେଟ କ୍ଷେତ୍ରରେ ନିଜର ସ୍ଥିତି ଜାହିର କରି ଆସିଥିଲେ।



ସ୍ୱାଧୀନତା ଦିବସ ପୂର୍ବରୁ ପଶ୍ଚିମବଙ୍ଗର ନଦିଆରେ ଯୁବତୀମାନେ ଜାତୀୟ ପତାକା ତିଆରି କରୁଛନ୍ତି।

# ମଣିପୁର ହିଂସାରେ ୬,୫୦୦ ଏଫ୍‌ଆଇଆର୍ ରୁଜୁ

## ସମ୍ପତ୍ତି ନଷ୍ଟ ପରିମାଣ ସର୍ବାଧିକ

**ଇମ୍ଫାଲ, ୮।୮**

ମଣିପୁରରେ କୁକି ଓ ମେଇତିଙ୍କ ମଧ୍ୟରେ ମେ' ୩ରୁ ଜାତିଆଣ ହିଂସା ଲାଗି ରହିଥିବାରୁ ୬,୫୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବା ବିଷୟ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ପୋଲିସ ତଥ୍ୟରୁ ଜଣାପଡ଼ିଛି। ମେ' ୩ରୁ ଜୁଲାଇ ୩୦ ମଧ୍ୟରେ କରାଯାଇଥିବା ସମୁଦାୟ ୬,୫୨୩ ଏତଲା ମଧ୍ୟରୁ ଅଧିକାଂଶ 'ଜିରୋ ଏଫ୍‌ଆଇଆର୍' ରହିଛି। ଉଲ୍ଲେଖଯୋଗ୍ୟ, ଜିରୋ ଏଫ୍‌ଆଇଆର୍ ଯେକୌଣସି ପୋଲିସ ଷ୍ଟେଶନରେ ରୁଜୁ କରାଯାଇପାରିବ। ଏଥିପାଇଁ ଅପରାଧ ଘଟିଥିବା ଅଞ୍ଚଳର ପୋଲିସ ଷ୍ଟେଶନ ହେବା ଦରକାର ନାହିଁ ବୋଲି ଏହାର ସଂଜ୍ଞା କହିଥାଏ। ଏଭଳି ଏତଲାରେ କୌଣସି ନମ୍ବର ପଡ଼ି ନ ଥାଏ। ତେଣୁ ଏହାକୁ ଜିରୋ ଏଫ୍‌ଆଇଆର୍ ଭାବେ ଧରାଯାଇ ଅପରାଧ ଘଟିଥିବା ଅଞ୍ଚଳର ଥାନାକୁ ତଦନ୍ତ ପାଇଁ ପଠାଇ ଦିଆଯାଏ। ପୋଲିସ କହିଛି ଯେ, ସମାନ ଘଟଣାରେ ଅନେକେ ଅଲଗା ଜିରୋ ଏଫ୍‌ଆଇଆର୍ କରିଛନ୍ତି। ଏପରିକି ଏକ ଛାତ ତଳେ ଥିବା ସଦସ୍ୟମାନେ ମଧ୍ୟ ସମାନ ଘଟଣାରେ ଭିନ୍ନ ମାମଲା ରୁଜୁ କରିଥିବା ଦେଖିବାକୁ ମିଳିଛି। ବରଂ ବିଭିନ୍ନ ଦଫା ପକାଇ ଗୋଟିଏ ଜିରୋ ଏଫ୍‌ଆଇଆର୍ କରାଯାଇପାରିଥାଆନ୍ତା ବୋଲି ପୋଲିସ କହିଛି। ମେ', ଜୁନ୍, ଜୁଲାଇରେ ମଣିପୁରରେ ଘଟିଥିବା ଭୟଙ୍କର ହିଂସାରେ ଜିରୋ ଏଫ୍‌ଆଇଆର୍ ବଢ଼ିଯାଇଥିବାରୁ ତାହା ପୋଲିସ କେସ୍ ସଂଖ୍ୟା ବଢ଼ାଇ ଦେଇଛି ବୋଲି ସୁପ୍ରିମକୋର୍ଟରେ ସୋମବାର ଦାଖଲ କରାଯାଇଥିବା ପୋଲିସ ଡେଟାରୁ ଜଣାପଡ଼ିଛି। ଏହି ସମୟରେ ମଣିପୁର ପୋଲିସ ମୁଖ୍ୟ ରାଜୀବ ସିଂ କୋର୍ଟରେ ଉପସ୍ଥିତ ରହି ଜାତିଆଣ ହିଂସା ଓ ଶାନ୍ତି ରକ୍ଷା ଲାଗି ଏ ଦିଗରେ ପ୍ରଶାସନ ନେଇଥିବା ପଦକ୍ଷେପ ସଂକ୍ରାନ୍ତ ପଚରାଯାଇଥିବା ପ୍ରଶ୍ନର ଉତ୍ତର ରଖିଥିଲେ। ତେବେ ବର୍ତ୍ତମାନ ସ୍ଥିତିରେ ଗୋଟିଏ ଘଟଣା ଉପରେ ହୋଇଥିବା ଏକାଧିକ ଜିରୋ ଏଫ୍‌ଆଇଆର୍‌କୁ ତର୍ଜମା କରାଯାଇ ଦେଖାଯିବାରୁ ଜଣାପଡ଼ିଛି ଯେ, କ୍ଷତିପୂରଣ ଦେବା ଜଟିଳ ହୋଇପଡ଼ିଛି।

ପୋଲିସ ରିପୋର୍ଟ ଅନୁଯାୟୀ, ୬,୫୩୨ ମାମଲାକୁ ୪ଟି ସବ୍‌ହେଡିଂରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ହତ୍ୟା ବା ବଳାତ୍କାର, ଅଶାଳୀନ ବ୍ୟବହାର, ଘରପୋଡ଼ି, ଲୁଟ୍ ଓ ଘରୋଇ ସମ୍ପତ୍ତି ନଷ୍ଟ ଏବଂ ଧାର୍ମିକ ପୀଠସ୍ଥଳୀ ଧ୍ୱଂସ। ସର୍ବାଧିକ ମାମଲା ଘରପୋଡ଼ି, ଲୁଟ୍ ଓ ଗୃହ ସମ୍ପତ୍ତି ନଷ୍ଟକୁ ନେଇ କରାଯାଇଛି। ପୁଣି ଏହି ମାମଲାଗୁଡ଼ିକ ଜିରୋ ଏଫ୍‌ଆଇଆର୍ ଦ୍ୱାରା ବୃଦ୍ଧି ପାଇଥିବାରୁ ସେଗୁଡ଼ିକ ସଂଖ୍ୟା ଯଥାକ୍ରମେ ଘରପୋଡ଼ି(୪,୪୫୪), ଲୁଟ୍ (୪,୧୪୮), ଗୃହ ସମ୍ପତ୍ତି ନଷ୍ଟ (୪,୬୯୪) ଏବଂ ସର୍ବସାଧାରଣ ସମ୍ପତ୍ତି ନଷ୍ଟ(୫୮୪) ହୋଇଛି। ଏହି ତଥ୍ୟରୁ ଜଣାପଡ଼ିଛି ଯେ, ମଣିପୁର ହିଂସାରେ ବହୁ ପରିମାଣର ସମ୍ପତ୍ତି ନଷ୍ଟ ହୋଇଛି। ୪୬ ଧର୍ମପୀଠ ଧ୍ୱଂସ ହୋଇଥିବା ନେଇ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ହିଂସାରେ ୧୭୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଛି।

# ଇଞ୍ଜିନ, ସେନ୍ସର କାମ ନ କଲେ ବି ଲ୍ୟାଣ୍ଡର ସଫଳ ଅବତରଣ କରିବ: ଇସ୍ରୋ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୮।୮**



ଏସ୍. ସୋମନାଥ

ଚନ୍ଦ୍ରୟାନ-୩ର ୨ଟି ଯାକ ଇଞ୍ଜିନ୍ କିମ୍ବା ସମସ୍ତ ସେନ୍ସର ଯଦି କାମ ନ କରେ, ତଥାପି ଲ୍ୟାଣ୍ଡର ବିକ୍ରମକୁ ସଫଳତାର ସହ ସଫ୍ଟଲ୍ୟାଣ୍ଡିଂ କରାଇବା ଲାଗି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଯୋଜନା ପ୍ରସ୍ତୁତ କରିଥିବା ଏହାର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ସେଥିପାଇଁ ବିକ୍ରମକୁ ଆବଶ୍ୟକ ଡିଜାଇନ କରାଯାଇଛି। ଯାହା ଦ୍ୱାରା ବିକ୍ରମ ଇଞ୍ଜିନ ଓ ସେନ୍ସର ଅକାମୀଜନିତ ସମସ୍ୟାରୁ ମୁକୁଳିବାରେ ସମର୍ଥ ହୋଇପାରିବ। ଦିଶା ଭାରତ ନାମକ ଏନ୍‌ଜିଓ ପକ୍ଷରୁ ଆୟୋଜିତ 'ଚନ୍ଦ୍ରୟାନ-୩: ଭାରତର ଗର୍ବ ମହାକାଶ ମିଶନ' ଉପରେ ଆଲୋଚନାରେ ଭାଗନେଇ ସୋମନାଥ ଏହା କହିଛନ୍ତି। ଅଗଷ୍ଟ ୨୩ରେ ବିକ୍ରମକୁ ଚନ୍ଦ୍ରପୃଷ୍ଠରେ ସଫ୍ଟଲ୍ୟାଣ୍ଡିଂ କରାଇବାର ଯୋଜନା ହୋଇଛି। ଚନ୍ଦ୍ରୟାନ ଚନ୍ଦ୍ରକକ୍ଷରେ ପ୍ରବେଶ କରିବା ପରେ ଗତ ୫ ତାରିଖରେ ପ୍ରଥମ ଘୂର୍ଣ୍ଣନ ପଥ ହ୍ରାସ କରାଯାଇଥିଲା। ଏହା ପରେ ୯, ୧୪ ଏବଂ ୧୬ ତାରିଖରେ କକ୍ଷପଥକୁ ଧୀରେ ଧୀରେ କମାଯାଇ ଚନ୍ଦ୍ରଠାରୁ ଚନ୍ଦ୍ରୟାନର ଦୂରତା ୧୦୦ କିଲୋମିଟର ରଖାଯିବ। ପରେ ପ୍ରପଲଶନ ମଡ୍ୟୁଲରୁ ଲ୍ୟାଣ୍ଡରକୁ ଅଲଗା କରାଯାଇ ଏହାକୁ ଧୀରେ ଧୀରେ ଖସାଯିବ। ସେହି ସମୟ ଇସ୍ରୋ ଟିମ୍ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେବ। କାରଣ ବର୍ତ୍ତମାନ ମହାକାଶ ଯାନର ଗତି ଚନ୍ଦ୍ରପୃଷ୍ଠ ସହ ସମାନ୍ତରାଳ ରହିଥିଲାବେଳେ ଏହାକୁ ସିଧାସଳଖ ଚନ୍ଦ୍ରପୃଷ୍ଠକୁ ଖସାଇବାକୁ ହେବ ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି।

# ଯୌନ ଅପରାଧୀ ସରକାରୀ ଚାକିରି ପାଇଁ ଅଯୋଗ୍ୟ: ଗେହଲଟ

**ଜୟପୁର,୮।୮**

ଯୌନ ଅପରାଧରେ ଅଭିଯୁକ୍ତ ସରକାରୀ ଚାକିରି ପାଇଁ ଅଯୋଗ୍ୟ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ବଳାତ୍କାର ଅଭିଯୁକ୍ତଙ୍କ ରେକର୍ଡ ରଖିବା ସହ ସେମାନଙ୍କ ଚରିତ୍ର ପ୍ରମାଣପତ୍ରରେ ଏହା ଦର୍ଶାଇବା ପାଇଁ ସେ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସୋମବାର ଏକ ସମୀକ୍ଷା ବୈଠକ ହୋଇଥିଲା। ଏହି ଅବସରରେ ଗେହଲଟ କହିଥିଲେ ପୋଲିସ ପେସାଦାର ଅପରାଧୀଙ୍କ ରେକର୍ଡ ରଖିବା ସହ ଯେଉଁମାନେ ବଳାତ୍କାର ମାମଲାରେ ଜଡିତ, ସେମାନଙ୍କ ଚରିତ୍ର ପ୍ରମାଣପତ୍ରରେ ଦର୍ଶାଯାଉ। ଫଳରେ ସେମାନେ ସରକାରୀ ଚାକିରି ଲାଗି ଅଯୋଗ୍ୟ ଘୋଷିତ ହେବେ।

# ଘୃଣା ମନ୍ତବ୍ୟ ମାମଲାରେ ପୋଲିସ ଅଧିକାରୀ ନିଲମ୍ବିତ

**ଚେନ୍ନାଇ,୮।୮:** ବିଭିନ୍ନ ସମ୍ପ୍ରଦାୟ ବିରୋଧରେ ଘୃଣା ମନ୍ତବ୍ୟ ଦେଇ ଚେନ୍ନାଇ ପୋଲିସର ଜଣେ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ପି. ରାଜେନ୍ଦ୍ରନ, ଯିଏକି ଟ୍ରାଫିକ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ଚେନ୍ନାଇ ପୋଲିସ କମିଶନର ସନ୍ଦିପ ରାୟ ରାଥୋଡ କହିଛନ୍ତି, ଶ୍ରୀ ରାଜେନ୍ଦ୍ରନ ଖ୍ରୀଷ୍ଟିଆନ ଓ ମୁସଲିମ ସମ୍ପ୍ରଦାୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଥିବା ଏକ ଅଡିଓ ରେକର୍ଡିଂ କରି ତାକୁ ବିଭିନ୍ନ ସୋସିଆଲ ମିଡିଆରେ ପ୍ରସାରଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଅଗଷ୍ଟ, ୨୦୨୩



# ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

**ଚାଇନାର ଚେଙ୍ଗଡୁଠାରେ ମଙ୍ଗଳବାର ଶେଷ ହୋଇଛି ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୩୧ତମ ସଂସ୍କରଣ। ଏଥିରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨୬ଟି ପଦକ ହାସଲ କରିଛି। ପୂର୍ବରୁ କୌଣସି ଗୋଟିଏ ସଂସ୍କରଣରେ ଯେ କେବଳ ଭାରତ ଏତେ ସଂଖ୍ୟକ ପଦକ ପାଇ ନ ଥିଲା ତା ନୁହେଁ ୨୦୨୨ ପର୍ଯ୍ୟନ୍ତ ସବୁ ସଂସ୍କରଣକୁ ମିଶାଇଲେ ମଧ୍ୟ ପଦକ ସଂଖ୍ୟା ୨୧ରେ ସୀମିତ ଥିଲା।**

## ଭାରତର ପଦକ ବିଜେତା

| ଆଥଲେଟ୍ | ସ୍ପୋର୍ଟ | ଇଭେଣ୍ଟ | ପଦକ |
|---|---|---|---|
| ମନୁ ଭାକର | ଶୁଟିଂ | ମହିଳା ୧୦ ମିଟର ଏୟାର ପିସ୍ତଲ | ସ୍ୱର୍ଣ୍ଣ |
| ଇଲାଭେନିଲ ଭାଲାରିଭାନ | ଶୁଟିଂ | ମହିଳା ୧୦ ମିଟର ଏୟାର ରାଇଫଲ | ସ୍ୱର୍ଣ୍ଣ |
| ମନୁଭାକର, ଅଭିଦନ୍ୟା ଅଶୋକ ପାଟିଲ ଓ ଯଶସ୍ୱିନୀ ସିଂ ଦେସୱାଲ | ଶୁଟିଂ | ମହିଳା ୧୦ ମିଟର ଏୟାର ପିସ୍ତଲ ଟିମ୍ | ସ୍ୱର୍ଣ୍ଣ |
| ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର | ଶୁଟିଂ | ପୁରୁଷ ୫୦ ମିଟର ରାଇଫଏ ୩ପି | ସ୍ୱର୍ଣ୍ଣ |
| ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର | ଶୁଟିଂ | ପୁରୁଷ ୧୦ ମିଟର ଏୟାର ରାଇଫଲ | ସ୍ୱର୍ଣ୍ଣ |
| ଅର୍ଜୁନ ବବୁତା, ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଓ ଦିବ୍ୟାଂଶ ସିଂ ପନୱାର | ଶୁଟିଂ | ପୁରୁଷ ୧୦ ମିଟର ଏୟାର ରାଇଫଲ ଟିମ୍ | ସ୍ୱର୍ଣ୍ଣ |
| ଆଶି ଚୌକସେ, ମାନିନି କୌଶିକ ଓ ସିଫ୍ଟ କୁମାର ଶର୍ମା | ଶୁଟିଂ | ମହିଳା ୫୦ ମିଟର ରାଇଫଲ ୩ପି ଟିମ୍ | ସ୍ୱର୍ଣ୍ଣ |
| ସିଫ୍ଟ କୁମାର ଶର୍ମା | ଶୁଟିଂ | ମହିଳା ୫୦ ମିଟର ରାଇଫଲ ୩ପି | ସ୍ୱର୍ଣ୍ଣ |
| ଅମନ ସଇନି ଓ ପ୍ରଗତି | ଆର୍ଚେରୀ | ମିକ୍ସଡ କମ୍ପାଉଣ୍ଡ ଟିମ୍ | ସ୍ୱର୍ଣ୍ଣ |
| ଅଭନିତ କୌର | ଆର୍ଚେରୀ | ମହିଳା କମ୍ପାଉଣ୍ଡ | ସ୍ୱର୍ଣ୍ଣ |
| ସଙ୍ଗମପ୍ରୀତ ସିଂ ବିସ୍ଲା | ଆର୍ଚେରୀ | ପୁରୁଷ କମ୍ପାଉଣ୍ଡ | ସ୍ୱର୍ଣ୍ଣ |
| ଅଭନିତ କୌର, ପୂର୍ବାଶା ଓ ପ୍ରଗତି | ଆର୍ଚେରୀ | ମହିଳା କମ୍ପାଉଣ୍ଡ ଟିମ୍ | ରୌପ୍ୟ |
| ବିଜୟବୀର ସିଦ୍ଧୁ, ଉଦୟବୀର ସିଦ୍ଧୁ ଓ ଆଦର୍ଶ ସିଂ | ଶୁଟିଂ | ପୁରୁଷ ୨୫ ମିଟର ପିସ୍ତଲ ରାପିଡ ଫାୟାର ଟିମ୍ | ରୌପ୍ୟ |
| ଦିବ୍ୟାଂଶ ସିଂ ପନୱାର | ଶୁଟିଂ | ପୁରୁଷ ୧୦ ମିଟର ଏୟାର ରାଇଫଲ | ରୌପ୍ୟ |
| ଇଲାଭେନିଲ ଭାଲାରିଭାନ ଓ ଦିବ୍ୟାଂଶ ସିଂ ପନୱର | ଶୁଟିଂ | ମିକ୍ସଡ ୧୦ ମିଟର ଏୟାର ରାଇଫଲ ଟିମ୍ | ରୌପ୍ୟ |
| ଆଶି ଚୌକସେ | ଶୁଟିଂ | ମହିଳା ୫୦ ମିଟର ରାଇଫଲ ୩ପି | ରୌପ୍ୟ |
| ଅମନ ସଇନୀ, ରିଶବ ଯାଦବ ଓ ସଙ୍ଗମପ୍ରୀତ ସିଂ ବିସ୍ଲା | ଆର୍ଚେରୀ | ପୁରୁଷ କମ୍ପାଉଣ୍ଡ ଟିମ୍ | ବ୍ରୋଞ୍ଜ |
| ରୀତା ସାୱାୟାନ, ସଙ୍ଗୀତା ଓ ତନିଶା ବର୍ମା | ଆର୍ଚେରୀ | ମହିଳା ରିକର୍ଭ ଟିମ୍ | ବ୍ରୋଞ୍ଜ |
| ଅମନ ସଇନୀ | ଆର୍ଚେରୀ | ପୁରୁଷ କମ୍ପାଉଣ୍ଡ | ବ୍ରୋଞ୍ଜ |
| ସର୍ତାଜ ସିଂ ତିୱାନା, ସୂର୍ଯ୍ୟ ପ୍ରତାପ ସିଂ ଓ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର | ଶୁଟିଂ | ପୁରୁଷ ୫୦ ମିଟର ରାଇଫଲ ୩ପି ଟିମ୍ | ବ୍ରୋଞ୍ଜ |
| ବରୁଣ ତୋମାର, ଅର୍ଜୁନ ସିଂ ଚିମା ଓ ଅନମୋଲ ଜୈନ | ଶୁଟିଂ | ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟିମ୍ | ବ୍ରୋଞ୍ଜ |
| ଯାମିନି ମୌର୍ଯ୍ୟ | ଜୁଡୋ | ମହିଳା ୫୭ କେଜି | ବ୍ରୋଞ୍ଜ |
| ଭବାନୀ ଯାଦବ | ଆଥଲେଟିକ୍ସ | ମହିଳା ଲଙ୍ଗଜମ୍ପ | ବ୍ରୋଞ୍ଜ |
| ଜ୍ୟୋତି ଆରାଜି | ଆଥଲେଟିକ୍ସ | ମହିଳା ୧୦୦ ମିଟର ହର୍ଡଲ୍ସ | ବ୍ରୋଞ୍ଜ |
| ଅମ୍ଲାନ ବୋରଗୋହେନ | ଆଥଲେଟିକ୍ସ | ପୁରୁଷ ୨୦୦ ମିଟର ରେସ୍ | ବ୍ରୋଞ୍ଜ |
| ପ୍ରିୟଙ୍କା ଗୌସ୍ୱାମୀ, ମାନସି ନେଗି ନିକିତା ଲାମ୍ବା ଓ ପୂଜା କୁମାୱତ | ଆଥଲେଟିକ୍ସ | ମହିଳା ୨୦୦ ମିଟର ରେସ୍ ୱାକ୍ ଟିମ୍ | ବ୍ରୋଞ୍ଜ |


ମନୁ ଭାକର



ଜ୍ୟୋତି ୟାରାଜି

ଚାଇନାର ଚେଙ୍ଗଡୁଠାରେ ମଙ୍ଗଳବାର ଶେଷ ହୋଇଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨୬ଟି ପଦକ ହାସଲ କରିଛି। ପୂର୍ବରୁ କୌଣସି ଗୋଟିଏ ସଂସ୍କରଣରେ ଯେ ଭାରତ କେବଳ ଏତେ ସଂଖ୍ୟକ ପଦକ ପାଇ ନ ଥିଲା ତା ନୁହେଁ ୨୦୨୨ ପର୍ଯ୍ୟନ୍ତ ସବୁ ସଂସ୍କରଣକୁ ମିଶାଇଲେ ମଧ୍ୟ ପଦକ ସଂଖ୍ୟା ୨୧ରେ ସୀମିତ ଥିଲା। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୯ ବ୍ରୋଞ୍ଜ ସାମିଲ ଥିଲା। ମାତ୍ର ଏଥର ଭାରତୀୟ ପ୍ରତିଯୋଗୀମାନେ ୧୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ହାସଲ କରି ଐତିହାସିକ ସଫଳତା ପାଇଛନ୍ତି। ୨୦୨୩ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସକୁ ଭାରତ ୨୫୬ ଆଥ୍ଲେଟ ପଠାଇଥିଲା। ଇଭେଣ୍ଟ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତର ସବୁଠାରୁ ନିମ୍ନ ପ୍ରଦର୍ଶନ ଆଥଲେଟିକ୍ସ ଇଭେଣ୍ଟରେ ହୋଇଛି। ଭାରତୀୟ ପ୍ରତିନିଧି ଦଳର ସର୍ବାଧିକ ୮୨ ପ୍ରତିଯୋଗୀ ଆଥ୍ଲେଟିକ୍ସ ଇଭେଣ୍ଟରେ ଭାଗ ନେଇଥିଲେ। ମାତ୍ର ଦଳକୁ ୪ଟି ବ୍ରୋଞ୍ଜ ପଦକ ମିଳିଥିଲା। ୨୧ ସଦସ୍ୟ ବିଶିଷ୍ଟ ଶୁଟିଂ ଦଳ ସବୁଠାରୁ ଭଲ ପ୍ରଦର୍ଶନ କରି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ତୀରନ୍ଦାଜମାନେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତି ଦେଶକୁ ଗର୍ବିତ କରିଥିଲେ। ଜୁଡୋରୁ ଗୋଟିଏ ବ୍ରୋଞ୍ଜ ପଦକ ମିଳିଥିଲା। ଚାଇନା ୧୭୮ ପଦକ ପାଇ ତାଲିକାର ଶୀର୍ଷରେ ରହିଛି। ଏହା ମଧ୍ୟରେ ୧୦୩ ସ୍ୱର୍ଣ୍ଣ, ୪୦ ରୌପ୍ୟ ଓ ୩୫ ବ୍ରୋଞ୍ଜ ପଦକ ସାମିଲ। ଜାପାନ ୯୩ (୨୧ ସ୍ୱର୍ଣ୍ଣ, ୨୯ ରୌପ୍ୟ, ୪୩ ବ୍ରୋଞ୍ଜ) ଓ ଦକ୍ଷିଣ କୋରିଆ ୫୮ (୧୭ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୨୩ ବ୍ରୋଞ୍ଜ) ପଦକ ସହ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଭାରତୀୟ ଦଳରେ ଜ୍ୟୋତି ୟାରାଜି, ମନୁ ଭାକର ଓ ତେଜସ୍ୱିନୀ ଶଙ୍କର, ଅମ୍ଲାନ ବୋରଗୋହେନ, ପ୍ରିୟଙ୍କା ଗୋସ୍ୱାମୀ, ଶ୍ରୀହରି ନଟରାଜଙ୍କ ପରି ତାରକା ଆଥ୍ଲେଟ ସାମିଲ ଥିଲେ। ୧୮ ବର୍ଷୀୟା ବ୍ୟାଡ୍‌ମିଣ୍ଟନ ଖେଳାଳି ତନିଶା ସିଂ ପ୍ରତିନିଧି ଦଳର ସର୍ବକନିଷ୍ଠ ସଦସ୍ୟା ରହିଥିଲେ। ୨୦୨୩ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୮ଟି ଭିନ୍ନ କ୍ରୀଡ଼ାର ୨୬୯ଟି ପଦକ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିଯୋଗୀମାନେ ୧୧ଟି କ୍ରୀଡ଼ାରେ ଭାଗ ନେଇଥିଲେ। ଏହି କ୍ରୀଡ଼ାଗୁଡ଼ିକ ହେଲା ଆର୍ଚେରୀ, ଆଥ୍ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଏକୋଣ୍ଡୋ, ଟେନିସ ଓ ଭଲିବଲ। ଜୁଲାଇ ୨୮ରେ ଆରମ୍ଭ ହୋଇଥିବା ୨୦୨୩ ଗେମ୍ସ ଥିଲା ପ୍ରତିଯୋଗିତାର ୩୧ତମ ସଂସ୍କରଣ। କୋଭିଡ୍-୧୯ ମହାମାରୀ ପାଇଁ ୨୦୨୧ ସଂସ୍କରଣ ସ୍ଥଗିତ ରହିଥିଲା। ୨୦୧୯ରେ ପ୍ରତିଯୋଗିତାର ପୂର୍ବ ସଂସ୍କରଣ ଇଟାଲିର ନାପ୍ଲେସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ ଏହିପରି ମୋଟ ୪ ପଦକ ପାଇଥିଲା। ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଅନ୍ୟ ୩ଟି ପଦକ ଶୁଟିଂରୁ ଆସିଥିଲା। ୨୦୨୩ ସଂସ୍କରଣରେ ମଧ୍ୟ ଭାରତୀୟ ଶୁଟରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଭାରତ ମୋଟ ୨୬ ପଦକ ପାଇଥିବାବେଳେ କେବଳ ଶୁଟରମାନେ ୧୪ଟି ପଦକ ହାସଲ କରିଛନ୍ତି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ଅର୍ଥାତ୍ ୧୯୫୯ରୁ ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ମାତ୍ର ଭାରତକୁ ପ୍ରଥମ ପଦକ ୧୯୭୩ରେ ମିଳିଥିଲା। ଭାରତ ବ୍ରୋଞ୍ଜ ପଦକ ସହ ଅଭିଯାନ ଆରମ୍ଭ କରିଥିଲା। ମହିଳା ୪୮ କେଜି କୁସ୍ତି ଇଭେଣ୍ଟରେ ଭାରତର ସମ୍ବାଡି ବୋରୁଟେ ଏହି ବ୍ରୋଞ୍ଜ ପଦକଟି ପାଇଥିଲେ।

ପ୍ରସ୍ତୁତି: ତପନ ସ୍ୱାଇଁ

### ପଦକ ତାଲିକା (ଟପ୍ ୧୦)

| ର୍ୟାଙ୍କ୍ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|---|
| ୧ | ଚାଇନା | ୧୦୩ | ୪୦ | ୩୫ | ୧୭୮ |
| ୨ | ଜାପାନ | ୨୧ | ୨୯ | ୪୩ | ୯୩ |
| ୩ | କୋରିଆ | ୧୭ | ୧୮ | ୨୩ | ୫୮ |
| ୪ | ଇଟାଲି | ୧୭ | ୧୮ | ୨୧ | ୫୬ |
| ୫ | ପୋଲାଣ୍ଡ | ୧୫ | ୧୬ | ୧୨ | ୪୩ |
| ୬ | ତୁର୍କୀ | ୧୧ | ୧୨ | ୧୨ | ୩୫ |
| ୭ | ଭାରତ | ୧୧ | ୫ | ୧୦ | ୨୬ |
| ୮ | ଚାଇନିଜ ତାଇପେ | ୧୦ | ୧୭ | ୧୯ | ୪୬ |
| ୯ | ଲିଥୁଆନିଆ | ୬ | ୪ | ୨ | ୧୨ |
| ୧୦ | ଫ୍ରାନ୍ସ | ୫ | ୮ | ୧୦ | ୨୩ |

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ





ତ୍ରିନବାଗୋଠାରେ ଚାଲିଥିବା ୟୁଥ୍ କମନୱେଲ୍ଥ ଗେମ୍ସରେ ପଦକ ବିଜୟୀ ଭାରତର ଅନୁପ୍ରିୟା ଭାଲିୟତ ସାସି ଓ ଶୋଆନ ଗାଙ୍ଗୁଲି।

## ଶଟ୍‌ପୁଟ୍‌ରେ ଅନୁପ୍ରିୟା, ସନ୍ତରଣରେ ଶୋଆନଙ୍କୁ ପଦକ

ନୂଆଦିଲ୍ଲୀ, ୮।୮ (ପି.ଟି.)

ତ୍ରିନବାଗୋଠାରେ ଚାଲିଥିବା ୟୁଥ୍ କମନୱେଲ୍ଥ ଗେମ୍ସରେ ଭାରତର ଶୋଆନ ଗାଙ୍ଗୁଲି ଓ ଅନୁପ୍ରିୟା ଭାଲିୟତ ସାସି ଯଥାକ୍ରମେ ବାଳକ ୪୦୦ମିଟର ବ୍ୟକ୍ତିଗତ ମିଡ୍‌ଲେ ସୁଇମିଂ ଇଭେଣ୍ଟ ଏବଂ ବାଳିକା ଶଟ୍‌ପୁଟ୍‌ରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଗାଙ୍ଗୁଲି ଶ୍ରେଷ୍ଠ ଭାରତୀୟ ଟାଇମିଂ ୪:୨୫.୪୭ ସହ ଇଂଲଣ୍ଡର ରିସେ ଗ୍ରାଡି (୪:୨୪:୧୬)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସ୍କଟଲାଣ୍ଡର ଇଭାନ ଡେଭିଡ୍‌ସନ (୪:୨୫:୬୮) ବ୍ରୋଞ୍ଜ ହାସଲ କରିଥିଲେ। ଗାଙ୍ଗୁଲି ଗତ ମାସରେ ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଜାତୀୟ ରେକର୍ଡ କରିଥିବା ଆର୍ଯ୍ୟନ ନେହରାଙ୍କ ଟାଇମିଂ ୪:୨୭:୬୨କୁ ଅତିକ୍ରମ କରିଯାଇଥିଲେ। ବାଳିକା ଶଟ୍‌ପୁଟ୍‌ରେ ଅନୁପ୍ରିୟା ତାଙ୍କ ତୃତୀୟ ପ୍ରୟାସରେ ଆଇରନ ବଲ୍‌କୁ ୧୫.୬୨ମିଟର ଦୂର ଫିଙ୍ଗି ଯଥାକ୍ରମେ ଦକ୍ଷିଣ ଆଫ୍ରିକାର ଅଲିସିଆ ଏଲି ଖୁନୋ (୧୭.୯୭) ଏବଂ ଅଷ୍ଟ୍ରେଲିଆର ଜିଲେଭିନ୍ ବିଲି (୧୬.୩୧)ଙ୍କ ପଛରେ ରହିଥିଲେ।

## ହର୍ମାନ ଭାରତୀୟ ଜୁନିୟର ହକି କୋଚ୍

ନୂଆଦିଲ୍ଲୀ, ୮।୮ (ପି.ଟି.)




ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଏଫ୍ଆଇଏଚ୍ ଜୁନିୟର ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ ନଜରରେ ରଖି ହକି ଇଣ୍ଡିଆ ମଙ୍ଗଳବାର ନେଦରଲାଣ୍ଡର ହର୍ମାନ କ୍ରୁଇଜ୍‌ଙ୍କୁ ଉଭୟ ଜାତୀୟ ଜୁନିୟର ପୁରୁଷ ଓ ମହିଳା ଦଳର କୋଚ୍ ଭାବେ ନିଯୁକ୍ତି ଦେଇଛି। କ୍ରୁଇଜ୍ ହେଉଛନ୍ତି ଜଣେ ସଫଳ କୋଚ୍। ଡଚ୍ କ୍ଲବ ଡେନ୍ ବୋସକ୍ ଲେଡିଜ୍‌କୁ ସେ ଟ୍ରେନିଂ ଦେଇଛନ୍ତି। ଏହାଛଡ଼ା ସେ ୨୦୦୬-୦୮ ମଧ୍ୟରେ ନେଦରଲାଣ୍ଡ ମହିଳା ଇନ୍‌ଡୋର ହକି ଟିମ୍ ଏବଂ ୨୦୦୮-୧୦ ମଧ୍ୟରେ ଡଚ୍ ଆଉଟଡୋର ଟିମ୍‌କୁ କୋଚିଂ ଦେଇଛନ୍ତି। ନିକଟରେ ସେ ୨୦୧୬-୨୩ ମଧ୍ୟରେ ବେଲାରୁଷ ଇନ୍‌ଡୋର ଓ ଆଉଟଡୋର୍ କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ସେ ହେଉଛନ୍ତି ଜଣେ ଏଫଆଇଏଚ୍ ସାର୍ଟିଫିକେଟଧାରୀ ଏଡୁକେଟର। ତାଙ୍କର ଏହି ନିଯୁକ୍ତିକୁ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। ଭାରତର ଉଭୟ ଜୁନିୟର ଓ ସିନିୟର ଦଳରେ କିଛି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ବିଶ୍ୱକପ୍ ପର୍ଯ୍ୟନ୍ତ ୪ ମାସ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି କ୍ରୁଇଜ୍‌ଙ୍କ ଅଭିଜ୍ଞତା ଭାରତୀୟ ଜୁନିୟର ଦଳ ପାଇଁ ଉପଯୋଗୀ ହେବ।

## ଆର୍ଡୋର ସିନିୟରର ବୃହତ୍ ବିଜୟ

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ମଙ୍ଗଳବାର ଆର୍ଡୋର ଏକାଡେମୀ ସିନିୟର ଦଳ ବୃହତ୍ ବିଜୟ ହାସଲ କରିଛି। ଏହି ଦଳ ଲୟୋଲା ସ୍କୁଲକୁ ୬-୨ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳର ଅଭିନବ ମହାନ୍ତି ୧୪, ୨୦ ଓ ୩୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଆର୍ଡୋର ସିନିୟର ୩-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୮ ଓ ୫୪ତମ ମିନିଟରେ ଅଙ୍କିତ ଯାଦବ ଆଉ ୨ଟି ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୫-୦ରେ ପହଞ୍ଚାଇଥିଲେ। ତେବେ ୫୮ତମ ମିନିଟରେ ଲୟୋଲାର ଚନ୍ଦନ ନାୟକ ଓ ୬୩ତମ ମିନିଟରେ କାହ୍ନୁ ଲାଗୁରି ୨ଟି ଗୋଲ ପରିଶୋଧ କରିଥିଲେ। ୬୮ତମ ମିନିଟରେ ଅଙ୍କିତ ଯାଦବ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିବା ସହ ଆର୍ଡୋରକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବିଜୟୀ ଦଳର ପ୍ୟାରୀ ମୋହନ ହାଁସଦା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଆୟୋଜକ ଆସୋସିଏଶନ ବର୍କିଂ ସମ୍ପାଦକ ଗଣେଶ ପାଲ୍ ପୁରସ୍କାର ପ୍ରଦାନ କରିଥିଲେ।

## ଆଜି ଭାରତ-ପାକିସ୍ତାନ ମ୍ୟାଚ୍

**ଚେନ୍ନାଇ,୮।୮(ପି.ଟି.):** ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ରାଉଣ୍ଡ ରବିନ ଲିଗ୍ ମୁକାବିଲାରେ ବୁଧବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ଭାରତ। ୩ ଥରର ଟୁର୍ନାମେଣ୍ଟ ବିଜେତା ଭାରତ ୧୦ ପଏଣ୍ଟ ସହିତ ଗ୍ରୁପ୍ ଶୀର୍ଷରେ ରହି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ତେବେ ଏହି ମ୍ୟାଚ୍‌ଟି ପାକିସ୍ତାନ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ପାକିସ୍ତାନ ଏହି ମ୍ୟାଚ୍‌ରେ ପରାଜିତ ହେଲେ ଦଳର ସେମିଫାଇନାଲ ପ୍ରବେଶ ଉପରେ ଆଶଙ୍କା ଦେଖାଦେଇପାରେ।

## ବିମାନରୁ ମନିକାଙ୍କ ବ୍ୟାଗ୍ ଉଭାନ

**ନୂଆଦିଲ୍ଲୀ,୮।୮(ପି.ଟି.):** ଭାରତୀୟ ଟେବଲ ଟେନିସ୍ ତାରକା ମନିକା ବାତ୍ରାଙ୍କ ସ୍ପୋର୍ଟିଙ୍ଗ କିଟ୍ ଥିବା ବ୍ୟାଗ୍ ବିମାନ ଯାତ୍ରା ସମୟରେ ଗାଏବ ହୋଇଯାଇଛି। ପେରୁରୁ କେଏଲ୍ଏମ୍ ଏୟାର ଲାଇନ୍ସର ବିମାନ ଜରିଆରେ ଏକ ଟୁର୍ନାମେଣ୍ଟ ପରେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଛି। ଏହି ଘଟଣାରେ ସେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଉକ୍ତ ବ୍ୟାଗରେ ମୋର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ କ୍ରୀଡା ଉପକରଣ ରହିଥିଲା ବୋଲି ମନିକା ଟୁଇଟ୍ କରିଛନ୍ତି। ବ୍ୟାଗକୁ ପ୍ରାୟରିଟି ଭାବରେ ଟ୍ୟାଗ କରାଯାଇଥିବା ବେଳେ ଏହା ବିଜ୍‌ନେସ୍ କ୍ଲାସ୍‌ରେ ବୁକ୍ ହୋଇଥିଲା। ବିମାନ କମ୍ପାନୀ କର୍ମଚାରୀଙ୍କ ନିକଟରେ କୌଣସି ଉତ୍ତର ନ ଥିବା ବେଳେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ଅନ୍ତିମ ନକ୍‌ଆଉଟ ଜିତିଲେ ଫ୍ରାନ୍ସ, କଲମ୍ବିଆ

### ଫିଫା ମହିଳା ବିଶ୍ୱକପ୍
### କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ବ୍ରିସ୍‌ବେନ୍,୮।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ମଙ୍ଗଳବାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। କଲମ୍ବିଆ ୧-୦ ଗୋଲରେ ଜାମାଇକାକୁ ପରାସ୍ତ କରିଥିବା ବେଳେ ଫ୍ରାନ୍ସ ୪-୦ ଗୋଲରେ ମରକ୍କୋକୁ ପରାସ୍ତ କରିଛି। ଅନ୍ତିମ ଦୁଇ ଦଳ ଭାବରେ ଫ୍ରାନ୍ସ ଓ କଲମ୍ବିଆ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ କଲମ୍ବିଆ ୟୁରୋ କପ୍ ଚାମ୍ପିୟନ ଇଂଲଣ୍ଡକୁ ଭେଟିବ। ନେଦରଲାଣ୍ଡ ବନାମ ସ୍ପେନ୍, ଜାପାନ ବନାମ ସୁଇଡେନ୍ ଓ ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ ମଧ୍ୟରେ ବାକି ୩ କ୍ୱାର୍ଟର ଫାଇନାଲ ଖେଳାଯିବ।

**ଜାମାଇକାର ଯାତ୍ରା ଶେଷ:** ପ୍ରଥମ ଥର ପାଇଁ ନକ୍‌ଆଉଟରେ ପ୍ରବେଶ କରିଥିବା ଜାମାଇକାକୁ ବିଦା କରିଛି କଲମ୍ବିଆ। କାଟାଲିଆ ଉସ୍‌ମେ(୫୨ ମିନିଟ)ଙ୍କ ଗୋଲ ବଳରେ କଲମ୍ବିଆ ପ୍ରଥମ ଥର ପାଇଁ ବିଶ୍ୱକପ ସେମିରେ ପ୍ରବେଶ କରିଛି। କ୍ୱାର୍ଟରରେ ଏହା ୟୁରୋ କପ୍ ଚାମ୍ପିୟନ ଇଂଲଣ୍ଡକୁ ଭେଟିବ। ବ୍ରାଜିଲ ପରି ଦଳ ସହିତ ମ୍ୟାଚ୍ ଅମୀମାଂସିତ କରି ପ୍ରଥମ ଥର ନକ୍‌ଆଉଟକୁ ଉନ୍ନୀତ ହୋଇଥିବା ବେଳେ ମଙ୍ଗଳବାର ଏହାର ଯାତ୍ରା ଶେଷ ହୋଇଛି। ଏହା ସହିତ ଜାମାଇକା ଚଳିତ ଟୁର୍ନାମେଣ୍ଟରେ ପ୍ରଥମ ଗୋଲ ବରଣ କରିଛି। ପ୍ରଥମ ମ୍ୟାଚ୍‌କୁ ଫ୍ରାନ୍ସ ସହିତ ୦-୦ରେ ଅମୀମାଂସିତ ରଖିଥିବା ବେଳେ ପାନାମାକୁ ୧-୦ରେ ପରାସ୍ତ କରିଥିଲା। ବ୍ରାଜିଲ ସହିତ ୦-୦ରେ ଅମୀମାଂସିତ ରଖି ଦଳ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ମଙ୍ଗଳବାରର ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ କଲମ୍ବିଆ ୫୧ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ପ୍ରଥମାର୍ଦ୍ଧରେ ଲିଣ୍ଡା କାଇସେଡୋଙ୍କ ନିକଟରେ ସ୍କୋରିଂ ସୁଯୋଗ ରହିଥିଲେ ମଧ୍ୟ ସେ ବିଫଳ ହୋଇଥିଲେ। ୫୨ ତମ ମିନିଟରେ ଏ. ଗୁଜମ୍ୟାନଙ୍କ ଲମ୍ବା ପାସ୍‌କୁ ନିୟନ୍ତ୍ରଣରେ ରଖିବା ସହିତ କାଟାଲିଆ ଉସ୍‌ମେ ଏହାକୁ ଗୋଲରେ ପରିଣତ କରିଥିଲେ।

**ଇୟୁଜିନିଙ୍କ ଡବଲରେ ଫ୍ରାନ୍ସ ବିଜୟୀ**

ଇୟୁଜିନି ଲେ ସମରଙ୍କ ଡବଲ୍ ଗୋଲ ବଳରେ ମରକ୍କୋକୁ ୪-୦ ଗୋଲରେ ପରାସ୍ତ କରିଛି ଫ୍ରାନ୍ସ। ଇୟୁଜିନିଙ୍କ ବ୍ୟତୀତ କାଡିଡିଆଟୌ ଡିଆନି ଓ କେଞ୍ଜା ଡାଲି ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫ୍ରାନ୍ସ ୭୬ ପ୍ରତିଶତ ଖେଳରେ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ୧୫ ତମ ମିନିଟରେ କାଡିଡିଆଟୌ ଡିଆନି ଫ୍ରାନ୍ସ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। କେଞ୍ଜା ଡାଲି ୨୦ ତମ ମିନିଟରେ ଆଉ ଏକ ଗୋଲ ସ୍କୋର କରିବା ସହିତ ଦଳକୁ ୨-୦ରେ ଆଗୁଆ ରଖିଥିଲେ। ଏହାର ୩ ମିନିଟ ପରେ ଇୟୁଜିନି ଲେ ସମର ୨୩ ତମ ମିନିଟରେ ତୃତୀୟ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୩-୦ରେ ଆଗୁଆ ରହିବା ପରେ ଫ୍ରାନ୍ସ ଦଳ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଆକ୍ରମଣ କରିଥିଲା। ୭୦ ତମ ମିନିଟରେ ଇୟୁଜିନି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳଗତ ୪ର୍ଥ ଗୋଲ ସ୍କୋର କରିଥିଲେ।


କଲମ୍ବିଆ ଓ ଜାମାଇକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଅଗଷ୍ଟ, ୨୦୨୩



## ମଲ୍ଲୀ ଗଛ ପାଇଁ ମନ୍ଦା ପ୍ରସ୍ତୁତି

**ମ**ଲ୍ଲୀଗଛର ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ଏଗୁଡ଼ିକ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।





## ଲେମ୍ବୁରେ ଶଢ଼ା ରୋଗର ପ୍ରତିକାର

**ବ**ର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟାଜାଗାରେ ପ୍ରଲେପ ଦିଅନ୍ତୁ । ମାସେ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ। ଏହାବ୍ୟତୀତ ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟି ଭିଜା କରନ୍ତୁ।

# ବନ୍ୟା ପରେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

**ବ**ର୍ତ୍ତମାନ ଆମ ରାଜ୍ୟର କେତେକ ଜିଲାରେ ବନ୍ୟାଜନିତ ସମସ୍ୟା ଦେଖାଦେଇଛି। ତା'ସହ ବର୍ଷା ମଧ୍ୟ ଚାଲିଛି। ତେବେ ଏହି ସମୟରେ ନିଜର ଯତ୍ନନେବା ସହ ପ୍ରାଣୀଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଦରକାର। ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ପିଇବାପାଣି, ଖାଦ୍ୟ, ବାୟୁ, ମଶା, ମାଛି, ଡାଆଁଶ ମାଧ୍ୟମରେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ଯଥା - ସାହାଣା, ଆନ୍ଥ୍ରାକ୍ସ, ବଜବଜିଆ, ଫାଟୁଆ, ଅଢ଼େଇଆ ଇତ୍ୟାଦି ହେବା ଯଥେଷ୍ଟ ଆଶଙ୍କା ରହିଛି। ତା' ସହ କେତେକ ସାଧାରଣ ରୋଗ ଯଥା- ସର୍ଦ୍ଦି ଓ କାଶ, ନାଳରକ୍ତ ଝାଡ଼ା, ଫିମ୍ପିଲଗା ନଡ଼ା ଓ ଖାଦ୍ୟ ଦ୍ୱାରା ବିଷାକ୍ତ, ପେଟଫମ୍ପା, ପାଦପଚା ରୋଗ, ଆଖିଫୁଲା ବା ଆଖିଝରା ରୋଗ, ପହ୍ନାଁ ଫୁଲା ରୋଗ ଓ ଅନ୍ୟାନ୍ୟ କେତେକ ରୋଗ ଯଥା ଥେଲେରିଆସିସ୍, ବେବିସିଓସିସ୍, ଟ୍ରିପାନୋସୋମିଆସିସ୍ (ସରା) ଆଦି ଦେଖା ଦେଇଥାଏ। ଚାଷୀଭାଇମାନଙ୍କର ପ୍ରାଣୀ ସମ୍ପଦର ବିକାଶରେ ଅପୂରଣୀୟ କ୍ଷତି ଘଟାଇଥାଏ। ବନ୍ୟା ପରେ ଅନେକ ପ୍ରାଣୀଙ୍କର ଖାଇବାର ଅଭାବ ଓ ଅନ୍ୟାନ୍ୟ କାରଣରୁ ମଧ୍ୟ ରୋଗାକ୍ରାନ୍ତ ହୋଇ ମରିଯାଇଥାନ୍ତି। ଯେଉଁ ପ୍ରାଣୀ ପାଣି ଘେରରେ ରହି ପୀଡ଼ିତ ହୋଇଥାନ୍ତି, ସେମାନଙ୍କୁ ପ୍ରଥମେ ଉଚ୍ଚ ଜାଗାକୁ ସ୍ଥାନାନ୍ତରିତକରି ବିଭିନ୍ନ ରୋଗର ଲକ୍ଷଣ ଦେଖି ଚିକିତ୍ସା କରାଯିବା ଦରକାର। ତା'ସହ ସୁଷମ ଖାଦ୍ୟପେୟର ବ୍ୟବସ୍ଥା କରିବା ଦରକାର। ବନ୍ୟାବିହୀନ ଓ ଯେଉଁ ଅଞ୍ଚଳରେ ବହୁ ପରିମାଣରେ ଗୋଖାଦ୍ୟ ମିଳୁଥାଏ, ସେ ସ୍ଥାନରୁ ଗୋଖାଦ୍ୟ ସଂଗ୍ରହକରି ବିଭିନ୍ନ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ସଂଗଠନ ସଂସ୍ଥା ଆଦି ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ପଠାଇବା ପାଇଁ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ । ଆମ ରାଜ୍ୟର ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ଜିଲାରେ ପ୍ରତିଷ୍ଠିତ ଘାସ ଫାର୍ମରୁ ସବୁଜ ଘାସ ଓ ଅନ୍ୟାନ୍ୟ ସ୍ଥାନରୁ ନଡ଼ା ସଂଗ୍ରହ କରି ଗୋରୁଙ୍କ ପେଟ ଭରିବା ପାଇଁ ଯୋଗାଇ ଦିଆଯିବା ଦରକାର । ସବୁଜ ଘାସର ଅଭାବ ଥିଲେ ବିଭିନ୍ନ କିସମର ଗଛର ପତ୍ରମାନ ମଧ୍ୟ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ । ଏତଦ୍‌ବ୍ୟତୀତ, ଆମ ଗୋପାଳକମାନେ ନିମ୍ନଲିଖିତ କେତୋଟି ଦିଗ ପ୍ରତି ସତର୍କତାମୂଳକ ସଜାଗ ରହିଲେ ବନ୍ୟାକ୍ଲିଷ୍ଟ ପ୍ରାଣୀଙ୍କୁ ଉପରୋକ୍ତ ରୋଗଗୁଡ଼ିକ ଦମନକରି ସେମାନଙ୍କୁ ସୁସ୍ଥ ସବଳ ରଖିପାରିବେ ।

> "ବନ୍ୟାଞ୍ଚଳରେ ଅଧିକାଂଶ ସ୍ଥାନର କୂଅ, ନଳକୂପରେ ବନ୍ୟା ବା ବର୍ଷା ଗୋଳିଆ ପାଣି ପଶି ପାଣି ଦୂଷିତ ହୁଏ। ତେଣୁ ପ୍ରତି କୂପରେ ୨ ଦିଆସିଲି ପରିମାଣର ବ୍ଲିଚିଂ ପାଉଡରକୁ କୂପ ପାଣିରେ ୮-୧୦ ଥର ଝାଙ୍କି ଭଲଭାବରେ ମିଶାଇ ଦେବା ଦରକାର। କୂଅର ପାଣି ଗୋଳିଆ ଥିଲେ ୪ଟି ହାଲୋଜେନ୍ ବଟିକା ୧ ମାଠିଆ ପାଣିରେ କିମ୍ବା ୧ଟି ହାଲୋଜେନ୍ ବଟିକା ୧ ଲିଟର ପାଣିରେ ପକାଇ ତହିଁ ଆରଦିନ ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ।"



**ପିଇବା ପାଣି :** ବନ୍ୟାଞ୍ଚଳରେ ଅଧିକାଂଶ ସ୍ଥାନର କୂଅ, ନଳକୂପରେ ବନ୍ୟା ବା ବର୍ଷା ଗୋଳିଆ ପାଣି ପଶି ପାଣି ଦୂଷିତ ହୁଏ। ତେଣୁ ପ୍ରତି କୂପରେ ୨ ଦିଆସିଲି ପରିମାଣର ବ୍ଲିଚିଂ ପାଉଡରକୁ କୂପ ପାଣିରେ ୮-୧୦ ଥର ଝାଙ୍କି ଭଲଭାବରେ ମିଶାଇଦେବା ଦରକାର । କୂଅର ପାଣି ଗୋଳିଆ ଥିଲେ ୪ଟି ହାଲୋଜେନ୍ ବଟିକା ୧ ମାଠିଆ ପାଣିରେ କିମ୍ବା ୧ଟି ହାଲୋଜେନ୍ ବଟିକା ୧ ଲିଟର ପାଣିରେ ପକାଇ ତହିଁ ଆରଦିନ ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ। ଯଦି ପାରୁଛନ୍ତି ବା ସୁବିଧା ଥାଏ ତା'ହେଲେ ପାଣି ଫୁଟାଇ ଥଣ୍ଡାକରି ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ । ପ୍ରାଣୀଙ୍କୁ ବାହାରେ ଗୋଳିଆ ନାଳନର୍ଦ୍ଦମା ପାଣି ପିଇବାକୁ ବାରଣ କରନ୍ତୁ । ସର୍ବଦା ସ୍ୱଚ୍ଛ ବିଶୁଦ୍ଧ ନଳକୂପର ପରିଷ୍କାର ପାଣି ବ୍ୟବହାର କରନ୍ତୁ ।

**ଖାଦ୍ୟ :** ଫିମ୍ପି ମାରିଥିବା ବା ପଚା ନଡ଼ା ଓ ଦାନା ବା କୁଣ୍ଡାକୁ ଖାଇବାକୁ ଦିଅନ୍ତୁ ନାହିଁ। ନଡ଼ା ବା କୁଟାକୁ ଭଲଭାବରେ ଖରାରେ ଶୁଖାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ଦାନା ଫିମ୍ପି ମାରିଥିଲେ ଏହାକୁ ଭଲ ଭାବେ ଶୁଖାଇ ଦିଅନ୍ତୁ ଏବଂ ତା'ପରେ ଖାଇବାକୁ ଦିଅନ୍ତୁ । କେତେକ କ୍ଷେତ୍ରରେ ମକା, ପିଡ଼ିଆ, ଚୋକଡ଼ ବା ଦାନାକୁ ଏହି ଫିମ୍ପିରୁ ରକ୍ଷା ପାଇବା ପାଇଁ ରାନ୍ଧି ବା ସିଝାଇ କରି ଖାଇବାକୁ ଦିଆଯାଇଥାଏ। ପଚିଯାଇଥିବା ପନିପରିବା, ଫଳମୂଳ, ଗଛପତ୍ର ଓ ଘାସ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ବିଷାକ୍ତ ଗଛର ପତ୍ର (ଲାଣ୍ଟେନା କାମେରା) ଠାରୁ ଗୋରୁଙ୍କୁ ଦୂରରେ ରଖନ୍ତୁ। ସବୁଜଘାସ କିମ୍ବା ବିଭିନ୍ନ କିସମର ଗଛର ପତ୍ର ଯଥା - ବରପତ୍ର, ଓସ୍ତପତ୍ର, ବରକୋଳି ପତ୍ର, ସୁବାବୁଲ ପତ୍ର, କଦଳୀପତ୍ର, ବାଉଁଶପତ୍ର, ଆକାଶିଆ ପତ୍ର, ଆମ୍ବପତ୍ର, ଶାଳପତ୍ର ଆଦି ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ବନ୍ୟାଞ୍ଚଳର ଗାଈ, ବଳଦ ଓ ବାଛୁରୀମାନଙ୍କୁ ନିମ୍ନ ପ୍ରକାର ଭରଣପୋଷଣ ବା ନିର୍ବାହୀ ଖାଦ୍ୟ ରୂପେ ଦିଆଯାଇପାରେ । ଘରେ କିମ୍ବା ରିଲିଫ୍ ଓ ଅନ୍ୟାନ୍ୟ ଭୋଜିର ନଷ୍ଟହୋଇ ଗନ୍ଧାଉଥିବା ବାସି ଭାତ, ଖିରି, ତରକାରି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ସର୍ବଦା ତଟକା ମକା, ଚୋକଡ଼, ପିଡ଼ିଆ, ବିରିଚୂନି ଇତ୍ୟାଦି ଦାନା ସହ ସବୁଜ ଘାସ ବା ପତ୍ର ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ଖାଦ୍ୟରେ ସବୁଜ ଘାସର ଅଭାବ ଥିଲେ ଧାତବ ଲବଣ ଓ ଲୁଣ ମିଶାଇ ଖାଇବାକୁ ଦିଅନ୍ତୁ। ଚାଷୀଭାଇମାନେ ନିଜ ରୋଷେଇ ଘରୁ ବ୍ୟବହାର ଅନୁପଯୋଗୀ ପଦାର୍ଥ ଯଥା ପରିବା ଚୋପା, ଅକାଣ୍ଟିଆ ଖୁଦ, ପେଯ, ଶାଗର କାଣ୍ଡ ଓ ଅନ୍ୟାନ୍ୟ ପଦାର୍ଥକୁ ଗୋଖାଦ୍ୟ ରୂପେ ବ୍ୟବହାର କରିବା ଉଚିତ। ବନ୍ୟା ସମୟରେ ପଟୁ ବସିଥିବା ଘାସ ଖାଇବାକୁ ଦିଅନ୍ତୁ ନାହିଁ । ଅଳ୍ପ ପଟୁ ବସିଥିଲେ ଏହାକୁ ଭଲଭାବେ ପାଣିରେ ଧୋଇ ଖାଇବାକୁ ଦିଅନ୍ତୁ। (କ୍ରମଶଃ..)

-ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ,
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...



- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।
- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

## କାଜୁ ବିହନ ଚୟନ



**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁର୍ଲା ୧.୪ବି.ପି.ପି,ଭୁବନେଶ୍ୱର -୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। କାରଣ ଏଭଳି କିସମ ବ୍ୟବହାର କଲେ ସେଥିରୁ ଭଲ ଅମଳ ମିଳିଥାଏ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବର କ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗୀ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ ୩ ସପ୍ତାହର ହୋଇଥିଲେ..



**ମୁ**ଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ମିଶ୍ରିତ ଯାଆଁଳ

**ସ**ଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

# ଟିପଜମି ଧାନରେ ସାର ପ୍ରୟୋଗ

**ଟି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗ କରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା- ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଲିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।



# କୁଲଦୀପ, ସୂର୍ଯ୍ୟ ବିଜୟ ଦେଲେ

ଗୁଏନା,୮।୮(ପି.ଟି.)


କୁଲଦୀପ ଯାଦବ

କୁଲଦୀପ ଯାଦବଙ୍କ ଯାଦୁକରୀ ସ୍ପିନ୍‌ପରେ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୭ ଉଇକେଟରେ ପରାସ୍ତ କରିଛି। ଫଳରେ ପ୍ରଥମ ୨ଟି ମ୍ୟାଚରେ ପରାଜିତ ହୋଇଥିବା ଭାରତ ୫ମ୍ୟାଚ ବିଶିଷ୍ଟ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି। ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୫ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ସୂର୍ଯ୍ୟକୁମାରଙ୍କ ୮୩ ଓ ତିଳକ ବର୍ମାଙ୍କ ୪୯* ରନ୍ ବଳରେ ଭାରତ ୧୭.୫ ଓଭରରେ ୩ ଉଇକେଟରେ ୧୬୪ ରନ୍ ସଂଗ୍ରହ କରି ନେଇଥିଲା।

**ତୃତୀୟ ଟି୨୦**

**ସୂର୍ଯ୍ୟକୁମାର ଯାଦବ ପ୍ଲେୟର୍ ଅଫ୍ ଦି ମ୍ୟାଚ୍**

ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଦୁଇ ଓପନର ପ୍ରଥମ ଉଇକେଟରେ ୫୫ ରନ୍ ଯୋଡିଥିଲେ। ବ୍ରାଣ୍ଡନ୍ କିଙ୍ଗ ସର୍ବାଧିକ ୪୨ ରନ୍ ସ୍କୋର କରିଥିବା ବେଳେ ଅନ୍ୟତମ ଓପନର କାଇଲ ମେୟର୍ସ ୨୫ ରନ୍ କରିଥିଲେ। ନିକୋଲାସ ପୁରନ(୨୦) ଓ ବ୍ରାଣ୍ଡନ କିଙ୍ଗ ତୃତୀୟ ଉଇକେଟରେ ୩୦ ରନ୍ ଯୋଡିଥିଲେ। ୧୫ ତମ ଓଭରରେ ୪ ବଲ ବ୍ୟବଧାନରେ କୁଲଦୀପ ଯାଦବ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ। ଅନ୍ୟ ପକ୍ଷରେ କିଙ୍ଗ ୪୨ ବଲ୍ ଖେଳି ୫ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ଅଧିନାୟକ ରୋଭମାନ ପାୱେଲଙ୍କ ଦ୍ରୁତ ୪୦ ରନ୍ ବଳରେ ଘରୋଇ ଦଳ ୧୫୯ ରନରେ ପହଞ୍ଚିଥିଲା। ପାୱେଲଙ୍କ ଇନିଂସରେ ୧ ଚୌକା ଓ ୩ ଛକା ସାମିଲ ଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପଦାର୍ପଣ କାରୀ ଯଶସ୍ୱୀ ଜୟସ୍ୱାଲ(୧) ଓ ଶୁବମନ ଗିଲ୍(୬) ସହଜରେ ଆଉଟ ହୋଇଥିବା ବେଳେ ଭାରତ ୩୪ ରନରେ ଉଭୟ ଓପନରଙ୍କୁ ହରାଇଥିଲା। ତୃତୀୟ ଉଇକେଟରେ ସୂର୍ଯ୍ୟକୁମାର(୮୩) ଓ ତିଳକ(୪୯)ଙ୍କ ମଧ୍ୟରେ ୮୭ ରନ୍‌ର ଭାଗୀଦାରି ହୋଇଥିଲା। ସୂର୍ଯ୍ୟ ୪୪ ବଲ୍ ଖେଳି ୧୦ ଚୌକା ଓ ୪ ଛକା ମାରି ଫର୍ମକୁ ଫେରିବାର ସଙ୍କେତ ଦେଇଥିଲେ। ଅନ୍ୟ ପକ୍ଷରେ ତିଳକ ୩୭ ବଲ୍ ଖେଳି ୪ଚୌକା ଓ ୧ ଛକା ମାରିଥିଲେ। ୨୦ ରନ୍‌ରେ ଅପରାଜିତ ରହିଥିବା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଛକା ମାରି ମ୍ୟାଚ ଶେଷ କରିଥିଲେ। ଆଲଜାରି ଯୋଶେଫ୍ ୨ ଓ ଓବେଡ୍ ମ୍ୟାକୟ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୫୯/୫ (ବ୍ରାଣ୍ଡନ୍ କିଙ୍ଗ-୪୨, ରୋଭମାନ ପାୱେଲ-୪୦*, କାଇଲ ମେୟର୍ସ-୨୫, କୁଲଦୀପ ଯାଦବ-୩/୨୮, ମୁକେଶ କୁମାର-୧/୧୯, ଅକ୍ଷର ପଟେଲ-୧/୨୪)। ଭାରତ୧୭.୫ ଓଭରରେ ୧୬୪/୩ (ସୂର୍ଯ୍ୟକୁମାର ଯାଦବ-୮୩, ତିଳକ ବର୍ମା-୪୯*, ହାର୍ଦ୍ଦିକ ପାଣ୍ଡ୍ୟା-୨୦*, ଆଲଜାରି ଯୋଶେଫ୍-୨/୨୫, ଓବେଡ ମ୍ୟାକୟ-୧/୩୨)।

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

ନୂଆଦିଲ୍ଲୀ,୮।୮(ପି.ଟି.)

ଚାଇନାର ହାଙ୍ଗଝୌରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଗେମ୍ସ ୨୦୨୩ର ହକି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପୁରୁଷ ବର୍ଗରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଉଭୟ ଦଳ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଜାପାନ, ବାଂଲାଦେଶ, ସିଙ୍ଗାପୁର ଓ ଉଜବେକିସ୍ତାନ ମଧ୍ୟ ସମାନ ଗ୍ରୁପ୍‌ରେ ସାମିଲ ଅଛନ୍ତି। ଭାରତ ସେପ୍ଟେମ୍ବର ୨୪ ତାରିଖରେ ଉଜ୍‌ବେକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଅନ୍ୟପକ୍ଷରେ ସେପ୍ଟେମ୍ବର ୩୦ ତାରିଖରେ ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବ। ମହିଳା ହକି ଦଳ ମଧ୍ୟ ପୁଲ୍ ଏ'ରେ ସ୍ଥାନ ପାଇଛି। ହଂକଂ, ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ମାଲେସିଆ ଏହି ଗ୍ରୁପ୍‌ରେ ସାମିଲ ଅଛନ୍ତି। ମହିଳା ଦଳ ସେପ୍ଟେମ୍ବର ୨୭ ତାରିଖରେ ସିଙ୍ଗାପୁର ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

୨୦୧୮ର ଜାକାର୍ତ୍ତା ଏସିଆନ୍ ଗେମ୍ସ ପରି ଆମେ ଏକ ଶକ୍ତିଶାଳୀ ଗ୍ରୁପ୍‌ରେ ସ୍ଥାନ ପାଇଛୁ ବୋଲି ଭାରତୀୟ ପୁରୁଷ ଦଳ ଅଧିନାୟକ ହରମନ୍‌ପ୍ରୀତ ସିଂ କହିଛନ୍ତି। ଉକ୍ତ ସଂସ୍କରଣର ସ୍ୱର୍ଣ୍ଣ ବିଜେତା ଜାପାନ ଏହି ଗ୍ରୁପ୍‌ରେ ରହିଛି। ତେବେ ସମସ୍ତ ଦଳକୁ ଆମେ ସମାନ ଢଙ୍ଗରେ ଦେଖୁଛୁ। କୌଣସି ମୁକାବିଲାକୁ ଆମେ ହାଲୁକା ଭାବରେ ନେଉନାହୁଁ ବୋଲି ହରମନପ୍ରୀତ କହିଛନ୍ତି। ବର୍ତ୍ତମାନ ଏହି ଦଳଗୁଡ଼ିକ ମଧ୍ୟରୁ କିଛି ଦଳଙ୍କ ସହିତ ଆମେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରୁଛୁ। ଏହି ଅଭିଜ୍ଞତା ଏସିଆନ୍ ଗେମ୍ସରେ ଆମକୁ ଫାଇଦାରେ ରଖିବ ବୋଲି ହରମନ୍‌ପ୍ରୀତ୍ କହିଛନ୍ତି। ସମସ୍ତ ବିପକ୍ଷ ଦଳର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ରଣନୀତି ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି। ପୁରୁଷ ଗ୍ରୁପ୍ ବି'ରେ ଦକ୍ଷିଣ କୋରିଆ, ମାଲେସିଆ, ଚାଇନା, ଓମାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ସ୍ଥାନ ପାଇଛନ୍ତି। ମହିଳା ବର୍ଗର ଗ୍ରୁପ୍ ବି'ରେ ଜାପାନ, ଚାଇନା, ଥାଇଲାଣ୍ଡ, କାଜାଖସ୍ତାନ ଓ ଇଣ୍ଡୋନେସିଆ ସହ ସ୍ଥାନ ପାଇଛନ୍ତି।

**ଏସିଆନ୍ ଗେମ୍ସ ହକି**

ପୁରୁଷ ଦଳ ଉଜବେକିସ୍ତାନ ସହ ପ୍ରଥମ ମ୍ୟାଚ୍ ଖେଳିବା ପରେ ସେପ୍ଟେମ୍ବର ୨୬ରେ ସିଙ୍ଗାପୁର, ୨୮ରେ ଜାପାନ ଓ ପାକିସ୍ତାନ ଏବଂ ବାଂଲାଦେଶ ସହିତ ଯଥାକ୍ରମେ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୨ ତାରିଖରେ ମ୍ୟାଚ୍ ଖେଳିବ। ୨୦୧୮ରେ ରୌପ୍ୟ ଜିତିଥିବା ଭାରତୀୟ ମହିଳା ଦଳ ଚଳିତ ସଂସ୍କରଣରେ ସ୍ୱର୍ଣ୍ଣ ଜିତିବାକୁ ପ୍ରୟାସ କରିବ ବୋଲି କହିଛନ୍ତି ଅଧିନାୟିକା ସବିତା ପୁନିଆ। ଦଳର କ୍ୟାମ୍ପ ଓ ପ୍ରସ୍ତୁତି ଶିବିର ଚମତ୍କାର ରହିଥିବା ବେଳେ ଏଥିରୁ ଭଲ ଫଳ ମିଳିବ ବୋଲି ସେ ଆଶା ରଖିଛନ୍ତି। ଗୋଙ୍ଗସୁ କାନାଲ ସ୍ପୋର୍ଟ୍ସ ପାର୍କ ଷ୍ଟାଡିୟମରେ ସମସ୍ତ ହକି ମ୍ୟାଚ ଖେଳାଯିବ। ଅକ୍ଟୋବର ୬ ତାରିଖରେ ପୁରୁଷ ଓ ଏହାର ଗୋଟିଏ ଦିନ ପରେ ମହିଳା ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯିବ।







E-book today at www.marutisuzuki.com or visit your nearest Maruti Suzuki dealership

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31st August 2023.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ